# ଓପାଙ୍କର ଶାସ୍ତ୍ର ପରିଚିତି

ଯୋଗେଶ ପଟ୍ଟନାୟକ

# ଅଲଙ୍କାର-ଶାସ୍ତ୍ର ପରିଚିତି

( ଓଡ଼ିଆ ଭାଷାର ସ୍ୱୟଂସମ୍ପୂର୍ଣ୍ଣ ଅଲଙ୍କାର ପୁସ୍ତକ )


ଶ୍ରୀ ଭବଗ୍ରାହୀ ମିଶ୍ର, ଏମ୍. ଏ.,

ଅଧ୍ୟାପକ, ଅନୁଗୁଳ ବିଜ୍ଞାନ କଲେଜ

ଶ୍ରୀମତୀ ଶାନ୍ତଲତା ମିଶ୍ର, ଏମ୍. ଏ.

ଅଧ୍ୟାପିକା, ଭୁବନେଶ୍ୱର ମହିଳା କଲେଜ



ଫ୍ରେଣ୍ଡ୍ସ୍ ପବ୍ଲିଶର୍ସ

# ॥ ଅଳଙ୍କାର-ଶାସ୍ତ୍ର ପରିଚିତି ॥

ଲେଖକ :
ଅଧ୍ୟାପକ ଶ୍ରୀ ଭାବଗ୍ରାହୀ ମିଶ୍ର, ଏମ୍ ଏ.
ଅଧ୍ୟାପିକା ଶ୍ରୀମତୀ ଶାନ୍ତିଲତା ମିଶ୍ର, ଏମ୍. ଏ.

ପ୍ରକାଶକ :
**ଫ୍ରେଣ୍ଡସ ପବ୍ଲିଶର୍ସ**
ବିନୋଦବିହାରୀ, କଟକ-୨

ପ୍ରଥମ ପ୍ରକାଶ
ମହାବିଷୁବ ସଂକ୍ରାନ୍ତି, ୧୯୭୫

ମୁଦ୍ରକ :
ଶ୍ରୀ ବୈଦ୍ୟନାଥ ରାଉତ
**ଉଦୟ ପ୍ରେସ**
ଦେଉଳସାହି, କଟକ-୧

ମୂଲ୍ୟ –
ଚାରି ଟଙ୍କା ମାତ୍ର
ବନ୍ଧେଇ ସ୍ୱତନ୍ତ୍ର ଏକଟଙ୍କା

# ଭୂମିକା

ସାହିତ୍ୟ-ତତ୍ତ୍ୱ ସଂପର୍କରେ ଏକ ଆଲୋଚନାତ୍ମକ ଗ୍ରନ୍ଥ ପ୍ରଣୟନ ଅତୀବ କଷ୍ଟକର ବ୍ୟାପାର । କାରଣ ସଂସ୍କୃତ ସାହିତ୍ୟରେ ବିଭିନ୍ନ ଆଲଙ୍କାରିକଗଣ 'ସାହିତ୍ୟର' ଯେପରି ବ୍ୟାପକ, ଗଭୀର ଓ ସୂକ୍ଷ୍ମାତି-ସୂକ୍ଷ୍ମ ବିଶ୍ଳେଷଣ ପ୍ରଦାନ କରିଛନ୍ତି, ତାହା ବୁଝି ବୁଝାଇବାକୁ ଆଜୀବନ ସାଧନା ଲୋଡ଼ା । ସାଧନା ଫଳରେ ଯେ ସିଦ୍ଧି ନିଶ୍ଚିତ ରୂପେ ମିଳିପାରିବ; ସେ କଥା ମଧ୍ୟ ଦୃଢ଼ତାର ସହିତ କହିହେବ ନା । କାରଣ ସାଧନା କାଳରେ ଏ ଭଳି ବହୁ ସମସ୍ୟା ଦେଖା ଦେବ, ଯାହାର ସମାଧାନ ପାଇଁ କେବଳ 'ଅଲୌକିକ ଶକ୍ତି' ଉପରେ ନିର୍ଭର କରିବା ବ୍ୟତୀତ ଜାଗତିକ ପ୍ରମାଣ ଯଥେଷ୍ଟ ମନେହେବ ନାହିଁ । କିନ୍ତୁ ଏଥିପାଇଁ ଯେ ସେହି ଆଲୋଚନାକୁ ବୁଝିବାକୁ ଚେଷ୍ଟା ନ କରିବା ଉଚିତ— ଏ ଭଳି ମନୋଭାବ ମଧ୍ୟ ବିକାଶଶୀଳ ମନୋବୃତ୍ତିର ପରିପନ୍ଥୀ ।

ଏହି ଗ୍ରନ୍ଥରେ ସନ୍ନିବେଶିତ ଆଲୋଚନାକୁ ସର୍ବାଙ୍ଗସୁନ୍ଦର କରିବାକୁ ଚେଷ୍ଟା କରାଯାଇଛି । ଏହା ସତ୍ତ୍ୱେ ଯେ ଏଥିରେ ତ୍ରୁଟି ନ ଥିବ, ଏ କଥା କୁହାଯାଇ ପାରିବ ନାହିଁ । ଅନ୍ୟାନ୍ୟ ପ୍ରାଦେଶିକ ସାହିତ୍ୟକ୍ଷେତ୍ରରେ ସଂସ୍କୃତ ସାହିତ୍ୟକୁ ଗଭୀର ଭାବରେ ଅନୁଶୀଳନ କରି ସ୍ୱ ସ୍ୱ ଭାଷା ମାଧ୍ୟମରେ ପ୍ରକାଶ କରାଯାଇଛି । କିନ୍ତୁ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏ ଦିଗରେ ଯେଉଁ ପ୍ରଚେଷ୍ଟା ହୋଇଛି, ତାହା ଅତ୍ୟନ୍ତ କ୍ଷୀଣ । ମନେହୁଏ, ଏ ପ୍ରକାର ଆଲୋଚନାର ଅଭାବରେ ସାହିତ୍ୟ ତଥା ଭାଷାର ଉନ୍ନତି ସାଧନ କରିବା ସମ୍ଭବ ନୁହେଁ । କେବଳ ସଂସ୍କୃତ ସାହିତ୍ୟ ନୁହେଁ, ପୃଥିବୀର ବିଭିନ୍ନ ସାହିତ୍ୟରେ ଏହିଭଳି 'ସାହିତ୍ୟତତ୍ତ୍ୱ' ସଂପର୍କୀୟ ବହୁ ଉପାଦେୟ ଆଲୋଚନା

ରହିଛି, ଯାହା ଓଡ଼ିଶାର ପାଠକପାଠିକା ତଥା ସାହିତ୍ୟପ୍ରେମୀ-ମାନଙ୍କର ପ୍ରବେଶାଧିକାରର ବାହାରେ ରହିଯାଇଛି । ଏଥିପାଇଁ ଗୋଷ୍ଠୀଗତ ସ୍ତରରେ କାର୍ଯ୍ୟ କରିବାର ବେଳ ଅନେକ ଦିନରୁ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ, ସେ ଦିଗରେ ଆଦୌ କୌଣସି ଚେଷ୍ଟା ହୋଇନାହିଁ । ଓଡ଼ିଶାରେ ଓଡ଼ିଆଭାଷା ଓ ସାହିତ୍ୟର ( ତତ୍ସଙ୍ଗେ ସଙ୍ଗେ ସଂସ୍କୃତ ଭାଷା ଓ ସାହିତ୍ୟ ମଧ୍ୟ ) ଅଧ୍ୟୟନ, ଗବେଷଣା ପାଇଁ ଏ ପର୍ଯ୍ୟନ୍ତ ବି ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରି ନାହିଁ । ଏ ଦିଗରେ ଏ ଦେଶର ଶିକ୍ଷାବିତ୍, ସରକାର ଓ ସାହିତ୍ୟ ସଂସ୍ଥା-ମାନଙ୍କର ଯଥେଷ୍ଟ କାର୍ଯ୍ୟ କରିବାର ଅଛି । ଆଉ ଅଧିକ ଦିନ ନିଷ୍କ୍ରିୟ ହେଲେ, ତା'ର ପରିଣାମ ଯେ କି ଭଳି ଭୟାନକ ହେବ, ତାହା କେବଳ ଆଗାମୀ ବଂଶଧରମାନେ ହିଁ ଉପଲବ୍ଧି କରିବେ ।

ଅଲଙ୍କାର-ଶାସ୍ତ୍ରରେ ଏକ ପରିଚୟ ଦେବାର ଯେଉଁ ଚେଷ୍ଟା ଏ ଗ୍ରନ୍ଥରେ କରାଯାଇଛି, ତାହା ସ୍ୱୟଂସମ୍ପୂର୍ଣ୍ଣ ନୁହେଁ । ସ୍ୱୟଂ-ସମ୍ପୂର୍ଣ୍ଣ କରିବା ମଧ୍ୟ ସମ୍ଭବପର ନୁହେ । ତା'ର କାରଣ, ଜ୍ଞାନର ଅଗଭୀରତା, ଆବଶ୍ୟକ ଉପାଦାନର ଅଭାବ ଇତ୍ୟାଦି ଅନେକ । ତଥାପି ଯେ ଏ ଗ୍ରନ୍ଥ ପ୍ରଣୟନ କରିବା ପାଇଁ ଏଭଳି ଏକ ଦୁଃସାହ-ସିକ ଉଦ୍ୟମ କରାଯାଇ ପାରିଛି, ସେହିକି କେବଳ ସାନ୍ତ୍ୱନାର ବିଷୟ । ଏ ଗ୍ରନ୍ଥ ରଚନା କାଳରେ ପୂର୍ବସୂରୀଙ୍କର ସମସ୍ତ ଆଲୋ-ଚନାତ୍ମକ ଗ୍ରନ୍ଥର ସାହାଯ୍ୟ ନିଆଯାଇଛି । ସେମାନଙ୍କ ନିକଟରେ ଗ୍ରନ୍ଥକାର ଋଣୀ ।

ଉତ୍କଳ ବିଶ୍ୱବିଦ୍ୟାଳୟର ପାଠ୍ୟନିର୍ଘଣ୍ଟରେ ଅଲଙ୍କାର ଶାସ୍ତ୍ର ସମ୍ପର୍କୀୟ ଯେଉଁ ଯେଉଁ ବିଷୟ ଅନ୍ତର୍ଭୁକ୍ତ, ତା'କୁ ଆଖି ଆଗରେ ରଖି ଏ ଗ୍ରନ୍ଥ ରଚନା କରାଯାଇଛି । ବିଦ୍ୟାର୍ଥୀ, ଶିକ୍ଷାବିତ ସାହିତ୍ୟ-

ପ୍ରେମୀ ପାଠକପାଠିକାଙ୍କ ନିକଟରେ ଏ ଗ୍ରନ୍ଥକୁ ଉପସ୍ଥାପିତ କଲା-ବେଳେ ସେମାନଙ୍କର ପରାମର୍ଶ ଓ ନିର୍ଦ୍ଦେଶ ଅନୁଯାୟୀ ପରବର୍ତ୍ତୀ ସଂସ୍କରଣରେ ଏହି ଆଲୋଚନାକୁ ଅଧିକ ଗଭୀର କରିବାର କାମନା ରହିଲା ।

ଏ ଗ୍ରନ୍ଥ ରଚନା କାଳରେ ବନ୍ଧୁ ଅଧ୍ୟାପକ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ପ୍ରଧାନ ଓ ଅଧ୍ୟାପକ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ରାଉତ ଯେଉଁ ସାହାଯ୍ୟ-ସହଯୋଗ ପ୍ରଦର୍ଶନ କରିଛନ୍ତି, ତାହା ଭୁଲି ହେବ ନାହିଁ । ବିଶେଷ ଭାବରେ ଫ୍ରେଣ୍ଡସ ପବ୍ଲିଶର୍ସଙ୍କୁ ଧନ୍ୟବାଦ ଦେବାର କଥା । କାରଣ ଜଗନ୍ନାଥବାବୁ ଓ ସହଦେବବାବୁଙ୍କର ଅନୁରୋଧ ବିନା ଏ ଭଳି ଗ୍ରନ୍ଥ ରଚନା କରିବାକୁ ସାହସୀ ହେବା ସମ୍ଭବ ହୋଇ ନ ଥାନ୍ତା । ଆଶା, ଏହି ପୁସ୍ତକ ପାଠକଙ୍କ ନିକଟରେ ଆଦୃତ ହେବ ।

ଅନୁଗୁଳ
ଅଗଷ୍ଟ ପନ୍ଦର, ୧୯୬୨

ଭାବଗ୍ରାହୀ ମିଶ୍ର
ଶାନ୍ତିଲତା ମିଶ୍ର

ମାନନୀଷୁ

ଶ୍ରୀଯୁକ୍ତ ପ୍ରହ୍ଲାଦ ପ୍ରଧାନ

ଓ

ଡକ୍ଟର କୁଞ୍ଜବିହାରୀ ଦାଶ

କରକମଳେଷୁ

## ସୂଚିପତ୍ର


| ବିଷୟ | ପୃଷ୍ଠା |
| --- | --- |
| **କାବ୍ୟ**—ପ୍ରାକ୍‌କଥନ—କାବ୍ୟବୈଶିଷ୍ଟ୍ୟ—କାବ୍ୟପ୍ରୟୋଜନ କାବ୍ୟହେତୁ—କାବ୍ୟଭେଦ — | ୧ |
| **କାବ୍ୟସ୍ୱରୂପ**—...... | ୨୦ |
| **ଶବ୍ଦଶକ୍ତି**—ଆକାଙ୍‌କ୍ଷା, ଯୋଗ୍ୟତା, ଆସକ୍ତି—ଅଭିଧା ସଂକେତ ଗ୍ରହଣର ଉପାୟ, ସଂକେତ ଗ୍ରହଣ ସମ୍ପର୍କରେ ବିଭିନ୍ନ ମତ—ଲକ୍ଷଣା, ଲକ୍ଷଣାର ଭେଦ-ବ୍ୟଞ୍ଜନା, ଅଭିଧାମୂଳା ଶାବ୍ଦୀ ବ୍ୟଞ୍ଜନାର ଉଦାହରଣ ଲକ୍ଷଣାମୂଳା ଶାବ୍ଦୀ ବ୍ୟଞ୍ଜନା, ଆର୍ଥୀ ବ୍ୟଞ୍ଜନା — | ୨୯ |
| **କାବ୍ୟଆତ୍ମା**— | ୫୦ |
| **ରସ ସଂପ୍ରଦାୟ**—ରସ ସଂପ୍ରଦାୟର ଇତିହାସ—ରସର ପରିଭାଷା, ସ୍ଥାୟୀଭାବ, ବିଭାବ, ଅନୁଭାବ, ବ୍ୟଭିଚାରୀ ଭାବ—ରସ ନିଷ୍ପତ୍ତି, ଭଟ୍ଟ ଲୋଲ୍ଲଟ, ଶ୍ରୀଶଙ୍କୁକ, ଭଟ୍ଟ ନାୟକ, ଅଭିନବ ଗୁପ୍ତ—ରସର ସ୍ୱରୂପ—ଭାବ, ରସାଭାସ, ଭାବାଭାସ, ଭାବଶାନ୍ତି, ଭାବୋଦୟ, ଭାବ ସନ୍ଧି, ଭାବ ଶବଳତା—ରସଭେଦ, ଦ୍ୱାଦଶ ରସର ଉଦାହରଣ, ରସମାନଙ୍କ ମଧ୍ୟରେ ପରସ୍ପର ବିଭେଦ—ନାୟକଭେଦ—ନାୟିକା ଭେଦ— | ୫୩ |
| **ଧ୍ୱନି ସଂପ୍ରଦାୟ**—ଧ୍ୱନି ସଂପ୍ରଦାୟର ଇତିହାସ—ଧ୍ୱନି ସିଦ୍ଧାନ୍ତ—ଧ୍ୱନିର ବ୍ୟାପକତା—ଧ୍ୱନି ଭେଦ, ବସ୍ତୁ ଅଳଙ୍କାର ଓ ରସ । | ୯୦ |

| ବିଷୟ | ପୃଷ୍ଠା |
|---|---|
| ରୀତି ଓ ଗୁଣ ସଂପ୍ରଦାୟ—ରୀତି ସଂପ୍ରଦାୟର ଇତିହାସ, ରୀତିର ସ୍ୱରୂପ, ରୀତିର ଭେଦ, ବୈଦର୍ଭୀ, ଗୌଡ଼ୀ, ପାଞ୍ଚାଳୀ, ଲାଟୀ—ଗୁଣ, ଗୁଣସଂପ୍ରଦାୟର ଇତିହାସ, ଗୁଣର ଭେଦ, ମାଧୁର୍ଯ୍ୟ, ଓଜ, ପ୍ରସାଦ । | ୧୦୫ |
| ବକ୍ରୋକ୍ତି ସଂପ୍ରଦାୟ—ବକ୍ରୋକ୍ତି ସଂପ୍ରଦାୟର ଇତିହାସ, ବକ୍ରୋକ୍ତିର ସ୍ୱରୂପ— | ୧୨୫ |
| ଔଚିତ୍ୟ ସଂପ୍ରଦାୟ—ଔଚିତ୍ୟ ସଂପ୍ରଦାୟର ଇତିହାସ—ଔଚିତ୍ୟର ସ୍ୱରୂପ—ଔଚିତ୍ୟର ଭେଦ— | ୧୩୨ |
| ଅଳଙ୍କାର ସଂପ୍ରଦାୟ—ଅଳଙ୍କାର ସଂପ୍ରଦାୟର ଇତିହାସ—ଅଳଙ୍କାରର ପରିଭାଷା ଓ ସ୍ୱରୂପ—କେତୋଟି ଅଳଙ୍କାର ( ଲକ୍ଷଣ ଓ ଦୃଷ୍ଟାନ୍ତସହ , ଅନୁପ୍ରାସ, ଯମକ, ଶ୍ଳେଷ, ବକ୍ରୋକ୍ତି, ଉପମା, ଅନନ୍ୱୟ, ସ୍ମରଣ, ରୂପକ, ଉଲ୍ଲେଖ, ଅପହ୍ନୁତି, ଉତ୍ପ୍ରେକ୍ଷା, ଦୀପକ, ପ୍ରତିବସ୍ତୂପମା, ନିଦର୍ଶନା, ବ୍ୟତିରେକ, ସହୋକ୍ତି, ବିନୋକ୍ତି, ସମାସୋକ୍ତି ବ୍ୟାଜସ୍ତୁତି, ଅର୍ଥାନ୍ତର ନ୍ୟାସ, କାବ୍ୟଲିଙ୍ଗ, ବିଭାବନା, ବିଶେଷୋକ୍ତି, ବିରୋଧାଭାସ, ଅସଙ୍ଗତି, ପ୍ରତୀପ, ସ୍ୱଭାବୋକ୍ତି, ସଂସୃଷ୍ଟି ଓ ସଂକର— | ୧୩୭ |
| କାବ୍ୟଦୋଷ—ପଦଦୋଷ ଶ୍ରୁତିକଟୁତା, ଅଶ୍ଳୀଳତ୍ୱ, ଗ୍ରାମ୍ୟତ୍ୱ, ଅପ୍ରତୀତତ୍ୱ, ସନ୍ଦିଗ୍ଧତା, ନେୟାର୍ଥତ୍ୱ; ନିହତାର୍ଥତ୍ୱ, କ୍ଲିଷ୍ଟତ୍ୱ, ବିରୁଦ୍ଧମତିକାରିତ୍ୱ, ବିଧେୟାବିମର୍ଶ, ନିରର୍ଥକତ୍ୱ, ଅସମର୍ଥତା, ଚ୍ୟୁତସଂସ୍କାରତ୍ୱ; | |

ବିଷୟ ପୃଷ୍ଠା

ପୁନରୁକ୍ତତା, ଅଧିକ ପଦତା, ନ୍ୟୂନପଦତା, ଅକ୍ରମତା, ପ୍ରସିଦ୍ଧ ତ୍ୟାଗ—ଅର୍ଥଦୋଷ, ଅପୁଷ୍ଟତା, ଦୁଷ୍କ୍ରମତା, ଗ୍ରାମ୍ୟତ୍ୱ, ବ୍ୟାହତତ୍ୱ, ଅଶ୍ଳୀଳତ୍ୱ, କ୍ଲିଷ୍ଟତ୍ୱ, ଅନବୀକୃତତ୍ୱ, ପ୍ରକାଶିତ ବିରୁଦ୍ଧତା, ପୁନରୁକ୍ତତା, ଖ୍ୟାତି ବିରୁଦ୍ଧତା, ବିଦ୍ୟାବିରୁଦ୍ଧତା, ଅବିଶେଷ ବିଶେଷ, ବିଶେଷେ ଅବିଶେଷ,—ରସଦୋଷ, ସ୍ୱଶବ୍ଦବାଚ୍ୟ ଦୋଷ, ବିରୁଦ୍ଧରସାଙ୍ଗ ଗ୍ରହଣ, ଅନୁଭାବ ଓ ବିଭାବାଦିର କଷ୍ଟ ପୂର୍ବକ ଅଧ୍ୟାହାର; ଅସମୟରେ ରସର ଛେଦ, ଅସମୟରେ ରସର ବିସ୍ତୃତି, ରସର ପୁନଃ ପୁନଃ ଉଦ୍ଦୀପ୍ତତା, ଅଙ୍ଗୀରସର ଅନନୁସନ୍ଧାନ, ଅଙ୍ଗଭିନ୍ନ ଅନ୍ୟ ବିଷୟର ବର୍ଣ୍ଣନା, ଅଙ୍ଗର ଅତିବିସ୍ତୃତି, ପ୍ରକୃତ୍ୟାଦିର ବିପର୍ଯ୍ୟୟ—ଦୋଷମାନଙ୍କର ଅଦୋଷତା ଓ ଗୁଣତ୍ୱ, ଅଶ୍ଳୀଳତାର ଗୁଣତ୍ୱ; ଅପ୍ରଖ୍ୟାତତ୍ୱ ଦୋଷର ଗୁଣତ୍ୱ, ପୁନରୁକ୍ତିର ଗୁଣତ୍ୱ, କ୍ଲିଷ୍ଟତାର ଗୁଣତ୍ୱ, ଗ୍ରାମ୍ୟତ୍ୱର ଗୁଣତ୍ୱ, ନ୍ୟୂନପଦତାର ଗୁଣତ୍ୱ; ଖ୍ୟାତିବିରୁଦ୍ଧତାର ଗୁଣତ୍ୱ—କବିସମୟ ପ୍ରସିଦ୍ଧି— ୧୮୭

# କାବ୍ୟ

ପ୍ରାକ୍‌କଥନ—ଭାରତୀୟ ବାଙ୍‌ମୟକୁ କାବ୍ୟ-ମୀମାଂସା ପ୍ରଣେତା ରାଜଶେଖର ଦୁଇ ଭାଗରେ ବିଭକ୍ତ କରିଛନ୍ତି—ଶାସ୍ତ୍ର ଓ କାବ୍ୟ (୧)। ଶାସ୍ତ୍ର ଓ କାବ୍ୟ ମଧ୍ୟରେ କାବ୍ୟକୁ ପ୍ରାଚୀନ କାଳରେ ଅଧିକ ମହତ୍ତ୍ୱ ପ୍ରଦାନ କରାଯାଇଛି । ସେଥିପାଇଁ କାବ୍ୟର ସଂଜ୍ଞା-ନିରୂପଣ କାଳରେ ବିଭିନ୍ନ ଭାରତୀୟ ଆଚାର୍ଯ୍ୟ ସୂକ୍ଷ୍ମାତିସୂକ୍ଷ୍ମ ବିଶ୍ଳେଷଣ କରିଆରେ ସ୍ୱକୀୟ ମତ ପ୍ରଦାନ କରିଛନ୍ତି ।

କାବ୍ୟ ପ୍ରକାଶକାର ଆଚାର୍ଯ୍ୟ ମମ୍ମଟଙ୍କ ଭାଷାରେ 'କାବ୍ୟ ହେଉଛି ଏପରି ରଚନା (ଶବ୍ଦାର୍ଥ) ଯାହା ଦୋଷରହିତ, ଗୁଣ ଓ ଅଳଙ୍କାର ସଂଯୁକ୍ତ' (୨)। ଏଥିରୁ ଅନୁମିତ ହୁଏ ଯେ ମମ୍ମଟ କାବ୍ୟର ଶରୀର ସମ୍ପର୍କରେ ହିଁ ଆଲୋକପାତ କରିଛନ୍ତି । ଏହି କାବ୍ୟ-ଶରୀରରେ ଶବ୍ଦ ଓ ଅର୍ଥ ପରସ୍ପର ସଂଯୁକ୍ତ ଓ ନିର୍ଭରଶୀଳ । ଶବ୍ଦ ବିନା ଅର୍ଥ ବା ଅର୍ଥ ବିନା ଶବ୍ଦର ସ୍ୱତନ୍ତ୍ର ଅଭିବ୍ୟକ୍ତି ସମ୍ଭବପର ନୁହେଁ । ରଘୁବଂଶର ପ୍ରଥମ ସର୍ଗରେ କାଳିଦାସ ଶବ୍ଦ ଓ ଅର୍ଥ ସଦୃଶ ନିତ୍ୟସମ୍ବନ୍ଧ ଜଗତର ଜନକ-ଜନନୀ ପରମେଶ୍ୱର-ପାର୍ବତୀଙ୍କୁ, ଶବ୍ଦ ଓ ଅର୍ଥର ସମ୍ୟକ୍ ଜ୍ଞାନ ଲାଭ ନିମନ୍ତେ ବନ୍ଦନା କରିଛନ୍ତି (୩)।

---

(୧) ଶାସ୍ତ୍ରଂ କାବ୍ୟଞ୍ଚ ଇତି ବାଙ୍‌ମୟଂ ଦ୍ୱିଧା —କାବ୍ୟମୀମାଂସା-୨ୟ ଅଧ୍ୟାୟ ।

(୨) ତଦ୍‌ଦୋଷୌ ଶବ୍ଦାର୍ଥୌ ସଗୁଣୌ ଅନଲଂକୃତୀପୁନଃ କ୍ୱାପି—
କାବ୍ୟପ୍ରକାଶ-ପ୍ରଥମ ଉଲ୍ଲାସ ।

(୩) ବାଗର୍ଥାବିବ ସଂପୃକ୍ତୌ ବାଗର୍ଥପ୍ରତିପତ୍ତୟେ। ଜଗତଃ ପିତରୌ ବନ୍ଦେ
ପାର୍ବତୀ-ପରମେଶ୍ୱରୌ—ରଘୁବଂଶ : ୧।୧

ଏଠାରେ ଶବ୍ଦ ଓ ଅର୍ଥର ନିତ୍ୟ ଓ 'ଅବିନା-ଭାବ ସମ୍ପର୍କ' ସୂଚିତ । କିନ୍ତୁ ଶବ୍ଦାର୍ଥ ଉପରେ ନିର୍ଭର କଲେ କାବ୍ୟର ସ୍ଥୂଳ (ବାହ୍ୟ) ରୂପ ମାତ୍ର ମିଳିପାରେ ! ରସପୂର୍ଣ୍ଣ ନ ହେଲେ କାବ୍ୟ ହୃଦୟଗ୍ରାହୀ ହୋଇପାରେ ନାହିଁ । ରସଗଙ୍ଗାଧର ରଚୟିତା ଜଗନ୍ନାଥଙ୍କ ମତରେ 'ରମଣୀୟ ଅର୍ଥପ୍ରତିପାଦକ ଶବ୍ଦ ହିଁ କାବ୍ୟ' (୪) । କିନ୍ତୁ ଏସବୁ ମତ କାବ୍ୟର ସଂଜ୍ଞା ନିର୍ଦ୍ଧାରଣ କରିବା ଦିଗରେ ସ୍ୱୟଂସମ୍ପୂର୍ଣ୍ଣ ନୁହେଁ । ସାହିତ୍ୟ ଦର୍ପଣକାର ବିଶ୍ୱନାଥଙ୍କ ଆଲୋଚନାରେ ଏ ସମସ୍ତ ମତର ସାର ନିର୍ଯ୍ୟାସ ଉପଲବ୍ଧ ହୁଏ । ରସଗଙ୍ଗାଧରର ରଚୟିତା ବିଶ୍ୱନାଥଙ୍କ ମତକୁ ଖଣ୍ଡନ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଏହା ଯୁକ୍ତିଯୁକ୍ତ ମନେହୁଏ ନାହିଁ । ବିଶ୍ୱନାଥଙ୍କ ମତାନୁଯାୟୀ ଲୋକୋତ୍ତର ଆନନ୍ଦଦାୟକ 'ରସାତ୍ମକ ବାକ୍ୟ ହିଁ କାବ୍ୟ' ଅଧିକ ଯୁକ୍ତିଯୁକ୍ତ (୫) ।

**କାବ୍ୟ-ବୈଶିଷ୍ଟ୍ୟ**— କାବ୍ୟର ସ୍ୱରୂପ ସମ୍ପର୍କରେ ଆଲୋଚନା କରିବା ପୂର୍ବରୁ କାବ୍ୟର ବୈଶିଷ୍ଟ୍ୟ ପ୍ରୟୋଜନ, ହେତୁ ସମ୍ବନ୍ଧରେ ଅଭିହିତ ହେବା ବାଞ୍ଛନୀୟ । କାବ୍ୟର ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋଚନା କରି ଧ୍ୱନ୍ୟାଲୋକକାର ଆନନ୍ଦବର୍ଦ୍ଧନ କହିଛନ୍ତି ଯେ, 'କବି ହେଉଛି ସ୍ୱୟଂ ବ୍ରହ୍ମା ଓ ସମଗ୍ର କାବ୍ୟ-ସଂସାର ହିଁ କବିର ସୃଷ୍ଟି । କବି ତାର ରୁଚି ଅନୁଯାୟୀ କାବ୍ୟ-ସଂସାରକୁ ପରିବର୍ତ୍ତିତ କରେ (୬) ।' ଆନନ୍ଦବର୍ଦ୍ଧନ ଏହିପରି ଭାବରେ କବିର ଅସାଧାରଣ

---

(୪) ରମଣୀୟାର୍ଥ ପ୍ରତିପାଦକଃ ଶବ୍ଦଃ କାବ୍ୟମ୍ —ରସଗଙ୍ଗାଧରଃ ୧।୧

(୫) ବାକ୍ୟଂ ରସାତ୍ମକଂ କାବ୍ୟମ୍—ସା·ଦର୍ପଣ: ୧।୩

(୬) ଅପାରେ କାବ୍ୟସଂସାରେ କବିରେକଃ ପ୍ରଜାପତିଃ
ଯଥାସ୍ମୈ ରୋଚତେ ବିଶ୍ୱଂ ତଥା ବିପରିବର୍ତ୍ତତେ-ଧ୍ୱନ୍ୟାଲୋକ

ମହତ୍ତ୍ୱ ପ୍ରତିପାଦନ କରିଥିଲେ ସୁଦ୍ଧା କାବ୍ୟ-ପ୍ରକାଶକାର ମମ୍ମଟଙ୍କ ମତାନୁସାରେ 'କବି-ସୃଷ୍ଟି ବ୍ରହ୍ମା-ସୃଷ୍ଟି ଅପେକ୍ଷା ଉତ୍କୃଷ୍ଟତର । ବ୍ରହ୍ମା ସୃଷ୍ଟି ଅପେକ୍ଷା କବି ସୃଷ୍ଟିରେ ଗୁଡ଼େଟି ଅଧିକ ବୈଶିଷ୍ଟ୍ୟ ଦୃଷ୍ଟିଗୋଚର ହୁଏ (୭) ।'

(କ) ବ୍ରହ୍ମା-ସୃଷ୍ଟି 'ନିୟତିକୃତ ନିୟମ ସହିତ' ଓ କବି-ସୃଷ୍ଟି 'ନିୟତିକୃତ ନିୟମ ରହିତ' । ଅର୍ଥାତ୍ ବ୍ରହ୍ମା-ସୃଷ୍ଟି ବିଧି-ନିର୍ଦ୍ଦିଷ୍ଟ ନିୟମ ଓ ଶୃଙ୍ଖଳାର ବଶବର୍ତ୍ତୀ । ଉଦାହରଣ ସ୍ୱରୂପ— ଯେଉଁଠାରେ ପଦ୍ମର ସ୍ଥିତି ରହିଛି, ସେଠାରେ ସୌରଭ ନିଶ୍ଚିତ ରୂପେ ବିଦ୍ୟମାନ । କିନ୍ତୁ କବି-ସୃଷ୍ଟିରେ ଏହି ନିୟମର ବ୍ୟତିକ୍ରମ ଓ ବୈଚିତ୍ର୍ୟ ପରିଲକ୍ଷିତ ହୁଏ । ପଦ୍ମର ସୌରଭ, ସୌନ୍ଦର୍ଯ୍ୟ ଓ କୋମଳତା ଯଥାକ୍ରମେ ପଦ୍ମ ବ୍ୟତିରିକ୍ତ ନାରୀର ମୁଖରେ, ଚକ୍ଷୁରେ ଓ ଅଙ୍ଗପ୍ରତ୍ୟଙ୍ଗରେ ଥିବାର ସମ୍ଭାବନା କରାଯାଇଥାଏ । ଏହାଛଡ଼ା ସମସ୍ତ ପ୍ରାଣୀ ସେମାନଙ୍କର ପୂର୍ବକୃତ କର୍ମର ବା ଅଦୃଷ୍ଟର ଫଳଭୋଗ କରିବା ନିମିତ୍ତ, ବ୍ରହ୍ମା ଏହି ଚରାଚର ବିଶ୍ୱ ସୃଷ୍ଟି କରିଛନ୍ତି । କିନ୍ତୁ କବି-ସୃଷ୍ଟି ଏହି ବନ୍ଧନରୁ ମୁକ୍ତ । କବି ସ୍ୱରଚିତ କାବ୍ୟରେ ନାୟକନାୟିକା ବା ପାତ୍ରପାତ୍ରୀଙ୍କୁ ଇଚ୍ଛାନୁସାରେ ଅଦୃଷ୍ଟପୂର୍ବ ଓ ଅଶ୍ରୁତପୂର୍ବ ସୁଖ-ସାମଗ୍ରୀର ଅଧିକାରୀ କରାଇଥାଏ ।

---

(୭) ନିୟତିକୃତ ନିୟମରହିତାଂ ହ୍ଲାଦୈକମୟୀମନନ୍ୟ ପରତନ୍ତ୍ରାମ୍
ନବରସ ରୁଚିରାଂ ନିର୍ମିତିମାଦଧତୀ ଭାରତୀ କବେର୍ଜୟତି ।
— କାବ୍ୟପ୍ରକାଶ: ୧।୧

(ଖ) କାବ୍ୟର ଦ୍ୱିତୀୟ ବୈଶିଷ୍ଟ୍ୟ ହେଉଛି 'ହ୍ଲାଦୈକମୟୀ'— ଅର୍ଥାତ୍ କେବଳ ଆନନ୍ଦୋପଲବ୍ଧି । ବ୍ରହ୍ମାଙ୍କ ସୃଷ୍ଟିରେ ପ୍ରତ୍ୟେକ ପ୍ରାଣୀକୁ ସୁଖଦୁଃଖର ସମ୍ମୁଖୀନ ହେବାକୁ ପଡ଼ିଥାଏ । କିନ୍ତୁ କାବ୍ୟ-ସଂସାରରେ ଦୁଃଖର ଅସ୍ତିତ୍ୱ ନ ଥାଏ । ସାଂସାରିକ ଆନନ୍ଦ କ୍ଷଣିକ, କାବ୍ୟାନନ୍ଦ ଅଲୌକିକ । ବାରମ୍ବାର କୌଣସି ମର୍ମସ୍ପର୍ଶୀ ପ୍ରସଙ୍ଗ ଦର୍ଶନ କରି ହୃଦୟ ଦୁଃଖରେ ବିଗଳିତ ହେଲେ ବି ପୁନର୍ବାର ତାହା ଦର୍ଶନ କରିବାକୁ ଇଚ୍ଛା ହୁଏ । କରୁଣ ରସର ଆତିଶଯ୍ୟ ସମୟରେ ଦୁଃଖ ପରିବର୍ତ୍ତେ ଆନନ୍ଦରେ ଅଶ୍ରୁମୁଞ୍ଚନ ସମ୍ଭବପର ହୋଇଥାଏ (୧) ।

(ଗ) କାବ୍ୟର ତୃତୀୟ ବୈଶିଷ୍ଟ୍ୟ ହେଉଛି 'ଅନନ୍ୟପରତନ୍ତ୍ରତା' । ବ୍ରହ୍ମାଙ୍କର ସୃଷ୍ଟି ପ୍ରକୃତି ଅଥବା ନିମିତ୍ତ-କାରଣ, ସହକାରୀ-କାରଣ ପ୍ରଭୃତି ବିନା ସମ୍ଭବପର ହୁଏ ନାହିଁ । ଅର୍ଥାତ୍ ସୃଷ୍ଟି ଓ ସୃଷ୍ଟିର ପ୍ରତ୍ୟେକ ଅଂଶ ବିଭିନ୍ନ ଉପାଦାନର ଅଧୀନ, କିନ୍ତୁ କବି ତା'ର ସୃଷ୍ଟି ପାଇଁ ସ୍ୱ-ପ୍ରତିଭା ବ୍ୟତୀତ ଅନ୍ୟ ପଦାର୍ଥର ସାହାଯ୍ୟ କାମନା କରେ ନାହିଁ । ଅନ୍ୟର ଅଧୀନ ନ ହୋଇଥିବାରୁ ଏହା ଅନନ୍ୟପରତନ୍ତ୍ର ।

(ଘ) ବ୍ରହ୍ମାଙ୍କ ସୃଷ୍ଟିରେ ମଧୁର, ଅମ୍ଳ, ଲବଣ, କଟୁ, ତିକ୍ତ, କଷାୟ—ଏପରି ଛଅ ପ୍ରକାର ରସ ଉପଲବ୍ଧି କରାଯାଏ ।

---

(୧) ଏଠାରେ ସାହିତ୍ୟଦର୍ପଣକାର ବିଶ୍ୱନାଥଙ୍କର ମତ ଆଲୋଚନା କରାଯାଇପାରେ ।

କରୁଣ'ଦାବପି ରସେ ଜାୟତେ ଯତ୍ ପରଂ ସୁଖମ୍
ସଚେତସାମନୁଭବଃ ପ୍ରମାଣଂ ତତ୍ର କେବଲମ୍ । ସା. ଦ.-୩।୩

କିନ୍ତୁ କବି-ସୃଷ୍ଟି କାବ୍ୟ-ଜଗତରେ ଆମ୍ଭେମାନେ ଶୃଙ୍ଗାର, ହାସ୍ୟ, କରୁଣ, ରୌଦ୍ର, ବୀର, ଭୟାନକ, ବୀଭତ୍ସ, ଅଦ୍ଭୁତ ଓ ଶାନ୍ତ—ଏପରି ନଅଗୋଟି ରସ ଉପଲବ୍ଧିର ସୁଯୋଗ ପାଇଥାଉଁ ।

ଏହିପରି ଭାବରେ ବ୍ରହ୍ମା-ସୃଷ୍ଟି ଅପେକ୍ଷା କବି-ସୃଷ୍ଟି ଉତ୍କୃଷ୍ଟତର ବୋଲି ପ୍ରତିପାଦିତ ହୋଇଛି ।

**କାବ୍ୟ-ପ୍ରୟୋଜନ**—କବି ଓ ପାଠକଙ୍କର ପ୍ରୟୋଜନୀୟତା ତଥା ସମ୍ପର୍କ ଦୃଷ୍ଟିରୁ, କାବ୍ୟର ଉପାଦେୟତା ଆଲୋଚନା କରାଯାଇଥାଏ । କବି ସର୍ବଦା ଯଶପ୍ରାର୍ଥୀ । ଅର୍ଥପ୍ରାପ୍ତି କବି ପକ୍ଷରେ ଗୌଣ ପ୍ରୟୋଜନ । କବିର ଭୌତିକ ଶରୀର ନଷ୍ଟ ହେଲାପରେ ମଧ୍ୟ କାବ୍ୟସୃଷ୍ଟିଜନିତ ଯଶ ଅମର ରହେ । କୌଣସି ଜାତିର ସାହିତ୍ୟ, ଭାଷା ଲୋପ ନ ହେବା ପର୍ଯ୍ୟନ୍ତ କବିର ଯଶ ଭାସ୍ୱର ରହିଥାଏ ।

କାବ୍ୟଶାସ୍ତ୍ରର ଆଦ୍ୟ ଆଲୋଚକ ଭରତମୁନି ସ୍ୱୀୟ ନାଟ୍ୟଶାସ୍ତ୍ରରେ କାବ୍ୟର ପ୍ରୟୋଜନୀୟତା ସମ୍ପର୍କରେ ପ୍ରଥମେ ଆଲୋକପାତ କରିଛନ୍ତି । ଉକ୍ତ ଆଲୋଚନାକୁ ଆଧାର ରୂପେ ଗ୍ରହଣ କରି ପରବର୍ତ୍ତୀକାଳରେ ବିଭିନ୍ନ ଆଚାର୍ଯ୍ୟଗଣ କାବ୍ୟ-ପ୍ରୟୋଜନ ସମ୍ପର୍କରେ ବିଭିନ୍ନ ମତ ବ୍ୟକ୍ତ କରିଛନ୍ତି ।

ଭାମହ 'କାବ୍ୟାଲଙ୍କାର' ଗ୍ରନ୍ଥରେ ଉତ୍ତମ କାବ୍ୟର ରଚନା ଓ ଅଧ୍ୟୟନ ଦ୍ୱାରା ଧର୍ମ, ଅର୍ଥ, କାମ, ମୋକ୍ଷରୂପକ ଚତୁର୍ବର୍ଗଫଳ ପ୍ରାପ୍ତି ହୁଏ ବୋଲି ଉଲ୍ଲେଖ କରିଛନ୍ତି । ନୃତ୍ୟଗୀତାଦି କଳାରେ

ନୈପୁଣ୍ୟ ତଥା କୀର୍ତ୍ତିସ୍ଥାପନ ଓ ଆନନ୍ଦ ଲାଭ ମଧ୍ୟ ଏହାର ଅପର ଉଦ୍ଦେଶ୍ୟ ରୂପେ ଗୃହୀତ ହୋଇଛି (୧)। ବାମନ 'କାବ୍ୟାଲଙ୍କାରସୂତ୍ର' ଗ୍ରନ୍ଥରେ କୀର୍ତ୍ତିସ୍ଥାପନ ଓ ଆନନ୍ଦ ଲାଭକୁ ମାତ୍ର କାବ୍ୟର ଦ୍ୱିବିଧ ପ୍ରୟୋଜନ ରୂପେ ସ୍ୱୀକାର କରିଛନ୍ତି। ତନ୍ମଧ୍ୟରୁ ଆନନ୍ଦାନୁଭୂତି କାବ୍ୟର 'ଦୃଷ୍ଟ-ପ୍ରୟୋଜନ' ଓ କୀର୍ତ୍ତିକୁ କାବ୍ୟର ଅଦୃଷ୍ଟ-ପ୍ରୟୋଜନ ଭାବରେ ଗ୍ରହଣ କରି, ଶେଷୋକ୍ତର ଉପାଦେୟତା ଉପରେ ପ୍ରାଧାନ୍ୟ ଦେଇଛନ୍ତି (୨)। କୁନ୍ତକ 'ବକ୍ରୋକ୍ତିଜୀବିତଂ' ଗ୍ରନ୍ଥରେ କାବ୍ୟ-ପ୍ରୟୋଜନ ନିରୂପଣ କରିବାକୁ ଯାଇ କାବ୍ୟରଚନା ଶ୍ରେଷ୍ଠ-କୁଳୋତ୍ପନ୍ନ ରାଜକୁମାର ପ୍ରଭୃତିଙ୍କ ନିମିତ୍ତ ସୁନ୍ଦର ଓ ସରସ ଭାବରେ ବ୍ୟକ୍ତ ଧର୍ମ, ଅର୍ଥ, କାମ, ମୋକ୍ଷପ୍ରାପ୍ତିର ସରଳମାର୍ଗ ବୋଲି ପ୍ରତିପାଦିତ କରିଛନ୍ତି। ଏହାଛଡ଼ା ସତ୍‌କାବ୍ୟ ପାଠଜନିତ ଜ୍ଞାନ ଦ୍ୱାରା ହିଁ ସମସ୍ତ ଶ୍ରେଣୀର ଲୋକମାନଙ୍କର ବ୍ୟାବହାରିକ ଜ୍ଞାନ ବୃଦ୍ଧି ପାଇଥାଏ ଓ ସହୃଦୟ ପାଠକ ହୃଦୟରେ ଆନନ୍ଦାନୁଭୂତି ରୂପକ ଚମତ୍କାର ଭାବ ଉତ୍ପନ୍ନ ହୋଇଥାଏ ବୋଲି ସେ ପ୍ରତିପାଦନ କରିଛନ୍ତି (୩)।

ବିଶ୍ୱନାଥ ମଧ୍ୟ ପୂର୍ବାଚାର୍ଯ୍ୟଙ୍କ ଭଳି 'ଧର୍ମାର୍ଥ କାମମୋକ୍ଷ' ପ୍ରାପ୍ତିକୁ କାବ୍ୟ-ପ୍ରୟୋଜନ ଭାବରେ ଗ୍ରହଣ କରିଛନ୍ତି। କିନ୍ତୁ ତାଙ୍କ

(୧) ଧର୍ମାର୍ଥକାମମୋକ୍ଷେଷୁ ବୈଚକ୍ଷଣ୍ୟଂ କଳାସୁ ଚ
କରୋତି କୀର୍ତ୍ତିଂ ପ୍ରୀତିଂ ଚ ସାଧୁକାବ୍ୟନିଷେବଣମ୍।
କାବ୍ୟାଲଙ୍କାର: ୧।୨

(୨) କାବ୍ୟଂ ସଦ୍ ଦୃଷ୍ଟାଦୃଷ୍ଟାର୍ଥଂ ପ୍ରୀତିକୀର୍ତ୍ତିହେତୁତ୍ୱାତ୍—
କାବ୍ୟାଲଙ୍କାର ସୂତ୍ର: ୧।୧

(୩) ଧର୍ମାଦିସାଧନୋପାୟଃ···ବିତନ୍ୟତେ—ବକ୍ରୋକ୍ତିଜୀବିତଂ : ୩-୫-କାରିକା

ମତର ବିଶେଷତ୍ୱ ଏହିକି ଯେ, ସ୍ୱଳ୍ପଜ୍ଞାନଯୁକ୍ତ ଓ ସୁକୁମାର ବୁଦ୍ଧି-ସମ୍ପନ୍ନ ବ୍ୟକ୍ତିମାନେ ଏହି ପୁରୁଷାର୍ଥ ଅନାୟାସରେ ଲାଭ କରିଥାନ୍ତି ବୋଲି ସେ ପ୍ରତିପାଦନ କରିଛନ୍ତି (୪) ।

କାବ୍ୟରେ ବର୍ଣ୍ଣିତ ପରମେଶ୍ୱରଙ୍କର ଚରଣାରବିନ୍ଦର ସ୍ତୁତିଦ୍ୱାରା ଧର୍ମପ୍ରାପ୍ତି ହୋଇଥାଏ । କାବ୍ୟରଚୟିତାବୃନ୍ଦ ରାଜାମାନଙ୍କଠାରୁ କିପରି ଅର୍ଥଲାଭ କରନ୍ତି, ତାହା 'ରତ୍ନାବଳୀ ନାଟିକା'ର ପ୍ରଣେତା ଧାବକ ଓ କିଶୋରଚନ୍ଦ୍ରାନନ୍ଦଚମ୍ପୂର ପ୍ରଣେତା କବିସୂର୍ଯ୍ୟ ବଳଦେବ ରଥଙ୍କର ଉଦାହରଣରୁ ଜଣାଯାଇଥାଏ । ଅର୍ଥପ୍ରାପ୍ତି ଦ୍ୱାରା ହିଁ କାମସୁଖଲାଭ ହୋଇଥାଏ । କିନ୍ତୁ କାବ୍ୟପାଠଜନିତ ଧର୍ମଫଳର ଆକାଙ୍କ୍ଷା ପରିତ୍ୟାଗ କଲେ ହିଁ ମୋକ୍ଷପ୍ରାପ୍ତି ସମ୍ଭବ ହୋଇଥାଏ ।

ମମ୍ମଟାଚାର୍ଯ୍ୟ ସ୍ୱୀୟ କାବ୍ୟପ୍ରକାଶ ଗ୍ରନ୍ଥରେ ପୂର୍ବାଚାର୍ଯ୍ୟଙ୍କ ପ୍ରଦତ୍ତ କାବ୍ୟ-ପ୍ରୟୋଜନ ସମ୍ପର୍କୀୟ ମତକୁ ସୁନ୍ଦର ଓ ପରିମାର୍ଜିତ ରୂପରେ ପ୍ରକାଶ କରିଛନ୍ତି । ମମ୍ମଟଙ୍କ ମତାନୁଯାୟୀ କାବ୍ୟ-ପ୍ରୟୋଜନ ଛଅଟି - ଯଶ, ଅର୍ଥ ଅମଙ୍ଗଳର ବିନାଶ, ବ୍ୟବହାର ଜ୍ଞାନ, ପରମାନନ୍ଦ ପ୍ରାପ୍ତି ଓ କାନ୍ତା ସଦୃଶ ସରସ ଉପଦେଶ । ତନ୍ମଧ୍ୟରୁ ପ୍ରଥମ ତିନୋଟି କବିନିଷ୍ଠ ଅର୍ଥାତ୍ କବିର ଲକ୍ଷ୍ୟ ଓ ଅପର ତିନୋଟି ପାଠକନିଷ୍ଠ ଅର୍ଥାତ୍ ପାଠକର ଲକ୍ଷ୍ୟ ।

ଯଶପ୍ରାପ୍ତିର ଉଦାହରଣ ସ୍ୱରୂପ କାଳିଦାସ, ତୁଳସୀଦାସ, ସାରଳାଦାସ, ଉପେନ୍ଦ୍ରଭଞ୍ଜ ପ୍ରଭୃତିଙ୍କୁ ଉଲ୍ଲେଖ କରାଯାଇପାରେ । ଧନ-

(୪) ଚତୁର୍ବର୍ଗଫଳପ୍ରାପ୍ତିଃ ସୁଖାଦଳ୍ପଧିୟାମପି
କାବ୍ୟାଦେବ ଯତସ୍ତେନ ତତ୍ସ୍ୱରୂପଂ ନିରୂପ୍ୟତେ—ସା.ଦର୍ପଣ: ୧।୨

ପ୍ରାପ୍ତିର ଜ୍ୱଳନ୍ତ ଉଦାହରଣ ସଂସ୍କୃତ କବି ଧାବକ ଓ ଓଡ଼ିଆ ସାହିତ୍ୟରେ କବିସୂର୍ଯ୍ୟ ବଳଦେବ ରଥ । ବ୍ୟାବହାରିକ ଜ୍ଞାନ ସମସ୍ତ ବିଜ୍ଞପାଠକ ଲାଭ କରିଥାନ୍ତି । 'ସୂର୍ଯ୍ୟଶତକ'ର ରଚନାକାର ମୟୂରକବି ଓ ଆର୍ତ୍ତତ୍ରାଣ ଚଉତିଶା ରଚନା କରି କବି ଧନକୃଷ୍ଣ ଦାସ କିପରି କୁଷ୍ଠରୋଗରୁ ମୁକ୍ତ ପାଇଥିଲେ, ତାହା ଅମଙ୍ଗଳର ବିନାଶ' କିପରି ଘଟିଥାଏ, ସୂଚିତ କରୁଛି ।

କାନ୍ତା ସଦୃଶ ସରସ ଉପଦେଶର ବୈଶିଷ୍ଟ୍ୟ ଆଲୋଚନା କାଳରେ ଉପଦେଶର ତ୍ରିବିଧ ରୀତିର ସୂଚନା ଦେବା ଅପ୍ରାସଙ୍ଗିକ ହେବ ନାହିଁ । ଏହା (କ) ପ୍ରଭୁସମ୍ମିତ, (ଖ) ସଖାସମ୍ମିତ, (ଗ) କାନ୍ତାସମ୍ମିତ ଭାବରେ ଗୃହୀତ । ପ୍ରଭୁସମ୍ମିତର ଅର୍ଥ ହେଉଛି-ସ୍ୱାମୀ ବା ରାଜା ଯେପରି ସ୍ୱ-ଭୃତ୍ୟ ବା ସେବକକୁ କୌଣସି କାର୍ଯ୍ୟ କରିବାକୁ ବା ନ କରିବାକୁ ଉପଦେଶ ଦେଇଥାଏ, ସେହିପରି ଯେଉଁ ରଚନା 'ବିଧି ଓ ନିଷେଧ' ବିଧାନ କରେ, ତାହା ପ୍ରଭୁସମ୍ମିତ ଉପଦେଶ ବୋଲି କୁହାଯାଏ । ଏହାର ଉଦାହରଣ ଶବ୍ଦପ୍ରଧାନ ବେଦାଦିଶାସ୍ତ୍ର । ସଖାସମ୍ମିତର ଅର୍ଥ ହେଉଛି-ବନ୍ଧୁଭଳି ଉପଦେଶ । ଯେପରି ବନ୍ଧୁ ବିଭିନ୍ନ ଦୃଷ୍ଟାନ୍ତ ଓ ଉଦାହରଣ ଦ୍ୱାରା କର୍ତ୍ତବ୍ୟା-କର୍ତ୍ତବ୍ୟ ଜ୍ଞାନର ସୂଚନା ଦେଇ, ତାର ବନ୍ଧୁକୁ କୌଣସି କାର୍ଯ୍ୟରେ ପ୍ରବୃତ୍ତ ବା କୌଣସି କାର୍ଯ୍ୟରୁ ନିବୃତ୍ତ କରାଇଥାଏ, ସେହିପରି ଇତିହାସ ପୁରାଣାଦି ସଖାସମ୍ମିତ ଉପଦେଶ ପ୍ରଦାନ କରିଥାଏ । ଏହି ଦୁଇ ପ୍ରକାର ଉପଦେଶରୁ କାନ୍ତାସମ୍ମିତ ଉପଦେଶ ଭିନ୍ନ । କାନ୍ତାର ଉପଦେଶ ସରସ ଭାବଭଙ୍ଗୀଯୁକ୍ତ ଓ ସୁଲଳିତ ବାକ୍ୟାବଳୀ ସମ୍ବଳିତ । ଏହିଭଳି ରଚନା ହେଉଛି କାବ୍ୟ । ତାହା ରସପୂର୍ଣ୍ଣ ଓ ବ୍ୟଞ୍ଜନାଯୁକ୍ତ । କାବ୍ୟରେ ସାଂକେତିକ ରୀତିରେ ( କାନ୍ତାସଦୃଶ

ଘଟଣାଗୁଡ଼ିକ ଅଭିପ୍ରେତ ଉପଦେଶ ଅଭିବ୍ୟକ୍ତ ହୋଇଥାଏ ଓ ଏହାର ଜରିଆରେ କର୍ତ୍ତବ୍ୟାକର୍ତ୍ତବ୍ୟ ମାର୍ଗନିର୍ଦ୍ଦିଷ୍ଟ ହୋଇଥାଏ । ଉଦାହରଣ ସ୍ୱରୂପ—ରାମଚରିତ ସମ୍ବଳିତ ଯେ କୌଣସି କାବ୍ୟରେ ରାବଣ ଭଳି ଦୁଷ୍ଟାଚରଣରୁ ନିବୃତ୍ତ ହୋଇ ରାମଙ୍କ ସଦୃଶ ସୁକାର୍ଯ୍ୟରେ ପ୍ରବୃତ୍ତ ହେବା ପାଇଁ ଉପଦେଶ ଦିଆଯାଇଥାଏ ।

କାବ୍ୟର ଉପରୋକ୍ତ ଉପାଦେୟତା ହୃଦୟଙ୍ଗମ କରି କାବ୍ୟରଚନା ଓ ଅଧ୍ୟୟନରେ ପ୍ରଯତ୍ନ କରିବା ଉଚିତ ।

**କାବ୍ୟ ହେତୁ** — ଶ୍ୟାମଦେବଙ୍କ ମତାନୁଯାୟୀ କାବ୍ୟରଚନା ନିମିତ୍ତ କବିର ସମାଧି ଅର୍ଥାତ୍ ଆତ୍ମସ୍ଥ ହେବା ମୁଖ୍ୟକଥା । ଚିତ୍ତର ଏକାଗ୍ରତା ହିଁ ସମାଧି । ଏକାଗ୍ର ଚିତ୍ତ ହିଁ ଶବ୍ଦାର୍ଥଜ୍ଞାନ ଲାଭ କରିପାରେ । କିନ୍ତୁ ଜୟମଙ୍ଗଳଙ୍କର ମତାନୁସାରେ 'ଅଭ୍ୟାସ' ବା ସାଧନା ଜରିଆରେ ହିଁ କବି ଉତ୍କୃଷ୍ଟ କାବ୍ୟ ରଚନା କରିପାରେ । କୌଣସି କାର୍ଯ୍ୟରେ ନିରଳସ ଭାବରେ ଓ ସତତ ପ୍ରଯୁକ୍ତ ହେବାକୁ ହିଁ ଅଭ୍ୟାସ କୁହାଯାଏ । ଏହି ଅଭ୍ୟାସ ସମସ୍ତ ବିଷୟରେ ନିରତିଶୟ ଦକ୍ଷତା ଆଣିଦିଏ । ଏଥିରୁ ସ୍ପଷ୍ଟ ହୃଦୟଙ୍ଗମ କରି ହୁଏ ଯେ ସମାଧି ହେଉଛି ଆନ୍ତରିକ ପ୍ରଯତ୍ନ ଓ ଅଭ୍ୟାସ ବାହ୍ୟ ପ୍ରଯତ୍ନ ।

କିନ୍ତୁ କାବ୍ୟମୀମାଂସାକାର ରାଜଶେଖର କହନ୍ତି ଯେ ସମାଧି ବା ଅଭ୍ୟାସ କାବ୍ୟର ପ୍ରତ୍ୟକ୍ଷ କାରଣ ହୋଇ ନ ପାରେ । ତାଙ୍କ ମତରେ 'ଶକ୍ତି' ହିଁ କାବ୍ୟସୃଷ୍ଟିର ହେତୁ । କବି ମଧ୍ୟରେ ଥିବା ଏହି ସୁପ୍ତଶକ୍ତିକୁ ସମାଧି ଓ ଅଭ୍ୟାସ ଉଦ୍ଭାସିତ କରନ୍ତି । ଏହି ଶକ୍ତି ପ୍ରତିଭା ଓ ବ୍ୟୁତ୍ପତ୍ତିଠାରୁ ପୃଥକ୍ । ପ୍ରତିଭା ଓ ବ୍ୟୁତ୍ପତ୍ତି ଏହି 'ଶକ୍ତି' ସାହାଯ୍ୟରେ ହିଁ ଉତ୍ପନ୍ନ ହୋଇଥାଏ ଓ ସେମାନଙ୍କ ଦ୍ୱାରା ହିଁ 'ଶକ୍ତି'

ବୃଦ୍ଧିପ୍ରାପ୍ତ ହୁଏ । ଶକ୍ତିସମ୍ପନ୍ନ ବ୍ୟକ୍ତି ପ୍ରତିଭା ଓ ବ୍ୟୁତ୍ପତ୍ତିର ଅଧିକାରୀ । ପ୍ରତିଭାଦ୍ୱାରା ଶବ୍ଦ, ଅର୍ଥ, ଅଳଙ୍କାର ଓ ସିଦ୍ଧାନ୍ତ ଆଦି କବି-ହୃଦୟରେ ପ୍ରତିଭାତ ହୁଏ । ପ୍ରତିଭାସମ୍ପନ୍ନ ବ୍ୟକ୍ତି ଦୃଷ୍ଟିଶକ୍ତି ଶୂନ୍ୟ ହେଲେ ମଧ୍ୟ ଜ୍ଞାନଦୃଷ୍ଟିର ସାହାଯ୍ୟରେ ସକଳ ପଦାର୍ଥ ଦେଖିପାରେ ଓ କାବ୍ୟରଚନା କରିପାରେ । ମେଧାବୀ, ରୁଦ୍ର, କୁମାର ଦାସ ଓ ଓଡ଼ିଆ କବି ଭୀମ ଭୋଇ ଜନ୍ମାନ୍ଧ ଥାଇ ମଧ୍ୟ ଅପୂର୍ବ କବିତ୍ୱ-ଶକ୍ତିର ଅଧିକାରୀ ଥିଲେ ।

ଅନ୍ୟ କେତେକ ଆଚାର୍ଯ୍ୟଙ୍କ ମତରେ ବହୁ ଶାସ୍ତ୍ରଜ୍ଞାନର ନାମ ବ୍ୟୁତ୍ପତ୍ତି । କବିମାନଙ୍କୁ ବହୁ ବିଷୟରେ ବର୍ଣ୍ଣନା କରିବାକୁ ହେଉଥିବାରୁ ବହୁଶାସ୍ତ୍ର ଓ ବିଷୟ ଜ୍ଞାନ ବ୍ୟତିରେକେ ଏହା ସମ୍ଭବ ହୁଏ ନାହିଁ । କିନ୍ତୁ ରାଜଶେଖରଙ୍କ ମତାନୁଯାୟୀ ପଦ, ବାକ୍ୟ, ଅଳଙ୍କାର, ଗୁଣର ସଂଯୋଜନାବିଧିର ଉଚିତ-ଅନୁଚିତ ବିଚାରର ନାମ ବ୍ୟୁତ୍ପତ୍ତି । ଆନନ୍ଦବର୍ଦ୍ଧନଙ୍କ ମତରେ ପ୍ରତିଭା ଓ ବ୍ୟୁତ୍ପତ୍ତି ମଧ୍ୟରେ ପ୍ରତିଭା ଶ୍ରେୟସ୍କର । ଜୟମଙ୍ଗଳ ବ୍ୟୁତ୍ପତ୍ତି ଉପରେ ପ୍ରାଧାନ୍ୟ ଦିଅନ୍ତି । ରାଜଶେଖରଙ୍କ ମତରେ ପ୍ରତିଭା ଓ ବ୍ୟୁତ୍ପତ୍ତି ଉଭୟେ ପ୍ରଧାନ । ଏକର ଅଭାବରେ ଅନ୍ୟର ପ୍ରତୀତି ସ୍ପଷ୍ଟ ହୁଏନାହିଁ । ଉଦାହରଣ ସ୍ୱରୂପ ଯେ କହନ୍ତି ଯେ, ଲାବଣ୍ୟ ବିନା ରୂପ-ସମ୍ପଦର ସୌନ୍ଦର୍ଯ୍ୟ ଓ ରୂପସମ୍ପଦ ବିନା ଲାବଣ୍ୟର ଶୋଭା ପ୍ରକଟିତ ହୋଇପାରେ ନାହିଁ । ସେହିପରି ପ୍ରତିଭା ବ୍ୟତିରେକେ ବ୍ୟୁତ୍ପତ୍ତି ଓ ବ୍ୟୁତ୍ପତ୍ତି ଅଭାବରେ ପ୍ରତିଭା ହୃଦୟଗ୍ରାହୀ ହୋଇପାରେ ନାହିଁ । ତେଣୁ କାବ୍ୟସୃଷ୍ଟି କ୍ଷେତ୍ରରେ ଏ ଦୁଇଟିର ଉପାଦେୟତା ସମପ୍ରଧାନ ।

କାବ୍ୟପ୍ରକାଶକାର ମମ୍ମଟାଚାର୍ଯ୍ୟଙ୍କ ମତାନୁସାରେ (କ) କବିତ୍ୱର ବୀଜଭୂତଶକ୍ତି ବା ପ୍ରତିଭା ( ଯାହା ବିନା କବିତ୍ୱ ସ୍ଫୁରଣ ଅସମ୍ଭବ ),

(ଖ) ଲୋକଶାସ୍ତ୍ର ( ବ୍ୟବହାର ଜ୍ଞାନ ) ଓ କାବ୍ୟାଦି ପର୍ଯ୍ୟାଲୋଚନା-ଜନିତ ନୈପୁଣ୍ୟ ( ବ୍ୟୁତ୍ପତ୍ତି ବା ବିଶେଷପ୍ରକାର ଜ୍ଞାନ ) ଓ (ଗ) କାବ୍ୟରଚନା ଶୈଳୀ ତଥା କାବ୍ୟଶାସ୍ତ୍ର ଆଲୋଚନାରେ ଦକ୍ଷ ଗୁରୁଙ୍କର ନିର୍ଦ୍ଦେଶାନୁସାରୀ, ନୂତନ ପଦ୍ୟରଚନା କରିବା ଓ ପ୍ରାଚୀନ କବିଙ୍କର ପଦସନ୍ଧି ଯୋଡ଼ି କାବ୍ୟରଚନା କରିବାର ଅଭ୍ୟାସ, ଏ ତିନୋଟିର ଏକତ୍ର ସମାବେଶ କାବ୍ୟସୃଷ୍ଟିର ହେତୁ ।

ଭିନ୍ନ ଭିନ୍ନ ଆଚାର୍ଯ୍ୟମାନଙ୍କ ମଧ୍ୟରେ ବିଶ୍ଳେଷଣଜନିତ କିଞ୍ଚିତ ମତ-ପାର୍ଥକ୍ୟ ପରିଦୃଷ୍ଟ ହେଉଥିଲେ ମଧ୍ୟ କାବ୍ୟହେତୁର ମୂଳତତ୍ତ୍ୱ ବିବେଚନାରେ ବିଶେଷ ପାର୍ଥକ୍ୟ ଦୃଷ୍ଟିଗୋଚର ହୁଏନାହିଁ ।

**କାବ୍ୟ-ଭେଦ**—ଶୈଳୀ, ଅର୍ଥ ଓ ବନ୍ଧବସ୍ତୁର ଦୃଷ୍ଟିରୁ କାବ୍ୟକୁ ତିନି ଶ୍ରେଣୀରେ ବିଭକ୍ତ କରାଯାଇପାରେ ।

(କ) **ଶୈଳୀଗତ ଭେଦ**—ଶୈଳୀ ଦୃଷ୍ଟିରୁ ଏହା ଯଥାକ୍ରମେ ପଦ୍ୟ, ଗଦ୍ୟ ଓ ମିଶ୍ର ଭେଦରେ ତ୍ରିବିଧ । ଛନ୍ଦୋବଦ୍ଧ କାବ୍ୟକୁ ପଦ୍ୟ କୁହାଯାଏ ।

ପଦ୍ୟ-କାବ୍ୟରେ ଛନ୍ଦତ୍ରୁଟି ପରିହାର କରିବା ପାଇଁ ବ୍ୟାକରଣଗତ ନିୟମରେ କିଞ୍ଚିତ୍ ପରିବର୍ତ୍ତନ କରିବାର କ୍ଷମତା କବିଙ୍କର ରହିଛି । ଲୋକପ୍ରସିଦ୍ଧ ଅଛି ଯେ "ଅପି ମାଷଂ ମଷଂ କୁର୍ଯ୍ୟାତ୍ ଛନ୍ଦୋଭଙ୍ଗଂ ନ କାରୟେତ୍"—ଛନ୍ଦଭଙ୍ଗ ନ ହେବା ପାଇଁ 'ମାଷ'କୁ 'ମଷ' ଲେଖିଲେ ମଧ୍ୟ ଦୋଷାବହ ନୁହେଁ ।

କିନ୍ତୁ ଗଦ୍ୟକାବ୍ୟରେ ବ୍ୟାକରଣଗତ ନିୟମ ଲଙ୍ଘନ କରାଯାଏ ନାହିଁ । ଉପନ୍ୟାସ, କାହାଣୀ, ନିବନ୍ଧ ପ୍ରଭୃତି ଗଦ୍ୟରେ ରଚିତ ହୋଇଥାଏ । କିନ୍ତୁ ଏହା ଗଦ୍ୟକାବ୍ୟ ନୁହେଁ । ଓଡ଼ିଆରେ ଗଦ୍ୟକାବ୍ୟ ପରିଦୃଷ୍ଟ ହୁଏ ନାହିଁ ।

ଏଠାରେ ଗଦ୍ୟରଚନାର ଶୈଳୀ ସଂପର୍କରେ ସୂଚନା ଦେବା ବୋଧହୁଏ ଅପ୍ରାସଙ୍ଗିକ ହେବ ନାହିଁ । ଏହା ମୁଖ୍ୟତଃ ଚାରି ଭାଗରେ ବିଭକ୍ତ (୧) । ଯଥା:—ମୁକ୍ତକ, ବୃତ୍ତଗନ୍ଧି, ଉତ୍କଳିକାପ୍ରାୟ ଓ ଚୂର୍ଣ୍ଣକ ।

**ମୁକ୍ତକ**—ସମାସରହିତ ଗଦ୍ୟର ନାମ ମୁକ୍ତକ । ଯଥା.—"ପାର୍ବଣଙ୍କୁ ଆଉ କେହି ଦେଖିଲେ ନାହିଁ । ସେ କେଉଁଆଡ଼େ ଗଲେ, କେହି ଜାଣିଲେ ନାହିଁ ଏବଂ ଅନେକ ଅନୁସନ୍ଧାନରେ ସୁଦ୍ଧା କିଛି ତଥ୍ୟ ମିଳିଲା ନାହିଁ ।" ( ପାର୍ବଣ-କାବ୍ୟର ଉପସଂହାର )

**ବୃତ୍ତଗନ୍ଧି**—ଏ ପ୍ରକାର ଗଦ୍ୟରେ ପଦ୍ୟାଂଶ ବିମିଶ୍ରିତ । ଏଠାରେ ବ୍ରଜନାଥ ବଡ଼ଜେନାଙ୍କର 'ଚତୁର ବିନୋଦ' ଗ୍ରନ୍ଥର ଯେ କୌଣସି ଅଂଶ ଉଲ୍ଲେଖ କରାଯାଇପାରେ ।

**ଉତ୍କଳିକାପ୍ରାୟ**—ଦୀର୍ଘସମାସଯୁକ୍ତ ଗଦ୍ୟ ଏହି ଶ୍ରେଣୀଭୁକ୍ତ । ଯଥା:—ପ୍ରକାଣ୍ଡ ହିମାଦ୍ରି ପ୍ରଦେଶ ଦିଗ ଦିଗନ୍ତର ପ୍ରସାରିତ ମହାସମୁଦ୍ର ସଦୃଶ । ସେଥିରେ ଗଗନଭେଦୀ ଗୌରୀଶଙ୍କରାଦି ମହୋଚ୍ଚ ତୁଷାର କିରୀଟୀ ଶତ ଶତ ଧବଳ ଗିରିଶିଖରମାଳା ସମୁଦ୍ର ବକ୍ଷରେ ନିପୂତ ପ୍ରକାଶିତ ଉତ୍ତୁଙ୍ଗ ଲହରୀମାଳା ପରି ଶାଶ୍ୱତ ମହିମାରେ ବିରାଜିତ । ହିମାଦ୍ରି-ବକ୍ଷରୁ ପଞ୍ଚନଦୀ ସମନ୍ୱିତ ସିନ୍ଧୁ ଆର୍ଯ୍ୟାବର୍ତ୍ତର

---

(୧) ବୃତ୍ତଗନ୍ଧୋଜ୍‌ଝିତଂ ଗଦ୍ୟଂ ମୁକ୍ତକଂ ବୃତ୍ତଗନ୍ଧି ଚ ।
ଭବେଦୁତ୍କଳିକାପ୍ରାୟଂ ଚୂର୍ଣ୍ଣକଂ ଚ ଚତୁର୍ବିଧମ୍ ॥
ଆଦ୍ୟଂ ସମାସରହିତଂ ବୃତ୍ତଭାଗଯୁତଂ ପରମ୍ ।
ଅନ୍ୟଦ୍ଦୀର୍ଘସମାସାଢ଼୍ୟଂ ତୁର୍ଯ୍ୟଂ ଚାଳ୍ପସମାସକମ୍ ॥
( ସା. ଦ.-୬।୩୩୦-୩୩୨ )

ଜନନୀରୂପିଣୀ, ଯମୁନାସଙ୍ଗିନୀ, ମହାନଗରୀମାଳିନୀ, ତପୋଧନ-ସେବିତା ସୁଧାମୟୀ ଗଙ୍ଗା, ପୂର୍ବାଞ୍ଚଳ ପ୍ଲାବୀ ଶତଡାପ ନଦୀସେବିତ ମହାପ୍ରବାହ ବ୍ରହ୍ମପୁତ୍ର ଏବଂ ଆହୁରି ଶତ ଶତ କ୍ଷୁଦ୍ର ବୃହତ୍ ନଦୀମାନେ ନିଷ୍ୟନ୍ଦିତ ହୋଇ ଶତ ଶତ ପ୍ରଦେଶକୁ ଉର୍ବର କରୁଛନ୍ତି ।

( ସାହିତ୍ୟ ପ୍ରସଙ୍ଗ-ମଧୁସୂଦନ )

ଚୂର୍ଣ୍ଣିକ —ଏ ପ୍ରକାର ଗଦ୍ୟ ଅଳ୍ପସମାସ ଯୁକ୍ତ । ଯଥା:— "ଏହି ସୌଷ୍ଠବ ବିଧିବିଧାନଜନିତ ହେଉ ଅଥବା କ୍ରମିକ ବିବର୍ତ୍ତନ-ଜନିତ ହେଉ, ଯେ କୌଣସି ପ୍ରକାରେ ବିଶ୍ୱବ୍ରହ୍ମାଣ୍ଡକୁ ଗୋଟିଏ ସୁନ୍ଦର, ସୁନିୟନ୍ତ୍ରିତ ଓ ବର୍ଦ୍ଧନଶୀଳ ସୃଷ୍ଟିରେ ପରିଣତ କରିଛି ।"

( ସୃଷ୍ଟି ସମ୍ବନ୍ଧୀୟ-ପ୍ରବନ୍ଧ ପ୍ରକାଶ )

ମିଶ୍ର କାବ୍ୟ ଉଭୟ ଗଦ୍ୟ ଓ ପଦ୍ୟରେ ରଚିତ (୧) । ସଂସ୍କୃତ ସାହିତ୍ୟର ଚମ୍ପୂକାବ୍ୟ ଓ ଓଡ଼ିଆରେ ମଧ୍ୟ 'କଣ୍ଠୋଇ ଗୋବିନ୍ଦ ଚମ୍ପୂ' ଏହି ଶ୍ରେଣୀର ଅନ୍ତର୍ଗତ । ଏଠାରେ ସ୍ୱତଃ ନାଟକର ପ୍ରଶ୍ନ ଉଠେ । କାରଣ ନାଟକରେ ମଧ୍ୟ ଗଦ୍ୟ ଓ ପଦ୍ୟର ମିଶ୍ରିତ ଶୈଳୀ ଦୃଷ୍ଟିଗୋଚର ହୁଏ । ତେଣୁ ନାଟକ ମିଶ୍ରକାବ୍ୟର ଅନ୍ତର୍ଭୁକ୍ତ ହୋଇପାରେ । କିନ୍ତୁ ନାଟକ ଓ ଚମ୍ପୂ ମଧ୍ୟରେ ଏତିକି ପାର୍ଥକ୍ୟ ଯେ ନାଟକ ଦୃଶ୍ୟକାବ୍ୟ ଓ ଚମ୍ପୂ ଶ୍ରବ୍ୟକାବ୍ୟ । ଚମ୍ପୂରେ ଅଳଙ୍କାରର ଚମତ୍କାରିତା ସମାସ ବହୁଳତା ଓ କଳ୍ପନାପ୍ରବଣତା ଅଧିକ ଦୃଷ୍ଟି-ଗୋଚର ହୁଏ, କିନ୍ତୁ ନାଟକ ମୁଖ୍ୟତଃ ସଂଳାପ ପ୍ରଧାନ । ଏଥିରେ ରସପରିବେଷଣ ଉପରେ ପ୍ରାଧାନ୍ୟ ଦିଆଯିବା ସଙ୍ଗେ ସଙ୍ଗେ ଏହା ଅଭିନୟ ସାପେକ୍ଷ (୨) ।

(୧) ଗଦ୍ୟପଦ୍ୟମୟଂ କାବ୍ୟଂ ଚମ୍ପୂରିତ୍ୟଭିଧୀୟତେ । (ସା. ଦ -୬।୩.୩୬)

(୨) ଦୃଶ୍ୟଂ ତତ୍ରାଭିନେୟମ୍ । ( ସା. ଦ.-୬।୧୬ )

**( ଖ ) ଅର୍ଥଗତ ଭେଦ**—ଅର୍ଥ ପ୍ରଶସ୍ତ ଦୃଷ୍ଟିରୁ କାବ୍ୟକୁ ତିନି ଭାଗରେ ବିଭକ୍ତ କରାଯାଇପାରେ । ଏହା ହେଉଛି ଉତ୍ତମ, ମଧ୍ୟମ ଓ ଅଧମ । କାବ୍ୟରେ ଅଭିଧାବିକ ଓ ବ୍ୟୁତ୍ପତ୍ତିମୂଳକ ଯେଉଁ ଅର୍ଥ ପ୍ରକାଶିତ ହୁଏ, ତାହା କାବ୍ୟର ମୁଖ୍ୟାର୍ଥ ବା ଅଭିଧାର୍ଥ ବା ବ୍ୟାଖ୍ୟାର୍ଥ (୩), କିନ୍ତୁ ଯେଉଁ ସ୍ଥଳରେ ମୁଖ୍ୟାର୍ଥ ବ୍ୟତୀତ ଅନ୍ୟ କୌଣସି ଚମତ୍କୃତ ଅର୍ଥ ପ୍ରକାଶିତ ହୁଏ, ତାହା ବ୍ୟଙ୍ଗ୍ୟାର୍ଥ (୪) ।

**ଉତ୍ତମ କାବ୍ୟ**—ମୁଖ୍ୟାର୍ଥ ବା ବାଚ୍ୟାର୍ଥ ଅପେକ୍ଷା ବ୍ୟଙ୍ଗ୍ୟାର୍ଥ ଅଧିକ ଭାବରେ ଚମତ୍କାରପୂର୍ଣ୍ଣ ହେଲେ ତାହା ଉତ୍ତମ-କାବ୍ୟ ବା ଧ୍ୱନି-କାବ୍ୟ ହୁଏ (୫) ।

ଯଥା:—

କମଳା ପାଣି କରି କୁମ୍ଭେ ସାତ,
ସର ସେରେ ଯେ କର୍ପୂରର ରୁଚ ।
ଅଶନମାତ୍ର ତେଜ ପଥିକରେ,
ବିକୁଚେ ଆସିବ ଉପବାସରେ ।
ନ ଦେବି ତ ମୁହିଁ
ଚ୍ୟୁତ ଆମ୍ବର କିଛି ହୋଇ ନାହିଁ । (ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର)

**ମୁଖ୍ୟାର୍ଥ**—ବୈଦ୍ୟ ରୋଗୀକୁ କହୁଛି ଯେ ଏକ ମାଠିଆ କମଳା ପାଣିରେ ସାତ ( ନବାତ ) ସେରେ ସର ଓ କର୍ପୂର ପକାଇ

---

(୩) ସାକ୍ଷାତ୍ ସଙ୍କେତିତଂ ଯୋଽର୍ଥମଭିଧତ୍ତେ ସ ବାଚକଃ (କା ପ୍ର. -୨।୭)

(୪) ଏ ସମ୍ପର୍କରେ ପରବର୍ତ୍ତୀ ପରିଚ୍ଛେଦ "ଶବ୍ଦ-ଶକ୍ତି" ରେ ବିଶଦ ଆଲୋଚନା ପ୍ରଦତ୍ତ ହୋଇଛି ।

(୫) ବାଚ୍ୟାତିଶୟିନି ବ୍ୟଙ୍ଗ୍ୟେ ଧ୍ୱନିସ୍ତତ୍କାବ୍ୟମୁତ୍ତମମ୍ । (ସା. ଦ.-୪,୧୭)

ଖାଇବାକୁ ଯେଉଁ ଇଚ୍ଛାପ୍ରକାଶ ( ଅଶନମତ ) କରୁଛୁ, ତାହା ତ୍ୟାଗକର । ଅନାହାରରେ ( ଉପବାସ ) ରହିଲେ ଦେହ ବିକୃତି ହେତୁ ଖରାପ ହେବ ଓ ଆମ୍ବଆଗୁର ପ୍ରଭୃତି ଖାଇବା ପାଇଁ ଇଚ୍ଛା ପ୍ରକାଶ କରୁଥିଲେ ମଧ୍ୟ ତାହା ମୁଁ ତତେ ଦେବିନାହିଁ ।

**ବ୍ୟଙ୍ଗାର୍ଥ**—ସ୍ୱୟଂ ଦୂତି-ନାୟିକା ପଥିକକୁ କହୁଛି ଯେ ଲକ୍ଷ୍ମୀଙ୍କ ହସ୍ତରେ ଯେଉଁ ହସ୍ତୀର ଶିର ଶୋଭାପାଉଛି, ତାହାର କୁମ୍ଭ ସଦୃଶ ମୋର ସ୍ତନ । ଏହା ଅତ୍ୟନ୍ତ ସୁନ୍ଦର ( ସାଠ ) ହୋଇଛି । ପୁନଶ୍ଚ ତାହା ରସପୂର୍ଣ୍ଣ ( ସରସେ-ରେ ) ହୋଇଛି ଓ ଆକାରର ବିଶାଳତା ହେତୁ ହାତରେ ପୂରିବା ଶୋଭା ( କରପୂରେ ) କୁ ଧାରଣ କରିଛି । ତେଣୁ ହେ ପଥିକ ! ତୁ ଅସ୍ୱୀକୃତଭାବ (ଅଶନ୍‌ମତ) ତ୍ୟାଗକର । ଛଳନା କରି ( ବକ୍ରୁତେ ) ମୋର ପିଣ୍ଡାକୁ ( ଉପବାସେ ) ଆସିବୁ । ତୁ ଭକ୍ତ ନ ଦେବାକୁ ଇଚ୍ଛାକଲେ ମଧ୍ୟ ମୋର ଆପତ୍ତି ନାହିଁ । କାରଣ ମୁଁ ବେଶ୍ୟାବୃତ୍ତି ( ଚ୍ୟୁତ ଆଗୁର ) କରିନାହିଁ ।

**ମଧ୍ୟମ କାବ୍ୟ**—ଯେଉଁଠାରେ ବାଚ୍ୟାର୍ଥ ଓ ବ୍ୟଙ୍ଗାର୍ଥ ସମାନ ରୂପେ ପ୍ରାଧାନ୍ୟଲାଭ କରିଥାଏ, ସେଠାରେ ମଧ୍ୟମ କାବ୍ୟ ହୁଏ । ପୁନଶ୍ଚ ବ୍ୟଙ୍ଗାର୍ଥ, ବାଚ୍ୟାର୍ଥ ଅପେକ୍ଷା ଗୌଣ ହେଲେ ତାକୁ ମଧ୍ୟ ମଧ୍ୟମକାବ୍ୟ ବା 'ଗୁଣୀଭୂତ ବ୍ୟଙ୍ଗକାବ୍ୟ' କୁହାଯାଏ ।

ଯଥା :—

ଚେତି ଚତୁର୍ଦ୍ଦିଗ ଚାହିଁଲା ନିଶିନାଶେ ପାଶେନାହିଁ ଅବ୍ୟତରୁଣ
ମାରି ହୃଦେ ହାଥ ନାଥ ନାଥ ବୋଲି ଅତି ଉଚ୍ଚେ କଲା କାରୁଣ ।
ଖୋଜେ ଅଧୀରେ । ଚେତନା ହତ ସେ ବିଧିରେ
ଶେଯ ଲେଉଟାଇ କବରୀ ଫିଟାଇ କର ଭରି କୁଚସନ୍ଧିରେ ।

( ଲାବଣ୍ୟବତୀ )

ଏଠାରେ ବ୍ୟଙ୍ଗାର୍ଥ ନ୍ୟୂନ । ରାତିଶେଷରେ ଲାବଣ୍ୟବତୀ ନିଦରୁ ଉଠି ଦେଖେ ଯେ ପାଖରେ ଦିବ୍ୟଚନ୍ଦ୍ର ନାହାଁନ୍ତି । ସୁତରାଂ ସେ ଶେଯ ଲେଉଟାଇ, କବରୀ ଫିଟାଇ, କୁଚ ସନ୍ଧିରେ କରଭରି ଖୋଜେ ଓ ନାଥ ନାଥ ସମ୍ବୋଧନ କରି ଅଧୀର ହୁଏ । ଏହା ହିଁ ବାଚ୍ୟାର୍ଥ । ମାତ୍ର ନାୟକର ନାମ ଚନ୍ଦ୍ରଭାନୁ ହୋଇଥିବାରୁ ଓ କବରୀର ରାହୁ ସହିତ ସାଦୃଶ୍ୟ ହେତୁ ନାୟିକାର କବରୀ ଫିଟାଇବା ପ୍ରଦର୍ଶିତ ହୋଇଛି । ପୁନଶ୍ଚ ଚନ୍ଦ୍ର ଓ ଭାନୁ ଅସ୍ତାଚଳ ପର୍ବତରେ ଲୁଚିଯାନ୍ତି । କୁଚଦ୍ୱୟକୁ ଅସ୍ତାଚଳ ପର୍ବତରୂପେ କଳ୍ପନା କରାଯାଇଛି । ତୁଳା ରାଶିରେ ଚନ୍ଦ୍ର ଓ ଭାନୁ ଏକତ୍ର ଅବସ୍ଥାନ କରନ୍ତି । ବସ୍ତୁତଃ ନାୟିକାର ଶେଯ ଲେଉଟାଇବା କଥା ବର୍ଣ୍ଣିତ । ଏଠାରେ ଶେଯ ତୁଳାନିର୍ମିତ ହୋଇଥିବାରୁ ତୁଳରାଶି ସହିତ ତୁଳନା କରାଯାଇଛି । ଉପରୋକ୍ତ ସ୍ଥଳରେ ବ୍ୟଙ୍ଗାର୍ଥ ଅପେକ୍ଷା ବାଚ୍ୟାର୍ଥର ପ୍ରାଧାନ୍ୟ ଅଧିକ ଅନୁଭୂତ ହେଉଥିବାରୁ ଏହା ଗୁଣୀଭୂତ ବ୍ୟଙ୍ଗ୍ୟ ।

**ଅଧମ କାବ୍ୟ**—ଯେଉଁପ୍ରକାର କାବ୍ୟରେ କେବଳ ବାଚ୍ୟାର୍ଥର ହିଁ ପ୍ରାଧାନ୍ୟ ବା ଚମତ୍କାରିତା ଉପଲବ୍ଧ ହୁଏ ଓ ବ୍ୟଙ୍ଗାର୍ଥର ଅଭାବଦୃଷ୍ଟ, ହୁଏ ତାହା ଅଧମ ବା ଚିତ୍ରକାବ୍ୟ । ଏପରି କାବ୍ୟରେ ଗୁଣ ଓ ଅଳଙ୍କାରର ପ୍ରାଧାନ୍ୟ ଥାଏ ।

ଯଥା:—

ରମଣୀମଣି କନକ-ରମ୍ୟାଙ୍ଗୀ ମାରଶର ରକ୍ଷାକାରୀ,
ପଣ୍ଡିତା ବରସନ୍ଧାରୀ ରସକୂପ-ରଙ୍ଗିମା କୁଶ ଉଦରୀ ।
ରହସରେ ବଶନାତ୍ୟ ରମ୍ୟକେଶ ଅବମାର ରଞ୍ଜନତା,
ଲୀଳାବତୀବର ନରେଶସୁତା ରେ କୁନ୍ଦଦଶନା ବନିତା ।

( ଚିତ୍ରକାବ୍ୟ ବନ୍ଧୋଦୟ )

ଏହି ପଦ୍ୟାଂଶରେ କୌଣସି ବ୍ୟଙ୍ଗାର୍ଥ ନାହିଁ । ଏହା ବାଚ୍ୟାର୍ଥ-ପ୍ରଧାନ ଓ ପଂକ୍ତିଗୁଡ଼ିକୁ ଚନ୍ଦ୍ରବନ୍ଧ ମଧ୍ୟରେ ସନ୍ନିବେଶିତ କରାଯାଇଛି । ଏହି ପଦ୍ୟାଂଶରେ ନାୟିକାର ସୌନ୍ଦର୍ଯ୍ୟ ବର୍ଣ୍ଣନା କରାଯାଇଛି ମାତ୍ର । ଏଠାରେ ମାଧୁର୍ଯ୍ୟଗୁଣ ପ୍ରକାଶିତ ।

**ବନ୍ଧଗତ ଭେଦ**—ଓଡ଼ିଆରେ ଗଦ୍ୟକାବ୍ୟର ବିରଳତା ହେତୁ ଏଠାରେ କେବଳ ପଦ୍ୟକାବ୍ୟର ବନ୍ଧଗତ ଭେଦ ଆଲୋଚନା କରାଯାଉଛି । ବନ୍ଧଦୃଷ୍ଟିରୁ ଓଡ଼ିଆରେ କାବ୍ୟକୁ ମଧ୍ୟ 'ପ୍ରବନ୍ଧ' ନାମରେ ପ୍ରାଚୀନ କବିମାନେ ନାମିତ କରିଛନ୍ତି (ଉଦାହରଣ ସ୍ୱରୂପ—ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର । ପଦ୍ୟକାବ୍ୟକୁ ମୁଖ୍ୟତଃ ତିନି ଭାଗରେ ବିଭକ୍ତ କରାଯାଇ-ପାରେ—ମହାକାବ୍ୟ, କାବ୍ୟ ଓ ଖଣ୍ଡକାବ୍ୟ ।

**ମହାକାବ୍ୟ**—ଯେଉଁ ପଦ୍ୟ ରଚନାରେ ନାୟକର ସଂପୂର୍ଣ୍ଣ ଜୀବନ ବୃତ୍ତାନ୍ତ ବିସ୍ତୃତ ଭାବରେ ପ୍ରଦତ୍ତ ହୋଇଥାଏ, ସେଭଳି ରଚନାକୁ ମହାକାବ୍ୟ କୁହାଯାଏ । ମହାକାବ୍ୟ ଅନ୍ତର୍ମୁଖୀ ରଚନା । ଏହା ଭାବପ୍ରଧାନ ଓ ଆତ୍ମନିଷ୍ଠ । ମହାକାବ୍ୟର ସର୍ଗମାନଙ୍କ ମଧ୍ୟରେ ପ୍ରକୃଷ୍ଟ ବନ୍ଧନ ପରିଲକ୍ଷିତ ହୁଏ । ଏହାର ନାୟକ ଦେବକୁଳ-ସମ୍ଭୂତ ଅଥବା ସଦ୍‌ବଂଶଜ କ୍ଷତ୍ରିୟ ଓ ଧୀରୋଦାତ୍ତ ଲକ୍ଷଣଯୁକ୍ତ । ପୁନର୍ବାର ଏକ କୁଳସମ୍ଭୂତ ରାଜା କିମ୍ବା ସଦ୍‌ବଂଶଜ ବହୁ ରାଜାମାନଙ୍କର କଥା ମଧ୍ୟ ଏଥିରେ ରହିପାରେ । ଶୃଙ୍ଗାର, ବୀର, ଶାନ୍ତରସ ମଧ୍ୟରୁ ଗୋଟିଏ ଅଙ୍ଗୀରସ ଭାବରେ ଗୃହୀତ ହୋଇଥାଏ ଓ ଅନ୍ୟାନ୍ୟ ରସ ପରିବେଷଣ ଗୌଣସ୍ଥାନ ଅଧିକାର କରିଥାଏ । ମୁଖ, ପ୍ରତିମୁଖ ପ୍ରଭୃତି ନାଟକୀୟ ସନ୍ଧି ଏହାର କ[illegible] ଣ୍ଡନ କରିଥାଏ । ଧର୍ମ, ଅର୍ଥ, କାମ, ମୋକ୍ଷ—ଏହି ଚତୁର୍ବ [illegible] ଏକ ବା ଏକାଧିକ ପୁରୁଷାର୍ଥର ବର୍ଣ୍ଣନା ଥାଏ । ମହାକାବ୍ୟର ପ୍ରାରମ୍ଭରେ

ଆଶୀର୍ବାଦ, ନମସ୍କାର, ବସ୍ତୁନିର୍ଦ୍ଦେଶ, ଖଳନିନ୍ଦା ଓ ସଜ୍ଜନମାନଙ୍କର ଗୁଣବର୍ଣ୍ଣନା ଦିଆଯାଇଥାଏ । ମହାକାବ୍ୟର ସର୍ଗସଂଖ୍ୟା ଅନ୍ୟୂନ ଆଠହେବା ବିଧେୟ । ସର୍ଗଗୁଡ଼ିକ ବିଶେଷ ଦୀର୍ଘ ବା ବିଶେଷ କ୍ଷୁଦ୍ର ହେବା ଉଚିତ ନୁହେଁ । ସର୍ଗଗୁଡ଼ିକର ଛନ୍ଦ ଏକ ବା ବିଭିନ୍ନ ହେଲେ ମଧ୍ୟ ପ୍ରତ୍ୟେକ ସର୍ଗର ଶେଷାଂଶ ଭିନ୍ନ ଛନ୍ଦରେ ରଚିତ ହେବ । ପ୍ରତ୍ୟେକ ସର୍ଗର ଶେଷରେ ପରବର୍ତ୍ତୀ ସର୍ଗର କଥାଭାଗ ସୂଚିତ ହେଉଥିବ । ସନ୍ଧ୍ୟା, ସୂର୍ଯ୍ୟ, ଚନ୍ଦ୍ର, ରାତ୍ରି, ପ୍ରଦୋଷ, ଅନ୍ଧକାର, ଦିବସ, ପ୍ରାତଃକାଳ, ମଧ୍ୟାହ୍ନ, ମୃଗୟା, ପର୍ବତ, ଋତୁ, ବନ, ସମୁଦ୍ର, ସମ୍ଭୋଗ, ବିପ୍ରୟୋଗ, ମୁନି, ସ୍ୱର୍ଗ, ଯଜ୍ଞ, ଯୁଦ୍ଧ, ଯାତ୍ରା, ବିବାହ, ମନ୍ତ୍ରଣା, ପୁତ୍ରଲାଭ ଆଦି ବର୍ଣ୍ଣିତ ହୋଇଥିବ । ମହାକାବ୍ୟର ନାମକରଣ କବିର ନାମ କିମ୍ବା ପ୍ରଧାନ ଚରିତ୍ରର ନାମାନୁଯାୟୀ ହୋଇଥାଏ । ସର୍ଗର ବିଷୟବସ୍ତୁ ଅନୁଯାୟୀ ସର୍ଗର ନାମକରଣ ହୋଇଥାଏ (୧) ।

ଓଡ଼ିଆରେ ରଚିତ ପଦ୍ୟକାବ୍ୟମାନଙ୍କ ମଧ୍ୟରେ ଏ ସମସ୍ତ ଲକ୍ଷଣ ପ୍ରାୟ ମିଳେନାହିଁ । ମହାଯାତ୍ରା ଓ ପଦ୍ମିନୀ ମହାକାବ୍ୟର ଆଦର୍ଶକୁ ଅନୁସରଣ କରି ରଚିତ ହୋଇଥିଲେ ବି ଅସମ୍ପୂର୍ଣ୍ଣ ରହିଛି ।

**କାବ୍ୟ**—ଯେଉଁ ପଦ୍ୟରଚନାରେ ମହାକାବ୍ୟର ଲକ୍ଷଣ ମଧ୍ୟରୁ କେତୋଟି ମାତ୍ର ଅନୁସୃତ ହୋଇଥାଏ, ତାହା କାବ୍ୟରୂପେ ଗୃହୀତ ହୋଇଥାଏ । ଉଦାହରଣ ସ୍ୱରୂପ ବୈଦେହୀଶ ବିଳାସ, ବିଦଗ୍ଧ ଚିନ୍ତାମଣି ପ୍ରଭୃତିକୁ ଉଲ୍ଲେଖ କରାଯାଇପାରେ ।

---

(୧) ସର୍ଗବନ୍ଧୋ ମହାକାବ୍ୟଂ ତତ୍ରୈକୋ ନାୟକଃ ସୁରଃ ॥

× × ×

ନାମାସ୍ୟ ସର୍ଗୋପାଦେୟକଥୟା ସର୍ଗନାମ ତୁ । (ସା. ଦ-୬।୩୧୫-୩୨୪)

**ଖଣ୍ଡ କାବ୍ୟ**—ଯେଉଁ ପଦ୍ୟରଚନାରେ କାବ୍ୟର କୌଣସି ବିଷୟ ବା ଖଣ୍ଡିତ ଜୀବନର ଚିତ୍ର ମହାକାବ୍ୟର ଶୈଳୀରେ ବର୍ଣ୍ଣନା କରାଯାଇଥାଏ, ତାହା ଖଣ୍ଡକାବ୍ୟ । ଯଥା—ମେଘଦୂତ, ଚିଲିକା, ଅଂଶୁପା ପ୍ରଭୃତି ।

# କାବ୍ୟସ୍ୱରୂପ

କାବ୍ୟର ସ୍ୱରୂପ ନିର୍ଣ୍ଣୟ କ୍ଷେତ୍ରରେ ପ୍ରାଚୀନ ଆଳଙ୍କାରିକମାନଙ୍କ ମଧ୍ୟରେ ବିଭିନ୍ନ ମତ ଦୃଷ୍ଟିଗୋଚର ହୁଏ । ଭାମହଙ୍କ ନାମାନୁଯାୟୀ ଶବ୍ଦ ଓ ଅର୍ଥର ସହଭାବ ( ଅର୍ଥ ଅନୁରୂପ ଶବ୍ଦ ) ହିଁ କାବ୍ୟ (୧) । ଅର୍ଥାତ୍ ଯେଉଁ ରଚନାରେ ବର୍ଣ୍ଣିତ ଅର୍ଥର ଅନୁରୂପ ଶବ୍ଦ ବ୍ୟବହୃତ ହୋଇଥାଏ ବା ଶବ୍ଦର ଅନୁରୂପ ଅର୍ଥର ଅବତାରଣା କରାଯାଇଥାଏ, ତାହା ହିଁ କାବ୍ୟ । ଦଣ୍ଡୀଙ୍କ ମତରେ ମନୋରମ ଓ ହୃଦୟ ଆହ୍ଲାଦକ ଅର୍ଥଯୁକ୍ତ ପଦାବଳୀ ଅର୍ଥାତ୍ (ଉଭୟ ଶବ୍ଦ ଓ ଅର୍ଥ) କାବ୍ୟର ଶରୀର (୨) । ରୁଦ୍ରଟଙ୍କ ମତରେ ଶବ୍ଦ ଓ ଅର୍ଥ ହିଁ କାବ୍ୟ (୩) । ଏହିପରି ଭାବରେ ଅନେକ ଆଳଙ୍କାରିକଗଣ କାବ୍ୟର ଶରୀର ରୂପେ ଶବ୍ଦ ଓ ଅର୍ଥକୁ ଗ୍ରହଣ କରିଛନ୍ତି । ଏଥିରେ 'ଆତ୍ମା' ଓ 'ଅଳଙ୍କାର'ର ବିଚାର ନାହିଁ । କାବ୍ୟର ଆତ୍ମା ଓ ଅଳଙ୍କାର ସମ୍ପର୍କରେ ଯେଉଁମାନେ ଆଲୋଚନା କରିଛନ୍ତି, ସେମାନେ ମଧ୍ୟ ଶବ୍ଦ ଓ ଅର୍ଥକୁ କାବ୍ୟର ଶରୀର ଭାବରେ ଗ୍ରହଣ କରିଛନ୍ତି । ଏଥିରେ କୌଣସି ମତଭେଦ ନାହିଁ । କାରଣ ଶରୀର ମାଧ୍ୟମରେ ହିଁ ଆତ୍ମାର ଉପଲବ୍ଧି ଓ ଶରୀରର ବର୍ତ୍ତମାନତା ପରେ ହିଁ ଅଳଙ୍କାରର ଆଲୋଚନା ସମ୍ଭବ । ଶବ୍ଦ ଓ ଅର୍ଥ ସଦୃଶ କାବ୍ୟର ବାହ୍ୟସ୍ୱରୂପ ସମ୍ପର୍କରେ ବିଶେଷ ମତଭେଦ ପରିଲକ୍ଷିତ ହେଉ ନଥିଲେ ବି ଅନ୍ତଃସ୍ୱରୂପ ସଂପର୍କରେ ମତପାର୍ଥକ୍ୟ ଦେଖାଯାଏ । ଏଥିପାଇଁ କାବ୍ୟର ସ୍ୱରୂପ (ପୃଷ୍ଠି) ନିର୍ଣ୍ଣୟ କ୍ଷେତ୍ରରେ ବିଭିନ୍ନମତ ଦେଖାଯାଏ । କେତେକ ଆଳଙ୍କାରିକ 'ଅଳଙ୍କାର'କୁ ମଧ୍ୟ କାବ୍ୟସ୍ୱରୂପ ଆଲୋଚନାକାଳରେ ମୁଖ୍ୟସ୍ଥାନ ଦେଇଥାନ୍ତି ।

କାବ୍ୟର ଶରୀର, ଆତ୍ମା, ଅଳଙ୍କାର ସମ୍ପର୍କରେ ଉତ୍ଥିତ ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରି ଓ କାବ୍ୟର ସ୍ୱରୂପ ପ୍ରଦାନ କରିବାକୁ ଇଚ୍ଛାକରି ମମ୍ମଟ କହିଛନ୍ତି ଯେ ଦୋଷରହିତ, ଗୁଣଯୁକ୍ତ ଓ ଅଳଙ୍କାରବିମଣ୍ଡିତ ଶବ୍ଦ ତଥା ଅର୍ଥକୁ କାବ୍ୟ କୁହାଯାଏ —"ତଦଦୋଷୌ ଶବ୍ଦାର୍ଥୌ ସଗୁଣୌ ଅନଲଂକୃତୀପୁନଃ କ୍ୱାପି।" ମମ୍ମଟଙ୍କର ଏହି ଉକ୍ତି ବିଶ୍ୱନାଥଙ୍କ ଦ୍ୱାରା ଖଣ୍ଡନ କରାଯାଇଛି। ମମ୍ମଟଙ୍କର 'ଅଦୋଷୌ' ପଦର ଅର୍ଥକୁ ଯଦି 'ଦୋଷରହିତ' ବୋଲି ଧରାଯାଏ, ତେବେ ବିଶ୍ୱନାଥଙ୍କ ମତରେ କୌଣସି କାବ୍ୟ ସଂପୂର୍ଣ୍ଣରୂପେ ଦୋଷଶୂନ୍ୟ ହୋଇ ନ ପାରେ। ଯେ କୌଣସି କାବ୍ୟରେ ହୁଏତ ଶବ୍ଦଗତ ବା ଅର୍ଥଗତ ଦୋଷ ନିଶ୍ଚୟ ଦୃଷ୍ଟହେବ। ଏଭଳି କାବ୍ୟର ଉଦାହରଣରେ ଦେଖଯାଏ ଯେ ଦୋଷଯୁକ୍ତ ହୋଇ ମଧ୍ୟ ଧ୍ୱନିଯୁକ୍ତ ହୋଇଥିବାରୁ କୌଣସି କୌଣସି କାବ୍ୟକୁ ଉତ୍ତମ କାବ୍ୟରୂପେ ସ୍ୱୀକୃତି ମିଳିଛି। ଏହାଛଡ଼ା ଦୋଷଯୁକ୍ତ କାବ୍ୟକୁ କାବ୍ୟଭାବରେ ଗ୍ରହଣ ନ କଲେ ନିର୍ଦ୍ଦୋଷ କାବ୍ୟର ସତ୍ତା ସମ୍ପର୍କରେ ସନ୍ଦେହାନ ହେବାକୁ ପଡ଼ିବ। ତେଣୁ ମମ୍ମଟଙ୍କର 'ଅଦୋଷୌ' ପଦ ଦୋଷରହିତ ଅର୍ଥରେ ନିରର୍ଥକ ପ୍ରତିପାଦିତ ହୋଉଛି।

'ଅଦୋଷୌ' ପଦର ଅର୍ଥ ଯଦି ଈଷତ୍ 'ଦୋଷଯୁକ୍ତ' ବୋଲି ଗ୍ରହଣ କରାଯାଏ, ତେବେ ମଧ୍ୟ ମମ୍ମଟଙ୍କର କାବ୍ୟ-ଲକ୍ଷଣ ଦୋଷମୁକ୍ତ ହୋଇ ପାରୁନାହିଁ। କାରଣ 'ଈଷତ୍ ଦୋଷଯୁକ୍ତ' କାବ୍ୟକୁ ଯଦି କାବ୍ୟ ଭାବରେ ଗ୍ରହଣ କରାଯାଏ, ତେବେ କୌଣସି ନିପୁଣ କବି ନିର୍ଦ୍ଦୋଷ କାବ୍ୟ ରଚନା କରିବାକୁ ଚେଷ୍ଟାକଲେ ତାହା କାବ୍ୟ ହିସାବରେ ଗ୍ରହଣ କରାଯାଇ ପାରିବ ନାହିଁ—ଏପରି ଉକ୍ତିର ଅଯୌକ୍ତିକ। କାରଣ ଏହି ଯୁକ୍ତି ଅନୁଯାୟୀ 'ଅଳ୍ପ ଦୋଷଯୁକ୍ତ କାବ୍ୟ' କାବ୍ୟ ଭାବରେ ସ୍ୱୀକୃତି ପାଇବ ଓ 'ଅଧିକ

ଦୋଷଯୁକ୍ତ କାବ୍ୟ' କାବ୍ୟ ଭାବରେ ଆଦୌ ସ୍ୱୀକୃତ ପାଇବ ନାହିଁ । କୌଣସି କାବ୍ୟର ମୂଲ୍ୟାଙ୍କନ ସମୟରେ 'ଦୋଷ'ର ମାତ୍ରାନୁଯାୟୀ କାବ୍ୟର ମାନ ନିର୍ଦ୍ଧାରିତ ହୋଇଥାଏ । ଦୋଷଯୁକ୍ତ ହେଲେ କାବ୍ୟର ଉତ୍କର୍ଷତାରେ ହାନି ଘଟିଥାଏ । କିନ୍ତୁ ତାହାର କାବ୍ୟତ୍ୱ ସଂପର୍କରେ ସନ୍ଦେହ ନ ଥାଏ । ତେଣୁ 'ଅଦୋଷୌ' ପଦକୁ 'ଈଷତ୍ ଦୋଷଯୁକ୍ତ' ଅର୍ଥରେ ମଧ୍ୟ ଗ୍ରହଣ କରାଯାଇ ପାରିବ ନାହିଁ । ବିଶ୍ୱନାଥଙ୍କ ମତରେ 'ଅଦୋଷୌ' ପଦ ନିରର୍ଥକ ।

ମମ୍ମଟଙ୍କ ପ୍ରଦତ୍ତ କାବ୍ୟଲକ୍ଷଣରେ 'ଶବ୍ଦାର୍ଥୌ' ପଦର ବିଶେଷଣ ରୂପେ 'ସଗୁଣୌ' ପଦ ବ୍ୟବହୃତ ହୋଇଛି । ବିଶ୍ୱନାଥଙ୍କ ମତରେ ଏ ବିଶେଷଣଟି ଯୁକ୍ତିଯୁକ୍ତ ନୁହେଁ । କାରଣ ଗୁଣ କେବଳ ରସରେ ରହେ, ଶବ୍ଦ ଓ ଅର୍ଥରେ ନୁହେଁ । କାବ୍ୟକୁ ପୁରୁଷ ସ୍ୱରୂପ ସ୍ୱୀକାର କରାଯାଇଛି । ପୁରୁଷର ଯେପରି ଶରୀର, ଆତ୍ମା, ଦୋଷ, ଗୁଣ, ଅଲଙ୍କାରାଦି ରହିଛି, କାବ୍ୟ-ପୁରୁଷର ମଧ୍ୟ ସେହିଭଳି ଶରୀର, ଆତ୍ମା ଦୋଷ, ଗୁଣ ଓ ଅଲଙ୍କାରାଦି ରହିଛି । ମନୁଷ୍ୟର ଗୁଣ ତାହାର ଆତ୍ମା ସହିତ ସଂପୃକ୍ତ, ଶରୀର ସହିତ ନୁହେଁ । ଆତ୍ମାର ଅବର୍ତ୍ତିମାନରେ ଗୁଣର ସ୍ଥିତି ସମ୍ଭବ ନୁହେଁ । ସେହିଭଳି କାବ୍ୟର ଗୁଣ କାବ୍ୟର ଆତ୍ମା ସହିତ ସଂପୃକ୍ତ । ଆତ୍ମା ଓ ଗୁଣ ମଧ୍ୟରେ 'ଅବିନାଭାବ' ସଂପର୍କ ବିଦ୍ୟମାନ । କାବ୍ୟାତ୍ମା ରୂପକ ରସର ଧର୍ମ ହେଉଛି ମାଧୁର୍ଯ୍ୟାଦି ଗୁଣ । ମମ୍ମଟ ମଧ୍ୟ ଏ କଥା ନିଜେ ସ୍ୱୀକାର କରିଛନ୍ତି — "ରସ ହେଉଛି ଅଙ୍ଗୀ (ସ୍ଥାୟୀ) ଓ କାବ୍ୟର ଆତ୍ମା । ଶୌର୍ଯ୍ୟାଦି ଗୁଣ ସେହି ଆତ୍ମାରୂପକ ରସର ଧର୍ମ (୧) । ଏଥିରୁ ସ୍ପଷ୍ଟ ଅନୁମିତ

(୧) ଯେ ରସସ୍ୟାଙ୍ଗିନୋ ଧର୍ମାଃ ଶୌର୍ଯ୍ୟାଦୟ ଇବାତ୍ମନଃ ।
ଉତ୍କର୍ଷହେତବସ୍ତେ ସ୍ୟୁରଚଲସ୍ଥିତୟୋ ଗୁଣାଃ । (କା· ପ୍ର: ୮।୬୬)

ହୁଏ ଯେ ଗୁଣର ସ୍ଥିତି ରସରେ, ଶବ୍ଦ ଓ ଅର୍ଥରେ ନୁହେଁ । ଯଦି ଶବ୍ଦ ଓ ଅର୍ଥକୁ ରସର ଅଭିବ୍ୟଞ୍ଜକ ଭାବରେ ଗ୍ରହଣ କରାଯାଏ, ତେବେ ଶବ୍ଦ ଓ ଅର୍ଥରେ ଗୁଣର ସ୍ଥିତି ରହିବ ବୋଲି ପ୍ରଶ୍ନ ଉଠିପାରେ । କିନ୍ତୁ ଏ ପ୍ରକାର ମତକୁ ମଧ୍ୟ ବିଶ୍ୱନାଥ ଖଣ୍ଡନ କରିଛନ୍ତି । ତାଙ୍କ ମତରେ ମମ୍ମଟଙ୍କର ପ୍ରଦତ୍ତ କାବ୍ୟଲକ୍ଷଣାନୁଯାୟୀ ଯଦି ଶବ୍ଦାର୍ଥମୟ କାବ୍ୟରେ ରସର ଅଭାବ ରହିଛି, ତେବେ ସେଠାରେ ଗୁଣ ରହି ନ ପାରେ । ଯଦି ରସର ସ୍ଥିତି ସ୍ୱୀକାର କରାଯାଏ, ତେବେ 'ସଗୁଣୌ' ସ୍ଥାନରେ 'ସରସୌ' ବିଶେଷଣ ଅଧିକ ଯୁକ୍ତିଯୁକ୍ତ । ପୁନଶ୍ଚ ଯଦି ଯୁକ୍ତି କରାଯାଏ ଯେ 'ଗୁଣ' ଥିଲେ ରସ ନିଶ୍ଚୟ ଥିବ, ତେବେ 'ସଗୁଣୌ' କହିବା ମାତ୍ରେ ଅର୍ଥ ବଳରୁ ରସର ଉପସ୍ଥିତି ହେଉଛି । ସେପରି ସ୍ଥଳରେ 'ସରସୌ' (ରସଯୁକ୍ତ) କହିବା ଅଧିକ ସଙ୍ଗତ । କାରଣ ରସ ହିଁ ଆତ୍ମାସ୍ୱରୂପ । ରସ ଥିଲେ ଗୁଣ ସ୍ୱାଭାବିକ ଭାବରେ ଉପସ୍ଥାପିତ ହେବ । ତେଣୁ 'ସଗୁଣୌ' ବିଶେଷଣଟି ଯୁକ୍ତିଯୁକ୍ତ ନୁହେଁ ।

ମମ୍ମଟଙ୍କର କାବ୍ୟଲକ୍ଷଣାନୁଯାୟୀ 'ଅନଲଂକୃତୀ ପୁନଃ କ୍ୱାପି'ର ଅର୍ଥ ହେଲା କାବ୍ୟ ନିମିତ୍ତ ଅଳଙ୍କାର ଅନିବାର୍ଯ୍ୟ ନୁହେଁ । ଅଳଙ୍କାର ରହିପାରେ, ନ ରହି ମଧ୍ୟ ପାରେ ବା ଅସ୍ଫୁଟ ଅଳଙ୍କାର ହୋଇପାରେ । ସାଧାରଣ ଲୌକିକ ବୁଦ୍ଧିରେ ଏହି ମତ ବିଶ୍ଳେଷଣ କଲେ ଏ ଉକ୍ତି ଅଯୌକ୍ତିକ ପରି ପ୍ରତୀୟମାନ ହୁଏ । ଅଳଙ୍କାର ବିହୀନ କାବ୍ୟର ସତ୍ତା ସଂପର୍କରେ ସନ୍ଦେହ ଆସେ । 'ଚନ୍ଦ୍ରାଲୋକ' ଗ୍ରନ୍ଥରେ ଜୟଦେବ କହିଛନ୍ତି ଯେ କୌଣସି ପ୍ରାଜ୍ଞବ୍ୟକ୍ତି ଯଦି ଅନଲଂକୃତ ଶବ୍ଦାର୍ଥ ଯୁଗଳକୁ କାବ୍ୟରୂପେ ସ୍ୱୀକାର କରିବାକୁ କୁଣ୍ଠା ପ୍ରକାଶ ନ କରେ, ତେବେ ସେ କାହିଁକି ବା ଅନଳକୁ ଅନୁଷ୍ଣ

ବୋଲି କଳ୍ପନା ନ କରିବ ? (୧) । ଏହି ଉକ୍ତିର ଅଭିପ୍ରାୟ ହେଉଛି—ଅନଳକୁ ଅନୁଷ୍ଣ (ଉଷ୍ଣତାବିହୀନ) କହିବା ଯେପରି ଅସମ୍ଭବ, ଅଳଙ୍କାରବିହୀନ ଶବ୍ଦାର୍ଥର କାବ୍ୟରୂପ କଳ୍ପନା କରିବା ତତୋଧିକ ଅସମ୍ଭବ । ବିଶ୍ୱନାଥ ମଧ୍ୟ ମମ୍ମଟଙ୍କର ମତକୁ ଖଣ୍ଡନ କରିଛନ୍ତି । ମମ୍ମଟ ଅସ୍ଫୁଟ ଅଳଙ୍କାରର ଏକ ଦୃଷ୍ଟାନ୍ତ (ଯଃ କୌମାର ହରଃ···ସମୁତ୍କଣ୍ଠତେ) କାବ୍ୟପ୍ରକାଶ ଗ୍ରନ୍ଥରେ ଉଲ୍ଲେଖ କରି ଯୁକ୍ତି କରିଛନ୍ତି ଯେ ସେଥିରେ ବିଭାବନା ଓ ବିଶେଷୋକ୍ତି ଉଭୟ ଅଳଙ୍କାର ରହିଛି । ତେଣୁ କେଉଁ ଅଳଙ୍କାରଟି ଠିକ୍, ତାହା କହି ହେଉ ନାହିଁ । ବିଶ୍ୱନାଥ ଏହି ମନ୍ତବ୍ୟକୁ ଖଣ୍ଡନ କରି କହିଛନ୍ତି ଯେ ସେଠାରେ ଦୁଇଟି ଅଳଙ୍କାର ରହିଥିବାରୁ 'ସନ୍ଦେହ' ଅଳଙ୍କାର ସ୍ଫୁଟ ହେଉଛି । ତାହା ଅସ୍ଫୁଟ ଅଳଙ୍କାରର ଉଦାହରଣ ହୋଇ ନ ପାରେ । ତେଣୁ 'ଅନଲଂକୃତୀ'—ଏହି ବିଶେଷଣ ମଧ୍ୟ ଦୋଷଯୁକ୍ତ । ଅଳଙ୍କାର କାବ୍ୟର ଉତ୍କର୍ଷତା ବୃଦ୍ଧି କରିଥାଏ । ତାହା କାବ୍ୟର ସ୍ୱରୂପବିଧାୟକ ତତ୍ତ୍ୱ ନୁହେଁ । ଏଥିରୁ ସ୍ପଷ୍ଟ ଅନୁମିତ ହୁଏ ଯେ ମମ୍ମଟଙ୍କର କାବ୍ୟଲକ୍ଷଣ ଦୋଷଶୂନ୍ୟ ନୁହେଁ ।

କୁନ୍ତକଙ୍କର ମତାନୁଯାୟୀ ବକ୍ରୋକ୍ତି ହିଁ କାବ୍ୟର ପ୍ରାଣସ୍ୱରୂପ । ସାହିତ୍ୟ ମୀମାଂସକଗଣ ଯେଉଁ ସବୁ ଉକ୍ତି ବୈଚିତ୍ର୍ୟକୁ ଅଳଙ୍କାର ବୋଲି ସ୍ୱୀକାର କରିଛନ୍ତି, ସେ ସମସ୍ତର ମୂଳ ହେଉଛି 'ବକ୍ରତା' ବା 'ବୈଦଗ୍ଧ୍ୟ-ଭଙ୍ଗୀ' । ଅତଏବ ବକ୍ରୋକ୍ତିର ଅପର ନାମ ଅଳଙ୍କାର । ଉପମା, ରୂପକ, ଉତ୍ପ୍ରେକ୍ଷା ପ୍ରଭୃତି ଅଳଙ୍କାର ଏହି 'ବକ୍ରୋକ୍ତି' ଉପରେ ହିଁ ପ୍ରତିଷ୍ଠିତ । ତେଣୁ ବିଶ୍ୱନାଥ କୁନ୍ତକଙ୍କର

(୧) ଅଙ୍ଗୀକରୋତି ଯଃ କାବ୍ୟଂ ଶବ୍ଦାର୍ଥାବନଲଂକୃତୀ ।
ଅସୌ ନ ମନ୍ୟତେ କସ୍ମାତ୍ ଅନୁଷ୍ଣମନଲଂ କୃତୀ ।
(ଚନ୍ଦ୍ରାଲୋକ — ୧।୮)

ମତକୁ ଖଣ୍ଡନ କରି କହିଛନ୍ତି ଯେ ବକ୍ରୋକ୍ତି କାବ୍ୟର ଉତ୍କର୍ଷତା ବୃଦ୍ଧି କରେ, ମାତ୍ର କାବ୍ୟର ସ୍ୱରୂପ ହୋଇ ନ ପାରେ । ଏହି ଯୁକ୍ତି ଅନୁଯାୟୀ ବାମନ୍ଦ କାବ୍ୟର ସ୍ୱରୂପନିର୍ଣ୍ଣୟ କ୍ଷେତ୍ରରେ 'ଅଳଙ୍କାର'କୁ ଯେ ଭଳି ଭାବରେ ବିଗ୍ରହ କରିଛନ୍ତି, ତାହା ମଧ୍ୟ ସ୍ୱତଃ ଖଣ୍ଡିତ ହେଉଛି ।

'ସରସ୍ୱତୀ କଣ୍ଠାଭରଣ'ର ରଚୟିତା ଭୋଜଙ୍କ ମତାନୁଯାୟୀ "ଦୋଷରହିତ, ଗୁଣଯୁକ୍ତ, ଅଳଙ୍କାର ଦ୍ୱାରା ଭୂଷିତ ଓ ରସଯୁକ୍ତ କାବ୍ୟର ରଚୟିତା କୀର୍ତ୍ତି ଓ ପ୍ରୀତି ଲାଭ କରିଥାଏ" (୧) । ଦୋଷ ଓ ଗୁଣ ଆଦି କାବ୍ୟ ସ୍ୱରୂପରେ ସନ୍ନିବେଶ କରାଯାଇ ପାରିବ ନାହିଁ ବୋଲି ବିଶ୍ୱନାଥ ଏହି ଉକ୍ତି ଖଣ୍ଡନ କରିଛନ୍ତି ।

ଆନନ୍ଦବର୍ଦ୍ଧନଙ୍କ ମତାନୁଯାୟୀ ଧ୍ୱନି ହିଁ କାବ୍ୟର ପ୍ରକୃତ ସ୍ୱରୂପ । ଏ ଉକ୍ତି ମଧ୍ୟ ବିଶ୍ୱନାଥଙ୍କ ଦ୍ୱାରା ଖଣ୍ଡନ କରାଯାଇଛି । କାରଣ ଆନନ୍ଦବର୍ଦ୍ଧନ କାବ୍ୟର ଆତ୍ମାରୂପେ ଧ୍ୱନିକୁ ଗ୍ରହଣ କରି ଯେଉଁ ଲକ୍ଷଣ ପ୍ରଦାନ କରିଛନ୍ତି, ତହିଁରେ ସେ ନିଜ ମତକୁ ନିଜେ ଖଣ୍ଡନ କରିଛନ୍ତି । ଆନନ୍ଦବର୍ଦ୍ଧନ କହିଛନ୍ତି ଯେ ସହୃଦୟମାନଙ୍କ ଦ୍ୱାରା ପ୍ରଶଂସିତ ଯେଉଁ ଅର୍ଥ କାବ୍ୟର ଆତ୍ମାରୂପେ ସ୍ୱୀକୃତ, ସେହି ଅର୍ଥ ବାଚ୍ୟ ଓ ପ୍ରତୀୟମାନ ରୂପେ ଦୁଇପ୍ରକାର (୨) । ଏହି

---

(୧) ଅଦୋଷଂ ଗୁଣବତ୍ କାବ୍ୟମଳଂକାରୈରଳଂକୃତମ୍
ରସାନ୍ୱିତଂ କବିଃ କୁର୍ବନ୍ କୀର୍ତ୍ତିଂ ପ୍ରୀତିଂ ଚ ବିନ୍ଦତି ।
( ସରସ୍ୱତୀ କଣ୍ଠାଭରଣ )

(୨) ଯୋଽର୍ଥଃ ସହୃଦୟଶ୍ଳାଘ୍ୟଃ କାବ୍ୟାତ୍ମେତି ବ୍ୟବସ୍ଥିତଃ
ବାଚ୍ୟ ପ୍ରତୀୟମାନାଖ୍ୟୌ ତସ୍ୟ ଭେଦାବୁଭୌ ସ୍ମୃତୌ ।
( ଧ୍ୱନ୍ୟାଲୋକ—୧।୨ )

ଲକ୍ଷଣରେ ପ୍ରତୀୟମାନ ଅର୍ଥ ( ଧ୍ୱନି ) ବ୍ୟତୀତ ବାଚ୍ୟାର୍ଥକୁ ମଧ୍ୟ କାବ୍ୟର ଆତ୍ମାରୂପେ ସ୍ୱୀକାର କରି ସ୍ୱ-ମତର ବିରୁଦ୍ଧ ଉକ୍ତି ଉପସ୍ଥାପନ କରିଛନ୍ତି । ତେଣୁ ଧ୍ୱନି ମଧ୍ୟ କାବ୍ୟର ସ୍ୱରୂପ ନୁହେଁ ।

ବାମନ ରୀତିକୁ କାବ୍ୟର ଆତ୍ମା ଭାବରେ ଗ୍ରହଣ କରିଛନ୍ତି, କିନ୍ତୁ ଏ ମତ ମଧ୍ୟ ଠିକ୍ ନୁହେଁ । କାରଣ ରୀତି କାବ୍ୟ-ପୁରୁଷର ଶରୀରର ଅଙ୍ଗରଚନାସ୍ୱରୂପ । ତାହା କାବ୍ୟର ଆତ୍ମା ହୋଇ ନ ପାରେ । ତେଣୁ 'ରୀତି' କାବ୍ୟର ପ୍ରକୃତ ସ୍ୱରୂପ ନୁହେଁ ।

ଜଗନ୍ନାଥଙ୍କ ମତରେ "ରମଣୀୟାର୍ଥ ପ୍ରତିପାଦକ ଶବ୍ଦ ହିଁ କାବ୍ୟ"; କିନ୍ତୁ ରମଣୀୟାର୍ଥ ପ୍ରତୀତ ହେଉଥିଲେ ମଧ୍ୟ ନୀରସ ବାକ୍ୟାବଳୀ ସହୃଦୟ ପାଠକର ଚିତ୍ତରେ ଆହ୍ଲାଦ ସୃଷ୍ଟି କରିପାରେ ନାହିଁ । ତେଣୁ ଜଗନ୍ନାଥଙ୍କ ପ୍ରଦତ୍ତ କାବ୍ୟଲକ୍ଷଣ ମଧ୍ୟ ଯୁକ୍ତିଯୁକ୍ତ ମନେହୁଏ ନାହିଁ ।

ଉପର୍ଯ୍ୟୁକ୍ତ ମତଗୁଡ଼ିକ ବିଶ୍ଳେଷଣ କଲେ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ବିଶ୍ୱନାଥଙ୍କର 'ବାକ୍ୟଂ ରସାତ୍ମକଂ କାବ୍ୟମ୍'—ଏହି କାବ୍ୟ ଲକ୍ଷଣ ଅଧିକ ସମୀଚୀନ । ରସ ହିଁ କାବ୍ୟର ଜୀବନାଧାୟକ ତତ୍ତ୍ୱ । ଅଗ୍ନିପୁରାଣରେ ଉଲ୍ଲେଖ ଅଛି ଯେ କାବ୍ୟରେ ବାଣୀର ବୈଦଗ୍ଧ୍ୟ ପ୍ରାଧାନ୍ୟ ଲାଭ କଲେ ମଧ୍ୟ ରସ ହିଁ ତାହାର ଜୀବନସ୍ୱରୂପ (୧) । 'ବ୍ୟକ୍ତିବିବେକ'କାର ମହିମଭଟ୍ଟ କହିଛନ୍ତି ଯେ ରସାଦି କାବ୍ୟର ଆତ୍ମାସ୍ୱରୂପ—ଏଥିରେ କାହାରି ମତଦ୍ୱୈଧ ନାହିଁ (୨) । ତେଣୁ

---

(୧) ବାକ୍ ବୈଦଗ୍ଧ୍ୟପ୍ରଧାନେଽପି ରସ ଏବାତ୍ର ଜୀବିତମ୍—(ଅଗ୍ନିପୁରାଣ)

(୨) କାବ୍ୟସ୍ୟାତ୍ମନି ସଙ୍ଗିନି ରସାଦିରୂପେ ନ କସ୍ୟଚିତ୍ ବିମତି—
( ବ୍ୟକ୍ତିବିବେକ )

ରସସମ୍ବଳିତ ବାକ୍ୟାବଳୀ ହିଁ କାବ୍ୟରୂପରେ ଗୃହୀତ ହେବା ଉଚିତ୍ ବୋଲି ବିଶ୍ୱନାଥ ମତ ପ୍ରକାଶ କରିଛନ୍ତି । ଏଠାରେ ରସ ଶବ୍ଦର ରୂଢ଼ି ଅର୍ଥ ( ଶୃଙ୍ଗାରରସ ) ଗ୍ରହଣ କରାଯାଇ ନାହିଁ । 'ରସ୍ୟତେ ଇତି ରସଃ'—ଅର୍ଥାତ୍ ଯାହା ଆସ୍ୱାଦନ କରାଯାଏ । ଏହି ଅର୍ଥରେ ଗ୍ରହଣ କଲେ ରସାଭାସ, ରସଭାବ, ଭାବାଭାସ, ଭାବଶାନ୍ତି, ଭାବଶାବଲ୍ୟ ପ୍ରଭୃତି ରସର ଅନ୍ତର୍ଭୁକ୍ତ । ବିଶ୍ୱନାଥଙ୍କ ମତରେ ଶ୍ରୁତିକଟୁ, ଅଶ୍ଳୀଳାଦି ଯେଉଁସବୁ ଦୋଷ ରସର ଅପକର୍ଷ ସାଧନ କରନ୍ତି ସେଗୁଡ଼ିକୁ 'କାବ୍ୟ-ଦୋଷ' ରୂପେ ଗ୍ରହଣ କରାଯାଏ ଓ ଗୁଣ, ଅଳଙ୍କାରରୀତି, ଆଦି କାବ୍ୟର ଉତ୍କର୍ଷତା ବୃଦ୍ଧି କରିଥାଏ ।

ଉଲ୍ଲିଖିତ ଆଲୋଚନାରୁ ଜଣାଯାଏ ଯେ ବିଭିନ୍ନ ଆଲଙ୍କାରିକ-ଗଣ କାବ୍ୟର ଶରୀର, ଅଳଙ୍କାର ଓ ଆତ୍ମା ସମ୍ବନ୍ଧରେ ଭିନ୍ନ ଭିନ୍ନ ମତ ପୋଷଣ କରିଛନ୍ତି । ପ୍ରତ୍ୟେକ କାବ୍ୟର ଶରୀର, ଅଳଙ୍କାର, ଆତ୍ମା ପ୍ରଭୃତି ବିଷୟରେ ସ୍ୱତନ୍ତ୍ର ଭାବରେ ତତ୍ତ୍ୱାନୁସନ୍ଧାନ କରିଛନ୍ତି । କିନ୍ତୁ ଗୁଣ, ରୀତି, ଅଳଙ୍କାର, ଧ୍ୱନି, ଔଚିତ୍ୟ ଇତ୍ୟାଦି ସ୍ୱତନ୍ତ୍ର ଭାବରେ କାବ୍ୟର ପୂର୍ଣ୍ଣସ୍ୱରୂପ ବ୍ୟକ୍ତ କରିପାରନ୍ତି ନାହିଁ । କାବ୍ୟର ସ୍ୱରୂପ-ନିର୍ଣ୍ଣୟ କାଳରେ ପ୍ରତ୍ୟେକେ ଅପରର ପରିପୂରକ ।

ଏହି ପ୍ରସଙ୍ଗରେ ପାଲିଭାଷାରେ ରଚିତ 'ମିଲିନ୍ଦ ପଞ୍ହୋ' ( ମିଲିନ୍ଦପ୍ରଶ୍ନ ) ଗ୍ରନ୍ଥରେ ଥିବା ମହାରାଜ ମିଲିନ୍ଦ ଓ ଭଦନ୍ତ ନାଗସେନଙ୍କର ସଂଳାପର ସାରମର୍ମକୁ ଦୃଷ୍ଟାନ୍ତ ରୂପେ ଗ୍ରହଣ କରାଯାଇପାରେ । ମହାରାଜ ମିଲିନ୍ଦ ରଥାରୋହଣ କରି ନାଗ-ସେନଙ୍କର ଆଶ୍ରମରେ ଉପନୀତ ହେବା ସମୟରେ ନାଗସେନ ପ୍ରଶ୍ନ କରିଥିଲେ—"ମହାରାଜ ! ଆପଣ ଯେଉଁ ରଥ ଆରୋହଣ କରି ମୋର ଆଶ୍ରମକୁ ଆସିଲେ, ତାହାର ସ୍ୱରୂପ କଣ ?" "ଏହାର ଅକ୍ଷ, ଚକ୍ର

ସମ୍ପୃକ୍ତ, ରଥଦଣ୍ଡ ପ୍ରଭୃତି ମଧ୍ୟରୁ କେଉଁଟି ରଥ ?" କିମ୍ବା "ଏହାର ସମଷ୍ଟି ହିଁ ରଥ ?" ମହାରାଜ ଉତ୍ତର ଦେଲେ ଯେ ଏହାର ପ୍ରତ୍ୟେକ ଅଂଶ ରଥ ନୁହେଁ କିମ୍ବା ଏହାର ସମଷ୍ଟି ମଧ୍ୟ ରଥ ନୁହେଁ । ନାଗସେନ ପୁନର୍ବାର ପ୍ରଶ୍ନ କଲେ—"ତେବେ କଣ ଅକ୍ଷ, ଚକ୍ର, ରଥ ଦଣ୍ଡ ଓ ଏମାନଙ୍କର ସମଷ୍ଟି ବ୍ୟତୀତ ଅନ୍ୟ କୌଣସି ବସ୍ତୁ ରଥରୂପେ ଆପଣଙ୍କର ଦୃଷ୍ଟିଗୋଚର ହୋଇଥାଏ ?" ମିଳିନ୍ଦ ଉତ୍ତର ଦେଲେ-- "ସେଭଳି କୌଣସି ବସ୍ତୁ ମଧ୍ୟ ନୁହେଁ ।" ଏଭଳି ଉତ୍ତର ଶୁଣି ନାଗସେନ ପରିହାସ ଛଳରେ କହିଲେ—"ତେବେ କଣ ଆପଣ ରଥ ଆରୋହଣ କରି ମୋର ଆଶ୍ରମକୁ ଆସି ନାହାନ୍ତି ?" ମହାରାଜ ମିଳିନ୍ଦ ନିରୁତ୍ତର ରହିଲେ ।

ଅନୁରୂପ ଭାବରେ କାବ୍ୟର ଶରୀର ରୂପୀ ଅଳଙ୍କାର, ରୀତି, ଗୁଣ ଆଦି ପୃଥକ୍ ଭାବରେ ବିଶ୍ଳେଷଣ କରାଗଲେ ମଧ୍ୟ ତାହା କାବ୍ୟର ସ୍ୱରୂପ ନୁହେଁ କିମ୍ବା କାବ୍ୟ ବ୍ୟତୀତ ଏମାନଙ୍କର ସ୍ୱତନ୍ତ୍ର ସ୍ଥିତି ମଧ୍ୟ ନାହିଁ । ଏଗୁଡ଼ିକ ବିଚାର ବିଶ୍ଳେଷଣ କରିଆରେ ବୋଧଗମ୍ୟ, କିନ୍ତୁ କାବ୍ୟର ଆତ୍ମା ଅନୁଭବ-ବେଦ୍ୟ । ସୁତରାଂ ଏକ ଦିଗରେ ଏହି ସୂକ୍ଷ୍ମାତିସୂକ୍ଷ୍ମ ବିଶ୍ଳେଷଣ ଓ ଅପର ଦିଗରେ ଅନୁଭୂତିର ସାର୍ଥକ ସମନ୍ୱୟ ହିଁ ସହୃଦୟ ପାଠକ ନିକଟରେ କାବ୍ୟର ପ୍ରକୃତ ସ୍ୱରୂପ ଉଦ୍‌ଘାଟିତ କରିଥାଏ ।

# ଶବ୍ଦ-ଶକ୍ତି

ପୂର୍ବ ପରିଚ୍ଛେଦରେ ଶବ୍ଦ ଓ ଅର୍ଥକୁ ଆଲଙ୍କାରିକଗଣ କିଭଳି କାବ୍ୟ-ଶରୀର ଭାବରେ ଗ୍ରହଣ କରିଛନ୍ତି, ତାହା ଆଲୋଚନା କରାଯାଇଛି । କାବ୍ୟର ଆତ୍ମା ସଂପର୍କରେ ପ୍ରକୃଷ୍ଟ ଜ୍ଞାନ ଲାଭ କରିବା ପୂର୍ବରୁ ତାହାର ଶରୀର ସଂପର୍କରେ ଉପଯୁକ୍ତ ଧାରଣା ରହିବା ଆବଶ୍ୟକ । ଶବ୍ଦ ଓ ଅର୍ଥକୁ କାବ୍ୟର ଶରୀର ଭାବରେ ସ୍ୱୀକାର କରାଯାଇଥିବାରୁ ଏହି ପରିଚ୍ଛେଦରେ କାବ୍ୟରେ ବ୍ୟବହୃତ ଶବ୍ଦ ଓ ତାହାର ବିଭିନ୍ନ ଅର୍ଥ ସଂପର୍କରେ ଯେଉଁ ବିଭିନ୍ନ ମତବାଦ ରହିଛି, ତାହାର ସ୍ଥୂଳଚିତ୍ର ପ୍ରଦାନ କରାଯାଇଛି ।

ସାହିତ୍ୟ-ସମୀକ୍ଷାଶାସ୍ତ୍ର ବ୍ୟତୀତ ଅନ୍ୟାନ୍ୟ ଶାସ୍ତ୍ରରେ ଶବ୍ଦର ଦ୍ୱିବିଧ ବ୍ୟବହାର ପରିଦୃଷ୍ଟ ହୁଏ । ଏହା **'ବାଚକ'** ଓ **'ଲାକ୍ଷଣିକ'**, କିନ୍ତୁ ସାହିତ୍ୟ-ସମୀକ୍ଷକମାନେ କାବ୍ୟରେ ବ୍ୟବହୃତ ଶବ୍ଦର ଏହି ଦ୍ୱିବିଧ ରୂପ ବ୍ୟତୀତ **'ବ୍ୟଞ୍ଜକ'** ନାମରେ ଏକ ତୃତୀୟ ଭେଦର ସ୍ଥିତି ସ୍ୱୀକାର କରିଥାନ୍ତି । ଶବ୍ଦର ଭେଦ ଅନୁଯାୟୀ, ତାହାର ଅର୍ଥ ମଧ୍ୟ ତ୍ରିବିଧ, ଯଥା :—**ବାଚ୍ୟାର୍ଥ, ଲକ୍ଷ୍ୟାର୍ଥ ଓ ବ୍ୟଙ୍ଗ୍ୟାର୍ଥ** । ଏହି ତ୍ରିବିଧ ଅର୍ଥର ଅବବୋଧ ନିମିତ୍ତ ତିନି ପ୍ରକାରର ଶକ୍ତି ବ୍ୟବହୃତ ହୋଇଥାଏ । ଯଥା :—**ଅଭିଧା, ଲକ୍ଷଣା** ଓ **ବ୍ୟଞ୍ଜନା** । କିନ୍ତୁ ମୀମାଂସକ କୁମାରିଲ ଭଟ୍ଟଙ୍କର ମତର ସମର୍ଥକ ପାର୍ଥସାରଥି ମିଶ୍ର ପ୍ରଭୃତିଙ୍କର ମତାନୁସାରେ **'ତାତ୍ପର୍ଯ୍ୟାର୍ଥ'** ନାମକ ଅନ୍ୟ ଏକ ଅର୍ଥ ସ୍ୱୀକୃତ ହୁଏ । ସେଥିପାଇଁ ସେମାନେ ଅର୍ଥର

ଅବବୋଧ ପାଇଁ ଅନ୍ୟ ଏକ 'ତାତ୍ପର୍ଯ୍ୟ' ଶକ୍ତି ସ୍ୱୀକାର କରନ୍ତି । କିନ୍ତୁ ଏଠାରେ ଉଲ୍ଲେଖଯୋଗ୍ୟ ଯେ ସେମାନେ ବ୍ୟଞ୍ଜନାଶକ୍ତିକୁ ସ୍ୱୀକାର କରନ୍ତି ନାହିଁ । ତେଣୁ ସେମାନଙ୍କ ଦୃଷ୍ଟିରୁ ଶବ୍ଦ-ଶକ୍ତି ମଧ୍ୟ ତିନି ପ୍ରକାର । ଏପରି ମତର ସମର୍ଥକମାନେ 'ଅଭିହିତାନ୍ୱୟବାଦୀ' ନାମରେ ପରିଚିତ । ଏମାନଙ୍କ ମତରେ ଅଭିଧା ଶକ୍ତିଦ୍ୱାରା ପ୍ରଥମେ ପଦମାନଙ୍କର ଅର୍ଥ ପ୍ରତୀତି ସମ୍ଭବପର ହୋଇଥାଏ । ଏଥିରୁ ସ୍ପଷ୍ଟ ଅନୁମିତ ହୁଏ ଯେ ଏମାନଙ୍କ ମତରେ ପଦମାନଙ୍କର ଅର୍ଥ ପାରସ୍ପରିକ ସମ୍ବନ୍ଧପଦ ଅନୁଯାୟୀ ନ ହୋଇ ବକ୍ତାର ତାତ୍ପର୍ଯ୍ୟ ଅନୁଯାୟୀ ହୋଇଥାଏ । ସେଥିପାଇଁ ତାହାକୁ ତାତ୍ପର୍ଯ୍ୟାର୍ଥ ଓ ଶବ୍ଦ ଶକ୍ତିକୁ ତାତ୍ପର୍ଯ୍ୟଶକ୍ତି ଭାବରେ ଗ୍ରହଣ କରିଥାନ୍ତି ।

ମୀମାଂସକଙ୍କର ( ଅଭିହିତାନ୍ୱୟବାଦୀ ) ମତାନୁସାରେ ପଦର ଅର୍ଥ ସମୂହର ପରସ୍ପର ସମ୍ବନ୍ଧପଦମାନଙ୍କ ଦ୍ୱାରା ପ୍ରକଟିତ ନ ହେଲେ ମଧ୍ୟ ଆକାଙ୍କ୍ଷା, ଯୋଗ୍ୟତା ଓ ସନ୍ନିଧି ( ଆସତ୍ତି ) ଦ୍ୱାରା ତାତ୍ପର୍ଯ୍ୟର ବିଷୟୀଭୂତ ହୋଇଥିବାରୁ, ତାତ୍ପର୍ଯ୍ୟରୂପକ ବିଶେଷ ପ୍ରକାରର ବାକ୍ୟାର୍ଥ ପ୍ରତୀତ ହୁଏ ।

**ଆକାଙ୍କ୍ଷା** :— ଏହାର ଅର୍ଥ ଶ୍ରୋତାର ଜାଣିବାର ଇଚ୍ଛା । ଗୋଟିଏ ପଦ ଶୁଣିସାରିବା ପରେ ସଂପୂର୍ଣ୍ଣ ଅର୍ଥ ପ୍ରତୀତ ହୁଏ ନାହିଁ । ସେଥିପାଇଁ ଶ୍ରୋତାର ମନରେ ବାକ୍ୟର ଅନ୍ୟ ପଦ ଶୁଣିବାର ଆଗ୍ରହ ଜାତହୁଏ । ବାକ୍ୟର ସମସ୍ତ ପଦରେ ଆକାଙ୍କ୍ଷା ରହିବା ଉଚିତ । ଗାଈ, ଘୋଡ଼ା, ହାତୀ, ବାଘ ପ୍ରଭୃତି ନିରାକାଙ୍କ୍ଷା ପଦମାନଙ୍କର ସମଷ୍ଟିରେ ବାକ୍ୟ ହୋଇପାରେ ନାହିଁ । ତେଣୁ ବାକ୍ୟର ତାତ୍ପର୍ଯ୍ୟାର୍ଥ ନିମିତ୍ତ ଆକାଙ୍କ୍ଷାର ଆବଶ୍ୟକତା ରହିଛି ।

**ଯୋଗ୍ୟତା** :—କୌଣସି ବାକ୍ୟର ପଦମାନଙ୍କର ଅର୍ଥର ସମ୍ବନ୍ଧରେ ବାଧାର ଅଭାବ ହିଁ ଯୋଗ୍ୟତା । ଅର୍ଥାତ୍ ବାକ୍ୟରେ ବ୍ୟବହୃତ ପଦମାନଙ୍କର ଅର୍ଥ ମଧ୍ୟରେ କୌଣସି ବାଧା ଘଟିଲେ ତାହା ବାକ୍ୟଭାବରେ ଗୃହୀତ ହେବନାହିଁ ବା ତହିଁରୁ ବାକ୍ୟାର୍ଥ ପ୍ରକାଶିତ ହୋଇ ପାରିବ ନାହିଁ । ଉଦାହରଣ ସ୍ୱରୂପ ଯଦି କୁହାଯାଏ ଯେ 'ମୁଁ ଅଗ୍ନିଦ୍ୱାରା ବସ୍ତ୍ର ଧୌତ କରୁଛି', ତେବେ ଏହି ବାକ୍ୟରେ ପଦମାନଙ୍କର ଯୋଗ୍ୟତାର ଅଭାବ ପରିଲକ୍ଷିତ ହୁଏ । କାରଣ ଅଗ୍ନିଦ୍ୱାରା ଧୌତକ୍ରିୟା ସମ୍ଭବପର ନୁହେଁ—ଏହା ଜଳଦ୍ୱାରା ହିଁ ସମ୍ଭବ । ଅଗ୍ନି ଓ ଧୌତ ମଧ୍ୟରେ ପରସ୍ପର ଅନ୍ୱୟ-ଜନିତ ବାଧା ଉପସ୍ଥିତ ହେବାରୁ ତାହା ବାକ୍ୟ ହେବାକୁ ଅସମର୍ଥ । ତାତ୍ପର୍ଯ୍ୟାର୍ଥ ଅବବୋଧ ନିମିତ୍ତ ଯୋଗ୍ୟତା ଅପରିହାର୍ଯ୍ୟ ।

**ସନ୍ନିଧି (ଆସତ୍ତି** :—ସେହିପରି କୌଣସି ବ୍ୟକ୍ତିବିଶେଷ-ଦ୍ୱାରା ସମୟର ବ୍ୟବଧାନ ରକ୍ଷା ନ କରି ପଦମାନଙ୍କର ଉଚ୍ଚାରଣ କରିବା ହିଁ ସନ୍ନିଧି । ଅର୍ଥାତ୍ ଯଦି କେହି 'ବାପା' ଉଚ୍ଚାରଣ କରିବାର ଦୁଇ ଦିନପରେ 'ହରିକୁ' ଓ ତା'ର ଦୁଇ ଦିନ ପରେ 'ଡାକୁଛନ୍ତି' ପରି ପଦ ଉଚ୍ଚାରଣ କରେ, ତେବେ ତାହା ବାକ୍ୟ ହୋଇ ପାରିବ ନାହିଁ । ତେଣୁ ତାହାର ବାକ୍ୟାର୍ଥ ମଧ୍ୟ ଅସମ୍ଭବ ।

ସୁତରାଂ ଆକାଙ୍କ୍ଷା, ଯୋଗ୍ୟତା ଓ ସନ୍ନିଧିଯୁକ୍ତ ପଦମାନଙ୍କର ସମଷ୍ଟି ହିଁ ବାକ୍ୟ ହେବାକୁ ଉପଯୁକ୍ତ ।

**ଅଭିଧା** :—ପରମ୍ପରାକ୍ରମେ ପ୍ରତ୍ୟେକ ଶବ୍ଦ ପାଇଁ ଏକ ସାଂକେତିକ ଅର୍ଥ ସ୍ୱୀକୃତ ହୋଇଛି । କୌଣସି ଏକ ଶବ୍ଦ ଉଚ୍ଚାରଣ କରିବା ସଙ୍ଗେ ସଙ୍ଗେ ଯେଉଁ ପଦାର୍ଥର ଉପସ୍ଥିତି ବା ଯେଉଁ ଅର୍ଥର

ଅବବୋଧ ଘଟିଥାଏ, ତାହାକୁ ସାଙ୍କେତିତ ଅର୍ଥ ବା ସାଂକେତିକ ଅର୍ଥ କୁହାଯାଏ । ଏଭଳି ଅର୍ଥ ପ୍ରକାଶ କରୁଥିବା ଶବ୍ଦକୁ ବାଚକ ଶବ୍ଦ ଓ ଯେଉଁ ଶକ୍ତି ସାହାଯ୍ୟରେ ସଙ୍କେତିତ ଅର୍ଥ ପ୍ରକାଶ ହୁଏ, ତାହାକୁ ଅଭିଧାଶକ୍ତି କହନ୍ତି (୧) । 'ଗାଈ' ଶବ୍ଦ ଉଚ୍ଚାରଣ କରିବାମାତ୍ରେ ଏକ ନିର୍ଦ୍ଦିଷ୍ଟ 'ଗଳକମ୍ବଳଯୁକ୍ତ ବିଶିଷ୍ଟ ପ୍ରାଣୀକୁ ବୁଝାଏ । ଏହି ପ୍ରାଣୀର 'ଗୋ'-ତ୍ୱ ହିଁ ଗାଈ ଶବ୍ଦର ସାଂକେତିକ ଅର୍ଥ । ଅଭିଧାଶକ୍ତି ସାହାଯ ରେ ଏପରି ଅର୍ଥ ପ୍ରକାଶିତ ହୁଏ । 'ଗାଈ' ହେଉଛି ବାଚକଶବ୍ଦ । ବାଚକଶବ୍ଦ ଅଭିଧା ଶକ୍ତିଦ୍ୱାରା ଯେଉଁ ଅର୍ଥ ପ୍ରକାଶ କରେ, ତାହା ବାଚ୍ୟାର୍ଥ ବା ମୁଖ୍ୟାର୍ଥ ବା ଅଭିଧେୟାର୍ଥ ; ଏଠାରେ ଗଳକମ୍ବଳଯୁକ୍ତ ଓ ଗୋ-ତ୍ୱ ବିଶିଷ୍ଟ ପ୍ରାଣୀ ହିଁ 'ଗାଈ' ଶବ୍ଦର ବାଚ୍ୟାର୍ଥ । ଗାଈ, ଘୋଡ଼ା, ହାତୀ, ବାପା ବୋଉ, କଷ୍ଟ, ମଧୁର ପ୍ରଭୃତି ଶବ୍ଦ ଉଚ୍ଚାରଣ କଲେ ଯେଉଁ ଅର୍ଥ ପ୍ରକାଶିତ ହୁଏ, ତାହା ବାଚ୍ୟାର୍ଥ ବା ମୁଖ୍ୟାର୍ଥ ବା ଅଭିଧେୟାର୍ଥ ।

**ସଂକେତ ଗ୍ରହଣର ଉପାୟ**—ସାଧାରଣତଃ ଦେଖାଯାଏ ଯେ ଅଜ୍ଞାନ ଶିଶୁ ପ୍ରଥମେ କେଉଁ ଶବ୍ଦର କେଉଁ ଅର୍ଥ ବା କେଉଁ ଅର୍ଥ ପାଇଁ କି ଶବ୍ଦ ବ୍ୟବହାର କରିବାକୁ ହେବ, ତାହା ଜାଣି ନ ଥାଏ । ଲୋକ ବ୍ୟବହାରରୁ ହିଁ ସେ ଶବ୍ଦର ସାଂକେତିତ ଅର୍ଥ ଗ୍ରହଣ କରିବା ଶିକ୍ଷା କରିଥାଏ । ଗୋଟିଏ ପିଲାଟିଏ ତା'ର ମା ନିକଟରେ ବସି ନାନାକଥା ଦେଖେ ଓ ଶୁଣେ । ମା ଯେତେବେଳେ ଘରର ଚାକରକୁ 'ହାଣ୍ଡି ଆଣ' ବା 'ଗାଈଟି ବାନ୍ଧିଦେଇ ଆ' ବୋଲି କହନ୍ତି, ସେତେବେଳେ ପିଲାଟି ଦେଖେ ଯେ ଚାକର ଏଭଳି

---

(୧) ସାକ୍ଷାତ୍ ସଂକେତିତଂ ଯୋଽର୍ଥମଭିଧତ୍ତେ ସ ବାଚକଃ ।
( କାବ୍ୟପ୍ରକାଶ—୨,୭ )

ଗୋଟିଏ ପାତ୍ର ଆଣୁଛି ଯାହାକୁ 'ହାଣ୍ଡି' ଓ ଏଭଳି ଚତୁଷ୍ପଦ ପ୍ରାଣୀଟିକୁ ବାନ୍ଧୁଛି ଯାହାକୁ 'ଗାଈ' କୁହାଯାଏ । ଏହିଭଳି ଭାବରେ ମା'ଙ୍କର ଆଦେଶ ଓ ଗୃହକରର କାର୍ଯ୍ୟକୁ ଦେଖି ପିଲାଟି କ୍ରମେ କ୍ରମେ ହାଣ୍ଡି, ଗାଈ, ବାନ୍ଧିବା ଆଦି ପୃଥକ୍ ପୃଥକ୍ ଅର୍ଥ ଓ ଏହି ଅର୍ଥପାଇଁ କେଉଁ ଶବ୍ଦ ବ୍ୟବହାର କରାଯାଉଛି, ତାହା ବୁଝିପାରେ । ଏହିଭଳି ଭାବରେ ଶିଶୁଟିର ଶବ୍ଦମାନଙ୍କର ଅର୍ଥ ଓ ଅର୍ଥ ପ୍ରକାଶ ପାଇଁ କେଉଁ ଶବ୍ଦ ବ୍ୟବହୃତ ହେଉଛି, ସେ ସମ୍ପର୍କରେ ଜ୍ଞାନଲାଭ ହୋଇଥାଏ । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଆମ୍ଭେମାନେ ଯେଉଁ ଶବ୍ଦକୁ ଯେଉଁ ଅର୍ଥରେ ବ୍ୟବହାର କରୁ, ତାହାପୂର୍ବ ପ୍ରଚଳିତ ସଙ୍କେତ । ଶବ୍ଦର ନିଜର କୌଣସି ଅର୍ଥ ନାହିଁ । ପୂର୍ବ ସଙ୍କେତ ଅନୁସାରେ ତାହା ସେହି ସେହି ବସ୍ତୁକୁ ବୁଝାଇଥାଏ ।

**ସଂକେତ ଗ୍ରହଣ ସଂପର୍କରେ ବିଭିନ୍ନ ମତ**—ଏହି ସଙ୍କେତ ଗ୍ରହଣ କେଉଁଠାରେ ହୁଏ, ସେ ସମ୍ପର୍କରେ ମତଭେଦ ପରିଲକ୍ଷିତ ହୁଏ । କେତେକ 'ବ୍ୟକ୍ତି', କେହି କେହି 'ଜାତି' ଓ କେହି 'ଜାତିବିଶିଷ୍ଟ ବ୍ୟକ୍ତି' ଠାରେ ସଙ୍କେତ ଗ୍ରହଣ କରାଯାଏ ବୋଲି ମତବ୍ୟକ୍ତ କରନ୍ତି । 'ଗାଈ ଆଣ' କହିଲେ ସାଧାରଣତଃ ଗୋଟିଏ ନିର୍ଦ୍ଦିଷ୍ଟ ଗାଈର ଆନୟନ କାର୍ଯ୍ୟ ହୋଇଥାଏ । ଏଠାରେ ସମଗ୍ର ଗାଈଜାତିର ଆନୟନ କ୍ରିୟା ଅସମ୍ଭବ ମନେହୁଏ । ତେଣୁ ବ୍ୟକ୍ତି ହିଁ ( ଏକ ନିର୍ଦ୍ଦିଷ୍ଟ ଗାଈ ) ଏଠାରେ କେବଳ ଅର୍ଥ-କ୍ରିୟା-କାରିତ୍ୱର ନିର୍ବାହକ ହୋଇଥାଏ । ତେଣୁ ବ୍ୟକ୍ତିରେ ସଂକେତ ଗ୍ରହଣ କରିବା ବିଧେୟ ।

ମୀମାଂସକମାନେ ବ୍ୟକ୍ତିବିଶେଷଠାରେ ସଙ୍କେତ ଗ୍ରହଣର ମତକୁ ଖଣ୍ଡନ କରିଛନ୍ତି । ସେମାନଙ୍କ ମତରେ ଏଭଳି ସଙ୍କେତ

ଗ୍ରହଣ କଲେ ଦୁଇଟି ଦୋଷର ସମ୍ଭାବନା ରହିଛି—(କ) ଆନନ୍ତ୍ୟ (ଖ) ବ୍ୟଭିଚାର । ଯେଉଁ ଅର୍ଥରେ ଯେଉଁ ଶବ୍ଦର ସଂକେତ ଗୃହୀତ ହୋଇଥାଏ, ତାହାଛଡ଼ା ଅନ୍ୟ ଅର୍ଥ ପ୍ରତୀତ ହୁଏ ନାହିଁ । ସେମାନଙ୍କ ମତରେ ଯଦି ବ୍ୟକ୍ତିବିଶେଷଠାରେ ସଂକେତ ଗ୍ରହଣକୁ ସ୍ୱୀକାର କରାଯାଏ, ତେବେ ଏକ ଜାତିର ( ଗୋତ୍ୱଜାତି ) ଯେଉଁ ବ୍ୟକ୍ତି-ବିଶେଷ ଠାରେ ( ଏକ ନିର୍ଦ୍ଦିଷ୍ଟ ଗାଈ ) ସଂକେତ ଗ୍ରହଣ କରାଯାଇଥାଏ, ସେହି ଶବ୍ଦ ଦ୍ୱାରା ସେହି ନିର୍ଦ୍ଦିଷ୍ଟ ବ୍ୟକ୍ତିର (ଗାଈ) ଉପସ୍ଥିତି ହୁଏ । ସେ ଜାତିର (ଗୋତ୍ୱଜାତିର) ଅନ୍ୟ ବ୍ୟକ୍ତିମାନଙ୍କର (ଅନ୍ୟାନ୍ୟ ଗାଈ) ଉପସ୍ଥିତି ନିମିତ୍ତ ପ୍ରତ୍ୟେକ ବ୍ୟକ୍ତିରେ (ଗାଈ) ପୃଥକ୍ ପୃଥକ୍ ସଂକେତ ଗ୍ରହଣ କରିବାକୁ ହେବ । ଏହା ଦ୍ୱାରା 'ଆନନ୍ତ୍ୟ' ଦୋଷ ଘଟିବ । ତା'ଛଡ଼ା ପ୍ରତ୍ୟେକ 'ଗୋ ବ୍ୟକ୍ତି' ପାଇଁ ଗୋଟିଏ ଗୋଟିଏ ସଂକେତ ଗ୍ରହଣ କରିବା ଅସମ୍ଭବ ହେବ । ଏହାଛଡ଼ା ଲୌକିକ ବ୍ୟବହାର ଦୃଷ୍ଟିରୁ ଦେଶକାଳର ପୃଷ୍ଠଭୂମିରେ 'ଗୋ-ବ୍ୟକ୍ତି' ରେ ସଂକେତ ଗ୍ରହଣ ସମ୍ଭବ ହୋଇଥାଏ । ଅତୀତ ଓ ଭବିଷ୍ୟତରେ ତଥା ବିଭିନ୍ନ ଦେଶରେ ଯେତେ ଗୋ ବ୍ୟକ୍ତି ଥିଲେ ବା ଆସିବେ, ସେମାନଙ୍କ ସଂପର୍କରେ ସଂକେତ ଗ୍ରହଣ ଅସମ୍ଭବ । ତେଣୁ ବ୍ୟକ୍ତିରେ ସଂକେତ ଗ୍ରହଣ ଅସମ୍ଭବ ।

ଯଦି 'ଆନନ୍ତ୍ୟ' ଦୋଷର ଅପନୋଦନ କରିବାକୁ ଚେଷ୍ଟାକରି କୁହାଯାଏ ଯେ ପ୍ରତ୍ୟେକ 'ବ୍ୟକ୍ତି'ରେ ସଂକେତ ଗ୍ରହଣ ନ କରି 'କିଛି ଗୋଟିଏ ବ୍ୟକ୍ତି'ରେ ସଂକେତ ଗ୍ରହଣ କରାଗଲେ ଅବଶିଷ୍ଟ ବ୍ୟକ୍ତିମାନଙ୍କଠାରେ ବିନା ସଂକେତ ଗ୍ରହଣରେ ଅର୍ଥବୋଧ ହୋଇ ପାରିବ, ତେବେ ଏହା ପୂର୍ବ ନିୟମ (ବ୍ୟକ୍ତିବିଶେଷଠାରେ ସଂକେତ ଗ୍ରହଣ) ଲଂଘନ କରୁଛି । ଏହା ଫଳରେ ବ୍ୟଭିଚାର ଦୋଷ ଉପସ୍ଥିତ

ହେବ । ତା'ଛଡ଼ା ଯଦି ବ୍ୟକ୍ତିରେ ସଂକେତ ଗ୍ରହଣ କରାଯାଏ,ତେବେ ଗାଈ, ଧଳା ଗାଈ, ଶୂଳ୍‌ଥିବା ଗାଈ ଓ 'ଗୁରୁବାରୀ' ନାମଧାରୀ ଗାଈ —ଯେଉଁମାନେ କି ପ୍ରତ୍ୟେକେ ଗୋଟିଏ ଗୋଟିଏ ଭିନ୍ନ ଭିନ୍ନ ବ୍ୟକ୍ତିକୁ ବୁଝାନ୍ତି, ସେସବୁ ପାଇଁ ପୃଥକ୍ ସଂକେତ ଗ୍ରହଣ ନ କଲେ ସେମାନଙ୍କର ପାର୍ଥକ୍ୟ ରହିବ ନାହିଁ । ଯଦି 'ଧଳା', 'ଶୂଳୁଥିବା', 'ଗୁରୁବାରୀ'—ଏମାନଙ୍କ ମଧ୍ୟରୁ ଯେ କୌଣସି ଗାଈ ପାଇଁ ଗୋଟିଏ ସଂକେତ ଗ୍ରହଣ କରାଯାଏ, ତେବେ ତାହା ବ୍ୟଭିଚାରଦୋଷଯୁକ୍ତ ହେବ । କାରଣ ଗୃହୀତ ବ୍ୟକ୍ତିବିଶେଷ ପାଇଁ ତନ୍ମଧ୍ୟରୁ ଗୋଟିକର ସଂକେତ ଗ୍ରହଣ କଲେ ତାହା ପ୍ରତ୍ୟେକ ବ୍ୟକ୍ତିବିଶେଷଠାରେ ସଂକେତ ଗ୍ରହଣ ନିୟମ ଲଂଘନ କରିବ । ତେଣୁ ବ୍ୟକ୍ତିରେ ସଂକେତ ଗ୍ରହଣ କରାଯାଇ ପାରିବ ନାହିଁ ।

ମୀମାଂସକମାନେ ଜାତିରେ ସଂକେତ ଗ୍ରହଣ ସ୍ୱୀକାର କରନ୍ତି । ସେମାନଙ୍କ ମତରେ 'ଗାଈ ଆଣ' କହିଲେ 'ଗୋ-ତ୍ୱ' ସାମାନ୍ୟ ଯୁକ୍ତ ଗାଈଜାତିକୁ ବୁଝାଏ, କିନ୍ତୁ ଲୌକିକ 'ଗୋ-ଜାତି' ଅର୍ଥରୁ 'ଗୋ-ବ୍ୟକ୍ତି' ଅର୍ଥ ଆକ୍ଷିପ୍ତ ହୁଏ କିମ୍ବା ଅନୁମାନ ବା ଅର୍ଥାପତ୍ତି ପ୍ରମାଣ ବଳରେ ଜାତି ସ୍ଥାନରେ ବ୍ୟକ୍ତି ଅର୍ଥ ଗ୍ରହଣ କରାଯାଏ । ( ସାଧାରଣତଃ ପ୍ରମାଣ ତିନି ପ୍ରକାର—ପ୍ରତ୍ୟକ୍ଷ, ଅନୁମାନ ଓ ଶବ୍ଦ । କିନ୍ତୁ ମୀମାଂସକମାନେ ଅର୍ଥାପତ୍ତି ନାମରେ ଏକ ଚତୁର୍ଥ 'ପ୍ରମାଣ' ସ୍ୱୀକାର କରିଥାନ୍ତି । ଅର୍ଥାପତ୍ତି ପ୍ରମାଣର ଅର୍ଥ ହେଉଛି—ଗୋଟିଏ ଶବ୍ଦରୁ ତାର ବ୍ୟାବହାରିକ ଅର୍ଥ ପ୍ରଶସ୍ତ ନ ହେଲେ, ସେଥିପାଇଁ ପ୍ରକୃତ ଅଭିଧେୟାର୍ଥକୁ ଉପାଦାନ ରୂପେ ଗ୍ରହଣ କରି ତାହା ବ୍ୟତୀତ ଅନ୍ୟ ଏକ ଅର୍ଥ ଗ୍ରହଣ କରିବା । )

କିନ୍ତୁ ବୈୟାକରଣମାନଙ୍କ ମତରେ ସଙ୍କେତ ଗ୍ରହଣ କେବଳ 'ବ୍ୟକ୍ତି' ବା 'ଜାତି'ରେ ରହି ନ ପାରେ । ବ୍ୟକ୍ତିର ଉପାଧିଭୂତ ଧର୍ମ ( ଜାତି, ଗୁଣ, କ୍ରିୟା ଓ ବକ୍ତାର 'ଯଦୃଚ୍ଛା' ବାଚକ ଶବ୍ଦ ବା ସଂଜ୍ଞା ବା ନାମ ) ରେ ସାଙ୍କେତିକ ଅର୍ଥ ଗ୍ରହଣ କରିବା ଉଚିତ । ବ୍ୟକ୍ତିର ଏହି ଉପାଧି ସାଧାରଣତଃ ଦୁଇ ପ୍ରକାର (କ) ବସ୍ତୁଧର୍ମ ( ଅର୍ଥାତ୍ ବସ୍ତୁଠାରେ ନିହିତ ଧର୍ମ ) ଓ (ଖ) ବକ୍ତାର ଇଚ୍ଛାନୁଯାୟୀ ସଂଜ୍ଞାପ୍ରଦାନ । ବସ୍ତୁଧର୍ମ ଦୁଇପ୍ରକାର—(କ) ସିଦ୍ଧ ( ଜନ୍ମରୁ ବିଦ୍ୟମାନ ) ଓ (ଖ) ସାଧ୍ୟ ( ପରେ ଯାହା ପ୍ରାପ୍ତ ହୁଏ ) । ସିଦ୍ଧରୂପ ଧର୍ମ ମଧ୍ୟ ଦୁଇପ୍ରକାର—(କ) ପଦାର୍ଥର ଜୀବନାଧାୟକ ତତ୍ତ୍ୱ ( ଜାତି—ଯେପରି 'ଗୋତ୍ୱ' ) ଓ (ଖ) ବିଶେଷାଧାୟକ ତତ୍ତ୍ୱ ବା ଗୁଣ ( ଯେପରି ଶୁକ୍ଳତ୍ୱ ) । 'ଗୋତ୍ୱ'ରୂପକ ଜୀବନାଧାୟକ ତତ୍ତ୍ୱ ସବୁ ଗାଈଙ୍କଠାରେ ସାଧାରଣ ରୂପେ ଥାଏ । ଏହାର ଅଭାବରେ 'ଗାଈ'କୁ 'ଗାଈ' କୁହାଯାଇ ପାରିବ ନାହିଁ । ଗୁଣ (ଶୁକ୍ଳତ୍ୱ ପ୍ରଭୃତି) ଏକ ନିର୍ଦ୍ଦିଷ୍ଟ ଗାଈର ବିଶେଷତ୍ୱ । ସାଧ୍ୟରୂପୀ ଧର୍ମ ହେଉଛି କ୍ରିୟା; ଯଥା :—ଗମନରୂପୀ କ୍ରିୟା । ଏହା ଜନ୍ମଗତ ନୁହେଁ, ପରେ ଏହି ଧର୍ମ ଆହରଣ କରାଯାଇଥାଏ । ବକ୍ତାର ଇଚ୍ଛାନୁଯାୟୀ ନାମକରଣ ବା ସଂଜ୍ଞାପ୍ରଦାନ—ଯେପରି 'ଗୃନ୍ଦ', ଗୃହୁବାଗି, ନନ୍ଦମି ଇତ୍ୟାଦି । ସେଥିପାଇଁ ମହାଭାଷ୍ୟକାର ପତଞ୍ଜଳି କହନ୍ତି ଯେ "ଗୌ ( ଜାତି ) ଶୁକ୍ଳ ( ଗୁଣ ), ଚଳ ( କ୍ରିୟା ) ଓ ଡିତ୍ଥନାମକ ଗାଈ ( ଯଦୃଚ୍ଛା ବାଚକ ଶବ୍ଦ ) ଏହି ଚାରିପ୍ରକାର ଶବ୍ଦରୁ ସାଙ୍କେତିକ ଅର୍ଥ ବ୍ୟବହାର କରାଯାଇଥାଏ ।"

କିନ୍ତୁ ମୀମାଂସକମାନେ 'ଜାତି'ରେ ସାଙ୍କେତିକ ଅର୍ଥ ଗ୍ରହଣ କରୁଥିବାରୁ ଗୁଣ, କ୍ରିୟା, ସଂଜ୍ଞାକୁ 'ଜାତି'ରେ ଅନ୍ତର୍ଭୁକ୍ତ କରି

ବୈୟାକରଣମାନଙ୍କର ମତକୁ ଖଣ୍ଡନ କରିଛନ୍ତି । ଏମାନଙ୍କ ମତାନୁସାରେ ଗୁଣ, କ୍ରିୟା ଓ ସଂଜ୍ଞା ଜାତିର ଅନ୍ତର୍ଗତ । ଉଦାହରଣ ସ୍ୱରୂପ ଏମାନେ ଦର୍ଶାଇଛନ୍ତି ଯେ ଦୁଧ, ବରଫ, ଶଙ୍ଖ ପ୍ରଭୃତିରେ ଥିବା ଶୁକ୍ଳତା ରୂପକ ଗୁଣ ଭିନ୍ନ ଭିନ୍ନ ଭାବରେ ଥିଲେ ମଧ୍ୟ ଏହିସବୁ ଶୁକ୍ଳ ପଦାର୍ଥରେ 'ଶୁକ୍ଳତ୍ୱ' ସାମାନ୍ୟ ଭାବରେ ବିଦ୍ୟମାନ । ଜାତିର ଅନ୍ୟ ନାମ ସାମାନ୍ୟ ହୋଇଥିବାରୁ ଗୁଣ ( ଶୁକ୍ଳତ୍ୱ ) ମଧ୍ୟ ଜାତିର ଅନ୍ତର୍ଗତ । ସେହିପରି ତଣ୍ଡୁଳର ପାକକ୍ରିୟା ଓ ବ୍ୟଞ୍ଜନର ପାକକ୍ରିୟାରେ ପାର୍ଥକ୍ୟ ଥିଲେ ମଧ୍ୟ ସବୁପ୍ରକାର ପାକକ୍ରିୟାରେ 'ପାକତ୍ୱ' ରୂପକ କ୍ରିୟା 'ସାମାନ୍ୟ' ଭାବରେ ଅଛି । ତେଣୁ ଏହା ଜାତିର ଅନ୍ତର୍ଗତ । ସେହିପରି 'ହରି' ଶବ୍ଦ ( ଯଦୃଚ୍ଛାବାଚକ ବା ସଂଜ୍ଞା ) ବିଭିନ୍ନ ବକ୍ତାଙ୍କର ଉଚ୍ଚାରଣରେ ବିଭିନ୍ନ ରୂପ ଗ୍ରହଣ କରୁଥିଲେ ମଧ୍ୟ ଏହି ଶବ୍ଦର ଅର୍ଥରେ ପାର୍ଥକ୍ୟ ନ ଆଏ । ସର୍ବଦା ସମାନ ଅର୍ଥ ବ୍ୟକ୍ତ କରୁଥିବାରୁ ଏଥିରେ ମଧ୍ୟ 'ସାମାନ୍ୟ'ର ସତ୍ତା ଉପଲବ୍ଧ ହୁଏ । ତେଣୁ ଏହା ମଧ୍ୟ 'ଜାତି'ର ଅନ୍ତର୍ଗତ । ତେଣୁ ମୀମାଂସକମାନେ କହନ୍ତି ଯେ ପ୍ରତ୍ୟେକ ବ୍ୟକ୍ତିବିଶେଷର ଗୁଣ, କ୍ରିୟା ଓ ସଂଜ୍ଞା ଜାତିର ଅନ୍ତର୍ଭୁକ୍ତ ହୋଇଥିବାରୁ ଜାତିରେ ସଙ୍କେତ ଗ୍ରହଣ କରିବା ଉଚିତ ।

କାବ୍ୟପ୍ରକାଶକାର ମମ୍ମଟ ବୈୟାକରଣମାନଙ୍କର ମତାନୁସାରେ ବ୍ୟକ୍ତିର ଉପାଧିଭୂତ ଜାତି, ଗୁଣ, କ୍ରିୟା ଓ ସଂଜ୍ଞାରେ ତଥା ମୀମାଂସକମାନଙ୍କ ମତାନୁସାରେ କେବଳ ଜାତି—ଏହି ଉଭୟମତକୁ ସମର୍ଥନ କରିଛନ୍ତି ( ୧ ) । କିନ୍ତୁ ବିଶ୍ୱନାଥ କେବଳ ବୈୟାକରଣମାନଙ୍କର ମତ ଜାତି, ଗୁଣ, କ୍ରିୟା ଓ ଦ୍ରବ୍ୟ ( ଅର୍ଥାତ୍ ସଂଜ୍ଞା )

(୧) ସଂକେତିତଶ୍ଚତୁର୍ଭେଦୋ ଜାତ୍ୟାଦିର୍ଜାତିରେବ ବା (କାବ୍ୟପ୍ରକାଶ-୨।୮)

ଏହି ଗୁରୁପ୍ରକାର ଶବ୍ଦରେ 'ସାଙ୍କେତିକ ଅର୍ଥ ଗ୍ରହଣ'କୁ ସ୍ୱୀକାର କରିଛନ୍ତି ( ୨ )।

**ଲକ୍ଷଣା**—ଅଭିଧାଶକ୍ତି ଦ୍ୱାରା ଯେଉଁ ଅର୍ଥ ପ୍ରକଟିତ ହୁଏ, ତାହା ମୁଖ୍ୟାର୍ଥ ବା ବାଚ୍ୟାର୍ଥ; କିନ୍ତୁ ଯେଉଁ ବାକ୍ୟରେ ସମସ୍ତ ପଦ ସହିତ ମୁଖ୍ୟାର୍ଥର ଅନ୍ୱୟ ହେବାରେ ବାଧା ଉପସ୍ଥିତ ହୁଏ, ସେଠାରେ ରୂଢ଼ି ବା ପ୍ରସିଦ୍ଧି ହେତୁ କିମ୍ବା କୌଣସି ବିଶେଷ ପ୍ରୟୋଜନର ପ୍ରତିପାଦନ ନିମିତ୍ତ ମୁଖ୍ୟାର୍ଥ ସହିତ ସମ୍ବନ୍ଧ ରଖି ଅନ୍ୟ ଏକ ଅର୍ଥ ପ୍ରତୀତ ହେଲେ ତାହାକୁ ଲକ୍ଷ୍ୟାର୍ଥ କୁହାଯାଏ ( ୩ )। ଲକ୍ଷ୍ୟାର୍ଥ ବୋଧ ନିମିତ୍ତ ଯେଉଁ ଶକ୍ତି ଆବଶ୍ୟକ ହୁଏ, ତାହା 'ଲକ୍ଷଣା', ସେଭଳି ଶବ୍ଦକୁ ଲାକ୍ଷଣିକ ଶବ୍ଦ କୁହାଯାଏ। ସାଧାରଣତଃ ଲକ୍ଷଣା ଦୁଇ ଭାଗରେ ବିଭକ୍ତ – ରୂଢ଼ି ଲକ୍ଷଣା, ପ୍ରୟୋଜନବତୀଲକ୍ଷଣା । ଉଦାହରଣ ସ୍ୱରୂପ—'କଳିଙ୍ଗ ସାହସୀ ଅଟେ'। ଏଠାରେ କଳିଙ୍ଗର ମୁଖ୍ୟାର୍ଥ କଳିଙ୍ଗ ନାମକ ଦେଶବିଶେଷ କିନ୍ତୁ ଗୋଟିଏ ଜଡ଼ ଦେଶ ସାହସୀ ହେବା ଅସମ୍ଭବ । ତେଣୁ ବାକ୍ୟର ମୁଖ୍ୟାର୍ଥ ଅଯୌକ୍ତିକ ମନେହେବାରୁ 'କଳିଙ୍ଗ' ଶବ୍ଦ, ଲକ୍ଷଣାଶକ୍ତି ଦ୍ୱାରା କଳିଙ୍ଗ ଦେଶର ପୁରୁଷାର୍ଥ ପ୍ରତିପାଦନ କରୁଛି । ସାଧାରଣତଃ କଳିଙ୍ଗ ଦେଶବାସୀ ସାହସୀ ବୋଲି ପ୍ରସିଦ୍ଧି ଅଛି । ତେଣୁ ରୂଢ଼ିଦ୍ୱାରା ଏଭଳି ଅର୍ଥ ପ୍ରତୀତି ଘଟୁଥିବାରୁ ଏଠାରେ ରୂଢ଼ିଲକ୍ଷଣା ହେଲା । ଏଠାରେ ମୁଖ୍ୟାର୍ଥ କଳିଙ୍ଗ ଦେଶ ସହ ସମ୍ବନ୍ଧ ରକ୍ଷାକରି 'କଳିଙ୍ଗ ଦେଶବାସୀ' ଅର୍ଥ କରାଗଲା । ସେହିପରି ପ୍ରୟୋଜନବତୀ ଲକ୍ଷଣାର ଉଦାହରଣ

---

(୨) ସଙ୍କେତୋ ଗୃହ୍ୟତେ ଜାତୌ ଗୁଣଦ୍ରବ୍ୟକ୍ରିୟାସୁ ଚ । (ସା· ଦର୍ପଣ-୨୧୪)

(୩) ମୁଖ୍ୟାର୍ଥବାଧେ ତଦ୍ୟୁକ୍ତୋ ଯୟାନ୍ୟୋଽର୍ଥଃ ପ୍ରତୀୟତେ
ରୂଢ଼େଃ ପ୍ରୟୋଜନାଦ୍‌ବାସୌ ଲକ୍ଷଣା ଶକ୍ତିରର୍ପିତା ( ସା. ଦର୍ପଣ-୨୧୫ )

ହେଲା—'ଗଙ୍ଗାରେ ଶବରପଲ୍ଲୀ ଅଛି'। ଗଙ୍ଗାର ମୁଖ୍ୟାର୍ଥ ହେଲା ଜଳପ୍ରବାହ। ଏଠାରେ ଶବରପଲ୍ଲୀ ରହିବା ଅସମ୍ଭବ। ତେଣୁ ଏଠାରେ 'ଗଙ୍ଗା' ଶବ୍ଦର ଲକ୍ଷାର୍ଥ ହେଲା 'ଗଙ୍ଗାକୂଳ'। ଏଠାରେ ଗଙ୍ଗାକୂଳର ପବିତ୍ରତା ହେତୁ (ପ୍ରୟୋଜନ) ଶବରପଲ୍ଲୀ ସ୍ଥାପନ କରାଯାଇଛି—ଏପରି ଅର୍ଥ ପ୍ରତୀତ ହେଉଛି। ମୁଖ୍ୟାର୍ଥ 'ଗଙ୍ଗା' ସହିତ ସମ୍ବନ୍ଧ ରଖି 'ଗଙ୍ଗାକୂଳ' ଅର୍ଥ ଗ୍ରହଣ କରାଯାଉଛି।

**ଲକ୍ଷଣାର ଭେଦ**—ରୂଢ଼ି ଓ ପ୍ରୟୋଜନ ଭେଦରେ ଲକ୍ଷଣା ଦୁଇପ୍ରକାର। ପୁନଶ୍ଚ ରୂଢ଼ି ଲକ୍ଷଣା ଆଠ ପ୍ରକାର ଓ ପ୍ରୟୋଜନବତୀ ଲକ୍ଷଣା ଆଠ ପ୍ରକାର। ତେଣୁ ଲକ୍ଷଣାକୁ ଷୋଡ଼ଶ ପ୍ରକାର ବୋଲି ବିଶ୍ୱନାଥ ସ୍ୱୀକାର କରନ୍ତି।

ରୂଢ଼ି ଓ ପ୍ରୟୋଜନବତୀ ଲକ୍ଷଣା ପ୍ରତ୍ୟେକେ **ଉପାଦାନ ଲକ୍ଷଣା** ଓ **ଲକ୍ଷଣ ଲକ୍ଷଣା** ଭେଦରେ ଦୁଇ ପ୍ରକାର **ଉପାଦାନ ଲକ୍ଷଣାରେ** ମୁଖ୍ୟାର୍ଥ ବାଧାପ୍ରାପ୍ତ ହେବା ପରେ କୌଣସି ଶବ୍ଦ, ବାକ୍ୟରେ ଅନ୍ୱୟ ନିମିତ୍ତ ସ୍ୱ-ଅର୍ଥ ତ୍ୟାଗ ନ କରି ଅନ୍ୟ ଅର୍ଥ ଗ୍ରହଣ କରେ (୪)। ଉଦାହରଣ ସ୍ୱରୂପ ଯଦି କେହି ଘୋଡ଼ା ଦୌଡ଼ି ଦେଖିବାବେଳେ କହେ ଯେ 'ହେଇ ଦେଖ ! ଧଳାଟା ଦୌଡ଼ୁଛି' ତେବେ ଏଠାରେ 'ଧଳା' ଶବ୍ଦଦ୍ୱାରା 'ଘୋଡ଼ା' ଅର୍ଥ ପ୍ରକାଶ ପାଉଛି। ତେଣୁ ଏଠାରେ 'ଘୋଡ଼ା' ଅର୍ଥ ଆକ୍ଷିପ୍ତ ହେଉଛି ଓ 'ଧଳା' ଅର୍ଥ ପରିତ୍ୟକ୍ତ ନ ହୋଇ ଯୋଗ ହେଉଅଛି, କାରଣ ଧବଳତ୍ୱ ଘୋଡ଼ାର ସମସ୍ତ ଅଙ୍ଗରେ ଅବସ୍ଥିତ। ଏହା ହିଁ ଉପାଦାନ

(୪) ମୁଖ୍ୟାର୍ଥସ୍ୟେତରାକ୍ଷେପୋ ବାକ୍ୟାର୍ଥେଽନ୍ୱୟସିଦ୍ଧୟେ
ସ୍ୟାଦାତ୍ମନୋଽପ୍ୟୁପାଦାନାଦେଷୋପାଦାନଲକ୍ଷଣା। (ସା. ଦର୍ପଣ-୨।୬)

ଲକ୍ଷଣା । ସେହିପରି ଯେଉଁଠାରେ ମୁଖ୍ୟାର୍ଥ ବ୍ୟତୀତ ଅନ୍ୟ ଅର୍ଥ ଅବବୋଧ ନିମିତ୍ତ କୌଣସି ଶବ୍ଦ ସ୍ୱ-ଅର୍ଥ ସମ୍ପୂର୍ଣ୍ଣ ରୂପେ ପରିତ୍ୟାଗ କରେ, ସେଠାରେ **ଲକ୍ଷଣ ଲକ୍ଷଣା** ହୁଏ ( ୧ ) । "କଳିଙ୍ଗ ଯୁଦ୍ଧ କରୁଛି"—ଏପରି ବାକ୍ୟରେ କଳିଙ୍ଗ ଅର୍ଥ କଳିଙ୍ଗ ଦେଶବାସୀ ପୁରୁଷଙ୍କୁ ବୁଝାଉଅଛି । କଳିଙ୍ଗର ମୁଖ୍ୟାର୍ଥ ଦେଶ ହେଲେ ମଧ୍ୟ ପୁରୁଷାର୍ଥ ବୋଧ ନିମିତ୍ତ ମୁଖ୍ୟଅର୍ଥକୁ ସମ୍ପୂର୍ଣ୍ଣ ପରିତ୍ୟାଗ କରି ଦେଶବାସୀଙ୍କୁ ବୁଝାଉଛି । ତେଣୁ ଏଠାରେ ଲକ୍ଷଣ ଲକ୍ଷଣା ହୋଇଛି । ଏହା ରୂଢ଼ି ଲକ୍ଷଣାର ଉଦାହରଣ । ଏହିପରି ପ୍ରୟୋଜନବତୀ ଲକ୍ଷଣା ମଧ୍ୟ ଉପାଦାନ ଓ ଲକ୍ଷଣଲକ୍ଷଣା ଭେଦରେ ଦୁଇ ପ୍ରକାର ।

ପୁନଶ୍ଚ ଉପାଦାନ ଲକ୍ଷଣା ଓ ଲକ୍ଷଣ ଲକ୍ଷଣା ( ଉଭୟ ରୂଢ଼ି ଓ ପ୍ରୟୋଜନବତୀରେ ) ପ୍ରତ୍ୟେକେ **ସାରୋପା ଓ ସାଧ୍ୟବସାନ** ଭେଦରେ ଦୁଇ ପ୍ରକାର । ଲକ୍ଷଣାରେ ସାଧାରଣତଃ ଗୋଟିଏ ବସ୍ତୁରେ ଅନ୍ୟ ବସ୍ତୁର ଆରୋପ କରାଯାଏ । ଯାହାକୁ ଆରୋପ କରାଯାଏ, ତାହା ଆରୋପ୍ୟମାଣ ବା ବିଷୟୀ ବା ଉପମାନ ଏବଂ ଯାହାଠାରେ ଆରୋପିତ କରାଯାଏ, ତାହା ଆରୋପ ବିଷୟ, ବା ଉପମେୟ । ଉଦାହରଣ ସ୍ୱରୂପ 'ଧଳା ଘୋଡ଼ା' । ଏଠାରେ ଧଳା ଉପମାନ ଓ ଘୋଡ଼ା ଉପମେୟ । ଯେଉଁଠାରେ ଉପମାନ (ବିଷୟୀ ବା ଆରୋପ୍ୟମାଣ ) ଓ ଉପମେୟ ( ବିଷୟ ବା ଆରୋପ ବିଷୟ ) ଉଭୟର ଶବ୍ଦଗତ ଉପସ୍ଥିତି ଥିବ, ତାହା **ସାରୋପା** ଲକ୍ଷଣା । ଯଥା—'ଧଳା ଘୋଡ଼ା ଦୌଡ଼ୁଛି', କିନ୍ତୁ ଯେଉଁଠାରେ ଉପମାନ

(୧) ଅର୍ପଣଂ ସ୍ୱସ୍ୟ ବାକ୍ୟାର୍ଥେ ପରସ୍ୟାନ୍ୱୟସିଦ୍ଧୟେ
ଉପଲକ୍ଷଣହେତୁତ୍ୱାଦେଷା ଲକ୍ଷଣଲକ୍ଷଣା । ( ସା: ଦର୍ପଣ-୨୧୭ )

ଉପମେୟକୁ ବିଲୁପ୍ତ କରିଥାଏ ବା ଉପମେୟ (ବିଷୟ) ର ଶବ୍ଦଗତ ଉପସ୍ଥିତି ନ ଥାଏ, ସେଠାରେ ସାଧ୍ୟବସାନା ଲକ୍ଷଣା ହୁଏ । ଯଥା: - 'ଧଳାଟା ଦୌଡ଼ୁଛି' । ଏଠାରେ 'ଧଳା' ଉପମାନ ଓ ଏହାଦ୍ୱାରା ଉପମେୟ ବିଲୁପ୍ତ ହୋଇଛି ।


ପୁନଶ୍ଚ ସାରୋପା ଓ ସାଧ୍ୟବସନା ( ଉଭୟ ଉପାଦାନ ଲକ୍ଷଣା ଓ ଲକ୍ଷଣ-ଲକ୍ଷଣା ଭେଦରେ ଏବଂ ରୁଢ଼ି ଓ ପ୍ରୟୋଜନବତୀ ପ୍ରତ୍ୟେକ କ୍ଷେତ୍ରରେ ) ଶୁଦ୍ଧା ଓ ଗୌଣୀ ଭେଦରେ ଦୁଇ ଭାଗରେ ବିଭକ୍ତ । ପୂର୍ବୋକ୍ତ ଲକ୍ଷଣାମାନଙ୍କର ଉପମେୟ ଓ ଉପମାନ ମଧ୍ୟରେ ସାଦୃଶ୍ୟ ସମ୍ପର୍କ ଥିଲେ ଗୌଣୀ ଏବଂ ସାଦୃଶ୍ୟ ଭିନ୍ନ ଅନ୍ୟ ସମ୍ପର୍କ (ଯେପରି କି କାର୍ଯ୍ୟକାରଣ ସମ୍ପର୍କ ) ଥିଲେ ଶୁଦ୍ଧାଲକ୍ଷଣା ହୁଏ । ଉଦାହରଣ ସ୍ୱରୂପ— "ନନ୍ଦବଂଶକୁ ଧ୍ୱଂସ କରି ଚାଣକ୍ୟ ମୌର୍ଯ୍ୟବଂଶକୁ ନିଷ୍କଣ୍ଟକ କଲେ ।" ଏଠାରେ ନନ୍ଦବଂଶ ଓ କଣ୍ଟକ ଉଭୟ ମଧ୍ୟରେ ସାଦୃଶ୍ୟ ସମ୍ବନ୍ଧ ଥିବାରୁ ଗୌଣୀ ଲକ୍ଷଣା ହେବ । ଏଠାରେ 'କଣ୍ଟକ' ଲାକ୍ଷଣିକ ଶବ୍ଦ ଓ ତାହା ରୁଢ଼ି ବଶତଃ ଶତ୍ରୁ ଅର୍ଥରେ ଗୃହୀତ । ସେହିପରି "ଘୃତ ହିଁ ଆୟୁ"—ଏହି ଉଦାହରଣରେ ଆୟୁ ଲାକ୍ଷଣିକ ଶବ୍ଦ । 'ଆୟୁ' 'ଘୃତାର୍ଥ' ରେ ନିଜର ଅର୍ଥ 'ପ୍ରାଣଜୀବନତ୍ୱ' କୁ ତ୍ୟାଗ କରିଛି ଓ 'ପୁଷ୍ଟିକରତ୍ୱ' ରୂପକ ପ୍ରୟୋଜନ ରହିଥିବାରୁ ଏହା ପ୍ରୟୋଜନ-ବତୀ ଲକ୍ଷଣ-ଲକ୍ଷଣାର ଉଦାହରଣ । ଆୟୁ ଓ ଘୃତ ମଧ୍ୟରେ କାର୍ଯ୍ୟ କାରଣ ଭାବ-ସମ୍ବନ୍ଧ ଥିବାରୁ, ଏହା ସାଦୃଶ୍ୟଠାରୁ ଭିନ୍ନ ସମ୍ବନ୍ଧ । ତେଣୁ ଏହା ଶୁଦ୍ଧାଲକ୍ଷଣାର ଉଦାହରଣ ।

ବିଶ୍ୱନାଥଙ୍କର ଲକ୍ଷଣା ଭେଦ :—

- ଲକ୍ଷଣା
  - ରୂଢ଼ି
    - ଉପାଦାନ
      - ସାରୋପା
        - ଶୁଦ୍ଧା
        - ଗୌଣୀ
      - ସାଧ୍ୟବସାନା
        - ଶୁଦ୍ଧା
        - ଗୌଣୀ
    - ଲକ୍ଷଣ
      - ସାରୋପା
        - ଶୁଦ୍ଧା
        - ଗୌଣୀ
      - ସାଧ୍ୟବସାନା
        - ଶୁଦ୍ଧା
        - ଗୌଣୀ
  - ପ୍ରୟୋଜନବତୀ
    - ଉପାଦାନ
      - ସାରୋପା
        - ଶୁଦ୍ଧା
        - ଗୌଣୀ
      - ସାଧ୍ୟବସାନା
        - ଶୁଦ୍ଧା
        - ଗୌଣୀ
    - ଲକ୍ଷଣ
      - ସାରୋପା
        - ଶୁଦ୍ଧା
        - ଗୌଣୀ
      - ସାଧ୍ୟବସାନା
        - ଶୁଦ୍ଧା
        - ଗୌଣୀ

ଉପରୋକ୍ତ ଲକ୍ଷଣାର ଷୋଡଶ ପ୍ରକାର ଭେଦ, ବିଶ୍ୱନାଥଙ୍କର ମତ । କିନ୍ତୁ ମମ୍ମଟଙ୍କ ମତରେ ଲକ୍ଷଣା ଛଅ ପ୍ରକାର । ଲକ୍ଷଣା 'ଶୁଦ୍ଧା' ଓ 'ଗୌଣୀ' ଭେଦରେ ଦୁଇ ପ୍ରକାର । ଶୁଦ୍ଧା' ଉପାଦାନ-ଲକ୍ଷଣା ଓ ଲକ୍ଷଣ-ଲକ୍ଷଣା ଭେଦରେ ଦୁଇ ପ୍ରକାର । ପୁଣି ଉପାଦାନ ଲକ୍ଷଣା ଓ ଲକ୍ଷଣ-ଲକ୍ଷଣା ପ୍ରତ୍ୟେକ ସାରୋପା-ସାଧ୍ୟବସାନା ଭେଦରେ ଦୁଇ ପ୍ରକାର । ଏହିପରି ଶୁଦ୍ଧା-ଲକ୍ଷଣା ଚାରି ପ୍ରକାର । ଗୌଣୀ ଲକ୍ଷଣା କେବଳ ସାରୋପା ଓ ସାଧ୍ୟବସାନା ଭେଦରେ ଦୁଇ ପ୍ରକାର ଗୌଣୀରେ ମମ୍ମଟ ଉପାଦାନ ଓ ଲକ୍ଷଣ ଲକ୍ଷଣା ସ୍ୱୀକାର କରନ୍ତି ନାହିଁ । ସେଥିପାଇଁ ବିଶ୍ୱନାଥଙ୍କଠାରୁ ତାଙ୍କ ମତରେ ପାର୍ଥକ୍ୟ ଦେଖାଯାଏ ।

ମମ୍ମଟଙ୍କର ଲକ୍ଷଣାଭେଦ —




ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଲକ୍ଷଣାର ଭେଦ ସମ୍ପର୍କରେ ମତପାର୍ଥକ୍ୟ ଥିଲେ ମଧ୍ୟ ବାକ୍ୟରେ ଏହାର ଉପାଦେୟତା ସ୍ୱୀକୃତ ।

**ବ୍ୟଞ୍ଜନା:**— ଶବ୍ଦର ଯେଉଁ ଶକ୍ତି ଦ୍ୱାରା ଅଭିଧେୟାର୍ଥ ଓ ଲକ୍ଷ୍ୟାର୍ଥ ବ୍ୟତୀତ ଅନ୍ୟ କୌଣସି ଚମତ୍କାର ଅର୍ଥର ପ୍ରତୀତି ହୁଏ, ତାହା ବ୍ୟଞ୍ଜନାଶକ୍ତି ଓ ଏହି ପ୍ରକଟିତ ଅର୍ଥକୁ ବ୍ୟଙ୍ଗ୍ୟାର୍ଥ । ବ୍ୟଙ୍ଗ୍ୟାର୍ଥ ପ୍ରକାଶକ ଶବ୍ଦକୁ 'ବ୍ୟଞ୍ଜକ' କୁହାଯାଏ । ବାକ୍ୟରୁ ଏହି ଯେଉଁ ଗୁରୁତ୍ୱପୂର୍ଣ୍ଣ ଅର୍ଥ ପ୍ରକାଶିତ ହୁଏ, ତାହାକୁ 'ଧ୍ୱନ୍ୟର୍ଥ' କୁହାଯାଏ । ଅଭିଧା, ଲକ୍ଷଣା ତାତ୍ପର୍ଯ୍ୟ ଶକ୍ତି ସମୂହ ସ୍ୱ ସ୍ୱ ଅର୍ଥ ପ୍ରକାଶ କରି ବିରତ ହେଲେ, ବ୍ୟଞ୍ଜନାଶକ୍ତି ସାହାଯ୍ୟରେ ଏହି ବ୍ୟଙ୍ଗ୍ୟାର୍ଥ ପ୍ରତୀତ ହୋଇଥାଏ । ବ୍ୟଞ୍ଜନାରେ ଶବ୍ଦ ଓ ଅର୍ଥ ପରସ୍ପର ସାହାଯ୍ୟରେ ବ୍ୟଙ୍ଗ୍ୟାର୍ଥକୁ ସ୍ପଷ୍ଟ କରିଥାନ୍ତି । କେତେକ କାବ୍ୟରେ ବ୍ୟଙ୍ଗ୍ୟାର୍ଥ ବା ଧ୍ୱନ୍ୟର୍ଥକୁ ( ଧ୍ୱନିର ସ୍ଥିତି ) ଅସ୍ୱୀକାର କରନ୍ତି । ଆଉ କେତେକ ଆଲଙ୍କାରିକ ଧ୍ୱନିଲକ୍ଷଣାଶକ୍ତିଦ୍ୱାରା ବୋଧଗମ୍ୟ ବୋଲି ମତପ୍ରଦାନ କରିଥାନ୍ତି । ଅନ୍ୟ କେତେକେ ଧ୍ୱନିକୁ ଅଲୌକିକ ବା ଭାଷା ମାଧ୍ୟମରେ ଅବର୍ଣ୍ଣନୀୟ ବୋଲି ବିଚାର କରିଥାନ୍ତି (୧) । ଧ୍ୱନ୍ୟାଲୋକକର ଆନନ୍ଦବର୍ଦ୍ଧନ ବଳିଷ୍ଠ ଯୁକ୍ତି ସହକାରେ ଧ୍ୱନିର ଅସ୍ତିତ୍ୱ ପ୍ରମାଣ କରିଛନ୍ତି । ତାଙ୍କ ମତରେ ବାକ୍ୟର ବାଚ୍ୟାର୍ଥ ସାହାଯ୍ୟରେ ଅନ୍ୟ ଏକ ରମଣୀୟାର୍ଥ ପ୍ରକାଶ ପାଇଥାଏ । ତାହା ଧ୍ୱନ୍ୟର୍ଥ ବା ବ୍ୟଙ୍ଗ୍ୟାର୍ଥ ଓ କାବ୍ୟର ପ୍ରାଣସ୍ୱରୂପ ।

ବ୍ୟଞ୍ଜନା ଶାବ୍ଦୀବ୍ୟଞ୍ଜନା ଓ ଆର୍ଥୀବ୍ୟଞ୍ଜନା ଭେଦରେ ପ୍ରଧାନତଃ ଦୁଇ ପ୍ରକାର । ଶବ୍ଦ ସମ୍ବନ୍ଧୀୟ ବ୍ୟଞ୍ଜନା ଶାବ୍ଦୀବ୍ୟଞ୍ଜନା । ତାହା ଅଭିଧାମୂଳା ଓ ଲକ୍ଷଣାମୂଳା ଭେଦରେ ଦୁଇ ପ୍ରକାର । ଶାବ୍ଦୀ

---

(୧) କାବ୍ୟସ୍ୟାତ୍ମା······
ସ୍ତସ୍ୟାଭାବଂ ଜଗଦୁରପରେ ଭାକ୍ତମାହୁସ୍ତମନ୍ୟେ ।
କେଚିଦ୍‌ବାଚାଂ ସ୍ଥିତମବିଷୟେ ତତ୍ତ୍ୱମୂଚୁସ୍ତଦୀୟଂ,
ତେନ ବ୍ରୂମଃ············ତତ୍ତ୍ୱ ସ୍ୱରୂପମ୍ । (ଧ୍ୱନ୍ୟାଲୋକ—୧।୧)

ବ୍ୟଞ୍ଜନାରେ ଶବ୍ଦର ବାଚ୍ୟାର୍ଥ ଓ ଲକ୍ଷ୍ୟାର୍ଥ ଭିନ୍ନ ଅନ୍ୟ ଅର୍ଥ ପ୍ରକାଶିତ ହୁଏ । ସଂଯୋଗ, ବିଯୋଗାଦି ଦ୍ୱାରା ଅନେକାର୍ଥକ ଶବ୍ଦ କୌଣସି ଏକ ନିର୍ଦ୍ଦିଷ୍ଟ ଅର୍ଥରେ ନିୟନ୍ତ୍ରିତ ହେଲେ ମଧ୍ୟ ଯେଉଁଠାରେ ଅନ୍ୟ ଏକ ଅର୍ଥ ଅବବୋଧ ହୁଏ, ସେଠାରେ ଅଭିଧାମୂଳା ଶାବ୍ଦୀ-ବ୍ୟଞ୍ଜନା ହୁଏ ।

ଅଭିଧାମୂଳା ଶାବ୍ଦୀବ୍ୟଞ୍ଜନାର ଉଦାହରଣ :—

(କ) ସଂଯୋଗ— 'ସଶଙ୍ଖଚକ୍ର ହରି'—ଏଠାରେ ଶଙ୍ଖଚକ୍ର ସଂଯୋଗରୁ ହରି ଶବ୍ଦ ବିଷ୍ଣୁଙ୍କୁ ବୁଝାଉଛି । ଶଙ୍ଖଚକ୍ର ଶବ୍ଦ ପ୍ରଯୁକ୍ତ ନ ହୋଇଥିଲେ ଏହା ସିଂହ, ସର୍ପ ପ୍ରଭୃତି ଅନ୍ୟ ଅର୍ଥ ପ୍ରକାଶ କରିଥାନ୍ତା ।

(ଖ) ବିଯୋଗ—'ଅଶଙ୍ଖଚକ୍ର ହରି'—ଏଠାରେ ଶଙ୍ଖଚକ୍ର ନ ଥିବାରୁ ହରିପଦ ସେହି ବିଷ୍ଣୁଙ୍କୁ ହିଁ ବୁଝାଉଛି । କାରଣ ଶଙ୍ଖଚକ୍ର ସହିତ ହରି ପଦର ଅନ୍ୟ ଅର୍ଥର କୌଣସି ( ସିଂହ, ସର୍ପ ପ୍ରଭୃତି ) ସମ୍ବନ୍ଧ ନାହିଁ ।

(ଗ) ସାହଚର୍ଯ୍ୟ—'ଭୀମାର୍ଜ୍ଜୁନ'—'ଅର୍ଜ୍ଜୁନ' ଶବ୍ଦ ଅନେକ ଅର୍ଥର ପ୍ରକାଶକ । କିନ୍ତୁ ଏଠାରେ ଭୀମ ଶବ୍ଦର ସାହଚର୍ଯ୍ୟରେ ଏହା ଅନ୍ୟ ଅର୍ଥ ( ଅର୍ଜ୍ଜୁନବୃକ୍ଷ ) କୁ ନ ବୁଝାଇ ତୃତୀୟ ପାଣ୍ଡବଙ୍କୁ ବୁଝାଉଛି ।

(ଘ) ବିରୋଧିତା—'କର୍ଣ୍ଣାର୍ଜ୍ଜୁନ'—କର୍ଣ୍ଣ ଶବ୍ଦ ଶ୍ରବଣେନ୍ଦ୍ରିୟ ଓ ସୂର୍ଯ୍ୟପୁତ୍ରଙ୍କୁ ବୁଝାଏ । କିନ୍ତୁ କର୍ଣ୍ଣ ଓ ଅର୍ଜ୍ଜୁନଙ୍କ ମଧ୍ୟରେ ବିରୋଧର ପ୍ରସିଦ୍ଧି ଥିବାରୁ ଏଠାରେ କର୍ଣ୍ଣ ସୂର୍ଯ୍ୟପୁତ୍ରଙ୍କୁ ହିଁ ବୁଝାଉଛି ।

(ଙ) ଅର୍ଥ — "ସ୍ଥାଣୁଙ୍କୁ ବନ୍ଦନା କରୁଛି" — ଏଠାରେ 'ସ୍ଥାଣୁ' ପଦ 'ଲଣ୍ଡା ବୃକ୍ଷକୁ' ନ ବୁଝାଇ ପ୍ରୟୋଜନବଶତଃ ମହା-ଦେବଙ୍କୁ ବୁଝାଉଛି । କାରଣ ଲଣ୍ଡା ବୃକ୍ଷକୁ ନମସ୍କାର କରୁଛି—ଏପରି ବାକ୍ୟର କୌଣସି ଅର୍ଥ ହୁଏନାହିଁ ।

(ଚ) ପ୍ରକରଣ— ପ୍ରଭୁ ସବୁ ଜାଣନ୍ତି—'ପ୍ରଭୁ' ଶବ୍ଦର ଅର୍ଥ ଭଗବାନ, ମୁନିବ ଓ ରାଜା ପ୍ରଭୃତିଙ୍କୁ ବୁଝାଏ । କିନ୍ତୁ ଶ୍ରୋତା ଓ ବକ୍ତାର ବାର୍ତ୍ତାଳାପ ସମ୍ବନ୍ଧ ସମ୍ପର୍କ ରଖି 'ପ୍ରଭୁ' ପଦର ଅର୍ଥ ପ୍ରସଙ୍ଗାନୁଯାୟୀ ଗ୍ରହଣ କରିବାକୁ ହେବ ।

(ଛ) ଲିଙ୍ଗ—କୁପିତ ମକରଧ୍ୱଜ---ମକରଧ୍ୱଜର ଅର୍ଥ ସମୁଦ୍ର ଓ କାମଦେବ । 'କୋପ' ରୂପକ ଲିଙ୍ଗ ( ଧର୍ମ ) ସମୁଦ୍ରଠାରେ ଅସମ୍ଭବ । ତେଣୁ ଏଠାରେ 'କାମଦେବ' ଅର୍ଥ ହିଁ ଗ୍ରହଣୀୟ ।

(ଜ) ଅନ୍ୟ ଶବ୍ଦର ସାମୀପ୍ୟ — ଦେବ ପୁରାରି – ପୁର ଶବ୍ଦର ଅର୍ଥ ଦେହକୁ ମଧ୍ୟ ବୁଝାଏ, କିନ୍ତୁ ଏଠାରେ ଦେବ ଶବ୍ଦର ସାମୀପ୍ୟ ହେତୁ 'ପୁରାରି' ର ଅର୍ଥ ଶଙ୍କର ।

(ଝ) ସାମର୍ଥ୍ୟ—ମଧୁମତ୍ତ ପିକ—'ମଧୁ' ଶବ୍ଦର ଅର୍ଥ ମଦ୍ୟ, ଦୈତ୍ୟ, ବସନ୍ତ ଇତ୍ୟାଦି । କୋକିଳକୁ ମତ୍ତ କରିବାର ସାମର୍ଥ୍ୟ କେବଳ ବସନ୍ତଋତୁର ହିଁ ଅଛି । ତେଣୁ ଏଠାରେ 'ମଧୁ' ଶବ୍ଦର ଅର୍ଥ ବସନ୍ତ ।

(ଞ) ଔଚିତ୍ୟ—ପ୍ରିୟତମାର ମୁଖ ତୁମକୁ ଆନନ୍ଦ ପ୍ରଦାନ କରୁ—ଏଠାରେ ମୁଖ ପଦ ବହୁ ଅର୍ଥର ପ୍ରକାଶକ । ପ୍ରିୟତମା କୁପିତ ହେବାରୁ ଦୁଃଖିତ ପୁରୁଷ ପ୍ରତି ଏହା କୌଣସି ମିତ୍ରର ଉକ୍ତି । ସ୍ତ୍ରୀର ପ୍ରତିକୂଳତା ହେତୁ ପୁରୁଷର ଦୁଃଖଜାତ ହୋଇଛି । ତେଣୁ ପୁରୁଷପ୍ରତି ସ୍ତ୍ରୀ ଅନୁକୂଳ ( କୋପ ଭାବର ଅଭାବ ) ହେଲେ ପୁରୁଷର

ଆନନ୍ଦ ଜାତ ହେବ, କିନ୍ତୁ କେବଳ ସ୍ତ୍ରୀର ମୁଖ ( ବଦନ ) ଦ୍ୱାରା ଓ ଦୁଃଖିତ ପୁରୁଷକୁ ସୁଖୀ କରିପାରିବ ନାହିଁ । ତେଣୁ ଏଠାରେ 'ମୁଖ' ଅର୍ଥ ସ୍ତ୍ରୀର 'ସାମ୍ମୁଖ୍ୟ' ( ଅନୁକୂଳତା ) ଭାବରେ ଗ୍ରହଣ କରିବା ଉଚିତ ।

(୮) ଦେଶ--ଗଗନରେ ଚନ୍ଦ୍ର ଶୋଭା ପାଉଛି । ଯଦିଓ 'ଚନ୍ଦ୍ର'ର କର୍ପୂର ଓ ଚନ୍ଦ୍ରମା ପ୍ରଭୃତି ଅନେକ ଅର୍ଥ ଅଛି, ତଥାପି ଏଠାରେ 'ଚନ୍ଦ୍ରମା' ଅର୍ଥ ଗ୍ରହଣୀୟ । କାରଣ ଆକାଶ ଦେଶରେ ଚନ୍ଦ୍ରମାର ଅବସ୍ଥାନ ହିଁ ସମ୍ଭବ ।

(୦) କାଳ—ରାତିରେ ଚିତ୍ରଭାନୁ ଶୋଭାପାଉଛି । ଚିତ୍ରଭାନୁର ଅର୍ଥ ସୂର୍ଯ୍ୟ, ଅଗ୍ନି ପ୍ରଭୃତି । ଏହା ଦିବସରେ ସୂର୍ଯ୍ୟଙ୍କୁ ଓ ରାତିରେ ଅଗ୍ନିଙ୍କୁ ବୁଝାଏ । ଏଠାରେ 'ରାତି' ( କାଳ ) ସହିତ ସମ୍ବନ୍ଧ ହେତୁ ସୂର୍ଯ୍ୟଙ୍କୁ ନ ବୁଝାଇ 'ଅଗ୍ନି' ଅର୍ଥକୁ ପ୍ରକାଶ କରୁଛି ।

**ଲକ୍ଷଣାମୂଳାଶାବ୍ଦୀ ବ୍ୟଞ୍ଜନା**—ପୂର୍ବରୁ ଆଲୋଚନା କରାଯାଇଛି ଯେ ରୁଢ଼ି ଲକ୍ଷଣାରେ କୌଣସି ବ୍ୟଙ୍ଗ୍ୟାର୍ଥ ନ ଥାଏ । ତେଣୁ ତାହା ଅବ୍ୟଙ୍ଗ୍ୟ । ପ୍ରୟୋଜନବତୀ ଲକ୍ଷଣାରେ ବ୍ୟଞ୍ଜନାଶକ୍ତି ଦ୍ୱାରା ପ୍ରୟୋଜନ ବୋଧଗମ୍ୟ ହୋଇଥାଏ । ମମ୍ମଟ ଯୁକ୍ତି ସହକାରେ ପ୍ରତିପାଦନ କରିଛନ୍ତି ଯେ ଏହା ଅଭିଧା ବା ଲକ୍ଷଣା ଦ୍ୱାରା ବୋଧ-ଗମ୍ୟ ହୁଏ ନାହିଁ । ଲକ୍ଷଣାରେ ଏହି ପ୍ରୟୋଜନସିଦ୍ଧି ବ୍ୟଞ୍ଜନା ବ୍ୟତୀତ ଅନ୍ୟ ବ୍ୟାପାର ( ଅଭିଧା, ଲକ୍ଷଣା ) ଦ୍ୱାରା ଅସମ୍ଭବ । ଏହି ପ୍ରକାର ବ୍ୟଞ୍ଜନାକୁ ଲକ୍ଷଣାମୂଳା ଶାବ୍ଦୀବ୍ୟଞ୍ଜନା କୁହାଯାଏ । ଉଦାହରଣ ସ୍ୱରୂପ—"ଗଙ୍ଗାରେ ଶବରପଲ୍ଲୀ" । ପୂର୍ବରୁ ଆଲୋଚନା କରାଯାଇଛି ଯେ ଏଠାରେ ଗଙ୍ଗା ଶବ୍ଦ ଲକ୍ଷ୍ୟାର୍ଥରେ ଗଙ୍ଗାକୂଳ ଏବଂ ଶୀତଳତା ଓ ପବିତ୍ରତା ନିମିତ୍ତ ଗଙ୍ଗାକୂଳରେ ପଲ୍ଲୀ ସ୍ଥାପନା

( ପ୍ରୟୋଜନ ନିମିତ୍ତ ) କରାଯାଇଛି । ତେଣୁ ଏହା ଲକ୍ଷଣାମୂଳା ଶାବ୍ଦୀବ୍ୟଞ୍ଜନା ।

**ଆର୍ଥୀବ୍ୟଞ୍ଜନା**—ଅର୍ଥସମ୍ବନ୍ଧୀୟ ବ୍ୟଞ୍ଜନାକୁ ଆର୍ଥୀ ବ୍ୟଞ୍ଜନା କୁହାଯାଏ । ବକ୍ତା, ବୋଦ୍ଧବ୍ୟ, ( ଯାହାକୁ କୁହାଯାଏ ) ବାକ୍ୟ, ଅନ୍ୟର ସନ୍ନିଧାନ, ପ୍ରସ୍ତାବ, ଦେଶ, କାଳ, ବାଚ୍ୟ, କାକୁ ଆଦିର ବୈଶିଷ୍ଟ୍ୟ ହେତୁ ଯେଉଁ ଶବ୍ଦଶକ୍ତି ଅନ୍ୟ ଏକ ଅର୍ଥ ପ୍ରକାଶ କରେ, ତାହାର ନାମ ଆର୍ଥୀବ୍ୟଞ୍ଜନା ।

"କୁରୁବକ କଣ୍ଟା ଲଗିଲା ବୋଲି
ସଖୀଙ୍କି କହିଲା ଛଳି
ପ୍ରିୟମ୍ବଦା ବୋଲେ ଧୂରୁବକ କଣ୍ଟା
ମିନାକ୍ଷୀ ଗଲା କି ଗଲ ।" (ପ୍ରଣୟବଲ୍ଲରୀ)

ଏଠାରେ କୁରୁବକ କଣ୍ଟା ଲଗିବା ମିଥ୍ୟା । ମାତ୍ର ଧୂର୍ତ୍ତବଂଶୀୟ ଦୁଷ୍ୟନ୍ତଙ୍କୁ ଉଦ୍ଦେଶ୍ୟ କରି ଛଳନା କରୁଥିବାରୁ ପ୍ରିୟମ୍ବଦା ଶକୁନ୍ତଳାଙ୍କ ପ୍ରତି ଉପରୋକ୍ତ କଥା ପ୍ରକାଶ କରିଛନ୍ତି । ଏଠାରେ ବୋଦ୍ଧବ୍ୟ ବୈଶିଷ୍ଟ୍ୟ ହେତୁ ଆର୍ଥୀବ୍ୟଞ୍ଜନା ।

ଶକୁନ୍ତଳା—"ନ ଜାଣଇ ମୁହିଁ କାନନବାସିନୀ
ରଚନା ତ ସୁଦ୍ଧା କଣ ?
ଦୁଷ୍ୟନ୍ତ—ସତ କହିଲ ଟିଗୋ ସୁଧା ସୁଭାଷିଣୀ
ରଚନା ତ ସୁଧା କଣ ।" (ପ୍ରଣୟବଲ୍ଲରୀ)

ଏଠାରେ କାକୁର ବୈଶିଷ୍ଟ୍ୟ ଯୋଗୁ 'ସୁଦ୍ଧା' ଶବ୍ଦ 'ସୁଧା' ଭାବରେ ବର୍ଣ୍ଣିତ ହୋଇ ଆର୍ଥୀବ୍ୟଞ୍ଜନାର ରୂପ ଗ୍ରହଣ କରିଛି ।

"ଢ ନ ଯେ ଗୁଚ୍ଛ, ସୁମନା ମାଳାକୁ,
ଶ୍ରୀକରେ ଦେଇ ବୋଇଲ ବାଳାକୁ ।

ଆଜି ଠାରୁ ତୋର ମୋର ମାଳତୀ,
ହୋଇ ନ କଲୁ ସେ ବଦନ ପୋତି ।
କେଣୁଁ କୁରୁବକ
ଦେଖାଇ ବୋଇଲୁ ଏ ନାମେ ଡାକ ।" ( ଲାବଣ୍ୟବତୀ )

ଏଠାରେ ଚନ୍ଦ୍ରଭାନୁ ଓ ଲାବଣ୍ୟବତୀର କଥୋପକଥନ ପର୍ଯ୍ୟାୟରେ ଚନ୍ଦ୍ରଭାନୁ ଲାବଣ୍ୟବତୀ ସହିତ 'ମାଳତୀ' ବସିବାକୁ ଇଚ୍ଛାପ୍ରକାଶ କରିବା ଓ ଲାବଣ୍ୟବତୀ ଏଥିରେ ଅସମ୍ମତି ପ୍ରଦାନ କରି 'କୁରୁବକ' ବସିବାକୁ ନିର୍ଦ୍ଦେଶ ଦେବା ବାଚ୍ୟାର୍ଥ, କିନ୍ତୁ ଚନ୍ଦ୍ରଭାନୁ 'ମାଳତୀ' ବସିବା ପ୍ରସ୍ତାବ ସୁରୁତାପ୍ସିତ ଉତ୍ତର ବ୍ୟଞ୍ଜନା ଦେଉଛି ଓ ଲାବଣ୍ୟବତୀର 'କୁରୁବକ' ବସିବା ପ୍ରସ୍ତାବ ସାଧାରଣ ଉତ୍ତର ବ୍ୟଞ୍ଜନା ପ୍ରଦାନ କରୁଛି । ତେଣୁ ଏଠାରେ ପ୍ରସ୍ତାବ ବୈଶିଷ୍ଟ୍ୟ ଯୋଗୁଁ ଆର୍ଥୀବ୍ୟଞ୍ଜନା ।

# କାବ୍ୟ-ଆତ୍ମା

କାବ୍ୟର ଆତ୍ମତତ୍ତ୍ୱ ସମ୍ପର୍କରେ ଆଳଙ୍କାରିକମାନେ ସବିଶେଷ ଆଲୋଚନା କରିଯାଇଛନ୍ତି । ଭାମହ, ରୁଦ୍ରଟ ପ୍ରଭୃତି କେତେକ ଆଳଙ୍କାରିକ ଶବ୍ଦ ଓ ଅର୍ଥକୁ କାବ୍ୟର ସାରତତ୍ତ୍ୱ ବା ଆତ୍ମା ରୂପେ ଗ୍ରହଣ କରିଛନ୍ତି, କିନ୍ତୁ ପରବର୍ତ୍ତୀ କାଳରେ ବହୁ ଯୁକ୍ତିତର୍କ ଫଳରେ ଶବ୍ଦ ଓ ଅର୍ଥ କାବ୍ୟର ଶରୀର ( ବାହ୍ୟ ସ୍ୱରୂପ ) ରୂପେ ପ୍ରାୟ ସର୍ବ-ସମ୍ମତିକ୍ରମେ ଗୃହୀତ ହୋଇଛି । କାବ୍ୟ-ମୀମାଂସାରେ ରାଜଶେଖର କାବ୍ୟକୁ ପୁରୁଷ ସହ ତୁଳନା କରିଛନ୍ତି । ପୁରୁଷର ଶରୀର ଓ ଆତ୍ମା ମଧ୍ୟରେ ଯେଉଁଭଳି ପ୍ରଭେଦ ରହିଛି, ଅନୁରୂପ ଭାବରେ କାବ୍ୟର ଶରୀର ଓ ଆତ୍ମା ମଧ୍ୟରେ ପାର୍ଥକ୍ୟ ରହିଛି; କିନ୍ତୁ ଦାର୍ଶନିକଙ୍କ ମଧ୍ୟରେ ମନୁଷ୍ୟର ଆତ୍ମାର ସ୍ୱରୂପ ସମ୍ପର୍କରେ ଚିରନ୍ତନ ମତଭେଦ ଦେଖା-ଦେଇଛି । ଏକ ଦିଗରେ ନୈରାତ୍ମ୍ୟବାଦୀ ଚାର୍ବାକପନ୍ଥୀ ପଞ୍ଚଭୌତିକ ଦେହର ଅସ୍ତିତ୍ୱ ଉପରେ ପ୍ରଗାଢ଼ ବିଶ୍ୱାସ ସ୍ଥାପନ କଲାବେଳେ, ଅପର ଦିଗରେ ଅଦ୍ୱୈତବାଦୀ ବୈଦାନ୍ତିକ ଦଳ ଆତ୍ମା ବ୍ୟତୀତ ଅନ୍ୟ ସମସ୍ତ ଅଳୀକ ବୋଲି ବିଶ୍ୱାସ କରନ୍ତି । ସାହିତ୍ୟକ୍ଷେତ୍ରରେ ଯେଉଁମାନେ କେବଳ କାବ୍ୟର ଶରୀର ( ଶବ୍ଦ, ଅର୍ଥ ) ଉପରେ ଆସ୍ଥା ସ୍ଥାପନ କରନ୍ତି, ସେମାନଙ୍କୁ ଚାର୍ବାକପନ୍ଥୀ କୁହାଯାଇପାରେ ।

କିନ୍ତୁ ଏ କଥା ସ୍ୱୀକୃତ ଯେ, ଆତ୍ମା ବିନା ଶରୀର ଓ ଶରୀର ବିନା ଆତ୍ମାର ସ୍ଥିତି ଅସମ୍ଭବ ପରି ପ୍ରତୀତ ହୁଏ । ଆତ୍ମାର ଅବର୍ତ୍ତ-ମାନରେ ଯେଉଁଭଳି ଶରୀର ଶବରେ ପରିଣତ ହୋଇଥାଏ, ସେହିଭଳି

ସ୍ଥଳରେ କାବ୍ୟାତ୍ମା ବିନା କେବଳ ଶବ୍ଦାର୍ଥ ରୂପୀ କାବ୍ୟ ( ? ) ସହୃଦୟର ଚିତ୍ତକୁ ଆକୃଷ୍ଟ କରିପାରେ ନାହିଁ ।

କାବ୍ୟରେ କେଉଁ ଉପାଦାନ ଥିଲେ, ତା'ର ଉତ୍କର୍ଷ ପ୍ରତିପାଦିତ ହୁଏ ? ଏହିଭଳି ପ୍ରଶ୍ନର ଆଲୋଚନା କରିବାକୁ ଯାଇ ପ୍ରାଚୀନ ଅଳଙ୍କାର ସାହିତ୍ୟରେ ବିଭିନ୍ନ ସମ୍ପ୍ରଦାୟ ଗଢ଼ିଉଠିଛି । ଅଳଙ୍କାର ସାହିତ୍ୟର ଇତିହାସ ପର୍ଯ୍ୟାଲୋଚନା କଲେ ଜଣାଯାଏ ଯେ, ନିମ୍ନୋକ୍ତ ଛଅଟି ସମ୍ପ୍ରଦାୟ ପ୍ରଧାନ । ଏହି ବିଭିନ୍ନ ସଂପ୍ରଦାୟର ଇତିହାସ ଓ ଆଲୋଚନାର ଅନୁଶୀଳନ ଫଳରେ କାବ୍ୟର ଆତ୍ମା ସଂପର୍କରେ ଥିବା ବିଭିନ୍ନ ମତବାଦ ସଂପର୍କରେ ସମ୍ୟକ୍ ଜ୍ଞାନ ଲାଭ ହୋଇଥାଏ ।

| ବିଭିନ୍ନ ସଂପ୍ରଦାୟ | ପ୍ରତିଷ୍ଠାତା, ପୃଷ୍ଠପୋଷକ, ସମର୍ଥକ |
|---|---|
| ୧ । ରସ | ଭରତମୁନି, ବିଶ୍ୱନାଥ |
| ୨ । ଧ୍ୱନି | ଆନନ୍ଦବର୍ଦ୍ଧନ, ଅଭିନବଗୁପ୍ତ |
| ୩ । ରୀତି ଓ ଗୁଣ | ଦଣ୍ଡୀ ବାମନ |
| ୪ । ବକ୍ରୋକ୍ତି | କୁନ୍ତକ |
| ୫ । ଔଚିତ୍ୟ | କ୍ଷେମେନ୍ଦ୍ର |
| ୬ । ଅଳଙ୍କାର | ଭାମହ, ରୁଦ୍ରଟ |

ପରବର୍ତ୍ତୀ ଅଧ୍ୟାୟଗୁଡ଼ିକରେ ପ୍ରତ୍ୟେକ ସଂପ୍ରଦାୟର ଐତିହାସିକ ବିକାଶକ୍ରମ, ପ୍ରତ୍ୟେକ ମତବାଦର ପ୍ରବର୍ତ୍ତକ, ପ୍ରତିଷ୍ଠାତା ତଥା ସମର୍ଥକମାନଙ୍କର ମତାବଳୀର ବିଶ୍ଳେଷଣ କରାଯାଇଛି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଉପରୋକ୍ତ ଛଅଟି ସଂପ୍ରଦାୟରୁ ପ୍ରତ୍ୟେକେ ସେମାନଙ୍କର ମତକୁ ପ୍ରତିଷ୍ଠିତ କରିବାପାଇଁ ଚେଷ୍ଟା କରିଥିଲେ ମଧ୍ୟ 'ରସ ଯେ କାବ୍ୟର ସାର ତତ୍ତ୍ୱ' ଏହା ପ୍ରାୟ ସମସ୍ତ ସମାଲୋଚକମାନଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବରେ ହେଉ ବା ପରୋକ୍ଷ ଭାବରେ ହେଉ ସ୍ୱୀକୃତ ହୋଇଛି । କାବ୍ୟର ଆତ୍ମାସମ୍ପର୍କୀୟ ସିଦ୍ଧାନ୍ତରେ ଉପନୀତ ହେବାକୁ ହେଲେ ପ୍ରତ୍ୟେକ ମତ ସହିତ ପରିଚିତ ହେବା ଆବଶ୍ୟକ । ଏହା ଫଳରେ ହିଁ କାବ୍ୟାନୁଶୀଳନ ସମ୍ଭବ ହୋଇ ପାରିବ ।

# ରସ ସମ୍ପ୍ରଦାୟ

ରସ ଶବ୍ଦର ଇତିହାସ ଆଲୋଚନା କଲେ ଜଣାଯାଏ ଯେ, ଭାରତୀୟ ବାଙ୍ମୟର ପ୍ରାଚୀନତମ ଶବ୍ଦ ଭଣ୍ଡାରରେ ଏହାର ସ୍ଥିତି ସୁରକ୍ଷିତ । ଲୌକିକ ଜଗତରେ ସାଧାରଣତଃ ଏହାର ଚାରି ପ୍ରକାର ଅର୍ଥ ପରିଲକ୍ଷିତ ହୁଏ, ଯଥା—(କ) ପଦାର୍ଥ ରସ – ଅମ୍ଳ, ତିକ୍ତ, କଟୁ, କଷାୟ, ମଧୁର, (ଖ) ସାହିତ୍ୟ ରସ—କାବ୍ୟାନନ୍ଦ, (ଗ) ଆୟୁର୍ବେଦ ରସ – ତରଳ ପଦାର୍ଥ,(ଘ) ଭକ୍ତିରସ—ବ୍ରହ୍ମାନନ୍ଦ ।

ସାହିତ୍ୟ ରସର ବ୍ୟାକରଣଗତ ବ୍ୟୁତ୍ପତ୍ତି ହେଉଛି 'ରସ୍ୟତେ ଇତି ରସଃ' ଅର୍ଥାତ୍—ଯାହା ଆସ୍ୱାଦନ କରାଯାଏ । ବୈଦିକକାଳରୁ 'ରସ' ଶବ୍ଦର ବ୍ୟବହାର ପ୍ରଚଳିତ ଅଛି । ତତ୍ପରେ କ୍ରମେ ବ୍ରାହ୍ମଣ, ଉପନିଷଦ ଆଦି ଗ୍ରନ୍ଥମାନଙ୍କରେ ଏହାର ଅର୍ଥ ବିସ୍ତୃତି ଘଟିଛି । ବାଲ୍ମୀକି ରାମାୟଣର ବାଲକାଣ୍ଡରେ ସାହିତ୍ୟର ନଅଟି ରସ ସମ୍ପର୍କରେ ଉଲ୍ଲେଖ ଥିଲେ ମଧ୍ୟ 'ବାଲକାଣ୍ଡ' ପ୍ରକ୍ଷିପ୍ତାଂଶ ବୋଲି ବିଚାର କରାଯାଇଥାଏ । ଭରତ ମୁନିଙ୍କର 'ନାଟ୍ୟଶାସ୍ତ୍ର'ରୁ ହିଁ ସର୍ବ-ପ୍ରଥମେ ରସର ପାରିଭାଷିକ ଓ ସାହିତ୍ୟିକ ରୂପ ସ୍ପଷ୍ଟ ଭାବରେ ପ୍ରତିଭାତ ହୁଏ । ଭରତ ଏହି ଗ୍ରନ୍ଥରେ କାବ୍ୟ ଦୃଷ୍ଟିରୁ ରସର ବିବେଚନା ନ କରି ନାଟକ ଦୃଷ୍ଟିରୁ ବିଚାର କରିଛନ୍ତି । ନାଟକର ଅପର ନାମ ଦୃଶ୍ୟକାବ୍ୟ ହୋଇଥିବାରୁ ତାଙ୍କର ମତକୁ କାବ୍ୟ-କ୍ଷେତ୍ରରେ ମଧ୍ୟ ଗ୍ରହଣ କରାଯାଇପାରେ ।

**ରସ ସଂପ୍ରଦାୟର ଇତିହାସ** :—ଐତିହାସିକ ଦୃଷ୍ଟି କୋଣରୁ ବିଚାର କଲେ ନାନ୍ଦିକେଶ୍ୱର ରସ ସମ୍ପ୍ରଦାୟର ପ୍ରଥମ

ସ୍ରଷ୍ଟା ଓ ରସାଚାର୍ଯ୍ୟ, କିନ୍ତୁ ତାଙ୍କର ପୂର୍ଣ୍ଣାଙ୍ଗ ଗ୍ରନ୍ଥ ବା ଆଚାର୍ଯ୍ୟତ୍ୱର ପ୍ରମାଣ ବର୍ତ୍ତମାନ ଦୁଷ୍ପ୍ରାପ୍ୟ ! ତେଣୁ ରସ ସମ୍ପ୍ରଦାୟର ପ୍ରଥମ ପ୍ରତିଷ୍ଠାତା ଭାବରେ ଭରତ ପ୍ରସିଦ୍ଧି ଲାଭ କରିଛନ୍ତି । ଭରତଙ୍କର ରସସିଦ୍ଧାନ୍ତ ଆଜି ମଧ୍ୟ ବିଦ୍ୱାନମାନଙ୍କ ଦ୍ୱାରା ସମ୍ମାନିତ, କିନ୍ତୁ ଭରତଙ୍କ ପରେ ରସସିଦ୍ଧାନ୍ତ ଅଧିକ ଲୋକପ୍ରିୟ ହୋଇ ପାରିଲା ନାହିଁ । କାରଣ ପରବର୍ତ୍ତୀ ଆଲଙ୍କାରିକମାନେ ରସକୁ କେବଳ ନାଟକର ଅଙ୍ଗୀଭୂତ ବିଷୟ ମନେକରି ଅଳଙ୍କାର ଓ ରୀତି ପ୍ରଭୃତିକୁ କାବ୍ୟର ଆତ୍ମା ବୋଲି ସ୍ଥିର କଲେ । ଅଳଙ୍କାର ସଂପ୍ରଦାୟର ସମର୍ଥକ ଭାମହ ରସକୁ ରସବତ୍, ଊର୍ଜ୍ଜସ୍ୱିନ୍ ଓ ପ୍ରେୟସ ଅଳଙ୍କାର-ଗୁଡ଼ିକରେ ଅନ୍ତର୍ଭୁକ୍ତ କରିଛନ୍ତି । ରୁଦ୍ରଟ ଅଳଙ୍କାରବାଦୀ ଥିଲେ ମଧ୍ୟ ଅଳଙ୍କାର, ଗୁଣ ବା ରୀତି, ଧ୍ୱନି ଓ ରସ ପ୍ରଭୃତି ସଂପ୍ରଦାୟ-ମାନଙ୍କ ମଧ୍ୟରେ ଏକ ସମନ୍ୱୟ ଆଣିବାକୁ ଯଥାସାଧ୍ୟ ପ୍ରଯତ୍ନ କରି-ଥିଲେ । କାଳିଦାସ ଓ ଭବଭୂତି ରସର ଶ୍ରେୟସ୍କରତାକୁ ସ୍ୱୀକାର କରି ସେମାନଙ୍କର ଗ୍ରନ୍ଥରେ ରସର ପ୍ରାଧାନ୍ୟ ଦର୍ଶାଇଛନ୍ତି; କିନ୍ତୁ ଭବଭୂତି କରୁଣ ରସକୁ ପ୍ରଧାନ ଓ ଅଦ୍ୱିତୀୟ ରସ ରୂପେ ଗ୍ରହଣ କରି ଅନ୍ୟାନ୍ୟ ରସକୁ ତହିଁରେ ଅନ୍ତର୍ଭୁକ୍ତ କରିଛନ୍ତି । ଆନନ୍ଦ-ବର୍ଦ୍ଧନ ଧ୍ୱନିବାଦୀ ହେଲେ ମଧ୍ୟ 'ରସ'ର ବିରୋଧୀ ନୁହନ୍ତି । କାରଣ ସେ ଧ୍ୱନିକୁ ରସଧ୍ୱନି, ବସ୍ତୁଧ୍ୱନି, ଅଳଙ୍କାର ଧ୍ୱନି ଭେଦରେ ତିନି ଭାଗ କରି ରସକୁ ମୁଖ୍ୟ ସ୍ଥାନ ପ୍ରଦାନ କରିଛନ୍ତି । ତାଙ୍କ ପରେ ଅଭିନବ-ଗୁପ୍ତ ରସର ନିଷ୍ପତ୍ତିକୁ ସ୍ୱୀକାର କରି ରସସିଦ୍ଧାନ୍ତ ସମ୍ପର୍କୀୟ କେତେକ ଭ୍ରମ ପରିହାର କରିଛନ୍ତି । ରାଜା ଭୋଜ ରସ ସମ୍ପ୍ର-ଦାୟର ବିଶିଷ୍ଟ ପୃଷ୍ଠପୋଷକ ଥିଲେ । ସେ କେବଳ ଶୃଙ୍ଗାର ରସକୁ ସ୍ୱୀକାର କରୁଥିଲେ । ତାଙ୍କ ମତାନୁସାରେ ଅଳଙ୍କାର, ବିଭାବ, ଅନୁଭାବ ଓ ବ୍ୟଭିଚାରୀ ଭାବଦ୍ୱାରା ଉଦ୍ଦୀପ୍ତ ହୋଇ ରସତ୍ୱକୁ ପ୍ରାପ୍ତ

ହୁଏ । ରତି ଆଦି ସ୍ଥାୟୀଭାବ ରସରେ ପରିଣତ ହୋଇ ପାରନ୍ତି ନାହିଁ । ସେମାନେ କେବଳ ରସର ସମୃଦ୍ଧି କରିଥା'ନ୍ତି । 'ଶୃଙ୍ଗାର ପ୍ରକାଶ'ରେ ଭୋଜଙ୍କର ବିଶେଷ ମୌଳିକତା ପରିଦୃଷ୍ଟ ନ ହେଲେ ଥିଲେ ବି ରସ ସମ୍ବନ୍ଧୀୟ ବ୍ୟାପକ ଓ ବିସ୍ତୃତ ଆଲୋଚନା ହେତୁ ଏହି ଗ୍ରନ୍ଥକୁ ସଂସ୍କୃତ ରସଶାସ୍ତ୍ରର ବିଶ୍ୱକୋଷ କୁହାଯାଇପାରେ । ମମ୍ମଟ ସମସ୍ତ ପ୍ରଚଳିତ ସିଦ୍ଧାନ୍ତଗୁଡ଼ିକ ସୁନ୍ଦରରୂପେ ବିଶ୍ଳେଷଣ କରି ଧ୍ୱନି ଓ ରସ ସମ୍ପର୍କରେ ସମୁଚିତ ବ୍ୟାଖ୍ୟା ପ୍ରଦାନ କରି ଖ୍ୟାତି ଅର୍ଜନ କରିଛନ୍ତି; କିନ୍ତୁ ରସ ସଂପ୍ରଦାୟରେ ବିଶ୍ୱନାଥଙ୍କର ନାମ ଓ କୃତି ବିଶେଷ ଉଲ୍ଲେଖଯୋଗ୍ୟ । ସେ କାବ୍ୟରେ ଧ୍ୱନି ଅପେକ୍ଷା ରସର ମହତ୍ତ୍ୱ ଅଧିକ ବୋଲି ପ୍ରତିପାଦନ କରିଛନ୍ତି ଓ ଧ୍ୱନିକୁ ରସର ଅନ୍ତର୍ଭୁକ୍ତ କରିଛନ୍ତି । ଧ୍ୱନିବାଦୀଙ୍କ ସିଦ୍ଧାନ୍ତ ଅନୁସାରେ କାବ୍ୟରେ ରସର ପ୍ରାଧାନ୍ୟ ରହିଲେ ମଧ୍ୟ ରସବିହୀନ ମଧ୍ୟମ ଓ ଅଧମ କାବ୍ୟ ସୃଷ୍ଟି ହୋଇପାରେ, କିନ୍ତୁ ବିଶ୍ୱନାଥଙ୍କ ମତାନୁଯାୟୀ ମଧ୍ୟମ ଓ ଅଧମ କାବ୍ୟରେ ମଧ୍ୟ ରସର କ୍ଷୀଣ ଆଭାସ ରହିବା ଉଚିତ । ନଚେତ୍ ଏହା କାବ୍ୟରୂପେ ଗୃହୀତ ହୋଇ ପାରିବ ନାହିଁ । ତା' ଛଡ଼ା ବିଶ୍ୱନାଥ 'ଚମତ୍କାରିତ୍ୱ'କୁ ରସର ମୂଳତତ୍ତ୍ୱ ରୂପେ ଗ୍ରହଣ କରି ଅନ୍ୟାନ୍ୟ ରସ ଅପେକ୍ଷା ଅଦ୍ଭୁତ ରସକୁ ଅଧିକ ପ୍ରାଧାନ୍ୟ ଦେଇଛନ୍ତି । ବିଶ୍ୱନାଥଙ୍କ ପରେ ସଂସ୍କୃତ ସାହିତ୍ୟରେ ରସ ସଂପ୍ରଦାୟର ସେଭଳି ଉଲ୍ଲେଖଯୋଗ୍ୟ ସମର୍ଥକଙ୍କର ନାମ ଲକ୍ଷ୍ୟ କରାଯାଏ ନାହିଁ ।

**ରସର ପରିଭାଷା :**—ଭରତ କହିଛନ୍ତି ଯେ ବିଭାବ, ଅନୁଭାବ ଓ ସଞ୍ଚାରିଭାବର ସଂଯୋଗରେ ରସ ନିଷ୍ପତ୍ତି ହୋଇଥାଏ (୧) । ଲୌକିକ ଜଗତରେ ଯାହା କାରଣ, କାର୍ଯ୍ୟ ଓ

(୧) ବିଭାବାନୁଭାବବ୍ୟଭିଚାରିସଂଯୋଗାଦ୍ରସନିଷ୍ପତ୍ତିଃ—( ନାଟ୍ୟଶାସ୍ତ୍ର )

ସହକାରୀ କାରଣ, କାବ୍ୟ ଜଗତରେ ତାହା ବିଭାବ, ଅନୁଭାବ ଓ ବ୍ୟଭିଚାରୀଭାବ ବା ସଞ୍ଚାରୀଭାବ । ମନୁଷ୍ୟର ସ୍ଥାୟୀଭାବ, ଅନୁକୂଳ ବିଭାବ, ଅନୁଭାବ ଓ ସଞ୍ଚାରୀଭାବ ସମ୍ପର୍କରେ ଆସିଲେ ରସରେ ପରିଣତ ହୁଏ । ଭରତଙ୍କର ରସସିଦ୍ଧାନ୍ତ ସୂତ୍ର ସମ୍ପର୍କରେ ଜ୍ଞାନଲାଭ କରିବାକୁ ହେଲେ ସ୍ଥାୟୀଭାବ, ବିଭାବ, ଅନୁଭାବ ଓ ସଞ୍ଚାରୀଭାବ ସମ୍ପର୍କରେ ସ୍ପଷ୍ଟଜ୍ଞାନ ହେବା ବିଧେୟ । ଏହି ସବୁଗୁଡ଼ିକ ଉପାଦାନ ରସାଭିବ୍ୟକ୍ତି ନିମିତ୍ତ ଅପରିହାର୍ଯ୍ୟ ।

(କ) ସ୍ଥାୟୀଭାବ :—ମନୁଷ୍ୟଠାରେ ରତି, ହାସ, ଶୋକ ଆଦି ନାନାପ୍ରକାର ଭାବ ପରିଲକ୍ଷିତ ହୁଏ । ପୂର୍ବଜନ୍ମରେ ଏହି ଭାବର ବିନାଶ ହୋଇ ନ ଥାଏ । ତାହା ଆତ୍ମା ସହିତ ବାସନା-ରୂପେ ସନ୍ନିବିଷ୍ଟ ହୋଇ ମନର ଅର୍ଦ୍ଧଚେତନ ବା ଅବଚେତନ ଅବସ୍ଥାରେ ସଂଜୀବିତ ହୋଇ ରହିଥାଏ । ପରଜନ୍ମରେ ତାହା ପୂର୍ବଜନ୍ମର ସଂସ୍କାର ରୂପେ ଦେଖାଦିଏ । ତେଣୁ ଏହି ଭାବସବୁକୁ ସ୍ଥାୟୀଭାବ କୁହାଯାଏ । କାବ୍ୟ ବା ନାଟକ ବର୍ଣ୍ଣିତ ନାୟକନାୟିକା-ଙ୍କର ରତି ଆଦି ଭାବ ଶ୍ରବଣ ବା ଦର୍ଶନରେ ପାଠକ ବା ଦର୍ଶକର ସୁପ୍ତ ରତି ଆଦିଭାବର ଉଦ୍ରେକ ହୁଏ । ଏହି ରତ୍ୟାଦି ଭାବ ରସର ବୀଜସ୍ୱରୂପ । କାବ୍ୟ ବା ନାଟକ ବର୍ଣ୍ଣିତ ବିଭାବ, ଅନୁଭାବ ଓ ସଞ୍ଚାରିଭାବ ସମ୍ପର୍କରେ ଆସିଲେ ସହୃଦୟ ଦର୍ଶକ ବା ପାଠକର ସେହିସବୁ ଭାବ ରସ ରୂପରେ ପରିଣତ ହୋଇ ତାଙ୍କୁ ଅଲୌକିକ ଆନନ୍ଦ ପ୍ରଦାନ କରିଥାଏ ।

(ଖ) ବିଭାବ :—ଲୌକିକ ଜଗତରେ ଯେଉଁମାନେ ରତି-ଆଦି ସ୍ଥାୟୀଭାବକୁ ଉଦ୍‌ବୋଧିତ କରନ୍ତି, କାବ୍ୟ ଓ ନାଟକରେ

ସେ ସବୁକୁ ବିଭାବ (କାରଣ) କୁହାଯାଏ (୧) । ଉଦାହରଣ ସ୍ୱରୂପ, ଲୌକିକ ଜଗତର ସୀତା-ଶକୁନ୍ତଳା ପ୍ରଭୃତି ରାମ ଓ ଦୁଷ୍ୟନ୍ତ ଇତ୍ୟାଦିଙ୍କର ରତ୍ୟାଦି ଭାବର ଉଦ୍‌ବୋଧକ । ସେମାନେ କାବ୍ୟ-ନାଟକରେ ସନ୍ନିବେଶିତ ହେଲେ ତାହାଙ୍କୁ ବିଭାବ କୁହାଯାଏ । 'ବିଭାବ ଦ୍ୱାରା ରତି ଇତ୍ୟାଦି ସ୍ଥାୟୀଭାବ ଅବସ୍ଥାରୁ ଅଙ୍କୁରିତ ଅବସ୍ଥା ପ୍ରାପ୍ତ ହୁଏ । ବିଭାବ ଦୁଇ ପ୍ରକାର ଆଲମ୍ବନ ବିଭାବ ଓ ଉଦ୍ଦୀପନ ବିଭାବ । ନାୟକନାୟିକା ରସନିଷ୍ପତ୍ତି ପାଇଁ ପରସ୍ପର ଉପରେ ଆଶ୍ରୟ କରୁଥିବାରୁ ସେମାନେ ଆଲମ୍ବନ ବିଭାବ; ଉଦ୍ଦୀପନ ବିଭାବ ଦ୍ୱାରା 'ବିଭାବ' ଉଦ୍ଦୀପ୍ତ ହୋଇଥାଏ । ଚନ୍ଦ୍ରାଲୋକ, ଉପବନ, ସମୀର, ବସନ୍ତ ପ୍ରଭୃତି ଉଦ୍ଦୀପନ ବିଭାବ ମଧ୍ୟରେ ଗଣ୍ୟ ।

(ଗ) ଅନୁଭାବ :—ସୀତା ପ୍ରଭୃତି ଆଲମ୍ବନ ବିଭାବ ଓ ଚନ୍ଦ୍ରାଲୋକ ପ୍ରଭୃତି ଉଦ୍ଦୀପନ ବିଭାବ ଦ୍ୱାରା ରାମ ପ୍ରଭୃତିଙ୍କର ହୃଦୟରେ ରତ୍ୟାଦି ଭାବ ଅଙ୍କୁରିତ ହୋଇ ପ୍ରକାଶ ଲାଭ କରେ । ଏହି ବାହ୍ୟ ପ୍ରକାଶକୁ ଲୌକିକ ଜଗତରେ କାର୍ଯ୍ୟ କୁହାଯାଏ । କାବ୍ୟ ନାଟକରେ ତାହା ଅନୁଭାବ ରୂପେ ଗୃହୀତ (୨) । ନାୟକନାୟିକାଙ୍କର ପରସ୍ପର ପ୍ରତି କଟାକ୍ଷ, ଭ୍ରୂଭଙ୍ଗୀ, ଈଷତ୍‌ହାସ୍ୟ ପ୍ରଭୃତି

---

(୧) ରତ୍ୟାଦ୍ୟୁଦ୍‌ବୋଧକା ଲୋକେ ବିଭାବାଃ କାବ୍ୟନାଟ୍ୟୟୋଃ ।

( ସା. ଦର୍ପଣ-୩।୨୯ )

(୨) ଉଦ୍‌ବୁଦ୍ଧଂ କାରଣୈଃ ସ୍ୱୈଃ ସ୍ୱୈର୍ବହିର୍ଭାବଂ ପ୍ରକାଶୟନ୍,
ଲୋକେ ଯଃ କାର୍ଯ୍ୟରୂପଃ ସୋଽନୁଭାବଃ କାବ୍ୟନାଟ୍ୟୟୋଃ ।

( ସା. ଦର୍ପଣ ୩,୧୩୨–୧୩୩ )

ଅନୁଭାବ । ଉଦାହରଣ ସ୍ୱରୂପ-କୁରୁବକ କଣ୍ଟା ଲାଗିବାର ଛଳନା କରି ଶକୁନ୍ତଳାଙ୍କର ଦୁଷ୍ୟନ୍ତଙ୍କ ପ୍ରତି କଟାକ୍ଷ ଅନୁଭାବ ।*

(ଖ) ବ୍ୟଭିଚାରୀଭାବ :—ଯେଉଁ ଭାବ କିଛି କ୍ଷଣପାଇଁ ଆବିର୍-ଭୂତ ହୋଇ ସ୍ଥାୟୀ ଭାବକୁ ପୁଷ୍ଟ କରେ ଓ ତତ୍ପରେ କିଛି ସମୟ ତିରୋହିତ ହୋଇ ରସପୁଷ୍ଟିରେ ବାଧା ଜନ୍ମାଇବା ଭଳି ପ୍ରତୀୟ-ମାନ ହୁଏ ( କିନ୍ତୁ ବାଧା ଜନ୍ମାଏ ନାହିଁ ), ତାହା ହିଁ ବ୍ୟଭିଚାରୀଭାବ । ଏହା ନିର୍ବେଦ, ଦୈନ୍ୟ, ମୋହ, ସ୍ୱପ୍ନ ବ୍ରୀଡ଼ା ପ୍ରଭୃତି ତେତିଶ ପ୍ରକାର (୧) । ବିୟୋଗ ସମୟରେ ଅତ୍ୟନ୍ତ ଉତ୍କଣ୍ଠିତ ହୋଇ, କେବେ କେବେ ନିରାଶ ହୋଇ ମିଳନ ପାଇଁ ବ୍ୟଗ୍ରତା ପ୍ରକାଶ କରିବା ହିଁ ବ୍ୟଭିଚାରୀଭାବ । ଉଦାହରଣ ସ୍ୱରୂପ-ଶକୁନ୍ତଳାଙ୍କର ଦର୍ଶନରେ ଦୁଷ୍ୟନ୍ତ ମନରେ ରତିଭାବ ଜାଗ୍ରତ ହେବା ପରେ ଶକୁ-ନ୍ତଳାଙ୍କର ଜାତିଗୋତ୍ର, ତାଙ୍କର ବିବାହରେ ଅନ୍ତରାୟ ହେବାର ଆଶଙ୍କା ସହ ଯେଉଁ ଔତ୍ସୁକ୍ୟ, ତାହା ବ୍ୟଭିଚାରୀ ଭାବର ଉଦାହରଣ ।

---

* ସତ୍ତ୍ୱଗୁଣରୁ ଉତ୍ପତ୍ତି ଲାଭ କରିଥିବା ଅନୁଭାବକୁ ସାତ୍ତ୍ୱିକ ଅନୁଭାବ କହନ୍ତି । ଏହା ଆଠ ପ୍ରକାର—ସ୍ତମ୍ଭ, ସ୍ୱେଦ ରୋମାଞ୍ଚ, ସ୍ୱରଭଙ୍ଗ, ବେପଥୁ, ବୈବର୍ଣ୍ଣ୍ୟ, ଅଶ୍ରୁ ଓ ପ୍ରଳୟ ।

(୧) ବିଶେଷାଦାଭିମୁଖ୍ୟେନ ଚରଣାଦ୍‌ବ୍ୟଭିଚାରିଣଃ ।
ସ୍ଥାୟିନ୍ୟୁନ୍ମଗ୍ନନିର୍ମଗ୍ନାସ୍ତ୍ରୟସ୍ତ୍ରିଂଶଚ୍ଚ ତଦ୍ଭିଦାଃ । ( ସା. ଦର୍ପଣ-୩।୧୪୦ )

ବ୍ୟଭିଚାରୀଭାବର ସଂଖ୍ୟା ୩୩—ନିର୍ବେଦ, ଆବେଗ, ଦୈନ୍ୟ, ଶ୍ରମ, ମଦ, ଜଡ଼ତା, ଔଗ୍ର୍ୟ, ମୋହ, ବିବୋଧ, ସ୍ୱପ୍ନ, ଅପସ୍ମାର, ଗର୍ବ, ମରଣ, ଅଳସତା, ଅମର୍ଷ, ନିଦ୍ରା, ଅବହିତ୍ଥା, ଔତ୍ସୁକ୍ୟ, ଉନ୍ମାଦ, ଶଙ୍କା, ସ୍ମୃତି, ମତି, ବ୍ୟାଧି, ସନ୍ତ୍ରାସ ଲଜ୍ଜା, ହର୍ଷ, ଅସୂୟା, ବିଷାଦ, ଧୃତି, ଚପଳତା, ଗ୍ଲାନି, ଚିନ୍ତା ଓ ବିତର୍କ ।

ଏହିଭଳି ଭାବରେ କାବ୍ୟ-ନାଟକରେ ନାୟକନାୟିକାଙ୍କର ବିଭାବ, ଅନୁଭାବ ଓ ବ୍ୟଭିଚାରୀଭାବ ସଂଯୋଗରେ ସହୃଦୟର ସ୍ଥାୟୀଭାବ ରସତ୍ୱପ୍ରାପ୍ତ ହୁଏ (୧) । ରସାସ୍ୱାଦନ ସମୟରେ ସହୃଦୟର ବ୍ୟକ୍ତି ଏକ ଅଲୌକିକ ଆନନ୍ଦ ଲାଭ କରେ ।

**ରସନିଷ୍ପତ୍ତି** :— ଭରତଙ୍କର 'ବିଭାବାନୁଭାବବ୍ୟଭିଚାରି ସଂଯୋଗାଦ୍ରସନିଷ୍ପତ୍ତିଃ'—ଏହି ରସ ସୂତ୍ରକୁ ଭିତ୍ତିକରି ଯେଉଁ ଆଳଙ୍କାରିକମାନେ ରସସିଦ୍ଧାନ୍ତ ଉପରେ ସ୍ୱୀୟ ମତ ପ୍ରଦାନ କରିଛନ୍ତି ସେମାନଙ୍କ ମଧ୍ୟରେ ଭଟ୍ଟଲୋଲ୍ଲଟ, ଶ୍ରୀଶଙ୍କୁକ, ଭଟ୍ଟନାୟକ ଓ ଅଭିନବ ଗୁପ୍ତଙ୍କର ନାମ ଉଲ୍ଲେଖଯୋଗ୍ୟ । ଭରତଙ୍କର ରସସୂତ୍ରକୁ ବ୍ୟାଖ୍ୟା କରିବାକୁ ଯାଇ 'ସଂଯୋଗ' ଓ 'ନିଷ୍ପତ୍ତି' ଏହି ଦୁଇ ପଦର ଅର୍ଥ ସମ୍ବନ୍ଧରେ ସେମାନଙ୍କ ମଧ୍ୟରେ ମତଦ୍ୱୈଧ ଘଟିଛି । ତାର ପରିଣାମ ସ୍ୱରୂପ ରସର ଉତ୍ପତ୍ତିବାଦ, ଅନୁମିତିବାଦ, ଭୁକ୍ତି-ବାଦ ଓ ଅଭିବ୍ୟକ୍ତିବାଦ—ଏହି ଚାରୋଟି ସିଦ୍ଧାନ୍ତର ବିକାଶ ହୋଇଛି ।

ଭରତଙ୍କର ରସସୂତ୍ରର ପ୍ରଥମ ବ୍ୟାଖ୍ୟାକାର ମୀମାଂସକ **ଭଟ୍ଟଲୋଲ୍ଲଟ, ଉତ୍ପତ୍ତିବାଦର** ପ୍ରବର୍ତ୍ତକ । ତାଙ୍କର ରସନିଷ୍ପତ୍ତି ମୀମାଂସା ଶାସ୍ତ୍ରର ସିଦ୍ଧାନ୍ତକୁ ଭିତ୍ତିକରି ପ୍ରତିଷ୍ଠିତ । ତାଙ୍କ ମତରେ ବିଭାବାଦିର ସଂଯୋଗରୁ କାବ୍ୟ ବା ନାଟକର ମୂଳ ଚରିତ୍ରଠାରେ ରସର ଉତ୍ପତ୍ତି ହୁଏ । ଅନ୍ଧକାରରେ ରଜ୍ଜୁକୁ ସର୍ପଜ୍ଞାନ କଲାପରି ମୂଳ ଚରିତ୍ରର ଅନୁରୂପ ବେଶଧାରୀ ନଟନଟୀଙ୍କଠାରେ ଦର୍ଶକ ବା

(୧) ବିଭାନୁଭାବେନ ବ୍ୟକ୍ତଃ ସଞ୍ଚାରିଣା ତଥା ।
ରସତାମେତି ରତ୍ୟାଦିଃ ସ୍ଥାୟୀଭାବଃ ସଚେତସାମ୍ ॥ ( ସା.ଦର୍ପଣ-୩।୧୬ )

ପାଠକ (ସାମାଜିକ) ମୂଳ ଚରିତ୍ରକୁ ଆରୋପ କରିଥାଏ । ଉଦାହରଣ ସ୍ୱରୂପ, ମଞ୍ଚରେ ଦର୍ଶକ ରାମ ବା ଦୁଷ୍ୟନ୍ତଙ୍କ ଭୂମିକାରେ ଅବତୀର୍ଣ୍ଣ ନଟକୁ ରାମ-ଦୁଷ୍ୟନ୍ତଙ୍କଠାରୁ ଅଭିନ୍ନ କଳ୍ପନା କରିଥାଏ । ତେଣୁ ନାୟକନାୟିକାଙ୍କଠାରେ ରସର ଉତ୍ପତ୍ତି ହୁଏ । ସାମାଜିକ ପକ୍ଷରେ ରସ ପ୍ରତୀତିଜନ୍ୟ, କିନ୍ତୁ ବାସ୍ତବରେ ନାୟକନାୟିକାଙ୍କଠାରେ ରସ ଆସ୍ୱାଦିତ ହୁଏ ।

ଦୁଷ୍ୟନ୍ତ ଓ ଶକୁନ୍ତଳାଙ୍କର ସଂପର୍କୀୟ ଯେ କୌଣସି କାବ୍ୟ ବା ନାଟକରେ ରସ ଉତ୍ପାଦନ ନିମିତ୍ତ ଶକୁନ୍ତଳା ଓ ଦୁଷ୍ୟନ୍ତ ( ବିଭାବ ) ମୁଖ୍ୟଭାବରେ ରସର ଉତ୍ପାଦକ । ଉଦ୍ୟାନ, ତପୋବନ ପ୍ରଭୃତିର ବର୍ଣ୍ଣନା ବା ଦୃଶ୍ୟ ରସର ଉଦ୍ଦୀପକ । ଅନୁଭାବ ( କଟାକ୍ଷ, ଈଷତ୍ ହାସ୍ୟ ପ୍ରଭୃତି ) ଉତ୍ପନ୍ନ ରସକୁ ପ୍ରତୀତିଯୋଗ୍ୟ କରଏ ଓ ବ୍ୟଭିଚାରୀଭାବ ଉତ୍ପନ୍ନ ରସର ପରିପୋଷକ । ତେଣୁ ସ୍ଥାୟୀଭାବ ସହିତ ବିଭାବର ଉତ୍ପାଦ୍ୟ ଉତ୍ପାଦକ ସମ୍ବନ୍ଧ, ଅନୁଭାବର ଗମ୍ୟ-ଗମକ ଭାବ ସଂବନ୍ଧ ଓ ବ୍ୟଭିଚାରୀଭାବର ପୋଷ୍ୟ-ପୋଷକ-ଭାବ ରୂପକ ସଂବନ୍ଧ ବିଦ୍ୟମାନ । ସେଥିପାଇଁ ଭରତଙ୍କ ରସ ସୂତ୍ରର 'ସଂଯୋଗ' ଶବ୍ଦର ଅର୍ଥ ଭଟ୍ଟଲୋଲ୍ଲଟଙ୍କ ମତରେ ସମ୍ବନ୍ଧ । ଉତ୍ପାଦ୍ୟ-ଉତ୍ପାଦକ ସଂବନ୍ଧ, ଗମ୍ୟ-ଗମକ ସଂବନ୍ଧ ଓ ପୋଷ୍ୟ-ପୋଷକ ସଂବନ୍ଧ । ଭଟ୍ଟଲୋଲ୍ଲଟ 'ନିଷ୍ପତ୍ତି' ଶବ୍ଦର ଅର୍ଥ 'ଉତ୍ପତ୍ତି' ବୋଲି ଉଲ୍ଲେଖ କରିଛନ୍ତି ।

ଭଟ୍ଟଲୋଲ୍ଲଟଙ୍କ ମତରେ ବହୁଲୋକ ପରିବେଷ୍ଟିତ ଦର୍ଶକ ପକ୍ଷରେ ଲଳନାଦି ଆଲମ୍ବନ ବିଭାବ, ଉଦ୍ୟାନ ଚନ୍ଦ୍ରାଲୋକାଦି ଉଦ୍ଦୀପନ ବିଭାବ ପ୍ରଭୃତି ଅଭାବରେ ରସାସ୍ୱାଦନ ଅସମ୍ଭବ ହୁଏ । ତା' ଛଡ଼ା ଲଜ୍ଜା ଦର୍ଶର ସ୍ଥାୟୀଭାବକୁ ରସରୂପ ଦେବାରେ

ଅନୁଭବ୍ୟ ହୁଏ । ନଟନଟୀଙ୍କଠାରେ ରସାସ୍ୱାଦନ ସମ୍ଭବପର ହୁଏ ନାହିଁ । କାରଣ ସେମାନେ ମୂଳ ଚରିତ୍ରର ଭୂମିକାରେ ଅଭିନୟ କରୁଛନ୍ତି ବୋଲି ସର୍ବଦା ସଚେତନ । ଏହାଛଡ଼ା ରଙ୍ଗମଞ୍ଚରେ ଯେଉଁ ଉଦ୍ଦୀପନ ବିଭାବ ସୃଷ୍ଟି କରାଯାଇଥାଏ, ତାହା ବାସ୍ତବ ନୁହେଁ । ତେଣୁ ପ୍ରକୃତ ଉଦ୍ଦୀପନ ବିଭାବର ଅଭାବରେ ନଟନଟୀଙ୍କଠାରେ ( ବା କାବ୍ୟବର୍ଣ୍ଣିତ ଚରିତ୍ରଠାରେ ) ରସନିଷ୍ପତ୍ତି ହୋଇପାରେ ନାହିଁ । ମୂଳ ଚରିତ୍ରଠାରେ ହିଁ ରସ ଉତ୍ପତ୍ତି ହୋଇଥାଏ ଓ ସେମାନେ ହିଁ ରସର ଆସ୍ୱାଦନକାରୀ ।

ଭଟ୍ଟଲୋଲ୍ଲଟଙ୍କ ମତରେ ଯେପରି ସର୍ପର ଅଭାବରେ ରଜ୍ଜୁ ସର୍ପଭଳି ପ୍ରତୀୟମାନ ହୋଇଥାଏ ଓ ତଦ୍ଦ୍ୱାରା ଭୟ, କମ୍ପନ, ପଳାୟନାଦି ସତ୍ୟ କ୍ରିୟା ସମ୍ଭବ ହୁଏ; ସେହିପରି ଭାବରେ ନାୟକନାୟିକାଙ୍କର ଅନୁପସ୍ଥିତିରେ ସେମାନଙ୍କର ଭୂମିକାରେ ଅବତୀର୍ଣ୍ଣ ନଟନଟୀଙ୍କର ଅଭିନୟ କୁଶଳତାଯୋଗୁଁ ନାୟକନାୟିକାଙ୍କ ଭଳି ବେଶରଚନା ଓ କାର୍ଯ୍ୟକଳାପ ଦେଖି ଦର୍ଶକ ଆନନ୍ଦ ଉପଲବ୍ଧି କରିଥାଏ । ଦୁଷ୍ୟନ୍ତ ଓ ଶକୁନ୍ତଳା ପରସ୍ପର ପ୍ରତି ଆଲମ୍ବନ ବିଭାବ, ଉଦ୍ୟାନ-ଲତାକୁଞ୍ଜ ପ୍ରଭୃତି ଉଦ୍ଦୀପନ ବିଭାବ ଦ୍ୱାରା ରତ୍ୟାଦି ସ୍ଥାୟୀଭାବ ଅଙ୍କୁରିତ ହୁଏ, କଟାକ୍ଷ ପ୍ରଭୃତି ଅନୁଭାବ ଦ୍ୱାରା ପଲ୍ଲବିତ ହୁଏ ଓ ଔତ୍ସୁକ୍ୟାଦି ସଞ୍ଚାରୀଭାବ ଦ୍ୱାରା ରସ ପରିପୁଷ୍ଟି ଲାଭକରେ । କାବ୍ୟନାଟକରେ ଏଭଳି ବର୍ଣ୍ଣନା ବା ଦୃଶ୍ୟ ଶ୍ରବଣ ବା ଦର୍ଶନ କରି ନଟନଟୀଙ୍କୁ ମୂଳ ଚରିତ୍ର ବୋଲି ଗ୍ରହଣ କରି ସାମାଜିକ ହୃଦୟରେ ରସ ପ୍ରତୀତିଯୋଗ୍ୟ ହୁଏ । ଅନ୍ଧକାରରେ ଯେପରି ମିଥ୍ୟା ସର୍ପ ( ରଜ୍ଜୁ ) ସତ୍ୟ ସର୍ପ ରୂପେ ପ୍ରତିଭାତ ହୋଇଥାଏ ଅର୍ଥାତ୍ ମୂଢ଼ବୁଦ୍ଧିକର ମିଥ୍ୟାଜ୍ଞାନ ସତ୍ୟଜ୍ଞାନ ରୂପେ

ଉଦ୍‌ବେଳିତ ହୋଇଥାଏ, ସେହିପରି ପ୍ରେକ୍ଷାଳୟରେ ଥିବା ପର୍ଯ୍ୟନ୍ତ ଦର୍ଶକ ନଟନଟୀଙ୍କୁ ମୂଳଚରିତ୍ର ଭାବରେ ଗ୍ରହଣ କରିଥିବାରୁ ରସନିଷ୍ପତ୍ତି ହୁଏ ।

ଭଟ୍ଟଲୋଲ୍ଲଟଙ୍କ ରସସିଦ୍ଧାନ୍ତରେ ମଧ୍ୟ ଦୋଷ ପରିଲକ୍ଷିତ ହୁଏ । ପ୍ରଥମତଃ ଦର୍ଶକ ବା ପାଠକଠାରେ ( ସାମାଜିକ ) ରସର ସ୍ଥିତିକୁ ସେ ସ୍ୱୀକାର ନ କରି ମୂଳ ଚରିତ୍ରଠାରେ ସ୍ୱୀକାର କରିଥାନ୍ତି । ଏଭଳି ମତକୁ ଗ୍ରହଣ କଲେ ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ଦର୍ଶକ ରସାସ୍ୱାଦନ ନ କଲେ ଦୃଶ୍ୟ ଦେଖିବାରେ ଆଗ୍ରହୀ ହୁଅନ୍ତେ ନାହିଁ । ଏହାଛଡ଼ା ତାଙ୍କର ରସସିଦ୍ଧାନ୍ତ ଏକ ମିଥ୍ୟାଜ୍ଞାନକୁ ( ରଜ୍ଜୁରେ ସର୍ପଜ୍ଞାନ ଭଳି ନଟନଟୀଙ୍କଠାରେ ନାୟକନାୟିକା ଜ୍ଞାନର ଆରୋପ ) ଆଶ୍ରୟ କରି ପ୍ରତିଷ୍ଠିତ । ମିଥ୍ୟା କାରଣ ସତ୍ୟ କାର୍ଯ୍ୟର ସମ୍ଭାବନା ହୋଇପାରେ ନାହିଁ । ସେଥିପାଇଁ ତାଙ୍କର ରସସିଦ୍ଧାନ୍ତ ସର୍ବଜନାଦୃତ ହୋଇପାରି ନାହିଁ ।

ଭରତଙ୍କର ରସସୂତ୍ରର ଦ୍ୱିତୀୟ ବ୍ୟାଖ୍ୟାକାର ଶ୍ରୀ ଶଙ୍କୁକ **'ଅନୁମିତିବାଦ'**ର ପ୍ରସ୍ଥାପକ । ସେ ନୈୟାୟିକ ଥିବାରୁ ନ୍ୟାୟଶାସ୍ତ୍ରର ସିଦ୍ଧାନ୍ତ ଅନୁସରଣ କରିଛନ୍ତି । ନ୍ୟାୟଶାସ୍ତ୍ର ଅନୁମିତି ପ୍ରଧାନ ଶାସ୍ତ୍ର । ତେଣୁ ସେହି ଶାସ୍ତ୍ରର 'ଅନୁମିତି ପ୍ରକ୍ରିୟା'ର ଆଧାର ଉପରେ ଶ୍ରୀଶଙ୍କୁକଙ୍କର ଅନୁମିତିବାଦ ପ୍ରତିଷ୍ଠିତ । ଭରତଙ୍କର ରସ ସୂତ୍ରର 'ନିଷ୍ପତ୍ତି' ଶବ୍ଦ ଓ 'ସଂଯୋଗ ଶବ୍ଦର ଅର୍ଥ ଶ୍ରୀ ଶଙ୍କୁକଙ୍କ ମତରେ 'ଅନୁମିତି' ଓ 'ଅନୁମାପ୍ୟ-ଅନୁମାପକ ଭାବ' ରୂପକ ସମ୍ବନ୍ଧ । ସେ ତାଙ୍କର ବ୍ୟାଖ୍ୟାରେ ସାମାଜିକ ଓ ରସର ସଂବନ୍ଧ ଦର୍ଶାଇବାକୁ ଚେଷ୍ଟା କରିଛନ୍ତି । ତାଙ୍କ ମତରେ ନଟନଟୀଙ୍କର କୃତ୍ରିମ ଅନୁଭାବାଦି ଓ କଳାକୁଶଳତା ଦର୍ଶନ କରି, ଦର୍ଶକ ଶାସ୍ତ୍ର-

ପଠନ-ଜ୍ଞାନ ସାହାଯ୍ୟରେ ଓ ସ୍ୱୀୟ ପୂର୍ବଜନ୍ମ ବାସନାର ବଶୀଭୂତ ହୋଇ, ନଟନଟୀଙ୍କଠାରେ ରସ ଅବିଦ୍ୟମାନ ଥିଲେ ମଧ୍ୟ ଥିବା ଭଳି ପ୍ରତ୍ୟକ୍ଷଭାବରେ ଅନୁମାନ କରେ । ଶ୍ରୀଶଙ୍କୁକ ମଧ୍ୟ ମୂଳ ଚରିତ୍ରଠାରେ ରସର ମୌଳିକ ସ୍ଥିତିକୁ ସ୍ୱୀକାର କରନ୍ତି ।

ସାଧାରଣତଃ ଲୌକିକ ଜଗତରେ ସତ୍ୟ ପ୍ରତୀତି, ମିଥ୍ୟା ପ୍ରତୀତି, ସଂଶୟ ପ୍ରତୀତି ଓ ସାଦୃଶ୍ୟ ପ୍ରତୀତି—ଏହିଭଳି ଚାରି ପ୍ରକାର ପ୍ରତୀତି ସ୍ୱୀକାର କରାଯାଏ । କିନ୍ତୁ ଶ୍ରୀଶଙ୍କୁକ ନିଜର ମତ ସ୍ଥାପନ କରିବା ନିମିତ୍ତ ଅନ୍ୟ ଏକ 'ଚିତ୍ର ତୁରଗ ନ୍ୟାୟ' ( ଚିତ୍ରରେ ଅଙ୍କିତ ହୋଇଥିବା ଘୋଡ଼ା ) ପ୍ରତୀତିକୁ ଗ୍ରହଣ କରିଛନ୍ତି । ଏହି ପ୍ରତୀତି ସାହାଯ୍ୟରେ ନ୍ୟାୟଶାସ୍ତ୍ରଗତ ଲୌକିକ ଅନୁମାନ ଭିନ୍ନ ଏକ ଅଲୌକିକ ଅନୁମାନଦ୍ୱାରା ମୂଳ ଚରିତ୍ର ଅନୁରୂପ ଅଭିନେତା-ଅଭି-ନେତ୍ରୀଠାରେ ରସକୁ ଅନୁମାନ କରାଯାଏ ବୋଲି ମତପୋଷଣ କରିଛନ୍ତି । ରନ୍ଧନଗୃହରେ ଧୂମ ( ଧୂଆଁ ) ଦେଖି ଆମ୍ଭେମାନେ ଅଗ୍ନି ଏହାର କାରଣ ବୋଲି ବିଚାର କରିଥାଉଁ । ତେଣୁ ଯେଉଁ ସ୍ଥାନରେ 'ଧୂମ' ଦେଖୁ, ସେଠାରେ ଅଗ୍ନିର ସ୍ଥିତିକୁ ଅନୁମାନ କରି-ନେଉ । ଏହିପରି ପ୍ରତ୍ୟକ୍ଷ ଜ୍ଞାନ ବଳରେ 'ଜୀବନ୍ତ ଚତୁଷ୍ପଦବିଶିଷ୍ଟ ପ୍ରାଣୀ' ରୂପକ ଘୋଡ଼ାକୁ ଦେଖି ଚିତ୍ରରେ ତା'ର ଅନୁରୂପ ଅଙ୍କନ ଦେଖି ଘୋଡ଼ା ବୋଲି ଅନୁମାନ କରିବା ହିଁ 'ଚିତ୍ର ତୁରଗ ନ୍ୟାୟ ଅନୁମିତି' । ସେହିପରି ରାମ ଓ ସୀତାଙ୍କ ବିଷୟରେ ଶାସ୍ତ୍ର-ଜ୍ଞାନ ଫଳରେ ସୀତାଙ୍କର ବିରହ ବା ପ୍ରେମର ଅବସ୍ଥିତିରେ ରାମଙ୍କର ସ୍ଥିତି ବିଦ୍ୟମାନ ବୋଲି ଅନୁମାନ କରୁ । ତେଣୁ କାବ୍ୟଶାସ୍ତ୍ର ଅନୁ-ଶୀଳନ ତଥା ଶିକ୍ଷାଭ୍ୟାସ ଓ ନଟନଟୀଙ୍କର ଅଭିନୟ କୁଶଳତା ହେତୁ ମଞ୍ଚରେ ରାମ-ସୀତା ଅବିଦ୍ୟମାନ ଥିଲେ ମଧ୍ୟ 'ଚିତ୍ର ତୁରଗ

ନ୍ୟାୟ ପ୍ରଶସ୍ତି' ବଳରେ ଦର୍ଶକ ନଟନଟୀଙ୍କ ଦ୍ୱାରା ଅଭିନୀତ ପ୍ରେମ ଓ ବିରହକୁ ରାମ ଓ ସୀତାଙ୍କର ବୋଲି ଅନୁମାନ କରେ । ରତ୍ୟାଦି ସ୍ଥାୟୀଭାବର ସ୍ଥିତି ମୂଳ ଚରିତ୍ରଠାରେ ଥାଏ । ସେମାନଙ୍କର ଭୂମିକାରେ ଅବତୀର୍ଣ୍ଣ ନଟନଟୀଙ୍କଠାରେ ନ ଥାଏ; କିନ୍ତୁ ଦର୍ଶକ ନଟନଟୀଙ୍କର କୃତ୍ରିମ ବିଭାବାଦିକୁ ଅକୃତ୍ରିମ ବୋଲି ମନେ କରି-ଥାଏ । ସେଥିପାଇଁ ଦର୍ଶକ ଅନୁମାନ ବଳରେ କୃତ୍ରିମ ରସକୁ ଅକୃତ୍ରିମ ମନେକରି ଆନନ୍ଦଲାଭ କରିଥାଏ ।

ଶ୍ରୀଶଙ୍କୁକଙ୍କର ରସସମ୍ବନ୍ଧୀୟ ସିଦ୍ଧାନ୍ତ ମଧ୍ୟ ଦୋଷବର୍ଜିତ ନୁହେଁ । କାରଣ ତାଙ୍କ ମତରେ ରସ-ପ୍ରଶସ୍ତିର ଆଧାର ଦର୍ଶକ ନୁହେଁ । ଭଟ୍ଟଲୋଲ୍ଲଟଙ୍କ ଭଳି ସେ ମଧ୍ୟ ମୂଳ ଚରିତ୍ରଠାରେ ରସର ସ୍ଥିତି ସ୍ୱୀକାର କରନ୍ତି, କିନ୍ତୁ ଦର୍ଶକ ସେ ରସକୁ ନଟନଟୀଠାରେ ଅନୁମାନ କରିଥାଏ ବୋଲି ମତପୋଷଣ କରିଛନ୍ତି । ତା' ଛଡ଼ା ତାଙ୍କର ସିଦ୍ଧାନ୍ତ ପ୍ରତ୍ୟକ୍ଷ ପ୍ରମାଣ ଉପରେ ପର୍ଯ୍ୟବସିତ ନ ହୋଇ ଅନୁମାନ ପ୍ରମାଣ ଉପରେ ପ୍ରତିଷ୍ଠିତ । ତେଣୁ ଏହା ବିଶ୍ୱାସଯୋଗ୍ୟ ପ୍ରତ୍ୟକ୍ଷ ପ୍ରମାଣ ନୁହେ ।

ଭରତଙ୍କର ରସସୂତ୍ରର ତୃତୀୟ ବ୍ୟାଖ୍ୟାକାର ତାର୍କିକ ଭଟ୍ଟ ନାୟକ ସାମାଜିକର ସାକ୍ଷାତ୍ ରସାନୁଭୂତିକୁ ପ୍ରତିପାଦନ କରିବା ନିମିତ୍ତ ଏକ ନୂତନ ମାର୍ଗ ଅନୁସରଣ କରିଛନ୍ତି । ସାହିତ୍ୟଶାସ୍ତ୍ରରେ ତାହା ଭୁକ୍ତିବାଦ ନାମରେ ପରିଚିତ । ତାଙ୍କ ମତରେ 'ସଂଯୋଗ' ଶବ୍ଦର ଅର୍ଥ 'ଭୋଜ୍ୟ-ଭୋଜକ ରୂପ' ସମ୍ବନ୍ଧ ଓ 'ନିଷ୍ପତ୍ତି' ଶବ୍ଦର ଅର୍ଥ 'ଭୁକ୍ତି' ବା 'ଭୋଗ' । ସେ ଭଟ୍ଟଲୋଲ୍ଲଟଙ୍କର ଉତ୍ପତ୍ତିବାଦ, ଶ୍ରୀଶଙ୍କୁକଙ୍କର ଅନୁମିତିବାଦ ଓ ଅଭିନବ ଗୁପ୍ତଙ୍କର ଅଭିବ୍ୟକ୍ତି-ବାଦକୁ ଖଣ୍ଡନ କରି ସ୍ୱୀୟ ମତ ପ୍ରତିଷ୍ଠା କରିଛନ୍ତି । ଭଟ୍ଟଲୋଲ୍ଲଟଙ୍କର

ଉତ୍ପତ୍ତିବାଦ ଭ୍ରମଜ୍ଞାନ ଉପରେ ପ୍ରତିଷ୍ଠିତ ହୋଇଥିବାରୁ ଯୁକ୍ତିଯୁକ୍ତ ନୁହେଁ । ଶ୍ରୀଶଙ୍କୁକଙ୍କର ଅନୁମିତିବାଦ ଅନୁମାନ-ପ୍ରମାଣକୁ ଆଶ୍ରୟ କରିଥିବାରୁ ଏହା ଏକପ୍ରକାର ପରୋକ୍ଷଜ୍ଞାନ । ତେଣୁ ବିଶ୍ୱାସ ଯୋଗ୍ୟ ନୁହେଁ । ତା' ଛଡ଼ା ଭଟ୍ଟଲୋଲ୍ଲଟ ଓ ଶ୍ରୀଶଙ୍କୁକ ଦର୍ଶକ ଓ ପାଠକଠାରେ ରସର ସ୍ଥିତିକୁ ଅସ୍ୱୀକାର କରି ସେମାନଙ୍କ ପ୍ରତି ଉଦାସୀନତା ପ୍ରଦର୍ଶନ କରିଛନ୍ତି । ଭଟ୍ଟନାୟକ ସର୍ବପ୍ରଥମେ ଦର୍ଶକ ବା ପାଠକଠାରେ ରସର ସ୍ଥିତି ଓ ଭୁକ୍ତିକୁ ସ୍ୱୀକାର କରି ମୌଳିକତା ପ୍ରଦର୍ଶନ କରିଛନ୍ତି । ତେଣୁ ତାଙ୍କର ରସସିଦ୍ଧାନ୍ତ ଅଧିକ ଯୁକ୍ତିଯୁକ୍ତ ମନେହୁଏ । କାରଣ ମୂଳ ଚରିତ୍ର ବନ୍ଧନରୁ ମୁକ୍ତ । ତା' ଛଡ଼ା ଅଭିନବଗୁପ୍ତଙ୍କର ଅଭିବ୍ୟଞ୍ଜନାବାଦକୁ ମଧ୍ୟ ଭଟ୍ଟନାୟକ ସମର୍ଥନ କରିନାହାନ୍ତି । କାରଣ ପୂର୍ବରୁ ବିଦ୍ୟମାନ ବସ୍ତୁର ହିଁ ସର୍ବଦା ଅଭିବ୍ୟକ୍ତି ହୋଇଥାଏ ଓ ପରେ ମଧ୍ୟ ଏହି ବସ୍ତୁର ଅସ୍ତିତ୍ୱ ରହେ । କିନ୍ତୁ ରସ ଅନୁଭୂତି ସ୍ୱରୂପ । ଅନୁଭୂତିର ନିର୍ଦ୍ଦିଷ୍ଟ ସମୟର ପୂର୍ବରୁ ବା ପରେ ତା'ର ସତ୍ତା ନ ଥାଏ । ରସାନୁଭୂତି ସମୟରେ ହିଁ କେବଳ ରସର ସତ୍ତା ବିଦ୍ୟମାନ । ତେଣୁ ସେ ରସାଭିବ୍ୟକ୍ତିକୁ ଅସ୍ୱୀକାର କରିଛନ୍ତି । ଭଟ୍ଟନାୟକଙ୍କ ମତରେ ରସ ସହୃଦୟ ସାମାଜିକ ଦ୍ୱାରା ଅଭିବ୍ୟଞ୍ଜିତ ନ ହୋଇ ମାନସ ଲୋକରେ ( ଅଲୌକିକ ପ୍ରତ୍ୟକ୍ଷ ) ପୂର୍ଣ୍ଣଭାବରେ ଅନୁଭୂତ ହୁଏ ।

ଭଟ୍ଟନାୟକ ସ୍ୱୀୟ ଭୁକ୍ତିବାଦକୁ ସ୍ଥାପନା କରିବା ନିମିତ୍ତ ଶବ୍ଦରେ ସ୍ୱୀକୃତ ଅଭିଧା, ଲକ୍ଷଣା ଓ ବ୍ୟଞ୍ଜନାଶକ୍ତି ବ୍ୟତୀତ 'ଭାବକତ୍ୱ' ଓ 'ଭୋଜକତ୍ୱ' ନାମକ ଦୁଇଟି ନୂତନ ବ୍ୟାପାର ପରିକଳ୍ପନା କରିଛନ୍ତି । ତାଙ୍କ ମତରେ ଅଭିଧା ଦ୍ୱାରା କାବ୍ୟର ଯେଉଁ ଅର୍ଥ ପ୍ରତୀତ ହୁଏ, ତାହାକୁ 'ଭାବକତ୍ୱ' ବ୍ୟାପାର ଅଧିକ ପରିଷ୍କାର କରି

ସାମାଜିକର ଉପଭୋଗଯୋଗ୍ୟ କରାଏ । ଅର୍ଥାତ୍ ଭାବକତ୍ୱ ବ୍ୟାପାର ସାହାଯ୍ୟରେ ଦୃଶ୍ୟ ଓ ଦର୍ଶକ ମଧ୍ୟରେ ସମ୍ବନ୍ଧ ସ୍ଥାପିତ ହୋଇଥାଏ । ଏହାଛଡ଼ା ଭାବକତ୍ୱ ବ୍ୟାପାର କାବ୍ୟ-ନାଟକର ସମସ୍ତ ବୈଶିଷ୍ଟ୍ୟକୁ ପରିହାର କରି ନାୟକନାୟିକା ରୂପକ ବିଭାବାଦିଙ୍କୁ 'ସାଧାରଣୀ କରଣ' କରେ । ଅର୍ଥାତ୍ କାବ୍ୟ-ନାଟକର ଚରିତ୍ରମାନଙ୍କୁ ସାଧାରଣ ଚରିତ୍ର ( ସାମାନ୍ୟ ) ଭାବରେ ସାମାଜିକ ନିକଟରେ ଉପସ୍ଥାପିତ କରେ । ତେଣୁ ଏହି ବ୍ୟାପାର ଦ୍ୱାରା ସାମାଜିକ ( ଦର୍ଶକ ବା ପାଠକ ) ଅଯୋଧ୍ୟାର ରାଜା ରାମଚନ୍ଦ୍ରଙ୍କୁ ରାଜା ବା ଭଗବାନଙ୍କର ଅବତାର ନ ଭାବି ସାଧାରଣ ପତି, ଦରିଦ୍ର, ଅନୁତପ୍ତ, ବ୍ୟଥିତ ନର ରୂପେ ଗ୍ରହଣ କରେ । ଏହା ଫଳରେ ଦର୍ଶକ ଓ ନଟନଟୀ ( କିମ୍ବା କାବ୍ୟ ପାଠକ ଓ କାବ୍ୟବର୍ଣ୍ଣିତ ଚରିତ୍ର ) ମଧ୍ୟରେ ସାମ୍ୟ ପ୍ରତିଷ୍ଠିତ ହୁଏ ଓ ଅଭିନେତା-ଅଭିନେତ୍ରୀଙ୍କ ପ୍ରତି ଦର୍ଶକର ସହାନୁଭୂତି ପ୍ରକାଶ ପାଏ । ନଚେତ୍ ରାମସୀତାଙ୍କୁ ଦେବତା ବିଚାର କରୁଥିଲେ, ସେମାନଙ୍କର ରତି ସନ୍ଦର୍ଶନ ବା ଶ୍ରବଣ ଫଳରେ ଦର୍ଶକ ବା ପାଠକର ରତିଭାବ ପ୍ରକାଶ ପାଇବା ଅସମ୍ଭବ । ପୂର୍ବୋକ୍ତ ସାଧାରଣୀକରଣ ପରେ ଦର୍ଶକ ବା ପାଠକର ପୂର୍ବଜନ୍ମରୁ ସଂସ୍କାର ରୂପେ ଥିବା ରତ୍ୟାଦି ସ୍ଥାୟୀଭାବ ପ୍ରକାଶିତ ହୁଏ ( ରଜ ଓ ତମ ଗୁଣର ବିନାଶ ପରେ ଓ ସତ୍ତ୍ୱଗୁଣର ଉଦ୍ରେକ ହେବା ପରେ ) । ତେଣୁ ସେ ସମସ୍ତ ଜାଗତିକ ଜ୍ଞାନରହିତ ହୋଇ 'ବ୍ରହ୍ମସାକ୍ଷାତକାର' ଜନିତ ଆନନ୍ଦାନୁଭୂତି ରୂପକ ରସକୁ 'ଭୋଜକତ୍ୱ' ବ୍ୟାପାର ସାହାଯ୍ୟରେ ଉପଭୋଗ କରେ ବା ଅନୁଭବ କରେ । ସେ ସମୟରେ ସାମାଜିକ ତଲ୍ଲୀନାବସ୍ଥା ପ୍ରାପ୍ତ ହୋଇଥାଏ । ତେଣୁ ରସାନୁଭୂତି ସମୟରେ ସାମାଜିକ ସ୍ୱ-ସତ୍ତା ଉପଲବ୍ଧି କରିପାରେ ନାହିଁ । ସାଧାରଣୀକରଣ ବ୍ୟାପାର ଦ୍ୱାରା ତାହାର ସହୃଦୟତା ସ୍ଥାପିତ

ହୁଏ ଓ ଦୃଶ୍ୟ-ଦର୍ଶକ ( ବା ପାଠକ ଓ କାବ୍ୟବର୍ଣ୍ଣିତ ବିଷୟ ଭେଦ ) ଭାବ ସଂଯୋଗ ହୁଏ । ତା'ର ଫଳରେ ନଟନଟୀ ବା ଚରିତ୍ର ( କାବ୍ୟ ବର୍ଣ୍ଣିତ ) ର ସୁଖଦୁଃଖକୁ ସାମାଜିକ ନିଜର ବୋଲି ଭାବି ରସୋପଲବ୍ଧି କରେ । କିନ୍ତୁ ଯେ ପର୍ଯ୍ୟନ୍ତ ସାଧାରଣୀକରଣ ପ୍ରକ୍ରିୟା ବଳରେ ନାୟକନାୟିକା ବୈଶିଷ୍ଟ୍ୟର ପରିହାର ନ ହୋଇଥାଏ, ସେ ପର୍ଯ୍ୟନ୍ତ ରସାନୁଭୂତି ହୋଇପାରେ ନାହିଁ । ଏହା ହିଁ ଭଟ୍ଟନାୟକଙ୍କ ରସ ଭୁକ୍ତିବାଦ. ଭଟ୍ଟନାୟକଙ୍କର ଏହି ଭୁକ୍ତିବାଦକୁ ବ୍ୟାଖ୍ୟାକାରମାନେ ସାଂଖ୍ୟ ଦର୍ଶନ ମତାନୁସୃତ ସିଦ୍ଧାନ୍ତ ବୋଲି ମନେକରନ୍ତି । କାରଣ ସାଂଖ୍ୟ ଦର୍ଶନର ଅନେକ ପାରିଭାଷିକ ସଂଜ୍ଞା ଓ ମତାବଳୀ ଭଟ୍ଟନାୟକଙ୍କର ସିଦ୍ଧାନ୍ତରେ ପରିଲକ୍ଷିତ ହୁଏ ।

ଭଟ୍ଟନାୟକ ଉଲ୍ଲିଖିତ ଉପାୟ ଦ୍ୱାରା ଭଟ୍ଟଲୋଲ୍ଲଟ, ଶ୍ରୀଶଙ୍କୁକ ଓ ଅଭିନବ ଗୁପ୍ତଙ୍କର ମତକୁ ଖଣ୍ଡନ କରି ସାମାଜିକଠାରେ ରସାନୁଭୂତିକୁ ପ୍ରତିପାଦନ କରିବାକୁ ଚେଷ୍ଟା କରିଛନ୍ତି । କିନ୍ତୁ ତାଙ୍କଦ୍ୱାରା ଗୃହୀତ 'ଭାବକତ୍ୱ' ଓ 'ଭୋଜକତ୍ୱ' ବ୍ୟାପାରଦ୍ୱୟ ଅନ୍ୟ କୌଣସି ଗ୍ରନ୍ଥରେ ଦୃଷ୍ଟିଗୋଚର ନ ହେଉଥିବାରୁ ଓ ଅନୁଭବସିଦ୍ଧ ନ ହୋଇଥିବାରୁ ଅନ୍ୟମାନଙ୍କ ଦ୍ୱାରା ସମର୍ଥିତ ହୁଏ ନାହିଁ । ତା' ଛଡ଼ା ସେ ଯେଉଁ ସ୍ଥାୟୀଭାବର ଭୁକ୍ତି ବା ଭୋଗ ପ୍ରତିପାଦନ କରିଛନ୍ତି, ତାହା ମୂଳଚରିତ୍ର ( ଅନୁକାର୍ଯ୍ୟ ) ବା ନଟନଟୀ ( ଅନୁକାରୀ ) ବା ସାମାଜିକ, କାହାଠାରେ ଘଟେ, ସେ ସମ୍ପର୍କରେ ସ୍ପଷ୍ଟ ମତ ପ୍ରକାଶ କରିନାହାନ୍ତି । ଏହିସବୁ କେତେକ ଦୋଷ ହେତୁ ତାଙ୍କର ଭୁକ୍ତିବାଦ ବିଦ୍ୱାନମାନଙ୍କ ଦ୍ୱାରା ଆଦୃତ ହୋଇନାହିଁ ।

ଭରତରସ ସୂତ୍ରର ଚତୁର୍ଥ ବ୍ୟାଖ୍ୟାକାର ଅଭିନବ ଗୁପ୍ତ ଭଟ୍ଟନାୟକଙ୍କର ଅନାବଶ୍ୟକ ଦୁଇଟି ନୂତନ ବ୍ୟାପାର ( ଭାବକତ୍ୱ

ଓ ଭୋଜକତ୍ୱ ) ସମ୍ପର୍କରେ ଆଲୋଚନା କରି 'ଅଭିବ୍ୟକ୍ତିବାଦ'ର ସ୍ଥାପନା କରିଛନ୍ତି । ସେ ପୂର୍ବବର୍ତ୍ତୀ ଆଲଙ୍କାରିକ ଆନନ୍ଦବର୍ଦ୍ଧନଙ୍କର ଧ୍ୱନିବାଦକୁ ଆଧାର ରୂପେ ଗ୍ରହଣ କରି ନିଜର ଅଭିବ୍ୟକ୍ତିବାଦକୁ ପ୍ରତିପାଦନ କରିଛନ୍ତି । ତାଙ୍କର ମତବାଦକୁ ଆଲଙ୍କାରିକ ମତବାଦ କୁହାଯାଏ । ସାମାଜିକଠାରେ ରସାନୁଭୂତିକୁ ପ୍ରତିଷ୍ଠିତ କରିବା ନିମିତ୍ତ ସେ ଏକ ସ୍ୱତନ୍ତ୍ର ପନ୍ଥା ଅନୁସରଣ କରିଛନ୍ତି । ତାଙ୍କ ମତାନୁସାରେ ସାମାଜିକଠାରେ ଥିବା ରତ୍ୟାଦି ସ୍ଥାୟୀଭାବ ହିଁ ରସାନୁଭୂତିର କାରଣ । ପୂର୍ବଜନ୍ମର ରତ୍ୟାଦି ସ୍ଥାୟୀଭାବ ବିନଷ୍ଟ ନ ହୋଇ ଆତ୍ମାସହ ସଂଶ୍ଳିଷ୍ଟ ହୋଇ ବାସନା ରୂପରେ ରହିଥାଏ । ପରବର୍ତ୍ତୀ ଜନ୍ମରେ ପୂର୍ବଜନ୍ମର ସଂସ୍କାର ରୂପେ ସହୃଦୟର ଅର୍ଦ୍ଧ-ଚେତନ ବା ଅଚେତନ ଅବସ୍ଥାରେ ରହିଥାଏ । ଅନୁକୂଳ ବିଭାବାନୁଭାବ ଓ ସଞ୍ଚାରୀଭାବର ସଂସ୍ପର୍ଶରେ ଆସିଲେ ତାହା ରସରୂପେ ଅଭିବ୍ୟଞ୍ଜିତ ହୋଇଥାଏ । ସାମାଜିକ ତନ୍ମୟାବସ୍ଥା ପ୍ରାପ୍ତ ହେଲେ ତା'ର ସମସ୍ତ ଜାଗତିକ ଜ୍ଞାନ ଶୂନ୍ୟ ହୋଇଥାଏ । ସେହି ସମୟରେ ସେ ବ୍ରହ୍ମାନନ୍ଦ ରୂପ ରସକୁ ଅନୁଭବ କରେ । ଅଭିନବଗୁପ୍ତ ଭଟ୍ଟ-ନାୟକଙ୍କର ପ୍ରଦର୍ଶିତ 'ଭାବକତ୍ୱ' ଓ ଭୋଜକତ୍ୱ ବ୍ୟାପାରକୁ ଅସ୍ୱୀକାର କରିଛନ୍ତି । କିନ୍ତୁ ରସାଭିବ୍ୟକ୍ତି ନିମିତ୍ତ ଅଭିଧା ଓ ଲକ୍ଷଣା ବ୍ୟତୀତ ବ୍ୟଞ୍ଜନା ବ୍ୟାପାରକୁ ଗ୍ରହଣ କରିଛନ୍ତି । ତାଙ୍କ ମତରେ 'ନିଷ୍ପତ୍ତି' ଶବ୍ଦର ଅର୍ଥ 'ଅଭିବ୍ୟକ୍ତି' ଓ 'ସଂଯୋଗ' ଶବ୍ଦର ଅର୍ଥ "ଅଭିବ୍ୟଙ୍ଗ୍ୟ-ଅଭିବ୍ୟଞ୍ଜକ ଭାବ" ରୂପକ ସମ୍ବନ୍ଧ ।

ଅଭିନବଗୁପ୍ତଙ୍କର ମତାନୁସାରେ ଲୌକିକ ଜଗତର ପ୍ରମଦା, ଉଦ୍ୟାନ, କଟାକ୍ଷ, ଔତ୍ସୁକ୍ୟାଦି 'ବିଭାବାନୁଭାବ ସଞ୍ଚାରୀଭାବ'କୁ ଦେଖି, ସହୃଦୟ ଲୌକିକ ଜଗତର ସେହି ପ୍ରମଦା ପ୍ରଭୃତିଙ୍କଠାରେ ସ୍ଥାୟୀ-

ଭାବର ସ୍ଥିତିକୁ ଅନୁମାନ କରିଥାଏ । ତା’ ଛଡ଼ା ବାରମ୍ବାର କାବ୍ୟ-ନାଟକ ଅନୁଶୀଳନ ଜନିତ ଅଭ୍ୟାସ ହେତୁ ଏହି ଅନୁମାନ କ୍ରମେ ସୁସ୍ପଷ୍ଟ ହୁଏ । ତାଙ୍କ ମତରେ ଲୌକିକ ଜଗତର କାରଣ, କାର୍ଯ୍ୟ ଓ ସହକାରୀ କାରଣ କାବ୍ୟ ନାଟକରେ ବିଭାବ, ଅନୁଭାବ ଓ ସଞ୍ଚାରୀଭାବ ରୂପେ ଗୃହୀତ ହୋଇଥାଏ । ସେ ଆହୁରି କହିଛନ୍ତି ଯେ ଯଦି କାବ୍ୟ-ନାଟକର ବିଭାବାଦିକୁ ସାମାଜିକ ନିଜର ବୋଲି ମନେ କରେ, ତେବେ ପ୍ରେକ୍ଷାଳୟରେ ସମବେତ ଜନତା ସମୀପରେ ଲଜ୍ଜା ହେତୁ ତା’ର ରତ୍ୟାଦି ସ୍ଥାୟୀଭାବ ଜାତହୁଏ ନାହିଁ । ଯଦି ଏହି ବିଭାବାଦିକୁ ମୂଳ ଚରିତ୍ରର, ନଟନଟୀଙ୍କର ( ବା କାବ୍ୟ-ବର୍ଣ୍ଣିତ ଚରିତ୍ରର ) ବା ନିଜର ଶତ୍ରୁର ବୋଲି ଭାବେ, ତେବେ ଅନୁରାଗ ପରିବର୍ତ୍ତେ ଈର୍ଷା ବା ଉଦାସୀନତା ଜାତ ହୁଏ । ତେଣୁ ‘ସାଧାରଣୀକରଣ’ ଦ୍ୱାରା ସମାଜିକ ମୂଳଚରିତ୍ରର ବିଭାବାଦି ବୈଶିଷ୍ଟ୍ୟକୁ ( ନଟ ନଟୀଙ୍କ କଳାଆରେ ଉପସ୍ଥାପିତ ) ଗ୍ରହଣ ନ କରି ତାହା ସାଧାରଣ ନରନାରୀଙ୍କର ବୋଲି ସ୍ୱୀକାର କରେ । ତା’ ପରେ ତନ୍ମୟୀଭାବସ୍ଥା ପ୍ରାପ୍ତ ହେଲେ, ସାମାଜିକଠାରେ ପୂର୍ବରୁ ସୂକ୍ଷ୍ମ ସଂସ୍କାର ରୂପେ ଥିବା ସ୍ଥାୟୀଭାବ ତତ୍କାଳିକ ବିଭାବାନୁଭାବ ସଞ୍ଚାରୀଭାବର ସଂଯୋଗରେ ରସରୂପେ ଅଭିବ୍ୟକ୍ତ ହୁଏ । କିନ୍ତୁ ଏହି ରସ ସମସ୍ତ ସାମାଜିକଙ୍କ ଦ୍ୱାରା ଅନୁଭୂତ ହୁଏ ନାହିଁ । ଏହା କେତେକ ସହୃଦୟ ସାମାଜିକଙ୍କ ଦ୍ୱାରା ବେଦ୍ୟ । ରସାସ୍ୱାଦନ ସମୟରେ ‘ରସଜ୍ଞେୟ ବସ୍ତୁ’ ଓ ‘ମୁଁ ଜ୍ଞାତା’, ମୋର ବା ତା’ର ( ଶତ୍ରୁର ) ଭଳି ସୀମିତ ଚିନ୍ତାଧାରା ପରିବର୍ତ୍ତେ ସାଧାରଣ ଚିନ୍ତା-ଧାରା ( ସାଧାରଣୀକରଣ ଫଳରେ ) ଜାତ ହୁଏ । ରସାସ୍ୱାଦନ ସମୟରେ ସହୃଦୟ ସାମାଜିକର ଆତ୍ମସତ୍ତା ଲୋପ ପାଏ । ‘ରସ’ ଓ ‘ଆସ୍ୱାଦନ’ ଏକ ବା ଅଭିନ୍ନ ଭଳି ପ୍ରତୀତ ହୁଏ । ବିଭାବାଦିର

ସ୍ଥିତି ପର୍ଯ୍ୟନ୍ତ ରସର ସ୍ଥିତି—ତା' ପରେ ବା ପୂର୍ବରୁ ନ ଥାଏ । ରସାସ୍ୱାଦନ ସମୟରେ 'ବିଭାବାନୁଭାବ ସଞ୍ଚାରୀଭାବ' ପୃଥକ୍ ଭାବରେ ପ୍ରତୀତ ହୁଏ ନାହିଁ । ଯେପରି ପ୍ରପାନକ ରସରେ ଗୁଡ଼, ଶର୍କରା, ମରିଚ ପ୍ରଭୃତି ବିଭିନ୍ନ ପଦାର୍ଥର ପୃଥକ୍ ସତ୍ତା ଅନୁଭୂତ ନ ହୋଇ ଏ ସମସ୍ତର ସମ୍ମିଶ୍ରଣଜନିତ ଏକ ଅପୂର୍ବ ଓ ନୂତନ ପ୍ରପାନକ ରସର ଆସ୍ୱାଦ ଅନୁଭୂତ ହୁଏ । ସେହିପରି 'ବିଭାବାନୁଭାବ ସଞ୍ଚାରୀ-ଭାବର ସମ୍ମିଶ୍ରିତ ରୂପ ବ୍ରହ୍ମାନନ୍ଦ ସଦୃଶ 'ଅଲୌକିକ ଚମତ୍କାରାତ୍ମକ ଅଖଣ୍ଡ' ଶୃଙ୍ଗାର, କରୁଣ ବା ହାସ୍ୟାଦି ରସ ହୃଦୟକୁ ଆଲୋଡ଼ିତ କରିବା ସଙ୍ଗେ ସଙ୍ଗେ ଆସ୍ୱାଦିତ ହୋଇଥାଏ ।

ଅଭିନବଗୁପ୍ତଙ୍କ ମତରେ ରସ କାର୍ଯ୍ୟ ନୁହେଁ । ଯେହେତୁ ବିଭାବାଦି ସ୍ୱରୂପ କାରଣର ସ୍ଥିତି ପର୍ଯ୍ୟନ୍ତ ରସର ସ୍ଥିତି ଅନୁଭୂତ ହୋଇଥାଏ । ବିଭାବାଦିର (କାରଣ ବିନାଶ ପରେ ରସର ଅସ୍ତିତ୍ୱ ଉପଲବ୍ଧ ହୁଏ ନାହିଁ କିନ୍ତୁ ଲୌକିକ ଜଗତରେ ଦେଖାଯାଏ ଯେ କୁମ୍ଭକାରର (କାରଣ) ବିନାଶ ପରେ ମଧ୍ୟ ଘଟର ( କାର୍ଯ୍ୟ ) ସ୍ଥିତି ସମ୍ଭବପର ହୋଇଥାଏ । ଆହୁରି ମଧ୍ୟ ସେ କହନ୍ତି ଯେ ରସ ଜ୍ଞାପ୍ୟ ନୁହେଁ । କାରଣ ପୂର୍ବସିଦ୍ଧ ବସ୍ତୁ ହିଁ ଜ୍ଞାପ୍ୟ ହୋଇଥାଏ । [ ଉଦାହରଣ ସ୍ୱରୂପ ପ୍ରଦୀପ ଓ ଘଟ । ଘଟର ସ୍ଥିତି ପୂର୍ବରୁ ରହିଛି । ପ୍ରଦୀପ ( ଜ୍ଞାପକ ) ର ଆଲୋକ ସହାୟ୍ୟରେ ଘଟ (ଜ୍ଞାପ୍ୟ) ଜ୍ଞାପିତ ହୁଏ । ] କିନ୍ତୁ ରସାସ୍ୱାଦନ ପୂର୍ବରୁ ରସର ସ୍ଥିତି ଉପଲବ୍ଧ ହୁଏ ନାହିଁ । ଏହାଛଡ଼ା ଅଭିନବଗୁପ୍ତଙ୍କ ମତରେ ରସ ସବିକଳ୍ପକ ବା ନିର୍ବିକଳ୍ପକ ନୁହେଁ । ତେଣୁ ରସ ଅଲୌକିକ ବୋଲି ସେ ମତ-ବ୍ୟକ୍ତ କରିଛନ୍ତି ।

ଅଭିନବଗୁପ୍ତଙ୍କର ଏହି ଅଭିବ୍ୟକ୍ତିବାଦ ପୂର୍ବୋକ୍ତ ବ୍ୟାଖ୍ୟାକାରମାନଙ୍କର ସିଦ୍ଧାନ୍ତ ଅପେକ୍ଷା ଅଧିକ ସମୀଚୀନ ମନେହୁଏ । ଏହା ବିଦ୍ୱାନମାନଙ୍କ ଦ୍ୱାରା ଅଧିକ ଆଦୃତ ହୋଇଛି ।

**ରସର ସ୍ୱରୂପ** —ସହୃଦୟର ଅନ୍ତଃକରଣରେ ସତ୍ତ୍ୱଗୁଣର ଉଦ୍ରେକ ହେଲେ ରସାସ୍ୱାଦନ ସମ୍ଭବପର ହୁଏ । 'ସତ୍ତ୍ୱ' ଏକ ଚିତ୍ତ-ବୃତ୍ତି । ଏହାର ଅର୍ଥ ହେଉଛି ହଂଜ୍ଞାନ ପ୍ରତି ଉନ୍ମୁଖତା ଓ ରଜ, ତମ ଗୁଣ ଦ୍ୱାରା ଅସ୍ପୃଷ୍ଟ ଅନ୍ତଃକରଣ । ଅନ୍ୟ କଥାରେ କହିଲେ ରଜ ଓ ତମଗୁଣକୁ ଅଭିଭୂତ କରି ସତ୍ତ୍ୱଗୁଣ ପ୍ରକାଶିତ ହେଲେ ରସାସ୍ୱାଦନ ହୋଇପାରେ ।

ରସ ଅଖଣ୍ଡ ଓ ଅଦ୍ୱିତୀୟ । ବିଭାବାନୁଭାବ ସଞ୍ଚାରୀଭାବ ଦ୍ୱାରା ସ୍ଥାୟୀଭାବ ବ୍ୟଞ୍ଜିତ ହେଲେ ଯେଉଁ ସମୂହ ଆଲମ୍ବନାତ୍ମକ ଜ୍ଞାନ ( ବିଭାବାଦିର ସଂଯୋଗ ଜନିତ ଏକ ଅପୂର୍ବ ଜ୍ଞାନ ) ଉପଲବ୍ଧ ହୁଏ, ତାହା ହିଁ ରସ । ରସାନୁଭୂତି ସମୟରେ ବିଭାବ, ଅନୁଭାବ ଓ ସଞ୍ଚାରୀଭାବର ଜ୍ଞାନ ରହେ ନାହିଁ । ସେମାନଙ୍କର ସମନ୍ୱୟରୁ ଯେଉଁ ଅନୁଭୂତି ମିଳେ, ତାହା ହିଁ ରସ । ସମୂହକୁ ଆଶ୍ରୟ କରି ଏହାର ଉପଲବ୍ଧି ହେଉଥିବାରୁ ତାକୁ ଅଖଣ୍ଡ କହନ୍ତି । ଯେପରି ପ୍ରପାନକ ରସରେ ଦଧି, ଶକରା, ମରିଚ ପ୍ରଭୃତିର ଜ୍ଞାନ ଆସିଲେ ମଧ୍ୟ ପୃଥକ୍ ଭାବରେ ନ ଆସି ସମ୍ମିଶ୍ରିତ ଭାବରେ ଆସେ, ସେହିପରି ବିଭାବାଦିର ପୃଥକ୍ ସତ୍ତା ରସରେ ଅନୁଭୂତ ନ ହେଉଥିବାରୁ ତାହା ଅଖଣ୍ଡ ।

ରସ ସ୍ୱପ୍ରକାଶ୍ୟ । ଏହା ଅନ୍ୟ କାହାର ସାହାଯ୍ୟରେ ପ୍ରକାଶିତ ହୁଏ ନାହିଁ । ଏହା ବ୍ୟଞ୍ଜନାଗମ୍ୟ ହେଲେ ମଧ୍ୟ ବ୍ୟଞ୍ଜନା ସଦୃଶ ଏକ ଜ୍ଞାନବିଶେଷ । ତେଣୁ ଅଭିନ୍ନ । ରସ ଓ ବ୍ୟଞ୍ଜନା ମଧ୍ୟରେ

ପ୍ରକାଶ୍ୟ-ପ୍ରକାଶକ ଭାବ ନାହିଁ । ଏହା'ଛଡ଼ା ଅଭିଧା ଲକ୍ଷଣା-ବ୍ୟଞ୍ଜନା ବ୍ୟତୀତ ଅନ୍ୟ ଏକ ଅଲୌକିକ ବ୍ୟଞ୍ଜନା ଦ୍ୱାରା ରସବ୍ୟଙ୍ଗ୍ୟ । ତେଣୁ ଇସକୁ ପ୍ରକାଶ କରିବାର ଶକ୍ତି କାହାରିଠାରେ ନାହିଁ ।

ରସ ମଧ୍ୟ ଆନନ୍ଦ ସ୍ୱରୂପ । ଯେ କୌଣସି ରସାସ୍ୱାଦନ କାଳରେ ଆନନ୍ଦ ମିଳେ । ପ୍ରଶ୍ନ ଉଠିପାରେ ଯେ ଦୁଃଖମୟ କରୁଣ ଓ ବିଭତ୍ସାଦି ରସରୁ କପରି ଆନନ୍ଦାନୁଭୂତି ହୁଏ ? ଏହି ପ୍ରଶ୍ନର ସମାଧାନ କରିବାକୁ ଯାଇ ବିଶ୍ୱନାଥ କହିଛନ୍ତି ଯେ କରୁଣାଦି ରସରେ ଯେଉଁ ପରମାନନ୍ଦ ମିଳେ, ସହୃଦୟମାନଙ୍କର ଅନୁଭବ ହିଁ ତହିଁର ପ୍ରମାଣ । ଅର୍ଥାତ୍ କେବଳ ସେହିମାନେ ହିଁ କହିପାରିବେ ଯେ କରୁଣାଦି ରସରୁ କପରି ଆନନ୍ଦ ମିଳେ । ତା' ଛଡ଼ା କରୁଣ ରସପୂର୍ଣ୍ଣ କାବ୍ୟରୁ ଯଦି ଦୁଃଖଲାଭ ହେଉଥାନ୍ତା ତେବେ ବିୟୋଗାନ୍ତକ ନାଟକ ବା କରୁଣରସଯୁକ୍ତ କାବ୍ୟ ଦର୍ଶନ ଓ ପଠନରେ କେହି ଆଗ୍ରହୀ ହୁଅନ୍ତେ ନାହିଁ । ସମସ୍ତେ ଆଗ୍ରହର ସହିତ ଦେଖୁଥିବାରୁ କରୁଣରସ ମଧ୍ୟ ଆନନ୍ଦମୟ ବୋଲି ପ୍ରମାଣ ମିଳେ । ପୁଣି ପ୍ରଶ୍ନ ଉଠିପାରେ ଯେ 'ରାମ ସୀତା ବନବାସାଦି' ଦୁଃଖର ହେତୁ । ଏହି କାରଣକୁ ଆଶ୍ରୟ କରି ଜାତ କରୁଣରସରୁ ସୁଖୋତ୍ପତ୍ତି କପରି ସମ୍ଭବ ? ଏହାର ଉତ୍ତରରେ ବିଶ୍ୱନାଥ କହିଛନ୍ତି ଯେ ଲୌକିକ ଜଗତରେ ଦୁଃଖାତ୍ମକ କାରଣରୁ ଦୁଃଖ (କାର୍ଯ୍ୟ) ର ଉତ୍ପତ୍ତି ହୁଏ । କିନ୍ତୁ 'ବନବାସାଦି' ଅଲୌକିକ କାରଣ ହୋଇଥିବାରୁ ସେଥିରୁ ସୁଖୋତ୍ପତ୍ତି ହେବା ଅସମୀଚୀନ ନୁହେଁ । ଲୌକିକ ଜଗତରେ ଯାହା ଦୁଃଖାତ୍ମକ ଅଲୌକିକ କଳାସୃଷ୍ଟି (କାବ୍ୟନାଟକ) କ୍ଷେତ୍ରରେ ତାହା ସୁଖାତ୍ମକ । ଏହାଛଡ଼ା ଲୌକିକ ଜଗତରେ ମଧ୍ୟ ଦୁଃଖରୁ ସୁଖ ଜାତ ହେବାର ପ୍ରମାଣ ମିଳେ । ଉଦାହରଣ ସ୍ୱରୂପ-ରତିକ୍ରୀଡ଼ା ସମୟରେ ଦନ୍ତକ୍ଷତ

ନଖକ୍ଷତଜନିତ ଦୁଃଖରୁ ମଧ୍ୟ ଆନନ୍ଦ ମିଳେ । ପୁଣି ପ୍ରଶ୍ନ ଉଠିପାରେ ଯେ ଯଦି ସେ ସବୁଥିରୁ ସୁଖଲାଭ ହୁଏ, ତେବେ ହରିଶ୍ଚନ୍ଦ୍ରଙ୍କର କରୁଣ ରସମୟ ଚରିତକୁ କାବ୍ୟ ନାଟକରେ ଶୁଣିଲେ ବା ଦେଖିଲେ ଅଶ୍ରୁପାତ ହୁଏ କାହିଁକି ? ଏହା ଛଡ଼ା ଅଶ୍ରୁପାତ ଦୁଃଖର ଚିହ୍ନ ନୁହେଁ କି ? ଏମନ୍ତ ପ୍ରଶ୍ନର ମଧ୍ୟ ସମାଧାନ କରି ବିଶ୍ୱନାଥ କହିଛନ୍ତି ଯେ ଯେଉଁ ରସରେ ଚିତ୍ତ ଦ୍ରବୀଭୂତ ହୁଏ, ତହିଁରୁ ଆନନ୍ଦ ମିଳେ । ଅଶ୍ରୁପାତ ଦ୍ୱାରା ଚିତ୍ତ ଦ୍ରବୀଭୂତ ହେବାର ପ୍ରମାଣ ଥିବାରୁ ତାହା ରସାନନ୍ଦର ଚିହ୍ନ । ତାହା ଛଡ଼ା ଅଶ୍ରୁପାତ କେବଳ ଦୁଃଖର ଚିହ୍ନ ନୁହେଁ, ଆନନ୍ଦରେ ମଧ୍ୟ ଅଶ୍ରୁପାତାଦି ଘଟିଥାଏ । ତେଣୁ ରସ ସର୍ବଦା ଆନନ୍ଦମୟ ଓ ଚିନ୍ମୟୀ ମଧ୍ୟ ।

ରସାସ୍ୱାଦନ ସମୟରେ, ବିଷୟଜ୍ଞାନ ସ୍ପର୍ଶ ସୁଦ୍ଧା କରିପାରେ ନାହିଁ । ଅର୍ଥାତ୍ ଜାଗତିକ ଜ୍ଞାନଶୂନ୍ୟ ହୋଇ ତନ୍ମୟ ଭାବାପନ୍ନ ହେଲେ ରସୋପଲବ୍ଧି ହୋଇଥାଏ । ରସ ବ୍ରହ୍ମାନନ୍ଦ ସହୋଦର ସ୍ୱରୂପ । ବିଷୟ-ଜ୍ଞାନ ରହିତ ଅବସ୍ଥାରେ ରସାନନ୍ଦ ଲାଭ ହେଉଥିବାରୁ ଏହା ସମାଧିସ୍ଥ ଅବସ୍ଥାରେ ବ୍ରହ୍ମାନନ୍ଦ ଲାଭରେ ତୁଳିତ ହୁଏ । ଏହା ଠିକ୍ ବ୍ରହ୍ମାନନ୍ଦ ନୁହେଁ—ବ୍ରହ୍ମାନନ୍ଦ ସହୋଦର । କାରଣ ବ୍ରହ୍ମାନନ୍ଦ ନିତ୍ୟ ଓ ରସାନନ୍ଦ ଅନିତ୍ୟ । ବ୍ରହ୍ମାନନ୍ଦ ପ୍ରାପ୍ତି ପରେ ମନୁଷ୍ୟ ପୁନର୍ବାର ଲୌକିକ ଜଗତକୁ ଫେରିପାରେ ନାହିଁ, କିନ୍ତୁ ରସାନନ୍ଦ ବିଭାବାଦିର ସ୍ଥିତି ପର୍ଯ୍ୟନ୍ତ ସ୍ଥାୟୀ ଓ ତା' ପରେ ସହୃଦୟ ଲୌକିକ ଜଗତକୁ ଫେରିଆସେ । ବ୍ରହ୍ମାନନ୍ଦ ନିରାଲମ୍ବ ନିର୍ବିକଳ୍ପ ସମାଧି ଦ୍ୱାରା ପ୍ରାପ୍ତ ହୁଏ, କିନ୍ତୁ ରସାନନ୍ଦର ବିଭାବାଦି ହେଉଛି ଆଲମ୍ବନ । ପୁନଶ୍ଚ ଅଲୌକିକ ଚମତ୍କାରିତା ରସର ପ୍ରାଣସ୍ୱରୂପ । ଚମତ୍କାର ଅର୍ଥ ବିସ୍ମୟ । ଚମତ୍କାରିତା ଥିଲେ ସହୃଦୟ ବିସ୍ମୟାଭିଭୂତ

ହୋଇ ତନ୍ମୟୀଭାବସ୍ଥା ପ୍ରାପ୍ତ ହୁଏ ଓ ରସାସ୍ୱାଦନ ସମ୍ଭବ ହୁଏ । ରସ ସମସ୍ତଙ୍କ ଦ୍ୱାରା ଅନୁଭୂତ ହୁଏ ନାହିଁ । ଯେଉଁ କାବ୍ୟ-ନାଟ୍ୟ ଶ୍ରୋତାଙ୍କ ( ପ୍ରମାତା ) ର ପୂର୍ବଜନ୍ମର ପୁଣ୍ୟ ହେତୁ ବାସନା ସମୂହ ସଂସ୍କାର ରୂପେ ଥାଏ, ସେହି ସହୃଦୟ ସାମାଜିକ ରସାସ୍ୱାଦନ କରି-ପାରନ୍ତି । ଆସ୍ୱାଦନ ସମୟରେ ରସ ଓ ଆସ୍ୱାଦନର ସ୍ୱରୂପ ଏକ ଓ ଅଭିନ୍ନ ।

ବିଶ୍ୱନାଥ ଓ ମମ୍ମଟ ପ୍ରଭୃତି ପ୍ରାଜ୍ଞ ସହକାରେ ରସର ଅଲୌ-କିକତା ପ୍ରମାଣ କରିଛନ୍ତି । ଇତ୍ୟାଦି ସ୍ଥାୟୀଭାବ, ବିଭାବାଦିର ସଂଯୋଗରେ ରସ ରୂପରେ ବ୍ୟକ୍ତ ହୋଇଥାଏ ଓ ରସତ୍ୱକୁ ପ୍ରାପ୍ତ ହୋଇଥାଏ ।

ଭାବ :—ଦେବଦେବୀ, ମୁନି, ଗୁରୁ, ରାଜା, ପିତାମାତା, ପୁତ୍ର ଆଦି ବିଷୟକ ସ୍ଥାୟୀଭାବର ଉଦ୍ରେକ ହିଁ ଭାବ । କନିଷ୍ଠ ପ୍ରତି ବାତ୍ସଲ୍ୟ-ସ୍ନେହ ମଧ୍ୟ ଭାବ । ଭାବରେ କିନ୍ତୁ ସ୍ଥାୟୀଭାବର ପୂର୍ଣ୍ଣ ବିକାଶ ହୁଏ ନାହିଁ । ସ୍ତ୍ରୀ ପୁରୁଷ ବିଷୟକ ରତି ବ୍ୟତୀତ ଅନ୍ୟ ପ୍ରତି ଯେଉଁ ରତି, ସେ ସବୁ 'ଭାବ' ପଦବାଚ୍ୟ । ସ୍ତ୍ରୀ-ପୁରୁଷ ସମ୍ବନ୍ଧୀୟ ରତି ବ୍ୟକ୍ତ ହେଲେ ଶୃଙ୍ଗାର ରସରେ ପରିଣତ ହୋଇଥାଏ । ଲଜ୍ଜା, ଔତ୍ସୁକ୍ୟାଦି ବ୍ୟଭିଚାରୀ ଭାବ କ୍ଷଣିକ । ତାହା ରସକୁ ପରିପୁଷ୍ଟ କରି ଚାଲିଯାଏ । କିନ୍ତୁ ଯେତେବେଳେ ବିଭାବ ଓ ଅନୁଭାବ ଗୌଣ ଭୂମିକା ଗ୍ରହଣ କରେ ଓ ବ୍ୟଭିଚାରୀ ଭାବ ମୁଖ୍ୟ ଭାବରେ ବ୍ୟକ୍ତ ହୁଏ, ସେତେବେଳେ ତାହା ଭାବ—ରସ ନୁହେଁ । ଏଥିରୁ ଅନୁମିତ ହେବ ଯେ ଭାବ' ରସଠାରୁ କିଞ୍ଚିତ୍ ନ୍ୟୂନ ।

**ରସାଭାସ** :—ଶୃଙ୍ଗାରାଦି ରସର ଅନୁଚିତ ବର୍ଣ୍ଣନା ଦ୍ୱାରା ରସର ସଂପୂର୍ଣ୍ଣ ପରିପୁଷ୍ଟି ସାଧିତ ହୁଏ ନାହିଁ । ଏହା ରସାଭାସ ।

ରସର ଏହି ଅନୁଚିତ ବର୍ଣ୍ଣନା ଅନେକ ପ୍ରକାରର ହୋଇପାରେ ଉଦାହରଣ ସ୍ୱରୂପ ଗୋଟିଏ ସ୍ତ୍ରୀର ଏକ ପୁରୁଷ ପ୍ରତି ପ୍ରେମ ସର୍ବଦା ବାଞ୍ଛନୀୟ କିନ୍ତୁ ଏକ ସ୍ତ୍ରୀର ବହୁ ପୁରୁଷ ବା ପରପୁରୁଷ ପ୍ରତି ପ୍ରେମ ନାୟକର ପ୍ରତିନାୟକ ସହ ପ୍ରେମ, ପୁରୁଷର ପର ସ୍ତ୍ରୀ ସମ୍ବନ୍ଧିତ ପ୍ରେମ ବର୍ଣ୍ଣନା, ନଦୀ, ଲତା, ପଶୁପକ୍ଷୀମାନଙ୍କର ଶୃଙ୍ଗାର ବର୍ଣ୍ଣନା, ଉତ୍କୃଷ୍ଟ ନାୟକନାୟିକାଙ୍କର ନିକୃଷ୍ଟ ଶ୍ରେଣୀର ନାୟକ-ନାୟିକାଙ୍କ ସହ ରତି ଇତ୍ୟାଦି ରସାଭାସ ମଧ୍ୟରେ ଗଣ୍ୟ । ଅନୁରୂପ ଭାବରେ ଗୁରୁଙ୍କ ପ୍ରତି ହାସ୍ୟ, ପିତାମାତାଙ୍କ ସମ୍ବନ୍ଧୀୟ ରୌଦ୍ର କିମ୍ବା ବୀରରସର ବର୍ଣ୍ଣନା, ଚଣ୍ଡାଳାଦିଙ୍କ ଠାରେ ଶାନ୍ତରସର ପ୍ରୟୋଗ ମଧ୍ୟ ଅନୁଚିତ । ତେଣୁ ଏହା ରସାଭାସର ଅନ୍ତର୍ଗତ ।

**ଭାବାଭାସ** :—'ଭାବର' ଅନୁଚିତ ବର୍ଣ୍ଣନାକୁ ଭାବାଭାସ କୁହାଯାଏ । ଉଦାହରଣ ସ୍ୱରୂପ—ସାଧାରଣୀ ନାୟିକାଙ୍କଠାରେ ( ବେଶ୍ୟା ) ଲଜ୍ଜାଦି ଦେଖାଗଲେ ସେଠାରେ ଭାବାଭାସ ହୁଏ ।

**ଭାବଶାନ୍ତି** :—ଯେଉଁଠାରେ ଗୋଟିଏ ଭାବର ଉଦୟ ଫଳରେ ଅନ୍ୟ ଏକ ଭାବ ପ୍ରଶମିତ ହୁଏ, ସେଠାରେ ଭାବଶାନ୍ତି ହୁଏ । ଉଦାହରଣ ସ୍ୱରୂପ—ନାୟକର ଗାଢ଼ ଆଲିଙ୍ଗନ ଫଳରେ ନାୟିକାର କ୍ରୋଧଶାନ୍ତି । ଏଠାରେ କାମଭାବର ଉଦୟରେ କ୍ରୋଧରୂପ ଭାବ ପ୍ରଶମିତ ହେଲା । ତେଣୁ ଏଠାରେ 'ଭାବଶାନ୍ତି' ହେବ ।

**ଭାବୋଦୟ** :—ଗୋଟିଏ ଭାବଶାନ୍ତି ହେବାପରେ ଅନ୍ୟ ଏକ ଭାବର ଉଦୟ ହେଲେ 'ଭାବୋଦୟ' ହୁଏ । ଉଦାହରଣ

ସ୍ୱରୂପ-ବିଷାଦଭାବର ବର୍ଣ୍ଣନା ପରେ ହର୍ଷର ଉଦ୍ରେକ ହେଲେ ଭାବୋଦୟ ହେବ ।

**ଭାବସନ୍ଧି** :—ଦୁଇଟି ଭାବର ଏକତ୍ର ସଂଯୋଗ ହେଲେ ସେଠାରେ ଭାବସନ୍ଧି ହେବ ।

**ଭାବଶବଳତା** :— ଏକ ସମୟରେ ଅନେକ ଭାବର ଏକତ୍ର ସମାବେଶ ହେଲେ 'ଭାବଶବଳତା' ହୁଏ ।

ଭାବ, ରସାଭାସ, ଭାବାଭାସ, ଭାବଶାନ୍ତି, ଭାବୋଦୟ, ଭାବସନ୍ଧି, ଭାବଶବଳତା ପ୍ରଭୃତି ମଧ୍ୟ ରସ ମଧ୍ୟରେ ଗ୍ରହଣୀୟ ।

**ରସଭେଦ**— ଭରତଙ୍କର ନାଟ୍ୟଶାସ୍ତ୍ରାନୁଯାୟୀ ପ୍ରଧାନତଃ ଶୃଙ୍ଗାର, ହାସ୍ୟ, କରୁଣ, ରୌଦ୍ର, ବୀର, ଭୟାନକ, ବୀଭତ୍ସ ଓ ଅଦ୍ଭୁତ—ଏହି ଆଠପ୍ରକାର ରସକୁ ପ୍ରାୟ ଅଧିକାଂଶ ଆଳଙ୍କାରିକ ସ୍ୱୀକାର କରନ୍ତି । ଅନ୍ୟ କେତେକେ 'ଶାନ୍ତ'ରସକୁ ନବମ ରସ ରୂପେ ମଧ୍ୟ ଗ୍ରହଣ କରିଛନ୍ତି । ରତି, ହାସ, ଶୋକ, କ୍ରୋଧ, ଉତ୍ସାହ ଭୟ, ଜୁଗୁପ୍ସା, ବିସ୍ମୟ ଓ ନିର୍ବେଦ ଯଥାକ୍ରମେ ଉଲ୍ଲିଖିତ ନଅଗୋଟି ରସର ସ୍ଥାୟୀଭାବ ।

**ଶୃଙ୍ଗାର ରସ**—ଶୃଙ୍ଗାରକୁ 'ଆଦିରସ' କୁହାଯାଏ । 'ରତି' ଶୃଙ୍ଗାରର ସ୍ଥାୟୀଭାବ । ସାଧାରଣତଃ ଯୌବନାବସ୍ଥାରେ ଏହି ରସ ଅଧିକ ପ୍ରକଟିତ ହୋଇଥାଏ । ନାୟକନାୟିକାଙ୍କର ପରସ୍ପର ଅନୁରାଗ ଫଳରେ ଶୃଙ୍ଗାର ରସର ଉତ୍ପତ୍ତି ହୋଇଥାଏ । ଏହା ଦୁଇ ପ୍ରକାର—ସମ୍ଭୋଗଶୃଙ୍ଗାର ଓ ବିପ୍ରଲମ୍ଭ ଶୃଙ୍ଗାର । ଯେଉଁଠାରେ ଅନୁରାଗ ଅତ୍ୟନ୍ତ ଉତ୍କଟ, କିନ୍ତୁ ପ୍ରିୟ ସମାଗମ ହୁଏ

ନାହିଁ ତାହା ବିପ୍ରଲମ୍ଭଶୃଙ୍ଗାର* । ସମ୍ଭୋଗଶୃଙ୍ଗାରରେ ନାୟକ-ନାୟିକାର ମିଳନ ହୋଇଥାଏ । ବିପ୍ରଲମ୍ଭଶୃଙ୍ଗାର ସାଧାରଣତଃ ଚାରି ପ୍ରକାର— ପୂର୍ବରାଗ, ମାନ, ପ୍ରବାସ ଓ କରୁଣ ।

ଏହି ରସରେ ଦକ୍ଷିଣ-ନାୟକ ଓ ପର-ସ୍ତ୍ରୀ ତଥା ଅନୁରାଗଶୂନ୍ୟ ଗଣିକା ଆଲମ୍ବନ ବିଭାବ । ଚନ୍ଦ୍ରମା, ଚନ୍ଦନ, ଭ୍ରମର ଆଦି ଉଦ୍ଦୀପନ ବିଭାବ । କଟାକ୍ଷ ଭ୍ରୂଭଙ୍ଗୀ ଏହାର ଅନୁଭାବ ଓ ଉଗ୍ରତା, ମରଣ, ଆଳସ୍ୟ ପ୍ରଭୃତି ସଞ୍ଚାରୀଭାବ ।

ଭରତ ଶୃଙ୍ଗାରକୁ ମୂଳରସ ରୂପେ ସ୍ୱୀକାର କରିଛନ୍ତି । ଭୋଜ ପ୍ରଭୃତି ଆଳଙ୍କାରିକମାନେ ମଧ୍ୟ ଏହି ମତର ସମର୍ଥକ । ଏଥିରୁ ହାସ୍ୟ, କରୁଣାଦି ରସର ଉତ୍ପତ୍ତି ହୋଇଛି ବୋଲି ସେମାନଙ୍କର ମତ । କାରଣ ମନୁଷ୍ୟର ଆଦିମ ଅବସ୍ଥାର ଆଦିମ ପ୍ରବୃତ୍ତି ହେଉଛି 'କାମ'ଭାବ ବା ଶୃଙ୍ଗାର । ଏହା ସର୍ବପ୍ରଥମେ ଅନୁଭୂତ ହୋଇ ଥିବାରୁ ଏହା ଆଦିରସ ରୂପେ ଗୃହୀତ ।

ସେ ରମଣୀ-ଚନ୍ଦ୍ରମଣି ହୋଇଲା ଏମନ୍ତ ମଣି
ଦୃଷ୍ଟିଚନ୍ଦ୍ରେ ଦ୍ରବୀଭୂତ କଲା ନାଗର ।
ହାସ ପୂରିଲା ପଶ୍ଚାତୁ ଶ୍ରୀମୁଖ ପ୍ରସନ୍ନ ହୋଏ
ହେଲା ଜାଣି ବନ୍ଧନେବେ ତା ସୀତ୍କାର ।
କର ଧରି ଶିରେ ଲଗାଇ ।
କୋଳ କରେ ସୁରସିକ ପଲ୍ୟଙ୍କେ ନେଇ । (ଲାବଣ୍ୟବତୀ)

---

*ବିପ୍ରଲମ୍ଭ ଶୃଙ୍ଗାରରେ ନାୟିକା ଠାରେ ଦଶ ପ୍ରକାର 'କାମଦଶା' ପରିଲକ୍ଷିତ ହୋଇଥାଏ—ଅଭିଲାଷ, ଚିନ୍ତା, ସ୍ମୃତି, ଗୁଣକଥନ, ଉଦ୍‌ବେଗ, ସମ୍ପ୍ରଳାପ, ଉନ୍ମାଦ, ବ୍ୟାଧି, ଜଡ଼ତା, ମୃତ୍ୟୁ । ଏ ପ୍ରକାର ବର୍ଣ୍ଣନା ରସ-କଲ୍ଲୋଳର ଅଂଶ ବିଶେଷରେ ଦ୍ରଷ୍ଟବ୍ୟ ।

**ହାସ୍ୟରସ**—'ହାସ' ହାସ୍ୟରସର ସ୍ଥାୟୀଭାବ । ବାକ୍, ଭଙ୍ଗୀର ବିକୃତ ପ୍ରଦର୍ଶନ ଫଳରେ ଯେଉଁ ରସର ଉତ୍ପତ୍ତି ଘଟେ, ତାହା ହାସ୍ୟରସ । ଆନନ୍ଦର ପରିପୂର୍ଣ୍ଣ ବିକାଶ ହିଁ ହାସ୍ୟରସ । ଆଳଙ୍କାରିକଙ୍କ ମତରେ ହାସ୍ୟରସ ପ୍ରଧାନ ରସ । ଯେଉଁ ବ୍ୟକ୍ତିର ବିକୃତ, ଆକାର ବାଣୀ ଓ ବେଶଭୂଷା ଦେଖି ସହୃଦୟର ହୃଦୟରେ ହାସ୍ୟରସ ଉତ୍ପନ୍ନ ହୋଇଥାଏ, ସେହି ବ୍ୟକ୍ତି ଆଲମ୍ବନ ବିଭାବ ଓ ତାହାର ଚେଷ୍ଟାଦି ଉଦ୍ଦୀପନ ବିଭାବ । ବିସ୍ଫାରିତ ନୟନ ଓ ବିକଶିତ ବଦନ ଏହାର ଅନୁଭାବ । ନିଦ୍ରା ଓ ଆଳସ୍ୟ ଆଦି ବ୍ୟଭିଚାରୀଭାବ ହାସ୍ୟ ଛଅ ପ୍ରକାର—ସ୍ମିତ, ହସିତ, ବିହସିତ, ଅବହସିତ, ଅପହସିତ ଓ ଅତିହସିତ ।

ଝୁଲି ହୋଇ ଝୁଙ୍କି ହୋଇ ପଡ଼ୁଛି ଢଳାଇ,
ଝିଅ କି ନାତୁଣୀ ପ୍ରାଏ ଦିଶିବୁ ଗୋ ତୁହି ।

ନିସତେଣି କହେ କଥା ନିକୁଟିଣି ଦାନ୍ତ,
ନ ଆସଇ ବାଣୀ ତା'ର ଦୁହିଁ ହୋଏ ଅନ୍ତ ।

ଘଣ ଦାଢ଼ି ରୁଚ ତାକୁ ନ ମିଳେ ଲଣ୍ଡାସ୍ତ,
ନିଶାଖାଳେ ଯେ ଦେଖିଲେ ଭଟସ୍ଥ ଉର ପାର ।

ଟଳଟଳ ହୋଇ ଟେକି ବସି ନ ପାରଇ,
ଟାକୁଆଗାଲ ପାକୁଆ ଦାନ୍ତ ଆଦି ନାହିଁ । ( କଳସା ଚଉତିଶ )

**କରୁଣରସ**—ପ୍ରିୟର ବିରହ ବା ଅନିଷ୍ଟ ଅର୍ଥନାଶ ପ୍ରଭୃତି ଯୋଗୁଁ କରୁଣରସ ଜାତ ହୋଇଥାଏ । 'ଶୋକ' କରୁଣ ରସର ସ୍ଥାୟୀଭାବ । ଭବଭୂତି କରୁଣରସକୁ ସବୁ ରସର ମୂଳ ରୂପେ ଗ୍ରହଣ କରିଛନ୍ତି । ସେ ଉତ୍ତର ରାମଚରିତରେ ଉଲ୍ଲେଖ କରିଛନ୍ତି —

"ଏକୋ ରସଃ କରୁଣ ଏବ ନିମିତ୍ତଭେଦାତ୍
ଭିନ୍ନଃ ପୃଥକ୍ ପୃଥଗିବାଶ୍ରୟତେ ବିବର୍ତ୍ତାନ୍ ·· ।"

ଅର୍ଥାତ୍ କରୁଣରସରୁ ହିଁ ସବୁ ରସର ଉତ୍ପତ୍ତି ହୋଇଛି । ସେହି କରୁଣରସ ବିଭିନ୍ନ ପରିସ୍ଥିତିରେ ତଥା ଆଶ୍ରୟଭେଦରେ ଶୃଙ୍ଗାର, ବୀର ଆଦି ଅନ୍ୟାନ୍ୟ ରସରେ ପରିଣତ ହୋଇଥାଏ । ଏହା ସେ ତାଙ୍କ ନାଟକରେ ପରିସ୍ଫୁଟ କରିଛନ୍ତି । ତା' ଛଡ଼ା ପ୍ରକୃତରେ ଶୋକ ଦୁଃଖ ଓ ବିଷାଦରୁ ମୁକ୍ତି ପାଇବା ନିମିତ୍ତ ସମଗ୍ର କାବ୍ୟଜଗତ ଓ ଦର୍ଶନର ସୃଷ୍ଟି । ଉଦାହରଣ ସ୍ୱରୂପ-ବାଲ୍ମୀକିଙ୍କର ଆଦିଶ୍ଳୋକ 'ମା ନିଷାଦ ! ପ୍ରତିଷ୍ଠାଂ·····'ମୂଳରେ କରୁଣରସର ସ୍ଥାୟୀଭାବ ଶୋକ ହିଁ ବିଦ୍ୟମାନ । ତା' ଛଡ଼ା ଗୀତା, ବୌଦ୍ଧଦର୍ଶନ ଓ ଉପନିଷଦ୍ ପ୍ରଭୃତିରେ ସଂସାରର ଦୁଃଖତାପରୁ ମୁକ୍ତି ପାଇବା ପାଇଁ ମାର୍ଗ ପ୍ରଦର୍ଶିତ ହୋଇଛି ।

ଶୋଚ୍ୟ ବସ୍ତୁ ବା ବ୍ୟକ୍ତି ଏହି ରସର ଆଲମ୍ବନ ବିଭାବ । ଯେଉଁ ପରିବେଶ ନାୟକନାୟିକାଙ୍କ ମନରେ ଶୋକଭାବ ଜାତ କରାଇଥାଏ, ତାହା ଉଦ୍ଦୀପନ ବିଭାବ । ରୋଦନ, ନିନ୍ଦା ଆଦି ଅନୁଭାବ ଓ ମୋହ ଉନ୍ମାଦ ଆଦି ଏହାର ସଞ୍ଚାରୀଭାବ ।

ଏକମାତ୍ର କୁଳାଙ୍କୁର ଏହି କୁରୁକୁଳେ
କୁମାର ଲକ୍ଷଣ, ତୁହି ଥିଲୁ ଯେଣୁ କରି,
ତୋର ରକ୍ଷା ଲାଗି ତୋତେ ରଣସ୍ଥଳୁଁ ମୁହିଁ
ପେଷିଲଇଁ ଗୁପ୍ତପଥେ କୌରବ-ଶିବିରେ,
ଆହା, ତୋ'ହଠାରେ କଏ କଲା ଏ ଅଘାତ !
ସ୍ଫୁଟୋନ୍ମୁଖ ଏ କୋରକ ଛିଣ୍ଡାଇ ଅକାଳେ

କଏ ଦନ୍ତି ଦେଲା, ଆହା, କୁରୁ-ଆଶାଲତା !
ବାକୁତ ହୋଇ ତୁ ମୋର ଆଗେ ଗଲୁ ଚାଲି
ଛାଡ଼ି ମୋତେ ଏ ଜଗତେ, ମୋର ଯୋଗ୍ୟ ସୁତ,
ସୁଯୋଗ୍ୟ ଦାୟାଦ କୁରୁରାଜ ସିଂହାସନେ
ଥିଲୁ ତୁହି, ଆରେ ବାବୁ, କି ଗୁଣେ କି ରୂପେ
ସୁମରି ତୋ ଗୁଣ ରାଶି, ଦୟାପୂର୍ଣ୍ଣ ହିଆ
ଝୁରି ହେଉଥିବେ ପ୍ରଜା ଦେଶ ଦେଶାନ୍ତରେ ।
( ଦୁର୍ଯ୍ୟୋଧନଙ୍କର ଲକ୍ଷ୍ମଣନିଧନ ସ୍ମରଣ )

**ରୌଦ୍ର ରସ** — 'କ୍ରୋଧ' ହିଁ ରୌଦ୍ରରସର ସ୍ଥାୟୀଭାବ । କେହି ଅପମାନିତ ହେଲେ ସାଧାରଣତଃ ତା'ର ମନରେ କ୍ରୋଧଭାବ ଜାତହୁଏ । ତେଣୁ ସେହି ବ୍ୟକ୍ତି (ଶତ୍ରୁ) ରୌଦ୍ରରସର ଆଲମ୍ବନ ବିଭାବ । ମୁଷ୍ଟିପ୍ରହାର, ଢେଲନିକ୍ଷେପ ପ୍ରଭୃତି ଏହାର ଉଦ୍ଦୀପନ ବିଭାବ । ଅଧରଦଂଶନ, ଭ୍ରୂଭଙ୍ଗୀ, ବାହୁସ୍ଫୋଟ ପ୍ରଭୃତି ଏହାର ଅନୁଭାବ ଓ ଆବେଗ, ଉଗ୍ରଭାବ ପ୍ରଭୃତି ଏହାର ସଞ୍ଚାରୀ ଭାବ ।

ରେ ରେ ପାଣ୍ଡବା ମରିବୁ ତୁ ଆଜ ଥାଉଁ ଥାଉଁ,
କେ ମାରିଲେ ଆସି ତୋତେ ରକ୍ଷା କରି ନେଉ ।

ରେ ରେ ପାଣ୍ଡବା ପୂରିଲା ତୋହର ଆୟୁଷ,
ରେ ରେ ପାଣ୍ଡବା କାଟିବି ତୋ ଦେହର ମାଂସ ।

ଆରେ ଭୀମା ସୁମର ତୁ ତୋ ଇଷ୍ଟ ଯେ ଅଛେ,
ପିତାମାତାଙ୍କୁ ସୁମର ମରଣ ନିକଟେ !

ରେ ରେ ପାଣ୍ଡବା ତୁହି ତ ବଡ଼ ଗର୍ବ କଲୁ,
କାହିଁ ଗଲା ସେ ଗାରିମା ତୋ ହାତରେ ନଥୁ ।

ଆରେ ପାଣ୍ଡବା ବୋଲାଉ ନାମ ବୃକୋଦର,
ଆଜ କି ମୋ ହାତୁ ଭୁମ୍ବି ହୋଇବୁ ଉଦ୍ଧାର ।
ଆରେ ପାଣ୍ଡବା ବୋଲାଉ ଦ୍ରୋଣସୁ ଶମନ,
ଶମନ ପେଷିଛି ମୋତେ ନେବ ତୋ ଜୀବନ ।
ଆରେ ଭୀମା କାହିଁଗଲା ତୋ ଅକ୍ଷୟ ଗଦା,
ଆରେ ପାଣ୍ଡବା କପାଇଁ ମାରୁନହୁଁ କୁଦା ।
( ସାରଳା ମହାଭାରତ, କର୍ଣ୍ଣପର୍ବ )

**ବୀରରସ**—'ଉତ୍ସାହ' ବୀରରସର ସ୍ଥାୟୀଭାବ । କୌଣସି ଦୃଶ୍ୟ ଦେଖି ବା ଶୁଣି ମନରେ ବୀରତ୍ୱପୂର୍ଣ୍ଣ ଉତ୍ସାହ ଜାତ ହେଲେ ତାହା ବୀରରସରେ ପରିଣତ ହୁଏ । ଧର୍ମବୀର, ଦାନବୀର, ଯୁଦ୍ଧବୀର, ଦୟାବୀର ଭେଦରେ ଏହା ଚାରି ପ୍ରକାର । ଯେଉଁ ଶତ୍ରୁ ବା ଦୃଶ୍ୟ ବୀରତ୍ୱପୂର୍ଣ୍ଣ ଉତ୍ସାହ ସୃଷ୍ଟି କରିଥାଏ, ତାହା ଆଲମ୍ବନବିଭାବ । ସେହିଭଳି ବ୍ୟକ୍ତିର କ୍ରିୟାକଳାପ ଉଦ୍ଦୀପନବିଭାବ । ଯୁଦ୍ଧର ସହାୟକ ଅସ୍ତ୍ରାଦିର ଅନ୍ୱେଷଣ ଏହାର ଅନୁଭାବ ଓ ଧୈର୍ଯ୍ୟ, ମତି, ଗର୍ବ, ସ୍ମୃତି, ତର୍କ, ରୋମାଞ୍ଚାଦି ସଞ୍ଚାରୀଭାବ ।

ମୁଷ୍ଟିର ଉପରେ ମୁଷ୍ଟି ପଡ଼େ ଦୁର ଦୁର,
ପର୍ବତ ଉପରେ ଯେହ୍ନେ ପଡ଼ଇ ଭଦୁର ।
ଗଡ଼ାଗଡ଼ି ଭିଡ଼ାଭିଡ଼ି କଚଡ଼ା କଚଡ଼ି,
ଘନ ଘଡ଼ଘଡ଼ି କରି ଦେଉଥାନ୍ତି ରଡ଼ି ।
ତର୍ଜ୍ଜନ ଗର୍ଜ୍ଜନ ତହିଁ ହୁଙ୍କାର ହୁଙ୍କରି,
ଗଜଯୁଦ୍ଧେ ଗଜ, ସିଂହଯୁଦ୍ଧେ ସିଂହପରି ।
ପରସ୍ପରେ ବୋଲୁଥାନ୍ତି ବଞ୍ଚିବୁ କି ଆଜି,
ବିଧି ମୋତେ ଦେଇଅଛି ମନୋମତ ଆଜି ।

କେ ବୋଲି ବୋଇଲେ ଶ୍ୟାମ ଦିଅଇ ଉତ୍ତର,
"ମେ, ଚିହ୍ନି ଜମ ଦେବ ଇଷ୍ଟଦେବ ସୁର।"

(କୀଚକବଧ)

**ଭୟାନକ ରସ**—ଯେଉଁ ବସ୍ତୁ ଦର୍ଶନରେ ବା ଯେଉଁ ଘଟଣା ଶ୍ରବଣରେ ମନରେ ଭୟ ଜାତ ହୁଏ, ସେହି ଭୟ (ସ୍ଥାୟୀଭାବ) ଅନୁକୂଳ ବିଭାବାଦିର ସଂଯୋଗରେ ଭୟାନକ ରସରେ ପରିଣତ ହୋଇଥାଏ। ଯାହାଠାରୁ ଭୟ ଜାତ ହୁଏ, ସେହି ବ୍ୟକ୍ତି ବା ବସ୍ତୁ ଆଲମ୍ବନବିଭାବ ଓ ତାହାର ଚେଷ୍ଟାଦି ଉଦ୍ଦୀପନବିଭାବ। ପ୍ରଳୟ, ରୋମାଞ୍ଚ, ସ୍ୱେଦ, କମ୍ପ ପ୍ରଭୃତି ଅନୁଭାବ। ଜୁଗୁପ୍ସା, ଆବେଗ, ସମ୍ମୋହ, ତ୍ରାସ ଓ ଗ୍ଲାନି ଆଦି ବ୍ୟଭିଚାରୀଭାବ।

ଟହ ଟହ ହସି ଦନ୍ତେ ଚିପିଣ ଅଧର,
କମ୍ପାଇଲେ ରେରେକାର ଶବ୍ଦେ ତିନି ପୁର।
ବାମ ହସ୍ତେ ବୃକୋଦର ଚପୁଛନ୍ତି ଚୋଟି,
ଦକ୍ଷିଣ ହସ୍ତେ ମାରନ୍ତି ପୁଣି ବଜ୍ରମୁଷ୍ଟି।
ଏକ ପାଦେ କଟି ଅନ୍ୟ ପାଦେ ବକ୍ଷସ୍ଥଳ,
ଚିପିଧରିଛନ୍ତି ବୀର ହୋଇ କ୍ରୋଧାନଳ!
ତର୍ଜନ ଗର୍ଜନ କରି ପ୍ରହାରନ୍ତି ମୁଥ,
ଦୁଃଶାସନ ନାସାବାଟେ ବହଇ ଶୋଣିତ।

(ସାରଳା ମହାଭାରତ-କର୍ଣ୍ଣପର୍ବ)

**ବୀଭତ୍ସରସ**—କୌଣସି ଘୃଣାଜନକ ବା ଜୁଗୁପ୍ସାବ୍ୟଞ୍ଜକ ଦୃଶ୍ୟ ଦେଖିଲେ ବା ଏପରି ବର୍ଣ୍ଣନା ଶୁଣିଲେ ମନରେ ଯେଉଁ ରସ ଜାତ ହୁଏ, ତାହା ବୀଭତ୍ସରସ। ଏଠି ଘୃଣା ବା ଜୁଗୁପ୍ସା ବୀଭତ୍ସ-ରସର ସ୍ଥାୟୀଭାବ। ଦୁର୍ଗନ୍ଧଯୁକ୍ତ ମାଂସ, ରୁଧିର, ଚର୍ବିଆଦି ଏହାର

ଆଲମ୍ବନବିଭାବ ଓ ଏଥିରେ କୃମି ପତନ ଆଦି ଉଦ୍ଦୀପନବିଭାବ । ମୁଖବିକୃତି, ନାସିକାକୁଞ୍ଚନ ଆଦି ଏହାର ଅନୁଭାବ ଓ ମୋହ, ଅପସ୍ମାର, ଆବେଗ ଆଦି ଏହାର ବ୍ୟଭିଚାରୀଭାବ ।

ଆକାଶେ ମଣ୍ଡଳାକାରେ ମୁହୁର୍ମୁହୁ ଘୂରି
ପଡୁଛନ୍ତି ଗୃଧ୍ର ଆସି କଳ କଳା ରବେ,
ରକ୍ତ, ଲାଳା, କ୍ଳେଦ ତାଙ୍କ ଚଞ୍ଚୁପୁଟୁ ଝରି
ଝଡ଼ଇ ଆକାଶ ଘୋଟି ବୃଷ୍ଟିଧାରା ପ୍ରାୟେ
ଅଶିବ ପଟହ ପ୍ରାୟେ କର୍ଣ୍ଣକଟୁ ରବେ
ଉପୁଜାଇ ପ୍ରତିରବ ଭୈରବେ ସଘନେ
ଗର୍ଜନ୍ତି ଶୃଗାଳକୁଳ ଭ୍ରମି ଚକ୍ରଢଙ୍ଗେ,
ଜଟିଳାଗ୍ରି ଚିତାବହ୍ନି ଜଳେ ଠାବେ ଠାବେ
ପ୍ରଧୂମ୍ର ମସ୍ତିଷ୍କ ମେଦେ, ଫୁଟାଇ ବିକଟେ
ନୃକରୋଟି, ଶବଗନ୍ଧ ପ୍ରସାରି ପବନେ; (ଶ୍ମଶାନଦୃଶ୍ୟ)

**ଅଦ୍ଭୁତରସ**—'ବିସ୍ମୟ' ଅଦ୍ଭୁତରସର ସ୍ଥାୟୀଭାବ । କୌଣସି ଆଶ୍ଚର୍ଯ୍ୟଜନକ ଘଟଣା ଶୁଣିଲେ କିମ୍ବା ଚମତ୍କାରମୂଳକ ଦୃଶ୍ୟ ଦେଖିଲେ ହୃଦୟରେ ଯେଉଁ ବିସ୍ମୟଭାବ ଆସେ, ତାହା ପରିପୁଷ୍ଟ ହୋଇ ଅଦ୍ଭୁତରସ ଜାତ ହୋଇଥାଏ ଅଲୌକିକ ବସ୍ତୁ ଏହାର ଆଲମ୍ବନ ଓ ସେହି ବସ୍ତୁର ଗୁଣ ଉଦ୍ଦୀପନବିଭାବ । ସ୍ତମ୍ଭ, ସ୍ୱେଦ, ରୋମାଞ୍ଚ, ଗଦ୍‌ଗଦସ୍ୱର ପ୍ରଭୃତି ଏହାର ଅନୁଭାବ ଓ ବିତର୍କ, ଆବେଗ, ଭ୍ରାନ୍ତି, ହର୍ଷ ଆଦି ଏହାର ବ୍ୟଭିଚାରୀଭାବ ।

ନିସ୍ତବ୍ଧ ନୀରବ ସେ ମହାବିଜନେ,
ସନାତନ ଶ୍ୱେତ ତୁଷାର-ଆସନେ ।

ବ୍ୟୋମକେଶ ମୂର୍ତ୍ତି ଦେଖିଲି ଚମକି,
ପଡ଼ିଲି ସେ ରୂପେ ଚିତ୍ତବୃତ୍ତି ଥକି ।
ମନେ ମନେ କଲି ନମିଲି ମାରବେ,
"ନମୋ ଦେବାତ୍ମନେ ଶ୍ରୀଗୌରୀଶଙ୍କରଙ୍କେ !" (ଚିଲିକା)

**ଶାନ୍ତରସ** – ଯାହାର ଦର୍ଶନ ବା ଶ୍ରବଣ ଫଳରେ ମନରେ ବୈରାଗ୍ୟ ବା ଶାନ୍ତଭାବ ଜାଗ୍ରତ ହୁଏ, ତାହାକୁ ଶାନ୍ତରସ କହନ୍ତି । ନିର୍ବେଦ, ବୈରାଗ୍ୟ ବା ଶାନ୍ତି ଏହାର ସ୍ଥାୟୀଭାବ । ସଂସାରର ନଶ୍ୱରତା ଓ ପରମାତ୍ମାସ୍ୱରୂପ ଜ୍ଞାନ ଏହାର ଆଲମ୍ବନ ବିଭାବ । ଋଷିଆଶ୍ରମ, ତୀର୍ଥସ୍ଥାନ, ରମଣୀୟବନ ପ୍ରଭୃତି ଏହାର ଉଦ୍ଦୀପନ ବିଭାବ । ରୋମାଞ୍ଚ ଏହାର ଅନୁଭାବ ଓ ନିର୍ବେଦ, ହର୍ଷ, ସ୍ମରଣ ଆଦି ବ୍ୟଭିଚାରୀଭାବ । ଅଭିନବଗୁପ୍ତ ସ୍ୱୀୟ ଗ୍ରନ୍ଥ 'ଅଭିନବ ଭାରତୀ'ରେ ଶାନ୍ତରସକୁ ଏକମାତ୍ର ମୂଳରସ ରୂପେ ପ୍ରତିପାଦନ କରିଛନ୍ତି ।

କେ ହେ ଦେବ ଦେବଦେବ ପ୍ରଭୁ ପଶୁପତି,
କି ଅମୃତ ତେଜେ ଆଦି ପୂରି ମୋ ଅନ୍ତର ।
କି ଅମୃତ ତେଜେ ପୂରି ଏ ମହା ଆକାଶ,
ବିରାଜିତ ବିଶ୍ୱଦେବ ବିଭୋ ସ୍ୱ-ପ୍ରକାଶ ।
( ଋଷିପ୍ରାଣେ ଦେବାବତରଣ )

ଏହି ନବମ ରସପରେ ଅନ୍ୟ କେତେକ ପରବର୍ତ୍ତୀ ଆଳଙ୍କାରିକ ଭକ୍ତି ଓ ବାତ୍ସଲ୍ୟରସକୁ ମଧ୍ୟ 'ରସଭେଦ'ର ଅନ୍ତର୍ଭୁକ୍ତ କରିଛନ୍ତି । ଗୌଡ଼ୀୟବୈଷ୍ଣବ ତଥା ଓଡ଼ିଶୀ ବୈଷ୍ଣବମାନେ ଭକ୍ତି ରସକୁ ସ୍ୱୀକାର କରନ୍ତି । ସେମାନ ମତରେ ଶ୍ରୀକୃଷ୍ଣଙ୍କର ଶୃଙ୍ଗାରିକରସ ଭକ୍ତିରସ । ଈଶ୍ୱର ବିଷୟକ ପ୍ରେମ ହିଁ ଏହାର ସ୍ଥାୟୀଭାବ ।

ଅନ୍ୟାନ୍ୟ ଆଲଙ୍କାରିକମାନେ ଏହାକୁ 'ଦେବାଦି ବିଷୟ ରତିଭାବ' କହି 'ଭାବ'ରେ ଅନ୍ତର୍ଭୁକ୍ତ କରିଛନ୍ତି ! କିନ୍ତୁ ଏଭଳି ମତକୁ ଖଣ୍ଡନ କରି ଶ୍ରୀରୂପ ଗୋସ୍ୱାମୀ କହନ୍ତି ଯେ ଶ୍ରୀକୃଷ୍ଣ ଦେବତା ନୁହନ୍ତି--ମାନବ ଦେହଧାରୀ ଭଗବାନଙ୍କର ଅବତାର । ତେଣୁ କୃଷ୍ଣବିଷୟକ ରସ ଭକ୍ତିରସ । ଭକ୍ତିରସ ଚାରିପ୍ରକାର--ଦାସ୍ୟ (କୃଷ୍ଣଙ୍କ ପ୍ରତି ଉଦ୍ଧବଙ୍କର) ସଖ୍ୟ ( କୃଷ୍ଣଙ୍କ ପ୍ରତି ସୁଦାମା ଓ ଅର୍ଜୁନଙ୍କର ), ବାତ୍ସଲ୍ୟ (ଯଶୋଦାଙ୍କର କୃଷ୍ଣସ୍ନେହ ), ଉଜ୍ଜ୍ୱଳ ବା ମଧୁର ( କୃଷ୍ଣଙ୍କ ସହ ରାଧା ଓ ଗୋପୀଙ୍କର) । ଉଜ୍ଜ୍ୱଳରସ ସବୁଠାରୁ ଶ୍ରେଷ୍ଠ ବୋଲି ସ୍ୱୀକୃତି ଲାଭ କରିଛି । ଏଥିପାଇଁ ରହସ୍ୟମଞ୍ଜରୀରେ ଦେବଦୁର୍ଲଭ ଲେଖିଛନ୍ତି—

ଚାରି ଭକ୍ତି ମଧ୍ୟେ ଅଟେ ପ୍ରେମ ଭକ୍ତି ସାର
ସେ ଭକ୍ତି ଅଟଇ ଜ୍ୟୋଠ ଗୋପୀମାନଙ୍କର ।

**ଭକ୍ତିରସ**—ଜୀବନ ଗଲେ ଏତିକ କରିବ,
ଶ୍ୟାମ ନାମ ମୋର ହୃଦେ ଲିଖିବ ।
ଶ୍ୟାମରୂପ ମୂର୍ତ୍ତି ହୃଦେ ଲଦାଇ,
ଶ୍ୟାମବସନ ଅଙ୍ଗରେ ଘୋଡ଼ାଇ ।
ଶ୍ୟାମ ଗଳିପଥେ ଗୋ
ମୋ ଶବ ଘୋଡ଼ିବ ଆପଣା ହାତେ ।

ଯେବେ ଏମନ୍ତ କରି ନ ପାରିବ,
ତମାଳେ କୋଳ କରାଇ ଥୋଇବ ।
କୃଷ୍ଣ ବଂଶୀ ଶୁଭୁଥିବ ଯେଣିକି,
କର୍ଣ୍ଣ କରି ଦେଇଥିବ ତେଣିକି
ସବୁ ସଜନୀଙ୍କି ଗୋ
ହାତ ଧରି ମୁଁ ମାଗୁଛି ଏତିକି । (ବନମାଳୀ ଚିନ୍ତାମଣି)

ଅନ୍ୟ କେତେକ ଆଳଙ୍କାରିକ ବାତ୍ସଲ୍ୟରସକୁ ପୃଥକ୍ ଏକ ରସରୂପେ ଗ୍ରହଣ କରନ୍ତି । ପିତାମାତାଙ୍କର ପୁତ୍ରମାନଙ୍କ ପ୍ରତି ସ୍ନେହ ବାତ୍ସଲ୍ୟ ରସରେ ପରିଣତ ହୋଇଥାଏ । 'ସ୍ନେହ' ବାତ୍ସଲ୍ୟରସର ସ୍ଥାୟୀଭାବ । ପୁତ୍ରାଦି ଆଲମ୍ବନ ବିଭାବ ଓ ସେମାନଙ୍କର କ୍ରିୟା-କଳାପ ଉଦ୍ଦୀପନବିଭାବ । ଆଲିଙ୍ଗନ, ଚୁମ୍ବନ ଆଦି ଅନୁଭାବ ଓ ଅନିଷ୍ଟଆଶଙ୍କା, ହର୍ଷଆଦି ବ୍ୟଭିଚାରୀଭାବ ।

ଉଦାହରଣ —ଉଚ୍ଛୁଆଡ଼ ଅନ୍ଧାରକୁ ରଖିଯାଅ ଗୋରୁ,
ଜନକ ଜନନୀ ସୁଖ କାହିଁ ପାଇଁ ସାରୁ ।
କଳାମାଣିକରେ ।
ବୃଦ୍ଧକାଳେ ତୁ ମୋହର ଏକଇ ନନ୍ଦନ,
ହୃଦତାପ-ବିନାଶନେ ତୁ ହରିଚନ୍ଦନ ।
କଳାମାଣିକରେ । ( ବି. ଚିନ୍ତାମଣି )

ଏହା ବ୍ୟତୀତ ଭାନୁଦତ୍ତ ମାୟାରସକୁ ଦ୍ୱାଦଶରସ ରୂପେ ସ୍ୱୀକାର କରିଛନ୍ତି । ତାଙ୍କ ମତରେ ପ୍ରବୃତ୍ତି ଓ ନିବୃତ୍ତି ଦୁଇ ଭାବ ମଧ୍ୟରୁ ନିବୃତ୍ତିରୁ ଶାନ୍ତରସ ଓ ପ୍ରବୃତ୍ତିରୁ ମାୟାରସର ଉଦ୍ଭବ ହୁଏ । ତେଣୁ ପ୍ରବୃତ୍ତିମୂଳକ ଯେତେ ରସ, ତାହା ମାୟାରସ ।

## ରସମାନଙ୍କ ମଧ୍ୟରେ ପରସ୍ପରବିରୋଧ :—

ଶୃଙ୍ଗାର—ଏହାର ବିରୋଧୀ ରସ ହେଉଛି କରୁଣ, ବୀଭତ୍ସ, ରୌଦ୍ର, ବୀର ଓ ଭୟାନକ ।

ହାସ୍ୟ—କରୁଣ ଓ ଭୟାନକ ଏହି ରସର ବିରୋଧୀ ।

କରୁଣ—ଶୃଙ୍ଗାର ଓ ହାସ୍ୟ ଏହାର ବିରୋଧୀ ।

ରୌଦ୍ର—ଏହାର ବିରୋଧୀରସ ହାସ୍ୟ, ଶୃଙ୍ଗାର ଓ ଭୟାନକ ।

ବୀର—ହାସ୍ୟ ଓ ଶାନ୍ତ ଏହାର ବିରୋଧୀ ।

ଭୟାନକ – ଏହାର ବିରୋଧୀ ରସ ଶୃଙ୍ଗାର, ବୀର, ରୌଦ୍ର, ହାସ୍ୟ, ଶାନ୍ତ ।

ଶାନ୍ତ – ବୀର, ଶୃଙ୍ଗାର, ରୌଦ୍ର, ହାସ୍ୟ ଓ ଭୟାନକ ଏହାର ବିରୋଧୀ ।

ବୀଭତ୍ସ – ଶୃଙ୍ଗାରରସ ଏହାର ବିରୋଧୀ ।

**ନାୟକ ଭେଦ :** – ତ୍ୟାଗୀ, କୃତଜ୍ଞ, ପଣ୍ଡିତ, କୁଳୀନ, ଲକ୍ଷ୍ମୀବାନ ଲୋକମାନଙ୍କର ଅନୁରାଗର ପାତ୍ର, ରୂପଯୌବନସମ୍ପନ୍ନ ଉତ୍ସାହୀ ତେଜସ୍ୱୀ, ଚତୁର ଓ ଉତ୍ତମ ସ୍ୱଭାବଯୁକ୍ତ ପୁରୁଷ କାବ୍ୟ-ନାଟକର ନାୟକ ହେବା ଉଚିତ । ନାୟକ ସାଧାରଣତଃ ଚାରି ପ୍ରକାର – ଧୀରୋଦାତ୍ତ, ଧୀରୋଦ୍ଧତ, ଧୀରଲଳିତ, ଧୀରପ୍ରଶାନ୍ତ । ଯେଉଁ ନାୟକ ଆତ୍ମପ୍ରଶଂସା କରେ ନାହିଁ ଓ ହର୍ଷ-ଶୋକାଦିରେ ଯାହାର କୌଣସି ଚିତ୍ତଚାଞ୍ଚଲ୍ୟ ଘଟେନାହିଁ, ସେହିପରି ଗମ୍ଭୀରସ୍ୱଭାବ-ସମ୍ପନ୍ନ, ଦୃଢ଼ବ୍ରତ, କର୍ତ୍ତବ୍ୟପରାୟଣ ଓ କ୍ଷମାବାନ୍ ପୁରୁଷ ହିଁ ଧୀରୋ-ଦାତ୍ତ ନାୟକ । ରାମଚନ୍ଦ୍ର, ଯୁଧିଷ୍ଠିର ପ୍ରଭୃତି ଏହି ଶ୍ରେଣୀର ନାୟକ । ଆତ୍ମ-ପ୍ରଶଂସାପ୍ରିୟ, ମାୟାବୀ, ପ୍ରଚଣ୍ଡ, ଚପଳ ଓ ଅହଂକାରପୂର୍ଣ୍ଣ ପୁରୁଷକୁ ଧୀରୋଦ୍ଧତ ନାୟକ କୁହାଯାଏ । ଭୀମ ଓ ଦୁଃଶାସନ ଏହି ଶ୍ରେଣୀର ନାୟକ । ଚିନ୍ତାଶୂନ୍ୟ, କୋମଳସ୍ୱଭାବଯୁକ୍ତ, ନୃତ୍ୟ-ଗୀତାଦି ଲଳିତ କଳାରେ ନିରତ ନାୟକ ଧୀରଲଳିତ ଭାବରେ ବିବେଚିତ ହୁଏ । ଦୁଷ୍ୟନ୍ତ ଓ ଚାରୁଦତ୍ତ ଏହି ଶ୍ରେଣୀର ନାୟକ । ତ୍ୟାଗୀ, କୃତଜ୍ଞ, ପଣ୍ଡିତ ପ୍ରଭୃତି ଯେଉଁସବୁ ଗୁଣ ନାୟକର ରହିବା ଆବଶ୍ୟକ, ତନ୍ମଧ୍ୟରୁ ଅଧିକାଂଶ ଗୁଣଯୁକ୍ତ ହୋଇଥିବା ବ୍ରାହ୍ମଣ ନାୟକକୁ ଧୀରପ୍ରଶାନ୍ତ କୁହାଯାଏ । ମାଳତୀମାଧବ ନାଟକର 'ମାଧବ' ଏହି ଶ୍ରେଣୀର ନାୟକ ।

ପୂର୍ବୋକ୍ତ ଏହି ଚାରି ପ୍ରକାର ନାୟକ ପ୍ରତ୍ୟେକେ ଦକ୍ଷିଣ, ଧୃଷ୍ଟ, ଅନୁକୂଳ ଓ ଶଠ—ଏହି ଚାରି ଭାଗରେ ବିଭକ୍ତ । ତେଣୁ ଏହିଭଳି ଭାବରେ ନାୟକଙ୍କ ସଂଖ୍ୟା ଷୋଡ଼ଶ ପ୍ରକାର । ତା'ଛଡ଼ା ଏହି ଷୋଡ଼ଶ ପ୍ରକାର ନାୟକ ପ୍ରତ୍ୟେକେ ପୁନର୍ବାର ଉତ୍ତମ, ମଧ୍ୟମ ଓ ଅଧମ ଭେଦରେ ତିନି ପ୍ରକାର । ତେଣୁ ନାୟକ ଉପରୋକ୍ତ ଭେଦରେ ଅଠଚାଳିଶ ପ୍ରକାର ।

**ନାୟିକାଭେଦ**—ନାୟିକା ମଧ୍ୟ ନାୟକ ଭଳି ତ୍ୟାଗୀ, କୃତୀ, ପଣ୍ଡିତା, କୁଳୀନା ପ୍ରଭୃତି ନାୟକ-ଅନୁରୂପ ଗୁଣଯୁକ୍ତ ହେବା ଉଚିତ । ନାୟିକା ପ୍ରଧାନତଃ ତିନି ପ୍ରକାର ସ୍ୱକୀୟା, ପରକୀୟା ଓ ସାଧାରଣୀ । ବିନୟ ଓ ସରଳତା ପ୍ରଭୃତି ଗୁଣସମ୍ପନ୍ନା ଗୃହ-କାର୍ଯ୍ୟରେ ତତ୍ପର ଓ ପତିବ୍ରତା ନାରୀ ସ୍ୱକୀୟାନାୟିକା । ସେପରି ନାୟିକା ଲଜ୍ଜାବତୀ ଓ ତା'ର ପରପୁରୁଷ ପ୍ରତି ଆସକ୍ତି ନ ଥାଏ । ସ୍ୱକୀୟା ନାୟିକା ତିନି ପ୍ରକାର—ମୁଗ୍‌ଧା, ମଧ୍ୟା, ପ୍ରଗଲ୍‌ଭା । ଏମାନଙ୍କ ମଧ୍ୟରୁ ମୁଗ୍‌ଧା ଏକ ଶ୍ରେଣୀର । କିନ୍ତୁ ମଧ୍ୟା ଓ ପ୍ରଗଲ୍‌ଭା ଧୀରା, ଅଧୀରା ଓ ଧୀରାଧୀରା ଭେଦରେ ପ୍ରତ୍ୟେକେ ତିନି ପ୍ରକାର । ପୁନଶ୍ଚ ମଧ୍ୟା ଓ ପ୍ରଗଲ୍‌ଭାର ଉପରୋକ୍ତ ଛଅପ୍ରକାର ଭେଦର ନାୟିକା ପ୍ରତ୍ୟେକ ପ୍ରେମର ଆଧିକ୍ୟ ଓ ନ୍ୟୂନତା ହେତୁ ଦୁଇ ପ୍ରକାର । ଏଭଳି ଭାବରେ ମଧ୍ୟା ଓ ପ୍ରଗଲ୍‌ଭା ବାର ପ୍ରକାର । ତେଣୁ ମୁଗ୍‌ଧା, ମଧ୍ୟା ଓ ପ୍ରଗଲ୍‌ଭା ( ସ୍ୱକୀୟା ) ମିଶି ତେର ପ୍ରକାର । ପରକୀୟା ନାୟିକା ଦୁଇ ପ୍ରକାର—ପରୋଢ଼ା ବା ଅନ୍ୟୋଢ଼ା ( ଅନ୍ୟର ବିବାହିତା ସ୍ତ୍ରୀ ) ଓ କନ୍ୟା ( ଅବିବାହିତା ) । ଏମାନଙ୍କ ମଧ୍ୟରୁ ଯାହା, ନାଟତାମସାରେ ଆଗ୍ରହୀ ନିଲଜ୍ଜ କୁଳଟା ସ୍ତ୍ରୀକୁ ଅନ୍ୟୋଢ଼ା ବା ପରୋଢ଼ା କୁହାଯାଏ; କିନ୍ତୁ ଅବିବାହିତା, ସଲଜ୍ଜ, ନବଯୌବନା 'କନ୍ୟା'କୁ ପରକୀୟା ଶ୍ରେଣୀଭୁକ୍ତ କରିବାର କାରଣ ହେଉଛି ଯେ

ଏଭଳି ନାୟିକା ପିତା ପ୍ରଭୃତିଙ୍କର ଅଧୀନା । ନୃତ୍ୟଗୀତାଦି ଚଉଷଠୀ କଳାରେ ନିପୁଣା ଗଣିକାଜାତୀୟା ସାଧାରଣ ସ୍ତ୍ରୀଙ୍କୁ ସାଧାରଣୀ କୁହାଯାଇଥାଏ । ଏପରି ସ୍ଥଳରେ ନାୟିକା ଷୋଡ଼ଶ ପ୍ରକାର ( ସ୍ୱକୀୟା-ତେର, ପରକୀୟା-ଦୁଇ ଓ ସାଧାରଣୀ-ଏକ ପ୍ରକାର ) ।

ପୂର୍ବୋକ୍ତ ଏହି ଷୋଡ଼ଶ ପ୍ରକାର ନାୟିକା ପ୍ରତ୍ୟେକେ ଅବସ୍ଥା-ଭେଦରେ ଆଠ ପ୍ରକାର—ସ୍ୱାଧୀନପତିକା, ଖଣ୍ଡିତା, ଅଭିସାରିକା, କଳହାନ୍ତରିତା, ବିପ୍ରଲବ୍ଧା, ପ୍ରୋଷିତଭର୍ତ୍ତୃକା, ବାସକସଜ୍ଜା ଓ ବିରହୋତ୍କଣ୍ଠିତା । ତେଣୁ ନାୟିକାଭେଦ ଏଭଳି ଏକ ଶହ ଅଠେଇଶି ପ୍ରକାର । ପୁନର୍ବାର ଏମାନଙ୍କ ମଧ୍ୟରୁ ପ୍ରତ୍ୟେକେ ଉତ୍ତମ, ମଧ୍ୟମ ଓ ଅଧମ ଭେଦରେ ତିନି ପ୍ରକାର । ତେଣୁ ସମୁଦାୟ ନାୟିକାଙ୍କର ସଂଖ୍ୟା ତିନି ଶହ ଚଉରାଶୀ ପ୍ରକାର । ଏହା ବ୍ୟତୀତ ଜାତିଭେଦରେ ( ବାତ୍ସାୟନଙ୍କ କାମଶାସ୍ତ୍ର ଅନୁଯାୟୀ ) ପଦ୍ମିନୀ, ହସ୍ତିନୀ, ଶଙ୍ଖିଣୀ ଓ ଚିତ୍ରିଣୀ ଭେଦରେ ଚାରି ପ୍ରକାର ।

# ଧ୍ୱନି ସମ୍ପ୍ରଦାୟ

ଧ୍ୱନିକାରମାନେ ଧ୍ୱନିସମ୍ବନ୍ଧୀର ସ୍ୱୀୟ ସିଦ୍ଧାନ୍ତର ଆଧାର ରୂପେ ବୈୟାକରଣମାନଙ୍କର 'ସ୍ଫୋଟବାଦ'କୁ ଗ୍ରହଣ କରିଛନ୍ତି । ଯାହାଦ୍ୱାରା ଅର୍ଥ ପରିସ୍ଫୁଟ ହୁଏ, ତାହାକୁ 'ସ୍ଫୋଟ' କହନ୍ତି । ଏହି ସ୍ଫୋଟ ଶବ୍ଦ ଯଥାକ୍ରମେ ଶବ୍ଦ, ପଦ, ବାକ୍ୟ, କାବ୍ୟ ଓ ପ୍ରବନ୍ଧ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଛି । ଆମ୍ଭମାନଙ୍କର 'ବାକ୍' ସାଧାରଣତଃ ଚାରି-ଭାଗରେ ବିଭକ୍ତ—ପରା, ପଶ୍ୟନ୍ତୀ, ମଧ୍ୟମା ଓ ବୈଖରୀ । ପରା ଓ ପଶ୍ୟନ୍ତୀ ରୂପକ୍ ବାକ୍ ନିର୍ବିକଳ୍ପ ଯୋଗୀମାନଙ୍କର, ମଧ୍ୟମା ବାକ୍ ସ୍ୱସଂବେଦ୍ୟ; କିନ୍ତୁ ବୈଖରୀ ବାକ୍ ହିଁ ସାଧାରଣ ମନୁଷ୍ୟ ଦ୍ୱାରା ବ୍ୟବ-ହୃତ । ବିଭିନ୍ନ ସ୍ଥାନରେ ବାୟୁ ବାଧାପ୍ରାପ୍ତ ହୋଇ ସ୍ୱରଯନ୍ତ୍ର ମାଧ୍ୟମରେ ଯାହା ପ୍ରକାଶଲାଭ କରିଥାଏ, ତାହା ବୈଖରୀ ବାକ୍ ବା ଧ୍ୱନି । ଶ୍ରବଣେନ୍ଦ୍ରିୟ ଦ୍ୱାରା ଗ୍ରହଣ କରାଯାଇଥିବା ବୈଖରୀ ବାକ୍ ହିଁ ବୈୟାକରଣମାନଙ୍କର ସ୍ଫୋଟବାଦର ବିଷୟ । ଏହି 'ସ୍ଫୋଟବାଦ' ଆଲୋଚନା କାଳରେ ବୈୟାକରଣମାନେ ମତପ୍ରକାଶ କରନ୍ତି ଯେ କୌଣସି ଶବ୍ଦ ଉଚ୍ଚାରଣ କରୁ କରୁ ତାହା ଶ୍ରବଣେନ୍ଦ୍ରିୟରେ ପ୍ରବେଶ କରିବାର କିଛିକ୍ଷଣ ପରେ ହିଁ ଲୋପ ପାଇଯାଏ ଓ ସେହି କାରଣରୁ ଉକ୍ତ ଶବ୍ଦରୁ କୌଣସି ଅର୍ଥ ପ୍ରତୀତ ହେବା ଅସମ୍ଭବ । ଉଦାହରଣ ସ୍ୱରୂପ—'କମଳ' ଶବ୍ଦ ଉଚ୍ଚାରଣ କଲେ 'କ'ବର୍ଣ୍ଣ ଉଚ୍ଚାରଣର କିଛି-କ୍ଷଣ ପରେ 'ମ' ବର୍ଣ୍ଣ ଉଚ୍ଚାରିତ ହୁଏ । 'ମ' ବର୍ଣ୍ଣ ଶ୍ରବଣେନ୍ଦ୍ରିୟରେ ପ୍ରବେଶ କରିବା ପୂର୍ବରୁ 'କ' ବର୍ଣ୍ଣର ଅସ୍ତିତ୍ୱ ଲୋପ ପାଇଥାଏ । ତେଣୁ ବିନଷ୍ଟ (କ) ଓ ଅବିନଷ୍ଟ (ମ) ବର୍ଣ୍ଣ ମଧ୍ୟରେ ସମ୍ବନ୍ଧ ସ୍ଥାପିତ ହୋଇପାରେ ନାହିଁ । ସେହିପରି 'ଳ' ବର୍ଣ୍ଣ ଉଚ୍ଚାରଣ ପୂର୍ବରୁ 'ମ' ବର୍ଣ୍ଣ ଲୋପ ହୋଇଯାଇ ଥାଏ । ତେଣୁ 'କମଳ' ଶବ୍ଦ ମଧ୍ୟରେ

ଥିବା ବର୍ଣ୍ଣମାନଙ୍କର ସଂଯୋଗ ଅସମ୍ଭବ ହୁଏ । ତେଣୁ 'କମଳ' ଶବ୍ଦ ଗଠିତ ହୋଇ ପାରିବ ନାହିଁ, କାରଣ ଏକ ସମୟରେ ଗୋଟିଏ ଶବ୍ଦର ସମସ୍ତ ବର୍ଣ୍ଣ ଉଚ୍ଚାରିତ ହେବା ଅସମ୍ଭବ । ତେଣୁ କମଳର ଅର୍ଥ ପ୍ରତୀତି ମଧ୍ୟ ସମ୍ଭବପର ନୁହେଁ । ଏଥିପାଇଁ ବହୁ ସୂକ୍ଷ୍ମାତିସୂକ୍ଷ୍ମ ବିଶ୍ଳେଷଣ ଓ ବିବେଚନା ପରେ ବୈୟାକରଣମାନେ ସ୍ଥିର କଲେ ଯେ ଅର୍ଥବୋଧ ଶବ୍ଦର 'ସ୍ଫୋଟ' ଦ୍ୱାରା ସମ୍ଭବପର ହୁଏ । ତେଣୁ ପୂର୍ବରୁ ଉଚ୍ଚାରିତ ବର୍ଣ୍ଣ ନଷ୍ଟ ହୋଇଗଲା ପରେ ମଧ୍ୟ 'ସଂସ୍କାର' 'ବୁଦ୍ଧି'ରେ ବ୍ୟାପ୍ତ ରହି, ଅନ୍ତିମ ବର୍ଣ୍ଣର ଉଚ୍ଚାରଣ ସହିତ ସଂଯୁକ୍ତ ରହି ଶବ୍ଦର ଅର୍ଥବୋଧ କରାଏ । ଏହା ହିଁ ସ୍ଫୋଟ ବା ଧ୍ୱନି । ତେଣୁ ଧ୍ୱନି ନିତ୍ୟ, ଅଖଣ୍ଡ, ଅବିନାଶୀ ଓ ବ୍ୟାପ୍ତିମାନ । ବୈୟାକରଣମାନେ ଧ୍ୱନି ଶବ୍ଦର ଉଦ୍ଭାବକ ।

ଏହି ଧ୍ୱନିତତ୍ତ୍ୱଦ୍ୱାରା ବର୍ଣ୍ଣ, ପଦ, ବାକ୍ୟ, ପ୍ରବନ୍ଧ ଓ କାବ୍ୟର ଅର୍ଥାବବୋଧ ସମ୍ଭବପର ହୋଇଥାଏ । ସ୍ଫୋଟ ହେଉଛି ବ୍ୟଙ୍ଗ୍ୟ ଓ ବର୍ଣ୍ଣ, ପଦ, କାବ୍ୟ ପ୍ରଭୃତି ବ୍ୟଞ୍ଜକ । ଯେପରି ପୃଥକ୍ ପୃଥକ୍ ଶବ୍ଦ ଶୁଣି ମଧ୍ୟ ସ୍ଫୋଟ ବା ଧ୍ୱନିର ବିନା ସାହାଯ୍ୟରେ ଅର୍ଥ ପ୍ରତୀତ ହୁଏ ନାହିଁ, ସେହିପରି କାବ୍ୟକ୍ଷେତ୍ରରେ ଶବ୍ଦମାନଙ୍କର ବାଚ୍ୟାର୍ଥ ଗ୍ରହଣ କରି ମ ବ୍ୟଙ୍ଗ୍ୟାର୍ଥ ବା ଧ୍ୱନ୍ୟର୍ଥ ବ୍ୟତୀତ କାବ୍ୟର ସୌନ୍ଦର୍ଯ୍ୟତତ୍ତ୍ୱ ଅନୁଭୂତ ହୋଇପାରେ ନାହିଁ । ବ୍ୟଞ୍ଜନା ବ୍ୟାପାର ଦ୍ୱାରା ଏହି ବ୍ୟଙ୍ଗ୍ୟାର୍ଥ ପ୍ରକାଶ ହୋଇଥାଏ । ଧ୍ୱନିବାଦୀମାନେ ସ୍ଫୋଟବାଦକୁ ଆଶ୍ରୟ କରି ଧ୍ୱନିସିଦ୍ଧାନ୍ତ ପ୍ରତିଷ୍ଠା କରିଛନ୍ତି । ବୈୟାକରଣମାନେ କେବଳ ଶବ୍ଦରେ ଧ୍ୱନି ସ୍ୱୀକାର କରନ୍ତି, କିନ୍ତୁ ଆଳଙ୍କାରିକମାନେ ଶବ୍ଦ ଓ ଅର୍ଥ ଉଭୟରେ ଧ୍ୱନି ସ୍ୱୀକାର କରନ୍ତି । ବ୍ୟଙ୍ଗ୍ୟାର୍ଥ ଓ ଲକ୍ଷ୍ୟାର୍ଥ ମଧ୍ୟରେ ପାର୍ଥକ୍ୟ ଏତିକି ଯେ ମୁଖ୍ୟାର୍ଥ ବାଧାପ୍ରାପ୍ତ ହେଲେ

ଲକ୍ଷଣା ବ୍ୟାପାର ଆବଶ୍ୟକ ହୁଏ; କିନ୍ତୁ ବ୍ୟଞ୍ଜନା ବ୍ୟାପାରରେ ମୁଖ୍ୟାର୍ଥ ବାଧାପ୍ରାପ୍ତ ହେବାର ଆବଶ୍ୟକତା ନାହିଁ । ମୁଖ୍ୟାର୍ଥ ପ୍ରତୀତ ହେବା ପରେ ତାହାକୁ ଆଶ୍ରୟ କରି ପ୍ରକାଶ ପାଉଥିବା ଚମତ୍କାରମୂଳକ ଅର୍ଥ ହିଁ ବ୍ୟଙ୍ଗ୍ୟାର୍ଥ ବା ଧ୍ୱନ୍ୟାର୍ଥ ।

**ଧ୍ୱନିସମ୍ପ୍ରଦାୟର ଇତିହାସ :** ଧ୍ୱନିସମ୍ପ୍ରଦାୟର ପ୍ରତିଷ୍ଠାତା ଆନନ୍ଦବର୍ଦ୍ଧନଙ୍କ ପୂର୍ବରୁ ଧ୍ୱନିସମ୍ପ୍ରଦାୟର ସ୍ଥିତି ଥିଲା । କାରଣ ଆନନ୍ଦବର୍ଦ୍ଧନ 'ଧ୍ୱନ୍ୟାଲୋକର' ପ୍ରଥମ ଶ୍ଳୋକରେ ଉଲ୍ଲେଖ କରିଛନ୍ତି ଯେ 'କାବ୍ୟର ଆତ୍ମା ଯେ ଧ୍ୱନି, ଏହା ମୋର ପୂର୍ବବର୍ତ୍ତୀ ଆଚାର୍ଯ୍ୟମାନଙ୍କର ମତ' (୧) । ପ୍ରକୃତରେ ବିଚାର କଲେ ବୈୟାକରଣମାନଙ୍କର ସ୍ଫୋଟବାଦର ବହୁ ପୂର୍ବରୁ ଧ୍ୱନିସମ୍ବନ୍ଧୀୟ ସିଦ୍ଧାନ୍ତର ମୌଳିକ ସଙ୍କେତ ମିଳିଥାଏ । ତା' ଛଡ଼ା ଭାରତୀୟ ଦର୍ଶନରେ ମଧ୍ୟ ବ୍ୟଞ୍ଜନା ସମ୍ପର୍କୀୟ ବହୁ ପୁରାତନ ଆଲୋଚନା ଦେଖାଯାଏ । ଆନନ୍ଦବର୍ଦ୍ଧନଙ୍କ ପୂର୍ବରୁ ରସ, ଅଳଙ୍କାର ଓ ରୀତିବାଦୀମାନେ ସେମାନଙ୍କର ସିଦ୍ଧାନ୍ତ ପ୍ରତିଷ୍ଠା କରିଥିଲେ ମଧ୍ୟ ଧ୍ୱନି ସମ୍ପର୍କରେ ସେମାନେ ସମ୍ପୂର୍ଣ୍ଣ ଅଜ୍ଞ ନ ଥିଲେ । ସେମାନଙ୍କର ଗ୍ରନ୍ଥରେ ଧ୍ୱନିର ସତ୍ତା ପ୍ରଚ୍ଛନ୍ନ ଭାବରେ ଉପଲବ୍ଧ ହୁଏ । ଭାମହ, ଦଣ୍ଡୀ, ଉଦ୍ଭଟ, ବାମନ, ରୁଦ୍ରଟ ପ୍ରଭୃତି ଧ୍ୱନିକୁ ପୃଥକ୍ ରୂପେ ସ୍ୱୀକାର ନ କଲେ ମଧ୍ୟ ନିଜ ନିଜ ଗ୍ରନ୍ଥରେ ଧ୍ୱନିର ସୂଚନା ଦେଇଛନ୍ତି । ଦଣ୍ଡୀ ସ୍ୱୀୟ 'କାବ୍ୟାଦର୍ଶ' ଗ୍ରନ୍ଥରେ 'ପ୍ରତୀୟତେ' ଓ 'ବ୍ୟଞ୍ଜିତ' ଏପରି ଦୁଇଟି ପଦ ବ୍ୟବହାର କରିଛନ୍ତି । ଏହା ବ୍ୟଞ୍ଜନାର ସୂଚନା ଦିଏ । ଅଭିନବଗୁପ୍ତ ଆନନ୍ଦବର୍ଦ୍ଧନଙ୍କର ପଥ ଅନୁସରଣ କରି ଧ୍ୱନିର ସ୍ଥିତିକୁ ପୁନର୍ବାର ପ୍ରତିଷ୍ଠିତ କରିଛନ୍ତି ଓ ପୂର୍ବବର୍ତ୍ତୀ ଆଚାର୍ଯ୍ୟ

(୧) କାବ୍ୟସ୍ୟାତ୍ମା ଧ୍ୱନିରିତି ବୁଧୈର୍ଯଃ ସମାମ୍ନାତପୂର୍ବ···( ଧ୍ୱନ୍ୟାଲୋକ-୧।୧ )

ଉଦ୍ଭଟ ଓ ବାମନ ମଧ୍ୟ ଧ୍ୱନି ସମ୍ବନ୍ଧରେ ପରିଚିତ ଥିଲେ ବୋଲି ସାକ୍ଷ୍ୟପ୍ରଦାନ କରିଛନ୍ତି । ବାମନଙ୍କର 'ବକ୍ରୋକ୍ତି ବିବେଚନ'ରେ ଉଲ୍ଲେଖ ଅଛି ଯେ ଯେଉଁଠି ଲକ୍ଷଣା ସାଦୃଶ୍ୟ ଗର୍ଭିତ ହୁଏ, ସେଠାରେ ତାହାକୁ ବକ୍ରୋକ୍ତି କୁହାଯାଏ । ସାଦୃଶ୍ୟର ଏହି ବ୍ୟଞ୍ଜନା ଧ୍ୱନିର ଅନ୍ତର୍ଭୁକ୍ତ । ତେଣୁ ବାମନ ମଧ୍ୟ ଧ୍ୱନିର ସଙ୍କେତ ଦେଇଛନ୍ତି । ରୁଦ୍ରଟଙ୍କର 'ଭାବ' ଅଳଙ୍କାର ଧ୍ୱନିବାଦୀମାନଙ୍କର ବସ୍ତୁବ୍ୟଙ୍ଗ୍ୟ ବା ଗୁଣୀଭୂତ ବ୍ୟଙ୍ଗ୍ୟ ସହିତ ସମାନ ହୋଇଥିବାରୁ ଏଠାରେ ମଧ୍ୟ ଧ୍ୱନିର ସୂଚନା ଉପଲବ୍ଧ ହୁଏ । କାରଣ ତାଙ୍କର ଏହି 'ଭାବ' ଅଳଙ୍କାରରେ ପ୍ରତୀୟମାନାର୍ଥର ସତ୍ତା ବିଦ୍ୟମାନ । ଅଭିନବଗୁପ୍ତଙ୍କର 'ଲୋଚନ' ଟୀକା ହେତୁ ଧ୍ୱନିସମ୍ପ୍ରଦାୟ ଲୋକପ୍ରିୟ ହୋଇ ପାରିଛି । ସେ ରସବାଦୀ ହୋଇଥିଲେ ମଧ୍ୟ ଧ୍ୱନିସମ୍ପର୍କୀୟ ସମସ୍ତ ବିରୋଧ ମତବାଦକୁ ଦୂରକରି ଧ୍ୱନିକୁ ପ୍ରତିଷ୍ଠା କରିଥିଲେ । ରସ ହିଁ ବ୍ୟଙ୍ଗ୍ୟ; ତେଣୁ ସେ ଧ୍ୱନିକୁ ଅଧିକ ମହତ୍ତ୍ୱ ପ୍ରଦାନ କରିଥିଲେ । ଆନନ୍ଦ-ବର୍ଦ୍ଧନଙ୍କ ପରେ ଭଟ୍ଟନାୟକ ବ୍ୟଞ୍ଜନାର ଅସ୍ତିତ୍ୱକୁ ଅସ୍ୱୀକାର କରିଥିଲେ ଓ କୁନ୍ତକ 'ବକ୍ରୋକ୍ତି' ମଧ୍ୟରେ ଧ୍ୱନିକୁ ଅନ୍ତର୍ଭୁକ୍ତ କରିଥିଲେ । ମହିମଭଟ୍ଟ ମଧ୍ୟ ବ୍ୟଞ୍ଜନା ବ୍ୟାପାରକୁ ଅଯୌକ୍ତିକ ମନେ କରି ଧ୍ୱନିକୁ ଅସ୍ୱୀକାର କଲେ । ଏହିପରି ଭାବରେ ଧ୍ୱନି ସମ୍ପର୍କୀୟ ମତବାଦର ସତ୍ତା ଲୋପପାଇ ଆସୁଥିବା ସମୟରେ ମମ୍ମଟ ପୂର୍ବବର୍ତ୍ତୀ ଆଚାର୍ଯ୍ୟମାନଙ୍କର ନିଷେଧକୁ ନିରାକରଣ କରି ନିଜର ବଳିଷ୍ଠ ଯୁକ୍ତି ଦ୍ୱାରା ଧ୍ୱନିକୁ ପୁନର୍ବାର ପ୍ରତିଷ୍ଠିତ କଲେ । ଏହାଛଡ଼ା ଧ୍ୱନିର ବହୁ ଭେଦପ୍ରଭେଦାନ୍ତର ଦର୍ଶାଇ ଧ୍ୱନି ସମ୍ପର୍କୀୟ ମତବାଦର ବିସ୍ତାର କଲେ । ବିଶ୍ୱନାଥ ପୁନର୍ବାର ଧ୍ୱନିର ମହତ୍ତ୍ୱ ଅସ୍ୱୀକାର କରିବାକୁ ପ୍ରଚେଷ୍ଟା କରିଥିଲେ କିନ୍ତୁ ଜଗନ୍ନାଥ ବିଶ୍ୱନାଥଙ୍କର ମତ ଖଣ୍ଡନ କରି ଧ୍ୱନିର ମହତ୍ତ୍ୱ ପ୍ରତିପାଦନ କରିଥିଲେ ।

**ଧ୍ୱନିସିଦ୍ଧାନ୍ତ**—ଧ୍ୱନିସମ୍ପ୍ରଦାୟର ଇତିହାସରୁ ଜଣାଯାଏ ଯେ କାବ୍ୟର ସୌନ୍ଦର୍ଯ୍ୟାନୁଭୂତି ପାଇଁ ବାଚ୍ୟାର୍ଥ ଅପେକ୍ଷା ବ୍ୟଙ୍ଗ୍ୟାର୍ଥ ବା ଧ୍ୱନି ବା ବ୍ୟଞ୍ଜନାର ଶ୍ରେଷ୍ଠ ପ୍ରାଧାନ୍ୟ ରହିଛି । ସେଥିପାଇଁ ଧ୍ୱନି ପ୍ରସ୍ଥାପକ ଆନନ୍ଦବର୍ଦ୍ଧନ ଧ୍ୱନିକୁ କାବ୍ୟର ଆତ୍ମାରୂପେ ଗ୍ରହଣ କରିଛନ୍ତି । ତାତ୍କାଳିକ କେତେକ ଆଳଙ୍କାରିକ ଧ୍ୱନିକୁ ଲକ୍ଷଣାଗମ୍ୟ ବୋଲି କହି ବ୍ୟଞ୍ଜନାକୁ ଲକ୍ଷଣାରେ ଅନ୍ତର୍ଭୁକ୍ତ କରିବା ସଙ୍ଗେ ସଙ୍ଗେ ବ୍ୟଞ୍ଜନାର ଆବଶ୍ୟକତାକୁ ନିଷେଧ କଲେ । ଅନ୍ୟ କେତେକେ ଧ୍ୱନିର ଅସ୍ତିତ୍ୱ ସ୍ୱୀକାର କଲେ ମଧ୍ୟ ତାହାକୁ ଅବର୍ଣ୍ଣନୀୟ ବା ଅଲୌକିକ କହି ଧ୍ୱନି ବିରୁଦ୍ଧରେ ପ୍ରଚାର କଲେ; କିନ୍ତୁ ଆନନ୍ଦ-ବର୍ଦ୍ଧନ ତାଙ୍କର ଅକାଟ୍ୟ ଯୁକ୍ତି ଦ୍ୱାରା ଉପରୋକ୍ତ ଆଳଙ୍କାରିକ-ମାନଙ୍କର ମତକୁ ଖଣ୍ଡନ କରି, ନିର୍ଭୁଲ ଶବ୍ଦ ସାହାଯ୍ୟରେ ସ୍ୱ-ସିଦ୍ଧାନ୍ତ ସ୍ଥାପନ କଲେ । ଏହାଛଡ଼ା ରସଗୁଣ, ରୀତି ଓ ଅଳଙ୍କାର ସହିତ ଧ୍ୱନିର ସମ୍ବନ୍ଧ ନିର୍ଦ୍ଧାରଣ କଲେ । କାବ୍ୟର ଏକ ସର୍ବାଙ୍ଗସୁନ୍ଦର ରୂପରେଖ ନିମିତ୍ତ ଧ୍ୱନିର କେବଳ ଆବଶ୍ୟକତା ରହିଅଛି, ତାହା ପ୍ରତିପାଦିତ କଲେ । ଧ୍ୱନିକୁ କାବ୍ୟର ଆତ୍ମାରୂପେ ଗ୍ରହଣ କରି ତାହାର ଲକ୍ଷଣ ସମ୍ପର୍କରେ କହିଛନ୍ତି ଯେ ଯେଉଁ କାବ୍ୟରେ ବାଚ୍ୟାର୍ଥ ବାଚକ ଶବ୍ଦ ଯଥାକ୍ରମେ ନିଜର ସ୍ୱରୂପ ବା ଅର୍ଥକୁ ଗୌଣ ରୂପେ ପ୍ରକାଶ କରି ବ୍ୟଞ୍ଜନା ଦ୍ୱାରା ଅନ୍ୟ ଏକ ରମଣୀୟ ମୂଳକ ଅର୍ଥ ପ୍ରକାଶ କରେ, ସେହି କାବ୍ୟବିଶେଷକୁ ବିଦ୍ୱାନ ଲୋକମାନେ ଧ୍ୱନିକାବ୍ୟ କହନ୍ତି (୧) । ସେ ପୁନଶ୍ଚ ଉପଯୁକ୍ତ ବ୍ୟଙ୍ଗ୍ୟାର୍ଥର ସ୍ୱରୂପ ନିର୍ଣ୍ଣୟ କରିବାକୁ

---

(୧) ଯତ୍ରାର୍ଥଃ ଶବ୍ଦୋ ବା ତମର୍ଥମୁପସର୍ଜନୀକୃତସ୍ୱାର୍ଥୌ ,
ବ୍ୟଙ୍କ୍ତଃ କାବ୍ୟବିଶେଷଃ ସ ଧ୍ୱନିରିତି ସୂରିଭିଃ କଥିତଃ ।

( ଧ୍ୱନ୍ୟାଲୋକ-୧।୧୩ )

ଯାଇ କହିଛନ୍ତି ଯେ ଅଙ୍ଗନାମାନଙ୍କର ସୁନ୍ଦର ମୁଖ, ଚକ୍ଷୁ ପ୍ରଭୃତି ଅବୟବର ସୌନ୍ଦର୍ଯ୍ୟ ବ୍ୟତୀତ ଯେ ଭିନ୍ନ ଅନ୍ୟ ଏକ ଲାବଣ୍ୟ ଯୁବକମାନଙ୍କର ହୃଦୟ ଆକର୍ଷଣ କରିଥାଏ, ସେହିପରି ଅଲଙ୍କାରାଦି ରୂପକ ବାଚ୍ୟାର୍ଥ ଭିନ୍ନ, ଆସ୍ୱାଦ୍ୟମାନ ଅନ୍ୟ ଏକ ପ୍ରତୀୟମାନାର୍ଥ ମହାକବିମାନଙ୍କର ଉକ୍ତିରେ ଉଦ୍ଭାସିତ ହୋଇ ସହୃଦୟମାନଙ୍କର ଆନନ୍ଦର କାରଣ ହୋଇଥାଏ (୧) । ଆନନ୍ଦବର୍ଦ୍ଧନଙ୍କ ପରେ ଅଭିନବଗୁପ୍ତ ଓ ମମ୍ମଟ ମଧ୍ୟ ଅନେକ ପାଣ୍ଡିତ୍ୟପୂର୍ଣ୍ଣ ଯୁକ୍ତି ଦ୍ୱାରା ବ୍ୟଞ୍ଜନାର ପ୍ରାଧାନ୍ୟ ପ୍ରତିପାଦନ କରିଛନ୍ତି । ଏ ସବୁ ଯୁକ୍ତିର ସାରମର୍ମ ହେଉଛି ଯେ ବାଚ୍ୟାର୍ଥ କେବଳ ଶବ୍ଦରେ ଅବସ୍ଥିତ; କିନ୍ତୁ ଶବ୍ଦର ଏକ ଅଂଶ, ତାର ଅର୍ଥ ଓ ବର୍ଣ୍ଣମାନଙ୍କର ସ୍ଥାପନା-ବିଶେଷରେ ମଧ୍ୟ ବ୍ୟଙ୍ଗ୍ୟାର୍ଥର ସ୍ଥିତି ରହିଥାଏ । ବାଚ୍ୟାର୍ଥ କେବଳ ବ୍ୟାକରଣାଦି ଜ୍ଞାନ ଦ୍ୱାରା ହିଁ ପ୍ରତୀତ ହୁଏ, କିନ୍ତୁ ବ୍ୟଙ୍ଗ୍ୟାର୍ଥ ବିଶୁଦ୍ଧ ପ୍ରତିଭାସମ୍ପନ୍ନ କାବ୍ୟଶାସ୍ତ୍ରନିପୁଣ ସହୃଦୟମାନଙ୍କ ଦ୍ୱାରା ହିଁ ଅନୁଭୂତ ହୋଇଥାଏ । ଏହା ଛଡ଼ା ବାଚ୍ୟାର୍ଥ କେବଳ ବସ୍ତୁ-ଜ୍ଞାନ ପ୍ରଦାନ କଲାବେଳେ ବ୍ୟଙ୍ଗ୍ୟାର୍ଥ ଏକ ଚମତ୍କାରାତ୍ମକ ଆନନ୍ଦ ଆସ୍ୱାଦନ ଦିଗରେ ଉନ୍ମୁଖୀ କରାଇଥାଏ ।

**ଧ୍ୱନିର ବ୍ୟାପକତା**—ପୂର୍ବରୁ ଆଲୋଚିତ ହୋଇଛି ଯେ ବିଭାନୁଭାବ ସଞ୍ଚାରିଭାବର ସଂଯୋଗରେ ରତ୍ୟାଦି ସ୍ଥାୟୀଭାବ ରସରେ ପରିଣତ ହୋଇଥାଆନ୍ତି ଓ ଏହି ରସ ସହୃଦୟ ହୃଦୟ-ସଂବେଦ୍ୟ । ତେଣୁ ଏହା ସୁସ୍ପଷ୍ଟ ଯେ ରସ ବାଚ୍ୟ ନୁହେଁ ଅର୍ଥାତ୍

---

(୧) ପ୍ରତୀୟମାନଂ ପୁନରନ୍ୟଦେବ ବସ୍ତ୍ୱସ୍ତି ବାଣୀଷୁ ମହାକବୀନାମ୍
ଯତ୍ତତ୍ପ୍ରସିଦ୍ଧାବୟବାତିରିକ୍ତଂ ବିଭାତି ଲାବଣ୍ୟମିବାଙ୍ଗନାସୁ ।
( ଧ୍ୱନ୍ୟାଲୋକ-୧।୪ )

କୌଣସି ବାଚକ ଶବ୍ଦ ରସକୁ ପ୍ରକାଶ କରିବାରେ ଅସମର୍ଥ; ତାହା କେବଳ ଅନୁଭୂତିଗମ୍ୟ । ଏହାଛଡ଼ା ଶୃଙ୍ଗାରାଦି ଶବ୍ଦ ପ୍ରୟୋଗରେ ଯଦି ରସ ନିଷ୍ପତ୍ତି ହୁଏ, ତେବେ ସେଠାରେ ରସର ସ୍ୱ-ଶବ୍ଦ ବାଚ୍ୟତା ଦୋଷ ହୋଇଥାଏ । ଯଦି ସ୍ୱଶବ୍ଦ ବାଚ୍ୟରେ ରସର ସ୍ଥିତିକୁ ଗ୍ରହଣ କରାଯାଏ, ତେବେ ସ୍ୱ ଶବ୍ଦରେ ( ରସାଦି ଶବ୍ଦ ) କଥିତ ନ ହେଲେ ରସପ୍ରତୀତି ଅସମ୍ଭବ ହେବ, କିନ୍ତୁ ଏପରି ଅନେକ ଉଦାହରଣ ଦେଖାଯାଏ, ଯେଉଁଥିରେ ରସ ଶବ୍ଦର ପ୍ରୟୋଗ ଥିଲେ ମଧ୍ୟ ସେଠାରେ ଶୃଙ୍ଗାରାଦି କୌଣସି ରସର ସ୍ଥିତି ନ ଥାଏ ।

ତଥାପି ମଧୁର ରସେ ଜ୍ଞାନ ଯେବେ ଆସି ମିଶେ
ତାକୁ ସେ କରଇ ବେଗେ ନଷ୍ଟ,
ପତିବ୍ରତା ନାରୀ ରଙ୍ଗେ ଜାର ପୁରୁଷର ସଙ୍ଗେ
ସଂଯୋଗ ହେଲେ ଯେମନ୍ତେ ଭ୍ରଷ୍ଟ । ( ମଥୁରା ମଙ୍ଗଳ )

ଆହୁରି ମଧ୍ୟ ରସଶବ୍ଦର ପ୍ରୟୋଗ ନ ଥାଇ କେତେକ ସ୍ଥଳରେ ରସନିଷ୍ପତ୍ତି ହେବାର ଉଦାହରଣ ପରିଦୃଷ୍ଟ ହୁଏ ।

କୋଳେ ବସାଇବାବେଳେ ନାଗର,
ହୃଦରୁ ତରଳ କରଇ ଦୂର ।
ଜାଣି ହସିଲା ହୋଇଲା ନାଗରୀ,
ମଧୁରେ ଭାଷଇ ଚିବୁକ ଧରି ।
ମାଣୁଆଇ ଡର
ଛାଇ ଗ୍ରହିଁ ହେଲ ଏକ କାତର । ( ଲାବଣ୍ୟବତୀ )

ତା ଛଡ଼ା ରସାଦି ଶବ୍ଦ ଥିଲେ ମଧ୍ୟ ବିଭାବାଦିର ପ୍ରତୀତି ବିନା ରସର ଆସ୍ୱାଦନ ସମ୍ଭବପର ଏ ନାହିଁ । ତେଣୁ 'ରସାଦିଶବ୍ଦ' ଦ୍ୱାରା

ରସାଦିର ଅବବୋଧ ହୁଏ ନାହିଁ । କେବଳ ଅଭିବ୍ୟଞ୍ଜିତ ହୋଇ ହିଁ ରସ ଅଲୌକିକ ଓ ଚମତ୍କାରାତ୍ମକ ବୋଧହୁଏ । ଏହାଛଡ଼ା ରସାଦିର ବାଚକଶବ୍ଦ ଦ୍ୱାରା ମଧ୍ୟ ରସନିଷ୍ପତ୍ତି ହୁଏ ନାହିଁ । ତେଣୁ ରସ ନିଶ୍ଚୟ ବ୍ୟଙ୍ଗ୍ୟ । ତେଣୁ ରସକୁ ଧ୍ୱନିରେ ଅନ୍ତର୍ଭୁକ୍ତ କରି ଧ୍ୱନିକାରମାନେ 'ରସଧ୍ୱନି' ନାମକ ଧ୍ୱନିର ଏକ ଭେଦ ଦର୍ଶାଇଛନ୍ତି । ତା'ଛଡ଼ା ଗୁଣ, ବୃତ୍ତି ଓ ଅଳଙ୍କାରକୁ ଧ୍ୱନିରେ ଅନ୍ତର୍ଭୁକ୍ତ କରି ଧ୍ୱନିର ବ୍ୟାପକତା ପ୍ରମାଣ କରିଛନ୍ତି । ଏଥିପାଇଁ ଧ୍ୱନିକୁ କାବ୍ୟର ଆତ୍ମା ଭାବରେ ଗ୍ରହଣ କରିଛନ୍ତି କିନ୍ତୁ 'ରସଧ୍ୱନି'କୁ ସର୍ବାପେକ୍ଷା ଅଧିକ ମହତ୍ତ୍ୱ ପ୍ରଦାନ କରାଯାଇଛି ଓ ରସ ସହିତ ଧ୍ୱନିର ଘନିଷ୍ଠ ସମ୍ପର୍କ ସ୍ଥାପନା କରାଯାଇଛି । ରସ ବ୍ୟତୀତ କେବଳ ଧ୍ୱନି ଯୋଗୁଁ ଉତ୍ତମ କାବ୍ୟ ହୋଇପାରିବ ନାହିଁ ଓ ରସ ମଧ୍ୟ ବ୍ୟଙ୍ଗ୍ୟ ନ ହେଲେ କାବ୍ୟର ବିଷୟୀଭୂତ ହୋଇପାରିବ ନାହିଁ । ତେଣୁ କାବ୍ୟରେ ଧ୍ୱନି ସରସ ଓ ରମଣୀୟ ହେବା ଉଚିତ୍ ଓ ରସ ମଧ୍ୟ ବ୍ୟଞ୍ଜିତ ହେବା ଆବଶ୍ୟକ । ଉଦାହରଣ ସ୍ୱରୂପ--'ସୂର୍ଯ୍ୟ ଅସ୍ତ ହେଲେଣି'-ଏଥିରୁ ପ୍ରସଙ୍ଗବଶତଃ 'କାର୍ଯ୍ୟ ବନ୍ଦ କର' କିମ୍ବା 'ଗାଈମାନଙ୍କୁ ଲେଉଟାଇ ଆଣ' ଇତ୍ୟାଦି ଧ୍ୱନିତ ହେଉଛି । କିନ୍ତୁ ଏଠାରେ କୌଣସି ରସ ବ୍ୟଞ୍ଜିତ ହେଉ ନ ଥିବାରୁ ଏହା କାବ୍ୟ ମଧ୍ୟରେ ଗଣ୍ୟ ହେବାକୁ ଅସମର୍ଥ । ସେହିପରି 'ଉଦୟନ ବାସବ-ଦତ୍ତାଙ୍କୁ ପ୍ରେମ କରନ୍ତି'—ଏହି ବାକ୍ୟରେ ଶୃଙ୍ଗାରରସ କଥିତ ହେଲେ ମଧ୍ୟ ବ୍ୟଞ୍ଜନାତ୍ମକ 'ରସଧ୍ୱନି'ର ଅଭାବ ହେତୁ ଏହାକୁ କାବ୍ୟ କୁହାଯାଇ ପାରିବ ନାହିଁ । ସେଥିପାଇଁ ଧ୍ୱନି ଓ ରସ ମଧ୍ୟରେ ପରସ୍ପର ସମ୍ବନ୍ଧ ସ୍ଥାପନ ଅନିବାର୍ଯ୍ୟ । ରସ ଓ ଧ୍ୱନିବାଦୀ-ମାନଙ୍କ ମଧ୍ୟରେ ପାର୍ଥକ୍ୟ ଏତିକ ଯେ ରସବାଦୀମାନେ କେବଳ ରସ-ଧ୍ୱନିକୁ କାବ୍ୟର ଆତ୍ମାରୂପେ ସ୍ୱୀକାର କଲାବେଳେ ଧ୍ୱନିବାଦୀ-

ମାନେ ବସ୍ତୁଧ୍ୱନି, ଅଲଙ୍କାରଧ୍ୱନି ଓ ରସଧ୍ୱନି –ଏ ସବୁକୁ କାବ୍ୟାତ୍ମାରୂପେ ଗ୍ରହଣ କରନ୍ତି । ତେଣୁ ଧ୍ୱନିବାଦୀମାନଙ୍କର ଦୃଷ୍ଟିଭ ଅଧିକ ବ୍ୟାପକ ।

ଧ୍ୱନିବାଦମାନେ ଅଲଙ୍କାରକୁ ମଧ୍ୟ ଧ୍ୱନିର ଅନ୍ତର୍ଭୁକ୍ତ କରିଛନ୍ତି । କେତେକ ଆଲଙ୍କାରିକ ଧ୍ୱନିକୁ ସ୍ୱୀକାର କରୁଥିଲେ ମଧ୍ୟ ତାର ପ୍ରାଧାନ୍ୟ ଅନୁଭବ ନ କରି ପାରି ତାହାକୁ ଅଲଙ୍କାର କହିଥିଲେ । କାରଣ ସମାସୋକ୍ତି, ବିଶେଷୋକ୍ତି, ସଙ୍କର ଅ ପ୍ରଶଂସା, ପର୍ଯ୍ୟାୟୋକ୍ତି ଆଦି ଅଲଙ୍କାରରେ ବାଚ୍ୟାର୍ଥ ବ୍ୟତୀ ଅନ୍ୟ ଏକ ପ୍ରତୀୟମାନାର୍ଥ ଆକ୍ଷିପ୍ତ ହୋଇ ଆସେ । ସେହି ପ୍ରତୀୟ ମାନାର୍ଥକୁ ଆଲଙ୍କାରିକମାନେ ଅଲଙ୍କାର ମଧ୍ୟରେ ଅନ୍ତର୍ଭୁକ୍ତ କରିଛନ୍ତି । କିନ୍ତୁ ଆନନ୍ଦବର୍ଦ୍ଧନ କହିଛନ୍ତି ଯେ ଯେଉଁଠାରେ ବାଚ୍ୟାର୍ଥ ଅପେକ୍ଷା ପ୍ରତୀୟମାନାର୍ଥର ପ୍ରାଧାନ୍ୟ ଥାଏ ଧ୍ୱନି । କିନ୍ତୁ ପର୍ଯ୍ୟାୟୋକ୍ତି ବ୍ୟତୀତ ଉପରୋକ୍ତ ଅଲଙ୍କାରଗୁଡ଼ିକରେ ବାଚ୍ୟାର୍ଥ ପ୍ରାଧାନ୍ୟ ଥିବାରୁ ଏହା ଧ୍ୱନି ହୋଇ ନ ପାରେ । କେବଳ ପର୍ଯ୍ୟାୟୋକ୍ତିରେ ବ୍ୟଙ୍ଗ୍ୟାର୍ଥ ଅପେକ୍ଷା ବାଚ୍ୟାର୍ଥ ପ୍ରଧାନ । ତେଣୁ ତାକୁ ଧ୍ୱନିର ଅନ୍ତର୍ଗତ କରିବା ଉଚିତ । ଆନନ୍ଦବର୍ଦ୍ଧନ ଯୁକ୍ତି ଦର୍ଶାଇ ଅଲଙ୍କାରକୁ ଧ୍ୱନିର ଅନ୍ତର୍ଭୁକ୍ତ କରିଛନ୍ତି । ତାଙ୍କ ମତରେ ଧ୍ୱନି ଅଲଙ୍କାର ଅପେକ୍ଷା ଅଧିକ ବ୍ୟାପକ ହୋଇଥିବାରୁ ଅଲଙ୍କାରରେ ଅନ୍ତର୍ଭୁକ୍ତ ହୋଇପାରିବ ନାହିଁ ।

ଧ୍ୱନିବାଦମାନେ ଗୁଣ ଓ ରୀତିକୁ ମଧ୍ୟ ବ୍ୟଙ୍ଗ୍ୟ ବୋଲି ପ୍ରତିପାଦନ କରିଛନ୍ତି । କାରଣ ଗୁଣ, ରୀତି ଓ ଅଲଙ୍କାରାଦି ବାଚ୍ୟାର୍ଥ ଦ୍ୱାରା ପ୍ରତ୍ୟକ୍ଷ ଭାବରେ ଆନନ୍ଦ ପ୍ରଦାନ କରିପାରନ୍ତି ନାହିଁ । କାରଣ ସେ ସବୁ କାବ୍ୟର ବାହ୍ୟ ସୌନ୍ଦର୍ଯ୍ୟ । ଆତ୍ମା ବିନା ବାହ୍ୟ

ସୌନ୍ଦର୍ଯ୍ୟର ସ୍ଥିତି ସମ୍ଭବପର ନୁହେଁ । କାରଣ ଶବ ନିମିତ୍ତ ସମସ୍ତ ଭୂଷଣ ବ୍ୟର୍ଥ । ସେହିପରି ଆତ୍ମାରୂପକ ଧ୍ୱନି ସହ ଗୁଣ, ଵୃତ୍ତି ଅଳଙ୍କାରାଦିର ଉପଯୁକ୍ତ ସମ୍ବନ୍ଧ ରହିଲେ, ସେମାନଙ୍କର ଅସ୍ତିତ୍ୱ ସାର୍ଥକ ହୁଏ । ସେହିପରି ବକ୍ରୋକ୍ତି ଓ ଔଚିତ୍ୟାଦି ମଧ୍ୟ ଧ୍ୱନିର ଅନ୍ତର୍ଭୁକ୍ତ । କାରଣ ଏମାନେ ମଧ୍ୟ ବ୍ୟଙ୍ଗ୍ୟ ।

ଉକ୍ତି ନୀତ ଆଲୋଚନାରୁ ଧ୍ୱନିର ବ୍ୟାପକତା ସ୍ପଷ୍ଟ ଅନୁଭୂତ ହୁଏ । ଏହାଛଡ଼ା ଧ୍ୱନିବାଦୀମାନେ ଧ୍ୱନିର ଅନେକ ସୂକ୍ଷ୍ମଭେଦ (ପ୍ରାୟ ୧୦୪୫୫) ଦର୍ଶାଇ ତାର ବ୍ୟାପକତାକୁ ଅଧିକ ବିଶ୍ୱାସଯୋଗ୍ୟ କୋଲି ପ୍ରମାଣ କରିଛନ୍ତି ।

**ଧ୍ୱନିଭେଦ**—ଧ୍ୱନିବାଦୀମାନଙ୍କ ମତରେ ଧ୍ୱନି ସାଧାରଣତଃ ତିନି ପ୍ରକାର—(କ) ବସ୍ତୁଧ୍ୱନି (ଖ) ଅଳଙ୍କାର ଧ୍ୱନି (ଗ) ରସ ଧ୍ୱନି । ଯେଉଁଠାରେ ଅଳଙ୍କାର ବା ରସ କିଛି ବ୍ୟଞ୍ଜିତ ନ ହୋଇ ବସ୍ତୁମାତ୍ର ବ୍ୟଞ୍ଜିତ ହୋଇଥାଏ । ତାହା ବସ୍ତୁଧ୍ୱନି । ସେହିପରି ଯେଉଁଠାରେ ବାଚ୍ୟାର୍ଥ ଭିନ୍ନ ବ୍ୟଙ୍ଗ୍ୟାର୍ଥରୁ କୌଣସି ଅଳଙ୍କାର ବ୍ୟଞ୍ଜିତ ହୋଇଥାଏ । ତାହା ଅଳଙ୍କାର ଧ୍ୱନି । ଯେଉଁଠାରେ ରସ ବ୍ୟଞ୍ଜିତ ହୋଇଥାଏ ବା ବ୍ୟଞ୍ଜନାବୃତ୍ତି ଦ୍ୱାରା ପ୍ରକାଶ ପାଇଥାଏ, ତାହା ରସଧ୍ୱନି (ପୂର୍ବରୁ ଆଲୋଚନା କରାଯାଇଛି ଯେ ରସ ବାଚ୍ୟ ନୁହେଁ, ବ୍ୟଙ୍ଗ୍ୟ) ।

ଧୂମ ଜ୍ୟୋତି ସଲିଲ ବାୟୁ ରଚିତ
କାହିଁ ଜୀମୂତ ? ସେହୁ ଜୀବ ବର୍ଜିତ !
ମାନବ ବହିପାରୁ କାହିଁ ସନ୍ଦେଶ ?
ଯକ୍ଷ ନ ବିଚାରିଲା ଏହି ବିଶେଷ ।


(ମେଘଦୂତ--ରାଧାନାଥ)

ଉପରୋକ୍ତ ପଦ୍ୟାଂଶରେ 'ଧୂମଜ୍ୟୋତି ସଲିଳ ବାୟୁ ରଚିତ'ରୁ ମେଘର ବ୍ୟଞ୍ଜନା ମିଳୁଛି ଓ ତାହା ଚେତନାଶୂନ୍ୟ ବୋଲି ସୂଚିତ । ମେଘ ମାନବର ସନ୍ଦେଶ ବହନକ୍ଷମ ନୁହେଁ । ଯକ୍ଷ ଏହା ବିଚାର କରି ପାରିଲା ନାହିଁ । ଏଥିରେ କେବଳ ବସ୍ତୁବିଶେଷ ବ୍ୟଞ୍ଜିତ ହେଉଥିବାରୁ ଓ ଅଳଙ୍କାର ବା ରସର ବ୍ୟଞ୍ଜନା ନ ଥିବାରୁ, ଏହା ବସ୍ତୁଧ୍ୱନିର ଦୃଷ୍ଟାନ୍ତ ।

ଏକକୁ ଦୃଶ୍ୱିଁ ଆରେକ ସଖୀ କହିଲା ନିକଟେ ନାଗେଶ୍ୱର ମୋର ।
ହୋଇଲା ହୋଇ ଥାଇଟି ନାଗେଶ୍ୱର ସୁପର୍ଣ୍ଣରେ କର ଆଦର ।
ସେ ଛଳେ । ଚହ୍ନିଲା ନାଗେଶ୍ୱର କନ୍ଦ ।
ସୁମନାଭୂଷଣ ସମ୍ପତ୍ତି ପାଇବ ତାରପରେ ଯାଇ ଆରୋପ ।
( ଲାବଣ୍ୟବତୀ )

ଏଠାରେ ବାଚ୍ୟାର୍ଥ ହେଉଛି—ଗୋଟିଏ ସଖୀ ଅପରକୁ ନାଗେଶ୍ୱର ଫୁଲଗଛ ଦେଖାଇ ଦେଉଛି । ଅପର ସଖୀ କହୁଛି ନାଗେଶ୍ୱର ଫୁଲ ହେଲେ ପଳାଶ ଫୁଲକୁ ଆଦର କର । ବ୍ୟଙ୍ଗ୍ୟାର୍ଥ ହେଉଛି—ସେ ଛଳରେ କହିଲା ଯେ ଯଦି ନାଗେଶ୍ୱର ଅର୍ଥାତ୍ ସର୍ପଶ୍ରେଷ୍ଠ ବୋଲି କହୁଚ, ତେବେ ସୁପର୍ଣ୍ଣ ଅର୍ଥାତ୍ ଗରୁଡ଼କୁ ଆଦର କର । ଯଦି ଶୀଘ୍ରବତ କନ୍ଦ ତେବେ ତା ଉପରେ ଆରୋହଣ କଲେ ଇନ୍ଦ୍ରସମ୍ପତ୍ତି ଲାଭ ହେବ । ଏଠାରେ ବ୍ୟଞ୍ଜନା ଯୋଗୁଁ ବକ୍ରୋକ୍ତି ଅଳଙ୍କାର ହୋଇଛି । ତେଣୁ ଏହା ଅଳଙ୍କାର ଧ୍ୱନିର ଦୃଷ୍ଟାନ୍ତ

ଧ୍ୱନିବାଦୀମାନେ ଏହି ତିନି ପ୍ରକାର ଧ୍ୱନି ମଧ୍ୟରୁ ରସଧ୍ୱନିକୁ ମହତ୍ତ୍ୱ ପ୍ରଦାନ କରିଛନ୍ତି । କାରଣ ରସଧ୍ୱନି ହିଁ କାବ୍ୟସୃଷ୍ଟିର ପ୍ରଧାନ ହେତୁ । କ୍ରୌଞ୍ଚ କ୍ରୌଞ୍ଚୀ ମଧ୍ୟରୁ ନିଷାଦର ବାଣରେ ଏକର ମୃତ୍ୟୁ ଦେଖି ଅପରର କରୁଣ ବିଳାପ ବାଲ୍ମୀକିଙ୍କର ହୃଦୟକୁ ଶୋକା



ଧ୍ୱନି ( ଶୁଦ୍ଧ )
ଅବିବକ୍ଷିତବାଚ୍ୟ (ଲକ୍ଷଣା ମୂଳା)
ବିବକ୍ଷିତାନ୍ୟପରବାଚ୍ୟ (ଅଭିଧାମୂଳା)
ଅର୍ଥାନ୍ତର ସଂକ୍ରମିତ
ଅତ୍ୟନ୍ତ ତିରସ୍କୃତ
ଅସଂଲକ୍ଷ୍ୟକ୍ରମ (ରସଧ୍ୱନି)
ସଂଲକ୍ଷ୍ୟକ୍ରମ (ବସ୍ତୁ ଓ ଅଳଙ୍କାର)
ପଦପ୍ରକାଶ୍ୟ
ବାକ୍ୟପ୍ରକାଶ୍ୟ
ପଦପ୍ରକାଶ୍ୟ
ବାକ୍ୟପ୍ରକାଶ୍ୟ
ପଦପ୍ରକାଶ୍ୟ
ବାକ୍ୟପ୍ରକାଶ୍ୟ
ପଦୈକପ୍ରକାଶ୍ୟ
ରଚନାପ୍ରକାଶ୍ୟ
ବର୍ଣ୍ଣପ୍ରକାଶ୍ୟ
ପ୍ରବନ୍ଧପ୍ରକାଶ୍ୟ
ଶବ୍ଦଶକ୍ତ୍ୟୁଦ୍ଭବ
ଅର୍ଥଶକ୍ତ୍ୟୁଦ୍ଭବ
ଉଭୟଶକ୍ତ୍ୟୁଦ୍ଭବ
ବସ୍ତୁବ୍ୟଙ୍ଗ୍ୟ
ଅଳଙ୍କାର ବ୍ୟଙ୍ଗ୍ୟ
ବସ୍ତୁଦ୍ୱାରା ବସ୍ତୁବ୍ୟଙ୍ଗ୍ୟ
ବସ୍ତୁଦ୍ୱାରା ଅଳଙ୍କାରବ୍ୟଙ୍ଗ୍ୟ
ଅଳଙ୍କାରଦ୍ୱାରା ବସ୍ତୁବ୍ୟଙ୍ଗ୍ୟ
ଅଳଙ୍କାରଦ୍ୱାରା ଅଳଙ୍କାରବ୍ୟଙ୍ଗ୍ୟ
ପଦପ୍ରକାଶ୍ୟ
ବାକ୍ୟପ୍ରକାଶ୍ୟ
ପଦପ୍ରକାଶ୍ୟ
ବାକ୍ୟପ୍ରକାଶ୍ୟ

ସ୍ଫୁରିତ କରିଥିଲା । ସେହି ଶୋକର ପ୍ରବଳ ଉଚ୍ଛ୍ୱାସରେ ତାଙ୍କ ମୁଖରୁ ଯେଉଁ ଶ୍ଳୋକର ସୃଷ୍ଟି ହୋଇଥିଲା, ତାହା ହିଁ ଆଦିଶ୍ଳୋକ ରୂପେ ବର୍ଣ୍ଣିତ । ତା'ର ପରି ସୃଷ୍ଟି ହେଲା କାବ୍ୟଜଗତ । କରୁଣ ରସର ସ୍ଥାୟୀଭାବ ଶୋକ ଶ୍ଳୋକରେ ପରିଣତ ହେଲା । ଏହା ହିଁ ରସ-ଧ୍ୱନିର ପ୍ରକୃଷ୍ଟ ଉଦାହରଣ । ଏଥିରୁ ସ୍ପଷ୍ଟ ଅନୁମିତ ହୁଏ ଯେ ବ୍ୟଞ୍ଜିତ ରସ ହିଁ କାବ୍ୟର ଆତ୍ମାସ୍ୱରୂପ ଓ ଧ୍ୱନିତତ୍ତ୍ୱ ରସତତ୍ତ୍ୱର ବିସ୍ତୃତ ରୂପ ।

ଧ୍ୱନିର ଏହି ପ୍ରଧାନ ଭେଦ ବ୍ୟତୀତ ଧ୍ୱନିବାଦୀମାନେ ଅନେକ ସୂକ୍ଷ୍ମଭେଦ-ଭେଦାନ୍ତର ଦର୍ଶାଇ ଏହା ପ୍ରାୟ ୧୦୪୫୫ ପ୍ରକାର ଭେଦ ସ୍ୱୀକାର କରିଛନ୍ତି । ସେଥିମଧ୍ୟରୁ ୫୧ ପ୍ରକାର ଶୁଦ୍ଧ-ଧ୍ୱନି ଉଲ୍ଲେଖଯୋଗ୍ୟ ।

ପୁନଶ୍ଚ ଏହି ଅର୍ଥ ଶକ୍ତ୍ୟୁଦ୍ଭବର ପ୍ରତ୍ୟେକ ଭେଦ ସ୍ୱତଃ ସମ୍ଭବୀ କବି ପ୍ରୌଢ଼ୋକ୍ତିସିଦ୍ଧ, କବିନିବଦ୍ଧ ଓ ବକ୍ତୃପ୍ରୌଢ଼ୋକ୍ତିସିଦ୍ଧ ଭେଦରେ ତିନି ପ୍ରକାର । ପୁଣି ଏହି ୧୨ପ୍ରକାର ଧ୍ୱନି ପ୍ରତ୍ୟେକ ପଦପ୍ରକାଶ୍ୟ, ବାକ୍ୟପ୍ରକାଶ୍ୟ ଓ ପ୍ରବନ୍ଧ ପ୍ରକାଶ୍ୟ ଏହିପରି ଭାବରେ ୩୬ ପ୍ରକାର । ଉଭୟ ଶକ୍ତ୍ୟୁଦ୍ଭବ ଏକ ପ୍ରକାର । ଏପରି ୩୭ ପ୍ରକାର ଧ୍ୱନି । ଶବ୍ଦ ଶକ୍ତ୍ୟୁଦ୍ଭବ ୪ ପ୍ରକାର । ଏପରି ସଂଲକ୍ଷ୍ୟ-କ୍ରମ ବ୍ୟଙ୍ଗ୍ୟ ୪୧ ପ୍ରକାର ଓ ଅସଂଲକ୍ଷ୍ୟକ୍ରମ ବ୍ୟଙ୍ଗ୍ୟ ୬ ପ୍ରକାର । ତେଣୁ ବିବକ୍ଷିତାନ୍ୟ-ପରବାଚ୍ୟ ( ଅଭିଧାମୂଳା ) ଧ୍ୱନି ୪୭ ପ୍ରକାର ଓ ଲକ୍ଷଣାମୂଳା ୪ ପ୍ରକାର । ଏଭଳି ଭାବରେ ସମୁଦାୟ ଶୁଦ୍ଧଧ୍ୱନିର ସଂଖ୍ୟା ୫୧ ପ୍ରକାର ।

ପୁନଶ୍ଚ ୫୧ ପ୍ରକାର ଶୁଦ୍ଧଧ୍ୱନିର ପ୍ରତ୍ୟେକ ପରସ୍ପର ସହିତ ମିଳିତ ହେଲେ ୫୧ × ୫୧ = ୨୬୦୧ ପ୍ରକାର ହେବ । ସେମାନେ

ପୁନର୍ବାର ତିନି ପ୍ରକାର ସଙ୍କର ଓ ଏକପ୍ରକାର ସଂସୃଷ୍ଟି ଭେଦରେ (ଏଭଳି ଗୁଣନ ପ୍ରକାର) ୨୬୦୧ × ୪ = ୧୦୪୦୪ ପ୍ରକାର ହେବ । ୧୦୪୦୪ ପ୍ରକାର ଓ ଶୁଦ୍ଧଧ୍ୱନି ୫୧ ପ୍ରକାର—ଏପରି ଭାବରେ ଅତଏବ ମିଶ୍ରଧ୍ୱନି ସମୁଦାୟ ଧ୍ୱନି ୧୦୪୫୫ ପ୍ରକାର ।

**ଅବିବକ୍ଷିତ ବାଚ୍ୟ**—ପୂର୍ବରୁ ଉଲ୍ଲେଖ କରାଯାଇଛି ଯେ ଏହା ଦୁଇ ଭାଗରେ ବିଭକ୍ତ (କ) ଅର୍ଥାନ୍ତର ସଂକ୍ରମିତ ଓ (ଖ) ଅତ୍ୟନ୍ତ ତିରସ୍କୃତ । ନିମ୍ନରେ ଏହାର ଦୃଷ୍ଟାନ୍ତ ପ୍ରଦତ୍ତ ହେଉଅଛି ।

**ଅର୍ଥାନ୍ତର ସଂକ୍ରମିତ** କୌଣସି ବାଚକଶବ୍ଦ ବାକ୍ୟର ଅନ୍ୱୟ ଅନୁସାରେ ପ୍ରକୃତ ଅର୍ଥ ପ୍ରକାଶ କରିବାକୁ ଅନୁପଯୁକ୍ତ ହେଲେ ବାକ୍ୟର ଅର୍ଥାବବୋଧ ନିମିତ୍ତ ତାହା ଅନ୍ୟ ଏକ ଅର୍ଥରେ ସଂକ୍ରମିତ (ପରିଣତ) ହୋଇଥାଏ । ଯଥା—"ମୁଁ ତୁମକୁ ଏ କଥା କହୁଛି ଯେ ଏ ସଭାରେ ବିଦ୍ୱାନମାନଙ୍କର ସମାବେଶ ହୋଇଛି । ତେଣୁ ତୁମେ ବୁଦ୍ଧି ବିଚାରି କାର୍ଯ୍ୟ କର ।" ଏଠାରେ 'କହୁଛି'ର ଅର୍ଥ ସାଧାରଣ କହିବା ଅର୍ଥକୁ ନ ବୁଝାଉଥିବାରୁ 'ଉପଦେଶ' ଅର୍ଥରେ ପରିଣତ ହୋଇଛି ।

**ଅତ୍ୟନ୍ତ ତିରସ୍କୃତ** କୌଣସି ବାକ୍ୟରେ ବ୍ୟବହୃତ ବାଚକଶବ୍ଦ ଦ୍ୱାରା ବିପରୀତ ଅର୍ଥ ପ୍ରକାଶିତ ହେଲେ ତାହାକୁ ଅତ୍ୟନ୍ତ ତିରସ୍କୃତ-ବାଚ୍ୟ-ଧ୍ୱନି କୁହାଯାଏ । ଯଥା—"ତୁମେ ମୋର ଯେଉଁ ଉପକାର କଲେ ନା, ତାହା ମୁଁ ମରିବା ଯାଏଁ ଭୁଲିପାରିବି ନାହିଁ ।" ଏଠାରେ 'ଉପକାର' ଶବ୍ଦର ଅର୍ଥ, ତାହାର ବିପରୀତ ଅର୍ଥ 'ଅପକାର' ଭାବରେ ଗୃହୀତ ହୋଇଛି ।

# ରୀତି ଓ ଗୁଣସମ୍ପ୍ରଦାୟ

କୌଣସି ଗୋଟିଏ ବ୍ୟକ୍ତିର ରୁଚି ଅପରର ରୁଚି ସହିତ ସମାନ ହୋଇ ନ ପାରେ । ପ୍ରତ୍ୟେକଙ୍କର ଏକ ବୈୟକ୍ତିକ ବୈଶିଷ୍ଟ୍ୟ ରହିଛି । ଏହା ମନସ୍ତତ୍ତ୍ୱବିଦ୍‌ମାନେ ପ୍ରମାଣ କରିଛନ୍ତି । ପ୍ରତ୍ୟେକ କାର୍ଯ୍ୟକ୍ଷେତ୍ରରେ ଏହାର ଦୃଷ୍ଟାନ୍ତ ଉପଲବ୍ଧ ହୁଏ । ତେଣୁ କାବ୍ୟଶାସ୍ତ୍ର ପ୍ରଣୟନ କାଳରେ କବିମାନେ ପରମ୍ପରାଗତ ଶବ୍ଦ ଭଣ୍ଡାରରୁ ଶବ୍ଦ ଚୟନ କରୁଥିଲେ ମଧ୍ୟ ଶବ୍ଦସଂଯୋଜନାବିଧି ଓ ପ୍ରକାଶଭଙ୍ଗୀରେ ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ । ବିଭିନ୍ନ କବି ନିଜର ସ୍ୱଭାବସୁଲଭ ପ୍ରବୃତ୍ତି ବା ଇଚ୍ଛାନୁରୂପୀ କୌଣସି ଏକ ନିର୍ଦ୍ଦିଷ୍ଟ ବର୍ଣ୍ଣନାକୁ ପ୍ରକାଶ କରିବା ସମୟରେ ଭିନ୍ନ ଭିନ୍ନ ଶବ୍ଦ ନିର୍ବାଚନ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ଶୈଳୀ ଓ ପ୍ରଣାଳୀ ଅନୁସରଣ କରିଥାନ୍ତି । ଏହି ଶୈଳୀ ବା ପ୍ରଣାଳୀ ରୀତି ନାମରେ କଥିତ । ରୀତି ସମ୍ପୂର୍ଣ୍ଣ ଭାବରେ କବିମାନଙ୍କର ବ୍ୟକ୍ତିଗତ ବ୍ୟାପାର । ଉଦାହରଣ ସ୍ୱରୂପ—'ଶୁଖିଲା କାଠ ଖଣ୍ଡେ ଆଗରେ ପଡ଼ିଛି'—ଏହି ବାକ୍ୟଟି ଦୁଇ ବିଭିନ୍ନ ଉପାୟରେ ପ୍ରକାଶ କରାଯାଇଥିବାର ଦୃଷ୍ଟାନ୍ତ ସଂସ୍କୃତ ସାହିତ୍ୟରେ ରହିଛି । ଜଣେ 'ଶୁଷ୍କଂକାଷ୍ଠଂତିଷ୍ଠତ୍ୟଗ୍ରେ' କହିଲାବେଳେ ଅନ୍ୟ ଜଣେ 'ନୀରସଃ ତରୁବର ପୁରତୋ ଭାତି' ଭାବରେ ପ୍ରକାଶ କରିଛନ୍ତି । ଏଥିରୁ ବିଭିନ୍ନ କବିମାନଙ୍କ ଦ୍ୱାରା ଅନୁସୃତ ପୃଥକ୍ ଶବ୍ଦ ଯୋଜନା ଓ ରୀତି ସମ୍ପର୍କରେ ସ୍ପଷ୍ଟ ଜ୍ଞାନ ଲାଭ ହୋଇଥାଏ ।

**ରୀତି ସମ୍ପ୍ରଦାୟର ଇତିହାସ—ରୀତି ସମ୍ପ୍ରଦାୟର** ପ୍ରତିଷ୍ଠାପକ ବାମନ ସର୍ବପ୍ରଥମେ ରୀତି ଶବ୍ଦର ପ୍ରୟୋଗ କରିଥିଲେ ।

ତାଙ୍କ ମତରେ ରୀତି ହିଁ କାବ୍ୟର ଆତ୍ମା ( ୧ ) କିନ୍ତୁ ଏହି ରୀତି ସମ୍ପ୍ରଦାୟର ପରମ୍ପରା ବହୁ ପୂର୍ବରୁ ପ୍ରଚଳିତ ଥିଲା । ଭରତଙ୍କ ନାଟ୍ୟଶାସ୍ତ୍ରରେ ରୀତି ସମ୍ବନ୍ଧରେ କୌଣସି ସ୍ପଷ୍ଟ ସୂଚନା ନ ମିଳୁଥିଲେ ହେଁ ସେଥିରେ ଯେଉଁ 'ଦଶ ଗୁଣ'ର ବିଶଦ ବ୍ୟାଖ୍ୟା ପରିଦୃଷ୍ଟ ହୁଏ, ତାହା ରୀତିର ମୂଳତତ୍ତ୍ୱ ରୂପେ ଦଣ୍ଡୀ ଓ ବାମନଙ୍କ ଦ୍ୱାରା ଗୃହୀତ ହୋଇଛି । ଭାମହ କାବ୍ୟ ସମ୍ପର୍କୀୟ ଆଲୋଚନାରେ ବୈଦର୍ଭୀ-କାବ୍ୟ ସତ୍‌କାବ୍ୟ ଓ ଗୌଡ଼ୀକାବ୍ୟ ନିକୃଷ୍ଟ ବୋଲି ପରୋକ୍ଷରେ ସ୍ୱୀକାର କରିଥିଲେ ମଧ୍ୟ ବକ୍ରୋକ୍ତି ଉପରେ ହିଁ ଅଧିକ ଆସ୍ଥା ସ୍ଥାପନ କରିଛନ୍ତି । ତାଙ୍କ ମତରେ ବକ୍ରୋକ୍ତିବିହୀନ ବୈଦର୍ଭୀକାବ୍ୟ କିମ୍ବା ବକ୍ରୋକ୍ତିପୂର୍ଣ୍ଣ ଗୌଡ଼ୀକାବ୍ୟ କେହି ସତ କାବ୍ୟ ନୁହନ୍ତି । ଏଥିରୁ ସ୍ପଷ୍ଟ ଅନୁମିତ ହୁଏ ଯେ ସେ ରୀତି ଶବ୍ଦର ପ୍ରୟୋଗ ନ କରିଥିଲେ ମଧ୍ୟ ବିଭିନ୍ନ କାବ୍ୟ ଭିତରେ ଥିବା ଏହି ରୀତିଗତ ଭେଦର ଅସ୍ତିତ୍ୱକୁ ସ୍ୱୀକାର କରୁଥିଲେ । ବାଣଭଟ୍ଟଙ୍କ ରଚନାରୁ ମଧ୍ୟ ରୀତି ଶବ୍ଦର ସନ୍ଧାନ ଉପଲବ୍ଧ ହୁଏ ।

ଦଣ୍ଡୀ ରୀତି ଅର୍ଥରେ 'ମାର୍ଗ' ଓ 'ବର୍ତ୍ମନ୍' ଶବ୍ଦ ବ୍ୟବହାର କରି ବୈଦର୍ଭୀ ଓ ଗୌଡ଼ୀ ନାମକ ଦୁଇଟି ମାର୍ଗ ନିର୍ଦ୍ଦେଶ କରିଛନ୍ତି । ତାଙ୍କ ମତାନୁଯାୟୀ ବୈଦର୍ଭୀ କାବ୍ୟରେ ସମସ୍ତ 'ଗୁଣ'ର ସମାବେଶ ହୋଇଥାଏ ଓ ତାହା ସତ୍‌କାବ୍ୟ । କିନ୍ତୁ ଗୌଡ଼ କାବ୍ୟରେ କୌଣସି ଗୁଣର ନିୟମ ନ ଥାଏ । ଦଣ୍ଡୀଙ୍କ ପରେ ଏହି ରୀତି ପରମ୍ପରାକୁ ବାମନ ଏକ ନିର୍ଦ୍ଦିଷ୍ଟ ରୂପେ ପ୍ରଦାନ କରିଥିଲେ । ସେ ଦଣ୍ଡୀଙ୍କ ପ୍ରଦର୍ଶିତ ଦୁଇଟି ମାର୍ଗ ସ୍ଥାନରେ ବୈଦର୍ଭୀ, ଗୌଡ଼ୀ ଓ ପାଞ୍ଚାଳୀ - ଏପରି ତିନି ପ୍ରକାର ରୀତିର ପ୍ରସ୍ତାବନା କରିଥିଲେ ।

---

(୧) ରୀତିରାତ୍ମା କାବ୍ୟସ୍ୟ — କାବ୍ୟାଲଙ୍କାର ସୂତ୍ର)

ବାମନଙ୍କର ମତାନୁଯାୟୀ ବୈଦର୍ଭୀରେ ଦଶ ପ୍ରକାର ଗୁଣ, ଗୌଡ଼ୀରେ ଓଜଃ ଓ କାନ୍ତିଗୁଣ ଓ ପାଞ୍ଚାଳୀରେ ମାଧୁର୍ଯ୍ୟ ଓ ସୌକୁମାର୍ଯ୍ୟଗୁଣର ସମାବେଶ ହୋଇଥାଏ । ବାମନଙ୍କ ପରେ ଆଲଙ୍କାରିକ ରୁଦ୍ରଟ ଉପରୋକ୍ତ ତ୍ରିବିଧ ରୀତି ବ୍ୟତୀତ 'ଲାଟୀ' ନାମକ ଚତୁର୍ଥ ପ୍ରକାର ରୀତିର ଅସ୍ତିତ୍ୱ ସ୍ୱୀକାର କରିଥିଲେ । କିନ୍ତୁ ତାଙ୍କ ମତାନୁସାରେ ପଦମାନଙ୍କର ସଂଯୋଜନା ହିଁ ରୀତି । ଆନନ୍ଦବର୍ଦ୍ଧନ ଓ ଅଭିନବଗୁପ୍ତ ପ୍ରଭୃତି ଧ୍ୱନିବାଦୀମାନେ ରୀତିକୁ କାବ୍ୟର ବାହ୍ୟ-ସୌନ୍ଦର୍ଯ୍ୟର ( ଶବ୍ଦ ଓ ଅର୍ଥର ) ହେତୁ ଭାବରେ ଗ୍ରହଣ କରିଛନ୍ତି ଏବଂ ଗୁଣ ଓ ଅଲଙ୍କାରଠାରୁ ରୀତିର ପୃଥକ୍ ଅସ୍ତିତ୍ୱ ସ୍ୱୀକାର କରି ନାହାନ୍ତି । ଏଥିପାଇଁ ସେମାନେ ରୀତିକୁ କୌଣସି ସ୍ୱତନ୍ତ୍ର ମହତ୍ତ୍ୱ ପ୍ରଦାନ କରି ନାହାନ୍ତି । କୁନ୍ତକ ମଧ୍ୟ ରୀତିର ତୀବ୍ର ବିରୋଧ କରି କହିଥିଲେ ଯେ ଦେଶର ନାମାନୁଯାୟୀ ( ବିଦର୍ଭଦେଶର ବୈଦର୍ଭୀ, ଗୌଡ଼ଦେଶର ଗୌଡ଼ୀ ପ୍ରଭୃତି ) ରୀତିର ବିଭାଗ କରିବା ଅସମ୍ଭବ । କାରଣ ତଦ୍ଦ୍ୱାରା ଅସଂଖ୍ୟ ରୀତି ସ୍ୱୀକାର କରିବାକୁ ପଡ଼ିବ । ତେଣୁ ସେ ମଧ୍ୟ ରୀତି ସ୍ଥାନରେ ମାର୍ଗ ଶବ୍ଦ ପ୍ରୟୋଗ କରିଥିଲେ ଓ ତାହାକୁ କବିର ସ୍ୱକୀୟ ଶୈଳୀ ଭାବରେ ଗ୍ରହଣ କରିଥିଲେ । ସେ ମାର୍ଗକୁ ଦେଶାନୁସାରେ ବିଭକ୍ତ ନ କରି ରଚନାର ଗୁଣ ଅନୁସାରେ ଦୁଇ ଭାଗରେ ବିଭକ୍ତ କରିଛନ୍ତି—ସୁକୁମାର ଓ ବିଚିତ୍ର । କୁନ୍ତକଙ୍କ ପରେ ଭୋଜ ବୈଦର୍ଭୀ, ଗୌଡ଼ୀ, ପାଞ୍ଚାଳୀ ଓ ଲାଟୀ ବ୍ୟତୀତ ମାଗଧୀ ଓ ଅବନ୍ତିକା ନାମକ ଦୁଇଟି ନୂତନ ରୀତି ଉଦ୍ଭାବନ କରିଥିଲେ । ତାଙ୍କ ମତରେ ଅବନ୍ତିକା ରୀତି ବୈଦର୍ଭୀ ଓ ପାଞ୍ଚାଳୀ ମଧ୍ୟବର୍ତ୍ତୀ । ମାଗଧୀ ଗୋଟିଏ ଅସମ୍ପୂର୍ଣ୍ଣ ଦୋଷଯୁକ୍ତ ଖଣ୍ଡରୀତି ଓ ଏଥିରେ ସଙ୍ଗତିର ଅଭାବ ପରିଲକ୍ଷିତ ହୁଏ ।

ଭୋଜଙ୍କର ପରବର୍ତ୍ତୀ ଆଚାର୍ଯ୍ୟମାନେ ରୀତି ସଂପର୍କରେ କୌଣସି ମୌଳିକ ସିଦ୍ଧାନ୍ତଜନିତ ବୈଶିଷ୍ଟ୍ୟ ଦର୍ଶାଇ ନାହାନ୍ତି । ସେମାନେ କେବଳ ପୂର୍ବ ସିଦ୍ଧାନ୍ତର ବ୍ୟାଖ୍ୟାକାର ମାତ୍ର । ସେମାନଙ୍କ ମଧ୍ୟରୁ ମମ୍ମଟ, ବିଶ୍ୱନାଥ ଓ ଜଗନ୍ନାଥଙ୍କର ନାମ ଉଲ୍ଲେଖଯୋଗ୍ୟ । ମମ୍ମଟ ତାଙ୍କର ଆଲୋଚନାରେ ବାମନଙ୍କର ରୀତିଭେଦ ଓ ରୁଦ୍ରଟଙ୍କର ବୃତ୍ତିଭେଦ ମଧ୍ୟରେ କୌଣସି ପାର୍ଥକ୍ୟ ଦର୍ଶାଇ ନାହାନ୍ତି । ତାଙ୍କ ମତରେ ବୈଦର୍ଭୀ ଓ ଉପନାଗରିକା, ଗୌଡ଼ୀ ଓ ପାରୁଷା, ପାଞ୍ଚାଳୀ ଓ କୋମଳା ମଧ୍ୟରେ ଯଥାକ୍ରମେ କୌଣସି ପ୍ରଭେଦ ନାହିଁ । ଏମାନଙ୍କ ମଧ୍ୟରୁ ପ୍ରଥମ ଦୁଇଟି ମାଧୁର୍ଯ୍ୟବ୍ୟଞ୍ଜକବର୍ଣ୍ଣ ( ବୈଦର୍ଭୀ ଓ ଉପନାଗରିକା ) । ପରବର୍ତ୍ତୀ ଦୁଇଟି ଓଜଃବ୍ୟଞ୍ଜକ ବର୍ଣ୍ଣକୁ ଆଶ୍ରୟ କରିଛି । କିନ୍ତୁ ତୃତୀୟ ପ୍ରକାର ରୀତିଦ୍ୱୟ ( ପାଞ୍ଚାଳୀ ଓ କୋମଳା ) ଉପରୋକ୍ତ ରୀତିଠାରୁ ( ବୈଦର୍ଭୀ-ଉପନାଗରିକା ଓ ଗୌଡ଼ୀ-ପାରୁଷା ) ସଂପୂର୍ଣ୍ଣ ପୃଥକ୍ । ମମ୍ମଟ ତାଙ୍କର ରୀତି ସଂପର୍କରେ ଆଲୋଚନାରେ ଆନନ୍ଦବର୍ଦ୍ଧନ ଓ ଅଭିନବଗୁପ୍ତଙ୍କୁ ଅନୁସରଣ କରିଛନ୍ତି । ମମ୍ମଟଙ୍କ ଅପେକ୍ଷା ବିଶ୍ୱନାଥ ରୀତି ସମ୍ବନ୍ଧରେ ବିଶେଷ ଆଲୋଚନା କରିଛନ୍ତି । ସେ ରସ ଓ ଗୁଣ ସହ ରୀତିର ଯେ ଏକ ନିଶ୍ଚିତ ସମ୍ବନ୍ଧ ରହିଛି, ତାହା ବୁଝାଇ ଦେଇଛନ୍ତି । ସେ ରୁଦ୍ରଟଙ୍କ ଭଳି ଚାରି ପ୍ରକାର ରୀତି ସ୍ୱୀକାର କରିଛନ୍ତି । ତାଙ୍କ ମତରେ ପଦ-ବିନ୍ୟାସ ଉପରେ ନିର୍ଭର ନ କରି ରୀତି ବର୍ଣ୍ଣମାନଙ୍କର ସଂଯୋଜନ ପ୍ରଣାଳୀକୁ ଆଶ୍ରୟ କରି ରହେ । ବିଶ୍ୱନାଥଙ୍କ ମତାନୁଯାୟୀ ବୈଦର୍ଭୀ ରୀତିର ମାଧୁର୍ଯ୍ୟଗୁଣ ସହିତ ସମ୍ବନ୍ଧ ରହିଛି ଓ ଶୃଙ୍ଗାର, କରୁଣ ତଥା ଶାନ୍ତରସର ବର୍ଣ୍ଣନା ପ୍ରସଙ୍ଗରେ ଏଭଳି ରୀତି ଓ ଗୁଣର ସ୍ଥିତି ସମ୍ଭବପର । ସେହିପରି ଗୌଡ଼ୀରୀତିର ଓଜଃଗୁଣ ସହ ସଂପର୍କ ରହିଛି ଓ ତାହା ବୀର, ବୀଭତ୍ସ ଓ ରୌଦ୍ରରସରେ ହିଁ ରହିଥାଏ ।

ପାଞ୍ଚାଳୀ ରୀତି ସମ୍ପର୍କରେ ତାଙ୍କର ମତ ମମ୍ମଟଙ୍କର ପ୍ରଦର୍ଶିତ ମାର୍ଗ ଅନୁସରଣ କରିଥିବା ମନେହୁଏ । ଲାଟୀ ରୀତିରେ ବୈଦର୍ଭୀ ଓ ପାଞ୍ଚାଳୀର ବିଶେଷତ୍ୱ ପରିଲକ୍ଷିତ ହୁଏ ବୋଲି ବିଶ୍ୱନାଥ ଉଲ୍ଲେଖ କରିଛନ୍ତି । ଜଗନ୍ନାଥ ରୀତି ସମ୍ପ୍ରଦାୟର ପୃଷ୍ଠପୋଷକ ନ ଥିଲେ । ତେଣୁ ସେ ଏ ସଂପର୍କରେ କୌଣସି ସ୍ୱତନ୍ତ୍ର ସିଦ୍ଧାନ୍ତ ପ୍ରଦାନ କରି-ନାହାନ୍ତି, ଆନନ୍ଦବର୍ଦ୍ଧନ ଓ ଅଭିନବଗୁପ୍ତଙ୍କୁ ଅନୁସରଣ କରି-ଯାଇଛନ୍ତି ମାତ୍ର ।

**ରୀତିର ସ୍ୱରୂପ:**— ବାମନ ରୀତି ସମ୍ପ୍ରଦାୟର ପ୍ରକୃତ ପ୍ରବର୍ତ୍ତକ । ତାଙ୍କର ମତାନୁଯାୟୀ ବିଶିଷ୍ଟ ପଦରଚନା ହିଁ ରୀତି (୧) । ଏହା ବିଭିନ୍ନ ଗୁଣକୁ ଆଶ୍ରୟ କରିଥାଏ । ସେ ରୀତିର ଆଶ୍ରୟ ରୂପକ ଓଜଃପ୍ରସାଦାଦି ଗୁଣକୁ ଦୁଇ ଭାଗରେ ବିଭକ୍ତ କରିଛନ୍ତି—ଦଶଟି ଶବ୍ଦଗୁଣ ଓ ଦଶଟି ଅର୍ଥଗୁଣ । 'ଗୁଣ' ହେଉଛି କାବ୍ୟର ଶୋଭା-ବିଧାୟକ ଧର୍ମ ଓ ଏହା ଗୁଣବ୍ୟଞ୍ଜକ ଶବ୍ଦ ଓ ତା'ର ଅର୍ଥରେ ନିହିତ ଥାଏ । ଗୁଣ ଜରିଆରେ ହିଁ କାବ୍ୟର ସମସ୍ତ ସୌନ୍ଦର୍ଯ୍ୟ ଓ ବୈଶିଷ୍ଟ୍ୟ ସୃଷ୍ଟି ହୋଇଥାଏ । ଏହା କାବ୍ୟର ନିତ୍ୟଧର୍ମ । ତେଣୁ ବିଶିଷ୍ଟ ଗୁଣସମ୍ପନ୍ନ (ଶବ୍ଦଗତ ଓ ଅର୍ଥଗତ ଚାରୁତ୍ୱ ଉତ୍ପାଦନକାରୀ) ପଦମାନଙ୍କର ପଦରଚନା ହିଁ ରୀତି । ତେଣୁ କାବ୍ୟର ସୌନ୍ଦର୍ଯ୍ୟ ରୀତିକୁ ହିଁ ଆଶ୍ରୟ କରିଥାଏ । କିନ୍ତୁ 'ଦୋଷର' ଅଭାବ ଓ ଅଳ-ଙ୍କାରର ସଂଯୋଗରେ ହିଁ ଏହି କାବ୍ୟସୌନ୍ଦର୍ଯ୍ୟ ସୃଷ୍ଟି ହୋଇଥାଏ । ତେଣୁ ବାମନଙ୍କ ମତାନୁସାରେ ଶବ୍ଦଗତ ଓ ଅର୍ଥଗତ ଚାରୁତା ପ୍ରତିପାଦନକାରୀ, ଦୋଷରହିତ ଓ ଅଳଙ୍କାରଭୂଷିତ ପଦ-

---

(୧) ବିଶିଷ୍ଟା ପଦରଚନା ରୀତିଃ— କାବ୍ୟାଳଙ୍କାର ସୂତ୍ର )

ରଚନା ହିଁ ରୀତି । ବାମନଙ୍କର ଦୃଷ୍ଟିକୋଣ କେବଳ କାବ୍ୟର ବାହ୍ୟଧର୍ମ ବା ସୌନ୍ଦର୍ଯ୍ୟକୁ ଆଶ୍ରୟ କରି ନ ଥିଲା । କାବ୍ୟର ଅନ୍ତଃଧର୍ମ ବା ଅନ୍ତଃସୌନ୍ଦର୍ଯ୍ୟକୁ ମଧ୍ୟ ସେ ସ୍ୱୀକାର କରୁଥିଲେ । ତେଣୁ ଅର୍ଥଗତ ବ୍ୟୁତ୍ପତ୍ତି ପ୍ରସଙ୍ଗରେ ସେ ଧ୍ୱନି, ରସ ଓ ଅଳଙ୍କାର ସ୍ଥିତିକୁ ଗ୍ରହଣ କରିଥିଲେ । ସେଥିପାଇଁ 'କାନ୍ତି' ନାମକ ଅର୍ଥଗୁଣରେ ସେ ରସର ଦୀପ୍ତିତ୍ୱ ଅପରିହାର୍ଯ୍ୟ ବୋଲି ସ୍ୱୀକାର କରିଛନ୍ତି । ସୌକୁମାର୍ଯ୍ୟ ଓ ଉଦାରତା ନାମକ ଅର୍ଥଗୁଣ ଦୁଇଟି କାବ୍ୟର ଅନ୍ତଃସୌନ୍ଦର୍ଯ୍ୟ ସହ ଜଡ଼ିତ । ଏହାଛଡ଼ା ସେ ଶବ୍ଦଗୁଣ ଅପେକ୍ଷା ଅର୍ଥ-ଗୁଣକୁ ଅଧିକ ମହତ୍ତ୍ୱ ପ୍ରଦାନ କରିଥିଲେ । ତେଣୁ ବାମନଙ୍କର ରୀତିରେ କାବ୍ୟର ଆନ୍ତରିକ ତତ୍ତ୍ୱର ଅଭାବ ବିଚାର କରିବା ଭ୍ରମାତ୍ମକ । ଏଥିରୁ ସ୍ପଷ୍ଟ ଅନୁମିତ ହୁଏ ଯେ ସୁନ୍ଦର ଶବ୍ଦ ସଂଯୋଜନା ସମ୍ବଳିତ ରସ, ଧ୍ୱନି, ଅର୍ଥାଳଙ୍କାର ଓ ଦୋଷର ଅଭାବ ପ୍ରଭୃତିକୁ ବାମନ ରୀତିର ମୂଳତତ୍ତ୍ୱ ଭାବରେ ଗ୍ରହଣ କରିଛନ୍ତି । ତେଣୁ ତାଙ୍କ ମତାନୁଯାୟୀ ଉଚିତ ଶବ୍ଦ ସଂଯୋଜନା ରୀତିର ବାହ୍ୟରୂପ ଓ ରସ, ଧ୍ୱନି, ଅର୍ଥାଳଙ୍କାର ତଥା ଦୋଷାଭାବ ପ୍ରଭୃତି ରୀତିର ଅନ୍ତଃରୂପ ।

ବାମନଙ୍କ ପରେ ରୁଦ୍ରଟ 'ସମାସ'କୁ ରୀତିର ମୂଳତତ୍ତ୍ୱ ରୂପେ ଗ୍ରହଣ କରି ଦୀର୍ଘ, ମଧ୍ୟ ତଥା ଲଘୁ ସମାସ ଅନୁଯାୟୀ ବୈଦର୍ଭୀ, ଗୌଡ଼ୀ ଆଦି ରୀତିର ସ୍ୱରୂପ ପ୍ରଦାନ କରିଛନ୍ତି । କୁନ୍ତକ ରୀତିକୁ 'କବିପ୍ରସ୍ଥାନହେତୁ' ଅର୍ଥାତ୍ କବିକର୍ମର ଶୈଳୀ ବୋଲି ଉଲ୍ଲେଖ କରିଛନ୍ତି । ଦେଶର ନାମାନୁଯାୟୀ ରୀତିର ବର୍ଗୀକରଣକୁ ସେ ଅସ୍ୱୀକାର କରିଛନ୍ତି । ତାଙ୍କ ମତରେ ରୀତି ମୁଖ୍ୟଭାବରେ କବିର ବ୍ୟକ୍ତିଗତ ସ୍ୱଭାବକୁ ଆଶ୍ରୟ କରିଥାଏ । ତେଣୁ ସେ ରୀତି ସ୍ଥାନରେ 'ମାର୍ଗ' ଶବ୍ଦ ପ୍ରୟୋଗ କରିଛନ୍ତି । ଆନନ୍ଦବର୍ଦ୍ଧନ ରୀତିକୁ କାବ୍ୟ

( ଅର୍ଥ ) ଓ ବାଚକ ( ଶବ୍ଦ ) ର ସୁରୁଚିର ହେତୁ ବୋଲି ମତ ପ୍ରଦାନ କରିଛନ୍ତି । ଅର୍ଥାତ୍ ତାଙ୍କ ମତରେ ରୀତି ଦ୍ୱାରା ହିଁ କାବ୍ୟର ଶରୀର ରୂପୀ ଶବ୍ଦ ଓ ଅର୍ଥର ସୌନ୍ଦର୍ଯ୍ୟ ପ୍ରକଟିତ ହୋଇଥାଏ । ତେଣୁ ତାଙ୍କର ବିବେଚନାରେ ରୀତିର କେବଳ କାବ୍ୟର ବାହ୍ୟ-ରୂପ ସମ୍ବନ୍ଧିତ ମୋନ ରହିଛି । ରାଜଶେଖର ସମାସ ଓ ଅନୁପ୍ରାସକୁ ରୀତିର ମୂଳତତ୍ତ୍ୱ ରୂପେ ଗ୍ରହଣ କରିଛନ୍ତି । ଭୋଜ ରାଜଶେଖରଙ୍କ ମତକୁ ସମର୍ଥନ କରିବା ସଙ୍ଗେ ସଙ୍ଗେ ଗୁଣକୁ ମଧ୍ୟ ରୀତିର ମୌଳିକତତ୍ତ୍ୱ ରୂପେ ସ୍ୱୀକାର କରିଛନ୍ତି । ସେ ରୀତିର ଅର୍ଥ କାବ୍ୟ-ମାର୍ଗ ବା ପଦ-ଗମନ ମାର୍ଗ ବୋଲି ମତବ୍ୟକ୍ତ କରିଛନ୍ତି ।

ରୀତିବାଦୀମାନଙ୍କର ସିଦ୍ଧାନ୍ତର ବ୍ୟାଖ୍ୟାକାର ମମ୍ମଟ ଓ ବିଶ୍ୱ-ନାଥ ରୀତିସମ୍ବନ୍ଧୀୟ ସମସ୍ତ ତଥ୍ୟକୁ ବ୍ୟାଖ୍ୟାକରି ରୀତିର ସ୍ୱରୂପକୁ ସୁସ୍ପଷ୍ଟ କରିବା ସଙ୍ଗେ ସଙ୍ଗେ ରୀତିସମ୍ବନ୍ଧୀୟ ବିବେଚନାର ନିର୍ଭୁଲ ରୂପ ପ୍ରଦାନ କରିଛନ୍ତି । ସେମାନଙ୍କ ମତାନୁସାରେ ମୁଖ, ଚକ୍ଷୁ, ନାସିକା ପ୍ରଭୃତି ଅବୟବଗୁଡ଼ିକ ଯେପରି ମନୁଷ୍ୟ ଶରୀରର ଯଥା-ସ୍ଥାନରେ ସନ୍ନିବିଷ୍ଟ ହୋଇଛି, ଶବ୍ଦାର୍ଥରୂପୀ କାବ୍ୟଶରୀରରେ ପଦ-ସମୂହର ସେହିପରି ଯଥୋପଯୁକ୍ତ ସଂଯୋଜନା ହିଁ ରୀତି । ଏହି ରୀତି କାବ୍ୟର ଆତ୍ମାରୂପକ ରସ, ରସାଭାସ, ଭାବ ପ୍ରଭୃତିର ଉପକାର ସାଧନ କରିଥାଏ (୧) ।

ଉପର୍ଯ୍ୟୁକ୍ତ ଆଲୋଚନାରୁ ଜଣାଯାଏ ଯେ ସାହିତ୍ୟଶାସ୍ତ୍ରର ବିକାଶ ସଙ୍ଗେ ସଙ୍ଗେ ରୀତିର ସ୍ୱରୂପ ଓ ମହତ୍ତ୍ୱ ନିର୍ଣ୍ଣୟରେ ତାରତମ୍ୟ ଘଟିଛି । ରୀତିକୁ ପ୍ରଥମେ କାବ୍ୟର ଆତ୍ମା ରୂପେ ବିବେଚନା କରା-

(୧) ପଦ ସଂଘଟନା ରୀତିରଙ୍ଗ ସଂସ୍ଥା ବିଶେଷବତ୍ ।
ଉପକର୍ତ୍ତ୍ରୀ ରସ ଦୀନାଂ ସା ପୁନଃ ସ୍ୟାଚ୍ଚତୁର୍ବିଧା । ( ସା: ଦର୍ପଣ – ୯।୧ )

ଯାଇଥିଲେ ମଧ୍ୟ ପରବର୍ତ୍ତୀ କାଳରେ ତାହା ଧ୍ୱନି ଓ ରସବାଦୀ-ମାନଙ୍କ ଦ୍ୱାରା କାବ୍ୟର ଅଙ୍ଗସଂସ୍ଥାନ ( ପଦ ସମୂହର ଯଥୋପଯୁକ୍ତ ସଂଯୋଜନା ବିଧି ) ରୂପେ ଗୃହୀତ ହେଲା । ରସବାଦୀଙ୍କ ଦ୍ୱାରା ରୀତି ରସର ଉପକାରକ ଭାବରେ ମଧ୍ୟ ବିବେଚିତ ହେଲା ।

**ରୀତିର ଭେଦ :—**ରୀତିସମ୍ବନ୍ଧୀୟ ସମସ୍ତ ସମସ୍ୟାର ସମାଧାନ ପରେ ମମ୍ମଟ ଓ ବିଶ୍ୱନାଥ ରୀତିର ଭେଦ ସଂପର୍କରେ ସ୍ୱ-ସ୍ୱମତ ପ୍ରଦାନ କରିଛନ୍ତି । ମମ୍ମଟଙ୍କ ମତାନୁସାରେ ରୀତି ତିନି ପ୍ରକାର—ବୈଦର୍ଭୀ, ଗୌଡ଼ୀ ଓ ପାଞ୍ଚାଳୀ । କିନ୍ତୁ ବିଶ୍ୱନାଥ ଏ ତିନୋଟି ବ୍ୟତୀତ 'ଲାଟୀ' ନାମକ ଚତୁର୍ଥ ପ୍ରକାର ଭେଦ ସ୍ୱୀକାର କରିଛନ୍ତି । ପ୍ରତ୍ୟେକ ପ୍ରକାର ରୀତିର ସ୍ୱରୂପ ଜାଣିବା ନିମିତ୍ତ ଗୁଣ ଓ ଗୁଣର ଭେଦ ସମ୍ବନ୍ଧରେ ଉତ୍ତମଜ୍ଞାନ ରହିବା ଆବଶ୍ୟକ । କାରଣ ରୀତି ଗୁଣାଶ୍ରୟୀ । 'ଗୁଣ' ସଂପର୍କୀୟ ବିଶେଷ ଆଲୋଚନା ପରେ ପ୍ରଦତ୍ତ ହେଉଛି ।

**ବୈଦର୍ଭୀ :—**ମାଧୁର୍ଯ୍ୟଗୁଣର ପ୍ରକାଶକ ବର୍ଣ୍ଣଦ୍ୱାରା ସମାସବିହୀନ ବା ଅଳ୍ପସମାସଯୁକ୍ତ ମନୋହର ରଚନାକୁ ବୈଦର୍ଭୀ ରୀତି କୁହାଯାଏ (୧) । ରୁଦ୍ରଟ ବୈଦର୍ଭୀ ରୀତିର ଲକ୍ଷଣ ସଂପର୍କରେ କହିଛନ୍ତି ଯେ ସମାସବିହୀନ ବା ଅଳ୍ପ ସମାସବିଶିଷ୍ଟ ଶ୍ଳେଷ ପ୍ରଭୃତି ଦଶବିଧ ଗୁଣଯୁକ୍ତ ଓ ବର୍ଗର ଦ୍ୱିତୀୟ ବର୍ଣ୍ଣ ( ଖ, ଛ, ଠ, ଥ, ଫ ) ମାନଙ୍କଦ୍ୱାରା ଶୋଭିତ ଓ ଅନାୟାସରେ ( ଲଘୁପ୍ରଯତ୍ନ ) ଉଚ୍ଚାରିତ ବର୍ଣ୍ଣବିଶିଷ୍ଟ ରଚନା ହିଁ ବୈଦର୍ଭୀରୀତି ।

---

(୧) ମାଧୁର୍ଯ୍ୟବ୍ୟଞ୍ଜକୈର୍ବର୍ଣ୍ଣୈ ରଚନା ଲଳିତାତ୍ମିକା
ଅବୃତ୍ତିରଳ୍ପବୃତ୍ତିର୍ବା ବୈଦର୍ଭୀ ରୀତିରିଷ୍ୟତେ । ( ସା: ଦର୍ପଣ—୯।୨-୩)

ଅସ୍ତ ଚଳେ ଫିଟି କୁନ୍ତଳ
ଭୂମି ଯାଏ ପଡ଼ିଶି,
ଯେସନେ ଅନାଉଛି ଲଳନା
ଫୁଲ ଯାଏ କରଷି ।
ଦୁକୂଳ କବରୀ ସମ୍ଭାଳୁ—
ଅଛି ଉଷଟେଣଡରେ
ଫିଙ୍ଗୁଛି ଧରୁଛି କନ୍ଦୁକ
ବାମା ଦକ୍ଷିଣ କରେ ।—(ଚନ୍ଦ୍ରଭାଗା)

**ଗୌଡ଼ୀ**—ଓଜଃଗୁଣ ପ୍ରକାଶକ ମହାପ୍ରାଣ ବର୍ଣ୍ଣ (ଢ, ଝ, ଢ଼, ଧ, ଭ,) ଦ୍ୱାରା ଗାଢ଼ ବନ୍ଧଯୁକ୍ତ ସମାସବହୁଳ ଉତ୍କଟ ବାକ୍ୟ-ପୂର୍ଣ୍ଣ ରଚନାକୁ ଗୌଡ଼ୀରୀତି କୁହାଯାଏ (୧) । ଟୀକାକାର ପୁରୁଷୋତ୍ତମଙ୍କ ମତରେ ବହୁସମାସବିଶିଷ୍ଟ, ଆୟାସସାଧ୍ୟ ( ଗୁରୁ ପ୍ରଯତ୍ନରେ) ଉଚ୍ଚାର୍ଯ୍ୟ ବର୍ଣ୍ଣସମନ୍ୱିତ ଓ ଅନୁପ୍ରାସଯୁକ୍ତ ବାକ୍ୟାବଳୀ ଦ୍ୱାରା ସଂଗଠିତ ରଚନା ହିଁ ଗୌଡ଼ୀରୀତି (୨) ।

ଏ କାଳେ ସଂଗ୍ରାମ ଶିଙ୍ଗା, ଡଙ୍କା, ତୂରୀ, ଭେରୀ
ଜଗଝମ୍ପ, ଝରଝରା, ଦାମାମା, ଦୁନ୍ଦୁଭି,
ପ୍ରତିଧ୍ୱନି ଉପୁଜାଇ ଜଳଧି କୁହରେ
ପୁନଃ ପୁନଃ ଶବ୍ଦଧ୍ୱଂସୀ ରୁଦ୍ର ଶିଙ୍ଗାସହ
ଆମୂଳ ବସୁଧା-ବକ୍ଷ କମ୍ପାଇ ସେ ତାନେ
ଯେ ଆରବେ ମହାଦମ୍ଭେ ମିଶିଲେ ଆହବେ

---

(୧) "ଓଜଃ ପ୍ରକାଶକୈର୍ବର୍ଣ୍ଣୈର୍ବନ୍ଧଆଡ଼ମ୍ବର ପୁନଃ
ସମାସ ବହୁଳା ଗୌଡ଼ୀ······"- ( ସାଃ ଦର୍ପଣ—୯।୩-୪ )

(୨) ବହୁତରସମାସଯୁକ୍ତା ସୁମହାପ୍ରାଣାକ୍ଷରା ଚ ଗୌଡ଼ୀୟା ।
ରୀତିରନୁପ୍ରାସମହିମପରତନ୍ତ୍ରା ସ୍ତୋକବାକ୍ୟା ଚ ।
( ପୁରୁଷୋତ୍ତମ—ଟୀକାକାର )

ଆର୍ଯ୍ୟ ଯବନର ସେନା ଗର୍ଜି ହୁହୁଙ୍କାର
ପ୍ରଳୟ-ଜୀମୂତ ଯେହ୍ନେ, ପୂର୍ଣ୍ଣ ଇରମ୍ମଦେ
ପ୍ରଭଞ୍ଜନପୃଷ୍ଠେ ନଭେ ବେଗେ ଉଡ଼ି ଆସି
କେନି ଆଉ କେନି ପରେ ପଡ଼ନ୍ତି କେଜାଏ
ଆତଙ୍କେ କମ୍ପିଲା ବିଶ୍ୱ ସେ ଘୋରନିର୍ଘୋଷେ,
ଦୈତ୍ୟେଶ୍ୱର ବୃତ୍ର ଶରେ ତପଃ ସର ରୂପି—
ଦମ୍ଭୋଳି କ୍ଷେପିଲେ ଅବା ଦମ୍ଭୋଳି ନିକ୍ଷେପୀ
କି ପୁରେ, କି ଜନପଦେ, ଭୂକମ୍ପନେ ଯ-।
ମତ୍ତ ମତ୍ତ ମତ୍ତ ହୋଇ କମ୍ପିଲା ସଘନେ । (ମହାଯାତ୍ରା)

ପାଞ୍ଚାଳୀ—ମାଧୁର୍ଯ୍ୟ ଓ ଓଜଃଗୁଣ ପ୍ରକାଶକ ବର୍ଣ୍ଣବ୍ୟତୀତ ଅବଶିଷ୍ଟ ବର୍ଣ୍ଣସଂଯୁକ୍ତ ପଞ୍ଚ ବା ଷଟ୍‌ସଂଖ୍ୟକ ସମାସବିଶିଷ୍ଟ ପଦମାନଙ୍କ ଦ୍ୱାରା ସମନ୍ୱିତ ରଚନାକୁ ପାଞ୍ଚାଳୀରୀତି କୁହାଯାଏ (୧)। ଭୋଜଙ୍କର ମତାନୁଯାୟୀ ପଞ୍ଚ ବା ଷଟ୍ ସଂଖ୍ୟକ ସମାସଯୁକ୍ତ ପଦାନ୍ୱିତ ଓ ଓଜଃ, କାନ୍ତି, ମାଧୁର୍ଯ୍ୟ, ସୁକୁମାର୍ଯ୍ୟ ଗୁଣସମ୍ପନ୍ନ ରଚନାକୁ ପାଞ୍ଚାଳୀରୀତି କୁହାଯାଏ ।

କାଳିନ୍ଦୀ ଜଳକଲ୍ଲୋଳ ଭଙ୍ଗୀସ୍ଥା ।
କଦମ୍ବତରୁତଳ ସଭଙ୍ଗୀସ୍ଥା ।
କଳାଜ୍ୱଳ-କଜ୍ଜ୍ୱଳ କାଳୀସ୍ଥା ।
କେଳୀବରଷ୍ଟ ଚଳାପତୂଳୀସ୍ଥା ।
କାନ୍ତ କୁଣ୍ଡଳୀସ୍ଥା ।
କ୍ରମ୍ଭବନ୍ଧୁ ମୁଖମଣ୍ଡଳୀସ୍ଥା ।

(୧) ବର୍ଣ୍ଣୈଃ ଶେଷୈଃ ପୁନର୍ଦ୍ୱୟୋଃ,
ସମସ୍ତପଞ୍ଚଷପଦୋ ବନ୍ଧଃ ପାଞ୍ଚାଳିକା ମତା ।( ସାହିତ୍ୟଦର୍ପଣ – ୯।୪ )

କୁଞ୍ଚିତ ନୀଳ ଅଳକା ବଳୀୟା ।
କମନୀୟ ବନ ଫୁଲ ମାଳୀୟା ।
କଳଧଉତ କାନ୍ତି ଦୁକୂଳୀୟା ।
କିଶୋର ବରଜ ସଙ୍ଗମେଳୀୟା ।
କୃଷ୍ଣଦାସ ମନ ।
କମଳ ଉନ୍ନିଦ୍ରକର ତପନ । (ରସକଲ୍ଲୋଳ)

**ଲାଟୀ**—ବୈଦର୍ଭୀ ଓ ପାଞ୍ଚାଳୀ—ଏହି ଉଭୟ ରୀତିର ନିୟମାନୁସାରୀ ରଚନାକୁ ଲାଟୀରୀତି କୁହାଯାଏ (୧) । ଅନ୍ୟ କେତେକଙ୍କ ମତରେ କୋମଳପଦ ସମାବିଷ୍ଟ, ଅଳ୍ପସମାସଯୁକ୍ତ, ଅଧିକ ସଂଯୁକ୍ତ ବର୍ଣ୍ଣଶୂନ୍ୟ, ଉଚିତ ବିଶେଷଣଦ୍ୱାରା ସମନ୍ୱିତ ରଚନାକୁ ଲାଟୀ ରୀତି କୁହାଯାଏ ।

ଗର୍ଭେ ମୋର ଥୋଇଅଛ ଯେ ରତ୍ନ ନିଧାନ
ନ କହିଲ ତା'ର କ୍ଷଣେ କି ପ୍ରତିବିଧାନ ।
ଦୃଢ଼ ଆଶା ଥିଲା ମୋର ହୃଦୟେ ପୋଷିତ
ପ୍ରଭୁ କୋଳ କରିଥାନ୍ତି ଏ ରତ୍ନେ ଭୂଷିତ ।
ଆକାଶ-କୁସୁମ ହେଲା ଆଶା-ପରିଣାମ,
ଧନ୍ୟ ରେ ଦଇବ ତୋତେ ସହସ୍ର ପ୍ରଣାମ !
ପିତା ଯାର ମହାରାଜ ମହୀ-ମହାଯଶା,
କି କରିବୁ ବିଧି ତାଙ୍କ କୁମରର ଦଶା !
ଗିରି-ଅଙ୍ଗେ ହୁଏ ଯିବା ବଜ୍ରର ପ୍ରହାର
ହା ହା ତହିଁ ସଙ୍ଗେ ଗିରିବାସୀର ସଂହାର !
ଧନ୍ୟ ନାଥ, ମୁଖ ତୁମ୍ଭ ପୀୟୂଷ-ନିର୍ଝର,
ହୃଦୟାଦ୍ରି ସୁଧା କ୍ଷମ-ଶିଳାର ଆକର । ( ତପସ୍ୱିନୀ )

---

(୧) ଲାଟୀ ରୀତିର୍ବୈଦର୍ଭୀ ପାଞ୍ଚାଳ୍ୟୋରନ୍ତରେ ସ୍ଥିତା । ସା. ଦର୍ପଣ—୯।୫

ଅନ୍ୟ କେତେକ ପଣ୍ଡିତ ରୀତିଭେଦର ସଂକ୍ଷିପ୍ତ ଲକ୍ଷଣ ଦେଖାଇବାକୁ ଯାଇ କହିଛନ୍ତି ଯେ ଉତ୍କଟ ରଚନା ଗୌଡ଼ୀ, ମଧୁର ରଚନା ବୈଦର୍ଭୀ, ଉଭୟ ମିଶ୍ରିତ ଭାବସମ୍ପନ୍ନ ରଚନା ପାଞ୍ଚାଳୀ ଓ କୋମଳପଦପୂର୍ଣ୍ଣ ରଚନା ଲାଟୀ । କୌଣସି ସ୍ଥାନରେ ମଧ୍ୟ ବକ୍ତା, ବକ୍ତବ୍ୟ, ବିଷୟ ବା ପ୍ରବନ୍ଧର ଔଚିତ୍ୟ ଅନୁସାରେ ରଚନା, ଛନ୍ଦ ଓ ବର୍ଣ୍ଣବିନ୍ୟାସ ରୀତିରେ ବ୍ୟତିକ୍ରମ ଘଟିଥାଏ । ଉଦାହରଣ ସ୍ୱରୂପ- ଉଦ୍ଧତ ସ୍ୱଭାବଯୁକ୍ତ ବକ୍ତାର ବକ୍ତବ୍ୟରେ ଯଦି କୌଣସି କ୍ରୋଧଭାବର ସଂପର୍କ ନ ଥାଏ, ତେବେ ମଧ୍ୟ ବକ୍ତବ୍ୟ ଉତ୍କଟ ରଚନାରୂପେ ଗୃହୀତ ହୋଇଥାଏ ଓ ଗୌଡ଼ୀ ରୀତିର ଅନ୍ତର୍ଭୁକ୍ତ କରାଯାଏ ।

## ଗୁଣ

**ଗୁଣ ସମ୍ପ୍ରଦାୟର ଇତିହାସ**—ଭରତଙ୍କର ନାଟ୍ୟ- ଶାସ୍ତ୍ରରେ ରୀତି ସଂପର୍କରେ ଆଲୋଚନା ନ ଥିଲେ ମଧ୍ୟ ଗୁଣ ସଂପର୍କୀୟ ବିଶଦ ଆଲୋଚନା ପରିଦୃଷ୍ଟ ହୁଏ । ସେ ଗୁଣର ସ୍ୱତନ୍ତ୍ର ଅସ୍ତିତ୍ୱ ସ୍ୱୀକାର ନ କରି ଦୋଷର ଅଭାବକୁ ଗୁଣ ରୂପେ ବିବେଚନା କରିଛନ୍ତି । ସେ ଶ୍ଳେଷ, ପ୍ରସାଦ, ସମତା, ସମାଧି, ମାଧୁର୍ଯ୍ୟ, ଓଜଃ, ଅର୍ଥବ୍ୟକ୍ତି, ଉଦାରତା ଓ କାନ୍ତି ନାମକ ଦଶ ପ୍ରକାର ଗୁଣକୁ ସ୍ୱୀକାର କରିଛନ୍ତି । ଭରତଙ୍କର ଗୁଣ ସମ୍ବନ୍ଧୀୟ ସିଦ୍ଧାନ୍ତ ସ୍ଥାନେ ସ୍ଥାନେ ଅସ୍ପଷ୍ଟ ଓ ସନ୍ଦିଗ୍ଧ ବୋଧହେଲେ ମଧ୍ୟ ତାଙ୍କର ପରିଭାଷାକୁ ଦଣ୍ଡୀ ଓ ବାମନ ପ୍ରଭୃତି ଗ୍ରହଣ କରି ନେଇଛନ୍ତି । ଅର୍ଥ ଓ ଶବ୍ଦ ଭେଦରେ ଗୁଣର ବିଭାଜନ ସଂପର୍କରେ ସେ ସ୍ପଷ୍ଟ ଆଲୋଚନା ନ କରିଥିଲେ ମଧ୍ୟ, ଏଥିପ୍ରତି ଯେ ସେ ଅବହିତ ଥିଲେ ତା'ର ବହୁତ ପ୍ରମାଣ ମିଳେ । ଭାମହ 'ଗୁଣ'ର ଆଲୋଚନାରେ ବିଶେଷ ପ୍ରାଧାନ୍ୟ ଦେଇନାହାନ୍ତି । ତାଙ୍କ ମତରେ ଗୁଣର ସଂଖ୍ୟା ତିନି—ମାଧୁର୍ଯ୍ୟ, ଓଜଃ

ଓ ପ୍ରସାଦ । ପରବର୍ତ୍ତୀକାଳରେ ଧ୍ୱନି ଓ ରସବାଦୀଗଣ ତାଙ୍କର ଏହି ମତକୁ ସ୍ୱୀକାର କରିଛନ୍ତି । ଦଣ୍ଡୀ ଅଲଙ୍କାରବାଦୀ ଥିଲେ ମଧ୍ୟ ଅଲଙ୍କାର ଅପେକ୍ଷା ଗୁଣକୁ ଅଧିକ ମହତ୍ତ୍ୱ ପ୍ରଦାନ କରିଛନ୍ତି । ତାଙ୍କ ମତରେ ଗୁଣ ଓ ଅଲଙ୍କାର ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ଉଭୟ କାବ୍ୟର ଶୋଭାବର୍ଦ୍ଧକ ଧର୍ମ । ଗୁଣ କେବଳ ସତ୍‌କାବ୍ୟର ସୌନ୍ଦର୍ଯ୍ୟ ସାଧନ କରିଥାଏ; କିନ୍ତୁ ଅଲଙ୍କାର ସତ୍ ଓ ଅସତ୍ ଉଭୟବିଧ କାବ୍ୟରେ ଉପଲବ୍ଧ ହୋଇଥାଏ । ଦଣ୍ଡୀ ଦଶ ପ୍ରକାର ଗୁଣ ସ୍ୱୀକାର କରିଛନ୍ତି । ଗୁଣର ସଂଖ୍ୟା ଓ ନାମକରଣ କ୍ଷେତ୍ରରେ ସେ ଭରତଙ୍କୁ ଅନୁସରଣ କରିଥିଲେ ମଧ୍ୟ ତାଙ୍କର ବ୍ୟାଖ୍ୟା ଭରତଙ୍କଠାରୁ ପୃଥକ୍ । ତାଙ୍କ ବ୍ୟାଖ୍ୟାନୁଯାୟୀ କାନ୍ତିଗୁଣ ଭରତଙ୍କର ଅର୍ଥବ୍ୟକ୍ତି ଗୁଣ ସହିତ ସମାନ । ଏହାଛଡ଼ା ସେ ସମାଧି ଓ ମାଧୁର୍ଯ୍ୟଗୁଣର ଯେଉଁ ପରିଭାଷା ପ୍ରଦାନ କରିଛନ୍ତି ତାହା ଭରତଙ୍କର ପରିଭାଷାଠାରୁ ସଂପୂର୍ଣ୍ଣ ପୃଥକ୍ । ଶବ୍ଦ ଓ ଅର୍ଥ ଗୁଣର ପାର୍ଥକ୍ୟ ବିଷୟରେ ସେ ସ୍ପଷ୍ଟ ଆଲୋଚନା ନ କରିଥିଲେ ମଧ୍ୟ ତାଙ୍କର 'ଗୁଣ ସିଦ୍ଧାନ୍ତ'ରୁ ଜଣାଯାଏ ଯେ ଶ୍ଳେଷ, ସମତା, ସୁକୁମାରତା ଓ ଓଜଃଗୁଣ ଶବ୍ଦାଶ୍ରୟୀ ଓ ପ୍ରସାଦ, ଅର୍ଥବ୍ୟକ୍ତି, କାନ୍ତି ଉଦାରତା, ସମାଧି ପ୍ରଭୃତି ଅର୍ଥକୁ ଆଧାର ରୂପେ ଗ୍ରହଣ କରି ପ୍ରତିଷ୍ଠିତ ।

ଦଣ୍ଡୀଙ୍କ ପରେ ବାମନ ରୀତି ଓ ଗୁଣ ସମ୍ପର୍କରେ ବିଶଦ ଆଲୋଚନା କରି ସେମାନଙ୍କ ମଧ୍ୟରେ ଥିବା ସମ୍ବନ୍ଧ ପ୍ରତିଷ୍ଠା କରିଛନ୍ତି । ସେ ଗୁଣକୁ ଦଶଶବ୍ଦ ଗୁଣ ଓ ଦଶ ଅର୍ଥଗୁଣ ଏପରି ଭାବରେ ବିଭକ୍ତ କରି ସ୍ୱୀୟ ମତକୁ ପରିପୁଷ୍ଟ କରିଛନ୍ତି । ଏହାଛଡ଼ା ଗୁଣ ଓ ଅଲଙ୍କାର ମଧ୍ୟରେ ଥିବା ପାର୍ଥକ୍ୟ ମଧ୍ୟ ସେ ପ୍ରଦର୍ଶନ କରିଛନ୍ତି । ତାଙ୍କ ମତରେ ଗୁଣ ହିଁ କାବ୍ୟର ଶୋଭା ସଂପାଦକକାରୀ ଧର୍ମ ଅଲଙ୍କାର

ନୁହେଁ । ଗୁଣ ନିତ୍ୟ ଓ ଅଲଙ୍କାର ଅନିତ୍ୟ । ଭରତ ଓ ଦଣ୍ଡୀଙ୍କ ଅପେକ୍ଷା ବାମନଙ୍କର ଗୁଣ ବିବେଚନାରେ ବହୁ ପାର୍ଥକ୍ୟ ପରିଲକ୍ଷିତ ହୁଏ । ଦୃଷ୍ଟାନ୍ତ ସ୍ୱରୂପ—ବାମନଙ୍କର ଓଜଃଗୁଣ ଦଣ୍ଡୀଙ୍କ ପ୍ରଦର୍ଶିତ ଶ୍ଳେଷଗୁଣ ସହ ସମାନ । ଏହାଛଡ଼ା ବାମନ କାନ୍ତି ଗୁଣରେ (ଅର୍ଥଗୁଣ) ରସକୁ ସମାବିଷ୍ଟ କରି ତାହାକୁ କାବ୍ୟର ମୌଳିକ ତତ୍ତ୍ୱ ଭାବରେ ବିଚାର କଲାବେଳେ ଦଣ୍ଡୀ କାନ୍ତିଗୁଣକୁ ଅଲଙ୍କାରର ଅନ୍ତର୍ଭୁକ୍ତ କରି ଏହାକୁ ଗୌଣ ବିଷୟ ରୂପେ ଗ୍ରହଣ କରିଛନ୍ତି ଓ କାବ୍ୟର ଅତ୍ୟାବଶ୍ୟକୀୟ ଅଙ୍ଗ ରୂପେ ସ୍ୱୀକାର କରିନାହାନ୍ତି ।

ଆନନ୍ଦବର୍ଦ୍ଧନ ଓ ଅଭିନବଗୁପ୍ତଙ୍କ ପରି ଧ୍ୱନିବାଦୀମାନେ ଗୁଣକୁ ଯଥେଷ୍ଟ ମହତ୍ତ୍ୱ ପ୍ରଦାନ କରିବା ସଙ୍ଗେ ସଙ୍ଗେ ତାକୁ ରସର ତତ୍ତ୍ୱ ଭାବରେ ଗ୍ରହଣ କରି କାବ୍ୟର ନିତ୍ୟ ଅଙ୍ଗ ରୂପେ ସ୍ୱୀକାର କରିଛନ୍ତି । ସେମାନେ ଗୁଣର ସଂଖ୍ୟା ଦଶ ପରିବର୍ତ୍ତେ ଭାମହଙ୍କ ବିବେଚିତ ମାଧୁର୍ଯ୍ୟ, ଓଜଃ ଓ ପ୍ରସାଦ ଗୁଣତ୍ରୟକୁ ସ୍ୱୀକୃତି ଦେଇଛନ୍ତି । ସେମାନଙ୍କ ମତରେ ଏହା ଯଥାକ୍ରମେ ଚିତ୍ତଦ୍ରୁତି, ଦୀପ୍ତି ଓ ବ୍ୟାପକତାକୁ ଆଶ୍ରୟ କରିଥାଏ । କୁନ୍ତକ ତାଙ୍କର ଦୁଇଟି ମାର୍ଗର ମୂଳତତ୍ତ୍ୱ ଭାବରେ ଚାରିଟି ଗୁଣ ( ମାଧୁର୍ଯ୍ୟ, ପ୍ରସାଦ, ଲାବଣ୍ୟ ଓ ଆଭିଜାତ୍ୟ) ବିଷୟ ଉଲ୍ଲେଖ କରିଛନ୍ତି । ଏହି ଚାରି ପ୍ରକାର ଗୁଣ ତାଙ୍କ ପ୍ରଦର୍ଶିତ ମାର୍ଗଦ୍ୱୟର ( ସୁକୁମାର ଓ ବିଚିତ୍ର ) ମୂଳତତ୍ତ୍ୱ ହେଲେ ମଧ୍ୟ, ପ୍ରତ୍ୟେକ ମାର୍ଗରେ ସେମାନଙ୍କର ସ୍ୱରୂପ ଭିନ୍ନ । ଏହାଛଡ଼ା ସବୁପ୍ରକାର କାବ୍ୟରେ ସେ ଔଚିତ୍ୟ ଓ ସୌଭାଗ୍ୟ ନାମକ ଦୁଇ ପ୍ରକାର ଗୁଣର ସ୍ଥିତି ବିଦ୍ୟମାନ ବୋଲି ବିଚାର କରିଛନ୍ତି । ମମ୍ମଟ ଓ ବିଶ୍ୱନାଥ ତିନୋଟି ଗୁଣକୁ ମାତ୍ର ସ୍ୱୀକୃତି ଦେଇଛନ୍ତି ଓ ବାମନଙ୍କ ବିବେଚିତ ଦଶଶବ୍ଦ ଗୁଣ ଓ ଦଶ ଅର୍ଥଗୁଣ ମଧ୍ୟରୁ କେତେକ ଗୁଣକୁ ଏହି ଗୁଣତ୍ରୟର (ମାଧୁର୍ଯ୍ୟ, ଓଜଃ ଓ

ପ୍ରସାଦ) ଅନ୍ତର୍ଭୁକ୍ତ ବୋଲି ବିବେଚନା କରିଛନ୍ତି । ଏହି ଗୁଣତ୍ରୟ ବ୍ୟତୀତ ଅନ୍ୟାନ୍ୟ ଗୁଣକୁ କେବଳ 'ଦୋଷର ଅଭାବ' ବୋଲି ପ୍ରତିପାଦିତ କରି ସେମାନଙ୍କର ସ୍ୱତନ୍ତ୍ର ସତ୍ତା ସ୍ୱୀକାର କରିନାହାନ୍ତି ।

**ଗୁଣର ସ୍ଥିତି ଓ ସ୍ୱରୂପ:—** ମନୁଷ୍ୟର ଶୌର୍ଯ୍ୟ ଯେପରି କେବଳ ଶରୀରର ଧର୍ମ ଭାବରେ ଗୃହୀତ ନ ହୋଇ ତାହା ଆତ୍ମାର ଗୁଣ ରୂପେ କଥିତ ହୋଇଥାଏ, ଅନୁରୂପ ଭାବରେ ଶବ୍ଦାର୍ଥରୂପୀ କାବ୍ୟଶରୀରର ରସରୂପୀ ଆତ୍ମାର ଗୁଣ ରୂପେ ମାଧୁର୍ଯ୍ୟ, ଓଜାଦି ଧର୍ମକୁ ଗ୍ରହଣ କରାଯାଇଥାଏ । ଧ୍ୱନିବାଦୀମାନେ ଗୁଣକୁ ରସାଶ୍ରିତ ବୋଲି ସ୍ୱୀକାର କରିଛନ୍ତି । ଆନନ୍ଦବର୍ଦ୍ଧନ କହିଛନ୍ତି ଯେ ଶୃଙ୍ଗାର, ରୌଦ୍ରାଦି ରସରେ ଚିତ୍ତ ଯେଉଁଠାରେ ଦ୍ରବୀଭୂତ ବା ଦୀପ୍ତ ହୁଏ, ସେଠାରେ ମାଧୁର୍ଯ୍ୟାଦି ଗୁଣର ସ୍ଥିତି ସ୍ୱୀକାର୍ଯ୍ୟ । କିନ୍ତୁ ସେ ଚିତ୍ତର ଦ୍ରବୀଭୂତଭାବ ଓ ଦୀପ୍ତି ସହ ମାଧୁର୍ଯ୍ୟାଦି ଗୁଣର ସମ୍ବନ୍ଧକୁ ସ୍ପଷ୍ଟ କରିନାହାନ୍ତି । ମାଧୁର୍ଯ୍ୟ ଓ ଚିତ୍ତର ଦ୍ରବୀଭାବ ତଥା ଓଜଃ ଓ ଚିତ୍ତର ଦୀପ୍ତି କି ଏକ ବା ସେମାନଙ୍କ ମଧ୍ୟରେ କାରଣ-କାର୍ଯ୍ୟ ସମ୍ପର୍କ ରହିଛି—ଏଭଳି ସମସ୍ୟାର ସମାଧାନ କରିଛନ୍ତି ଅଭିନବଗୁପ୍ତ । ତାଙ୍କ ମତରେ ଗୁଣ ହେଉଛି ଚିତ୍ତର ଏକ ଅବସ୍ଥାବିଶେଷ । ମାଧୁର୍ଯ୍ୟ ଚିତ୍ତର ଦ୍ରବୀଭୂତାବସ୍ଥା, ଓଜଃ ଚିତ୍ତର ଦୀପ୍ତିବସ୍ଥା, ପ୍ରସାଦ ଚିତ୍ତର ବ୍ୟାପକାବସ୍ଥା । ଏହା ରସାନୁଭୂତି ସହିତ ଲାଭ ହୋଇଥାଏ । ଅର୍ଥାତ୍ ଶୃଙ୍ଗାରାଦି ରସାନୁଭୂତି ସମୟରେ ଚିତ୍ତର ଯେଉଁ ଦ୍ରବୀଭାବାବସ୍ଥା ଉପଲବ୍ଧ ହୁଏ, ତାହା ମାଧୁର୍ଯ୍ୟ, ବୀର ରସାନୁଭୂତି ଦ୍ୱାରା ଚିତ୍ତର ଦୀପ୍ତିହିଁ ଓଜଃଗୁଣ ଓ ସମସ୍ତ ରସର ଅନୁଭବ କାଳରେ ଉତ୍ପନ୍ନ ଚିତ୍ତର ବିକାଶ ଅବସ୍ଥା (ବ୍ୟାପ୍ତି)ହିଁ ପ୍ରସାଦ ଗୁଣ । ତେଣୁ ମାଧୁର୍ଯ୍ୟାଦି ଗୁଣ ଚିତ୍ତର ଏହିସବୁ ବିଭିନ୍ନ ଅବସ୍ଥାରୁ ଭିନ୍ନ

ନୁହେଁ । କେବଳ ରସାନୁଭୂତି ଯୋଗୁହିଁ ଚିତ୍ତ ଏ ସବୁ ଅବସ୍ଥା ପ୍ରାପ୍ତ ହୋଇଥାଏ । ତେଣୁ ରସ ଗୁଣର କାରଣ ଓ ଗୁଣ ତାହାର କାର୍ଯ୍ୟ । କାର୍ଯ୍ୟ ଓ କାରଣ ମଧ୍ୟରେ ପାର୍ଥକ୍ୟ ଅବଶ୍ୟମ୍ଭାବୀ । ରସାନୁଭୂତି ଓ ଚିତ୍ତର ଦ୍ରବୀଭାବାଦି ଅବସ୍ଥା ମଧ୍ୟରେ ସମୟ ବ୍ୟବଧାନ ରହିବାର କଥା । କିନ୍ତୁ ବାସ୍ତବରେ ସହୃଦୟର ରସାନୁଭୂତି ଓ ଚିତ୍ତଦ୍ରବୀଭାବାଦି ଅବସ୍ଥା ଭିନ୍ନ ସମୟରେ ଘଟିବା ଅସମ୍ଭବ । ତେଣୁ ରସାନୁଭୂତି ସମୟରେ ହିଁ ଚିତ୍ତ ଦ୍ରବୀଭାବ ଅବସ୍ଥା ପ୍ରାପ୍ତ ହୋଇଥାଏ । ଅଭିନବଗୁପ୍ତ ଏଥିପାଇଁ ଗୁଣକୁ ରସର ନିତ୍ୟଧର୍ମ ଓ ଶବ୍ଦାର୍ଥାଶ୍ରିତ ଅଳଙ୍କାରକୁ ଅନିତ୍ୟଧର୍ମ ଭାବେ ଗ୍ରହଣ କରିଛନ୍ତି ।

ମମ୍ମଟଙ୍କ ମତରେ ମାଧୁର୍ଯ୍ୟାଦି ଗୁଣ ହିଁ ଆତ୍ମାରୂପୀ ରସର ଉତ୍କର୍ଷ ସାଧନକାରୀ ନିତ୍ୟ ଓ ଅଚଳ ଧର୍ମ-ଶବ୍ଦାର୍ଥରୂପୀ ଶରୀରର ନୁହେଁ । ସେ ଗୁଣକୁ ଚିତ୍ତଦ୍ରବୀଭାବାଦି ଅବସ୍ଥାର କାରଣରୂପେ ଗ୍ରହଣ କରିଛନ୍ତି । କିନ୍ତୁ ଗୁଣର ସ୍ୱରୂପ ସମ୍ପର୍କରେ ସେ କୌଣସି ସ୍ୱତନ୍ତ୍ର ମତ ବ୍ୟକ୍ତ କରିନାହାନ୍ତି । ବିଶ୍ୱନାଥ ମମ୍ମଟଙ୍କର ଏହି ମତକୁ ଖଣ୍ଡନ କରି ଅଭିନବଗୁପ୍ତଙ୍କର ମତବାଦକୁ ପୁନର୍ବାର ପ୍ରତିଷ୍ଠା କରିଛନ୍ତି । ତାଙ୍କ ମତରେ ଚିତ୍ତର ଦ୍ରବୀଭାବ ରୂପ ଚିତ୍ତର ଦ୍ରୁତି, ଦୀପ୍ତି ଓ ବ୍ୟାପ୍ତି ଅବସ୍ଥା ହିଁ ଗୁଣ । କିନ୍ତୁ ତାଙ୍କ ମତରେ 'ଚିତ୍ତଦ୍ରବୀଭାବ' ରୂପକ ଆସ୍ୱାଦ୍ୟ ଓ ଅନୁଭବାତ୍ମକ ଆହ୍ଲାଦ 'କାର୍ଯ୍ୟ' ହୋଇ ନ ପାରେ । କାରଣ ରସ 'କାର୍ଯ୍ୟ' ନୁହେଁ 'ରସ ସମ୍ପ୍ରଦାୟ ପରିଚ୍ଛେଦରେ ଆଲୋଚନା କରାଯାଇଛି) । ସହୃଦୟ ତଲ୍ଲୀନାବସ୍ଥା ପ୍ରାପ୍ତ ହେଲେ ହିଁ ରସ ନିଷ୍ପତ୍ତି ହୁଏ । ରସ 'କାର୍ଯ୍ୟ' ନ ହୋଇଥିବାରୁ ଚିତ୍ତଦ୍ରବୀଭୂତ ହେଲେ ସେଠାରେ କାର୍ଯ୍ୟ କାରଣ ସମ୍ପର୍କ ରହି ନପାରେ । ଆହ୍ଲାଦନ, ଆସ୍ୱାଦନ, ଦ୍ରୁତି, ଦୀପ୍ତି ପ୍ରଭୃତି ରସଠୁ ଭିନ୍ନ ନୁହେଁ । 'ଦ୍ରୁତି'ହିଁ ରସର ସ୍ୱରୂପ । ବିଶ୍ୱନାଥଙ୍କ ମତରେ ଗୁଣ ଓ ରସ ଭିନ୍ନ ହେଲେମଧ୍ୟ

ଏକଭଳି ପ୍ରଶ୍ନଗତ ହୁଅନ୍ତି । କାରଣ ରସାନୁଭୂତି ସମୟରେ ହିଁ ଗୁଣ ଅନୁଭୂତ ହୋଇଥାଏ । ତେଣୁ ଯାହା ଚିତ୍ତଦ୍ରବୀଭାବ (ରସ) ତାହା ହିଁ ଗୁଣ ।

ଗୁଣ ଓ ଆତ୍ମାରୂପୀରସ ମଧ୍ୟରେ ଅଙ୍ଗାଙ୍ଗୀଭାବ ସମ୍ପର୍କ ବିଦ୍ୟମାନ । ମାଧୁର୍ଯ୍ୟାଦି ଗୁଣ ମୁଖ୍ୟଭାବରେ କାବ୍ୟାତ୍ମା (ରସ)ର ଶୋଭାବର୍ଦ୍ଧନ କରିଥାଏ ଓ ଏହା କାବ୍ୟଶରୀର (ଶବ୍ଦାର୍ଥ)ର ଶୋଭା-ବର୍ଦ୍ଧନ କରିଥାଏ ଗୌଣ ଭାବରେ । ପ୍ରାଣୀ ଦେହରୁ ଆତ୍ମା ଚାଲିଗଲେ ତାର ଶୌର୍ଯ୍ୟାଦି ଗୁଣ ଯେପରି ଲୋପପାଏ, ସେହିପରି ରସ ବିନା ମାଧୁର୍ଯ୍ୟାଦି ଗୁଣର ସ୍ଥିତି ଅସମ୍ଭବ ହୋଇଥାଏ ।

**ଗୁଣର ଭେଦ**—ମମ୍ମଟ ଓ ବିଶ୍ୱନାଥ ଦଶପ୍ରକାର ଗୁଣକୁ ଅସ୍ୱୀକାର କରି ମାଧୁର୍ଯ୍ୟ ଓଜଃ ଓ ପ୍ରସାଦ ଗୁଣ ମଧ୍ୟରେ ଅନ୍ୟାନ୍ୟ ଗୁଣକୁ ଅନ୍ତର୍ଭୁକ୍ତ କରିଛନ୍ତି । ରୀତି ଗୁଣାଶ୍ରିତ । ତେଣୁ ରୀତିର ସ୍ୱରୂପ ଜାଣିବାକୁ ହେଲେ ପ୍ରତ୍ୟେକ ପ୍ରକାର ଗୁଣର ସ୍ୱରୂପ ସମ୍ବନ୍ଧରେ ଜ୍ଞାନଲାଭ ଆବଶ୍ୟକ ।

**ମାଧୁର୍ଯ୍ୟ**—ଏହାର ଅର୍ଥ ହେଉଛି ରସବତ୍ତା । ଚିତ୍ତର ଦ୍ରବତ୍ୱଜନିତ ଆହ୍ଲାଦ ଫଳରେ ହୃଦୟ ଦ୍ରବୀଭୂତ ହୋଇ ଯେଉଁ ନିରତିଶୟ ପ୍ରୀତି ଲାଭ ହୋଇଥାଏ । ତାହା ମାଧୁର୍ଯ୍ୟ (୧) ସାଧାରଣତଃ ରସାନୁଭୂତି ସମୟରେ ଚିତ୍ତ ଚାରୋଟି ଅବସ୍ଥା ପ୍ରାପ୍ତ ହୋଇଥାଏ—କାଠିନ୍ୟ, ଦୀପ୍ତତ୍ୱ, ବିକ୍ଷେପ (ବିକାଶ) ଓ ଦ୍ରୁତି । ବୀରରସାତ୍ମକ କାବ୍ୟରେ ରଚନାର ଉତ୍କଟତା ଓ ଦୁର୍ବୋଧତା ଥିଲେ ତାହା ଶ୍ରୋତାର ଅନାବିଷ୍ଟ ହୃଦୟରେ ସ୍ୱଭାବତଃ ଅନାସକ୍ତିରୂପକ କାଠିନ୍ୟ ଜାତ କରାଇଥାଏ । ସେହିପରି କ୍ରୋଧ, ମନ୍ୟୁ ପ୍ରଭୃତି

(୧) ଚିତ୍ତଦ୍ରବୀଭାବମୟୋହ୍ଲାଦୋ ମାଧୁର୍ଯ୍ୟମୁଚ୍ୟତେ । ସା. ଦ.—୮/୩

କାରଣରୁ ରୌଦ୍ରାଦିରସରେ ଚିତ୍ତର ଦୀପ୍ତତ୍ୱ ଓ ବିସ୍ମୟ, ହାସ୍ୟ ଆଦି ଦ୍ୱାରା ଅଦ୍ଭୁତ ଓ ହାସ୍ୟରସରେ ଚିତ୍ତର ବିକ୍ଷେପ ( ଶୃଙ୍ଖଳା ) ଜାତ ହୋଇଥାଏ, କିନ୍ତୁ ଚିତ୍ତର ଏହି ଅବସ୍ଥାତ୍ରୟୀ (କାଠିନ୍ୟ, ଦୀପ୍ତତ୍ୱ ଓ ବିକ୍ଷେପ) ଉତ୍ପନ୍ନ ନ ହେଲେ, ରତି, ଉତ୍ସାହ, ଶମ ପ୍ରଭୃତି ଭାବାଦିର ଅନୁଭବ ହେତୁ ସହୃଦୟର ହୃଦୟରେ ଯେଉଁ ନିରତିଶୟ ଆନନ୍ଦ-ଧାରା ( ଆନନ୍ଦାତ୍ମକ ରସର ଆସ୍ୱାଦନ ଦ୍ୱାରା ) ପ୍ରବାହିତ ହୋଇ ହୃଦୟ ବିଗଳିତ ହୁଏ ତାହାର ନାମ ଦ୍ରୁତି ବା ଦ୍ରବତ୍ୱରୂପକ ଚିତ୍ତର ଅବସ୍ଥାବିଶେଷ । ମାଧୁର୍ଯ୍ୟ ଗୁଣ ସମ୍ଭୋଗ ଶୃଙ୍ଗାର, କରୁଣ, ବିପ୍ରଲମ୍ଭ ଶୃଙ୍ଗାର ଓ ଶାନ୍ତ ରସରେ ଯଥାକ୍ରମେ ଅଧିକ ଦେଖାଯାଏ (ଏଠାରେ ସମ୍ଭୋଗାଦି ଶବ୍ଦ ଦ୍ୱାରା ସେହି ସବୁ ରସର ରସାଭାସ, ଭାବାଭାସ ଆଦି ମଧ୍ୟ ଗ୍ରହଣୀୟ) । ମୂର୍ଦ୍ଧାସ୍ଥିତ ବର୍ଗର ପଞ୍ଚମ ବର୍ଣ୍ଣ ( ଙ, ଞ, ଣ, ନ, ମ ) ସେହି ସେହି ବର୍ଗର ଅନ୍ୟ ଯେ କୌଣସି ବର୍ଣ୍ଣ ସହିତ ମିଶିଲେ ( ଟ, ଠ, ଡ, ଢ ବ୍ୟତୀତ ) ମାଧୁର୍ଯ୍ୟଗୁଣ ପ୍ରକାଶ କରିଥାଏ । ଅଳ୍ପ ପ୍ରଯତ୍ନରେ ଉଚ୍ଚାରିତ 'ର' ଓ 'ଣ' ମଧ୍ୟ ମାଧୁର୍ଯ୍ୟ ଗୁଣର ବ୍ୟଞ୍ଜକବର୍ଣ୍ଣ । ସମାସବିହୀନ ବା ଅଳ୍ପ ସମାସ-ଯୁକ୍ତ ମଧୁର ବର୍ଣ୍ଣନା ମାଧୁର୍ଯ୍ୟ ଗୁଣର ପ୍ରକାଶକ । ଶବ୍ଦ ଓ ଅର୍ଥଗତ ଭେଦରେ ମାଧୁର୍ଯ୍ୟଗୁଣ ଯଥାକ୍ରମେ ଶବ୍ଦମାଧୁର୍ଯ୍ୟ ଓ ଅର୍ଥମାଧୁର୍ଯ୍ୟ ଭାବରେ ଦୁଇ ପ୍ରକାର ।

ଅନନ୍ତ ଅପାର ତବ ପ୍ରାଣେ ପ୍ରାଣ-ଘଣ
ମିଳିଛି ନିଭୃତେ ଆଜି ଏ ମୋର ପରଶ ।
ଅନନ୍ତ ସଙ୍ଗତେ ମୋର ଅନନ୍ତ ମିଳନ
ମର୍ମେ ମର୍ମେ ପୁଲକିତ ସର୍ବଦେହ ମନ ।

( ହିମାଳୟେ ଉଦୟ-ଉତ୍ସବ )

**ଓଜଃ**—କୌଣସି ବାକ୍ୟ ଶ୍ରବଣରେ ଚିତ୍ତର ବିସ୍ତୃତି ରୂପକ ଯେଉଁ ପ୍ରବୃତ୍ତି ଉତ୍ପନ୍ନ ହୋଇଥାଏ, ତାହା ହିଁ ଓଜଃଗୁଣ (୧)। ଯଥାକ୍ରମେ ବୀର, ବୀଭତ୍ସ ଓ ରୌଦ୍ରରସରେ ଏହା ଅଧିକ ପରିମାଣରେ ଥାଏ । ( ଏଠାରେ ଏହିସବୁ ରସର ରସାଭାସ, ଭାବାଭାସ ଆଦି ମଧ୍ୟ ଗ୍ରହଣୀୟ ) । କୌଣସି ବର୍ଗର ପ୍ରଥମ ବର୍ଣ୍ଣ ସହିତ ସେହି ବର୍ଗର ଦ୍ୱିତୀୟ ବର୍ଣ୍ଣ ଓ ତୃତୀୟ ବର୍ଣ୍ଣ ସହିତ ଚତୁର୍ଥ ବର୍ଣ୍ଣ ମିଳିତ ହେଲେ ତଥା ଉପରେ 'ରେଫ' ଓ ତଳେ 'ର ଫଳା' ଯୁକ୍ତ ବର୍ଣ୍ଣ ଥିଲେ ଏବଂ ଟ, ଠ, ଡ, ଢ, ଶ, ଷ ବର୍ଣ୍ଣର ସମାବେଶ ହୋଇଥିଲେ ଓଜଃଗୁଣ ପ୍ରକାଶିତ ହୋଇଥାଏ । ଏହାଛଡ଼ା ଦୀର୍ଘ ସମାସଯୁକ୍ତ ଉତ୍କଟ ରଚନା ମଧ୍ୟ ଓଜଃଗୁଣକୁ ପ୍ରକାଶ କରିଥାଏ ।

ଉଦଗ୍ରଶୂର ଦେବୀ-ବାହନ କେଶରୀ-
ପ୍ରାୟେ ହଡ଼ଡ଼ିଲେ ଗ୍ରାସିବାକୁ ତରୀ,
ତୋ ଇଙ୍ଗିତ ସଙ୍ଗେ ଯେଉଁ ଉର୍ମିଥାଟ
ହଡ଼ଡ଼ି ଆସିଲେ ମୀନାମ୍ବୁ-ସମ୍ରାଟ,
ବିଶ୍ୱ-ଧ୍ୱଂସି-ରୁଦ୍ର-ପ୍ରଚାର-ନିଶ୍ୱାସ-
ପରିପ୍ରେ ବହିଲ ବାୟୁ ଅଣଞ୍ଚାଶ । ( ଚିଲିକା )

**ପ୍ରସାଦ**—ଅଗ୍ନି ଯେପରି ଶୁଷ୍କକାଷ୍ଠକୁ ଆତ୍ମସାତ୍ କରେ, ସେହିପରି ଯେଉଁ ଗୁଣ ଶୀଘ୍ର ଶ୍ରୋତାର ହୃଦୟକୁ ଆକର୍ଷିତ କରିଥାଏ ତାହା ପ୍ରସାଦଗୁଣ (୨) । ପ୍ରସାଦଗୁଣ ସମସ୍ତ ରସ ଓ ରଚନାରେ ରହିପାରେ । ଯେଉଁ ସବୁ ଶବ୍ଦ ଶୁଣିବା ମାତ୍ରେ ତାର ଅର୍ଥ ପ୍ରତୀତ ହୋଇଥାଏ, ସେହି ସବୁ ଶବ୍ଦ ହିଁ ପ୍ରସାଦଗୁଣର ପ୍ରକାଶକ ।

---

(୧) ଓଜଶ୍ଚିତ୍ତସ୍ୟ ବିସ୍ତାରରୂପଂ ଦୀପ୍ତତ୍ୱମୁଚ୍ୟତେ—( ସା. ଦର୍ପଣ—୮।୬ )

(୨) ଚିତ୍ତଂ ବ୍ୟାପ୍ନୋତି ଯଃ କ୍ଷିପ୍ରଂ ଶୁଷ୍କେନ୍ଧନମିବାନଳଃ, ସ ପ୍ରସାଦ—
( ସା. ଦର୍ପଣ—୮।୮ )

ଆରେ ବାବୁ ଶ୍ୟାମଘନ, ତୁ ଗଲେ ମଧୁଭୁବନ
କାହା ମୁଖ ଅନାଇଁ ବଞ୍ଚିବ ।
ହେବ ଦଶଦିଗ ଶୂନ୍ୟ, ଅସ୍ଥିର ହେବ ଜୀବନ
ନିଶିଦିବସ ଝୁରୁଥିବ ରେ ଜୀବଧନ !

( ମଥୁରାମଙ୍ଗଳ )

# ବକ୍ରୋକ୍ତି ସମ୍ପ୍ରଦାୟ

ବକ୍ରୋକ୍ତି ସମ୍ପ୍ରଦାୟର ପ୍ରତିଷ୍ଠାତା କୁନ୍ତକ ବକ୍ରୋକ୍ତିକୁ କାବ୍ୟର ଆତ୍ମାରୂପେ ଗ୍ରହଣ କରିଛନ୍ତି । ବକ୍ରୋକ୍ତିର ଅର୍ଥ ହେଉଛି ଯେ କୌଣସି ଗୋଟିଏ ବିଷୟକୁ ସିଧାସଳଖ ଭାବରେ ପ୍ରକାଶ ନ କରି ବଙ୍କଭାବରେ ପ୍ରକାଶ କରିବା । ଉଦାହରଣ ସ୍ୱରୂପ— ଯଦି କୁହାଯାଏ ଯେ ରାଧାଙ୍କର "କରପଲ୍ଲବର କନିଷ୍ଠ ମୁଦ୍ରିକା କଙ୍କଣ ହେଲଣି କରକୁ", ତେବେ ଏଠାରେ କୃଷ୍ଣଙ୍କ ବିରହରେ ରାଧାଙ୍କର 'କୃଶତା' ସିଧାସଳଖ ଭାବରେ ପ୍ରକାଶିତ ନ ହୋଇ ବକ୍ରୋକ୍ତି ଦ୍ୱାରା ପ୍ରକାଶିତ ହୋଇଛି । ଏଭଳି ପ୍ରକାଶ ମନୋଜ୍ଞ ଓ ଆନନ୍ଦ-ଦାୟକ ବୋଧହେଉଛି । ତେଣୁ କାବ୍ୟର ସୌନ୍ଦର୍ଯ୍ୟବୃଦ୍ଧି ଦିଗରେ ବକ୍ରୋକ୍ତିର ସମାବେଶ ଅବଶ୍ୟ ସ୍ୱୀକାର୍ଯ୍ୟ । କୁନ୍ତକ ଧ୍ୱନିକୁ କାବ୍ୟର ଆତ୍ମା ବୋଲି ସ୍ପଷ୍ଟଭାବରେ ଅସ୍ୱୀକାର ନ କରିଥିଲେ ମଧ୍ୟ ଧ୍ୱନିର ସ୍ୱତନ୍ତ୍ର ଅସ୍ତିତ୍ୱ ସ୍ୱୀକାର ନ କରି ତାହାକୁ ବକ୍ରୋକ୍ତିର ଅନ୍ତର୍ଭୁକ୍ତ କରିଛନ୍ତି ।

ବକ୍ରୋକ୍ତି ସମ୍ପ୍ରଦାୟର ଇତିହାସ— ଅନ୍ୟାନ୍ୟ ସମ୍ପ୍ରଦାୟ ପରି ବକ୍ରୋକ୍ତିର ସତ୍ତା ପୂର୍ବବର୍ତ୍ତୀ ଆଲଙ୍କାରିକମାନଙ୍କର ଗ୍ରନ୍ଥରେ ଉପଲବ୍ଧ ହୋଇଥାଏ । ବାଣଭଟ୍ଟ 'କାଦମ୍ବରୀ'ରେ ବକ୍ରୋକ୍ତିର ପ୍ରୟୋଗକୁ ମହତ୍ତ୍ୱ ପ୍ରଦାନ କରିଛନ୍ତି । କାଦମ୍ବରୀରେ ଏହାର ଅର୍ଥ 'ପରିହାସ-ଜଳ୍ପିତ' । ସେ ଶବ୍ଦଗତ ଓ ଅର୍ଥଗତ ବକ୍ରୋକ୍ତିକୁ କାବ୍ୟରେ ସ୍ଥାନ ଦେଇ ତା'ର ବୈଶିଷ୍ଟ୍ୟ ପ୍ରତିପାଦନ କରିଛନ୍ତି । ଭାମହ 'କାବ୍ୟାଲଙ୍କାର' ଗ୍ରନ୍ଥରେ ବକ୍ରୋକ୍ତିର ଅର୍ଥ

'ଇଷ୍ଟବାଗ୍‌ଦ୍‌ମଲଂକୃତିଃ' ( ଶବ୍ଦ ଓ ଅର୍ଥର ବୈଚିତ୍ର୍ୟ ) କହି ତାଙ୍କୁ ସମସ୍ତ ଅଲଙ୍କାରର ମୂଳତତ୍ତ୍ୱ ଭାବରେ ଗ୍ରହଣ କରିଛନ୍ତି । ସେ ବକ୍ରୋକ୍ତିକୁ 'ଅତିଶୟୋକ୍ତି' ଅଲଙ୍କାରର ଅନ୍ତର୍ଭୁକ୍ତ କରିଛନ୍ତି । ଭାମହଙ୍କ ପରେ ଦଣ୍ଡୀ ସ୍ୱୀୟ 'କାବ୍ୟାଦର୍ଶ'ରେ ସମସ୍ତ ବାଙ୍ମୟକୁ ସ୍ୱଭାବୋକ୍ତି ଓ ବକ୍ରୋକ୍ତି ଭେଦରେ ଦୁଇ ପ୍ରକାର ବୋଲି ଉଲ୍ଲେଖ କରିଛନ୍ତି ଓ ବକ୍ରୋକ୍ତିକୁ ସ୍ୱଭାବୋକ୍ତିର ସମ୍ପୂର୍ଣ୍ଣ ବିପରୀତ ରୂପଭାବରେ ଗ୍ରହଣ କରିଛନ୍ତି । ତାଙ୍କ ମତରେ ଶ୍ଲେଷ ଦ୍ୱାରା ହିଁ ବକ୍ରୋକ୍ତି ଉପଲବ୍ଧ ହୁଏ । ଭାମହ ଓ ଦଣ୍ଡୀ ଉଭୟଙ୍କର ମତ ପର୍ଯ୍ୟାଲୋଚନା କଲେ ଜଣାଯାଏ ଯେ ସେମାନେ ଲୋକସାଧାରଣଙ୍କର ଉକ୍ତିଠାରୁ ସମ୍ପୂର୍ଣ୍ଣ ପୃଥକ୍ 'ଏକ ବିଚିତ୍ର ଭଙ୍ଗୀ'କୁ ବକ୍ରୋକ୍ତି ଆଖ୍ୟା ପ୍ରଦାନ କରିଛନ୍ତି । ବାମନ ବକ୍ରୋକ୍ତିକୁ ଏକ ବିଶିଷ୍ଟ ଅର୍ଥାଳଙ୍କାର ଭାବରେ ସ୍ୱୀକୃତି ଦେଇଛନ୍ତି । ସେ 'ରୀତି' ମଧ୍ୟରେ ବକ୍ରୋକ୍ତିର ବ୍ୟାପ୍ତିକୁ ପରୋକ୍ଷରେ ସ୍ୱୀକାର କରିଛନ୍ତି, କିନ୍ତୁ ପରବର୍ତ୍ତୀ ଆଚାର୍ଯ୍ୟମାନଙ୍କ ମଧ୍ୟରେ ରୁଦ୍ରଟଙ୍କ ପରି ଆଚାର୍ଯ୍ୟ ବକ୍ରୋକ୍ତିକୁ କେବଳ ଶବ୍ଦାଳଙ୍କାର ଭାବରେ ଗ୍ରହଣ କରିଛନ୍ତି । ତାଙ୍କ ମତରେ ସଭଙ୍ଗଶ୍ଲେଷ ଓ କାକୁ ଭେଦରେ ବକ୍ରୋକ୍ତି ଦୁଇ ପ୍ରକାର । ଶବ୍ଦ ଓ ପଦକୁ ଭାଙ୍ଗି ଯେଉଁ ଭିନ୍ନ ଅର୍ଥ ଗ୍ରହଣ କରାଯାଏ, ତାହା ସଭଙ୍ଗ ଶ୍ଲେଷଜନିତ ବକ୍ରୋକ୍ତି ଓ କଣ୍ଠସ୍ୱରର ପରିବର୍ତ୍ତନ ଦ୍ୱାରା ଉକ୍ତିରେ ଯେଉଁ ବୈଚିତ୍ର୍ୟ ଉତ୍ପନ୍ନ ହୁଏ, ତାହା କାକୁ ବକ୍ରୋକ୍ତି । ଆନନ୍ଦବର୍ଦ୍ଧନ ବକ୍ରୋକ୍ତିକୁ ଏକ ଅଳଙ୍କାର ଭାବରେ ପରିଗଣିତ କରିଛନ୍ତି । ଅଭିନବ ଗୁପ୍ତ ଶବ୍ଦ ଓ ଅର୍ଥର ବକ୍ରତାକୁ ବକ୍ରୋକ୍ତି ବୋଲି ସ୍ୱୀକାର କରିଛନ୍ତି । ଭୋଜ ସ୍ୱୀୟ ଗ୍ରନ୍ଥ 'ସରସ୍ୱତୀ କଣ୍ଠାଭରଣ'ରେ ବକ୍ରୋକ୍ତି ସମ୍ପର୍କରେ ଅତି ରମଣୀୟ ଆଲୋଚନା ପ୍ରଦାନ କରିଛନ୍ତି । ତାଙ୍କ ମତରେ ଲୋକ ଓ ଶାସ୍ତ୍ର ପ୍ରଚଳିତ ସିଧାସଳଖ ଉକ୍ତି ଭିନ୍ନ ଅର୍ଥବାଦ ବା ନିନ୍ଦାସୂଚକ

ସମ୍ପର୍କୀୟ ଅଭିଶୟୋକ୍ତିରେ ଯେଉଁ ବକ୍ରତା ଉପଲବ୍ଧ ହୁଏ, ତାହା ହିଁ ପ୍ରକୃତ କାବ୍ୟ ଭାବରେ ଗଣ୍ୟ । କିନ୍ତୁ କୁନ୍ତକ ଏ ସମସ୍ତଙ୍କର ମତବାଦକୁ ଖଣ୍ଡନ କରି ବଳିଷ୍ଠ ଯୁକ୍ତି ସାହାଯ୍ୟରେ ଅଳଙ୍କାରଠାରୁ ବକ୍ରୋକ୍ତିର ସ୍ୱତନ୍ତ୍ର ସତ୍ତା ଦର୍ଶାଇ ତାକୁ କାବ୍ୟର ଆତ୍ମାରୂପେ ବିବେଚନା କରିଛନ୍ତି ।

କୁନ୍ତକଙ୍କ ମତରେ କବିର ପ୍ରତିଭା ବା କବି ନୈପୁଣ୍ୟ ଉପରେ ସମ୍ପୂର୍ଣ୍ଣ ଭାବରେ ନିର୍ଭରଶୀଳ ଉକ୍ତି ବା ବଚନ-ବୈଚିତ୍ର୍ୟ ବା ଚମତ୍କାରିତା ହିଁ ବକ୍ରୋକ୍ତି । ତାଙ୍କର ବକ୍ରୋକ୍ତି ସମ୍ବନ୍ଧୀୟ ଏହି ବ୍ୟାପକ ପରିଭାଷା ମଧ୍ୟରେ ଶବ୍ଦାଳଙ୍କାର, ଅର୍ଥାଳଙ୍କାର, ପ୍ରବନ୍ଧ କୌଶଳ ଇତ୍ୟାଦି ସମସ୍ତ ଅନ୍ତର୍ଭୁକ୍ତ ହୋଇଛି । କୁନ୍ତକଙ୍କର ବକ୍ରୋକ୍ତିର ପରିଭାଷା ଓ ମହତ୍ତ୍ୱର ସୂଚନା କିଞ୍ଚିତ ଭାବରେ ଭାମହଙ୍କ ଠାରେ ପରିଲକ୍ଷିତ ହୁଏ, କିନ୍ତୁ କୁନ୍ତକଙ୍କ ପରବର୍ତ୍ତୀ ଆଚାର୍ଯ୍ୟମାନେ ବକ୍ରୋକ୍ତିକୁ କେବଳ ଶବ୍ଦାଳଙ୍କାର ଭାବରେ ସ୍ୱୀକୃତି ଦେଲେ । ମମ୍ମଟ ଏହି ଦୃଷ୍ଟିରୁ ବକ୍ରୋକ୍ତିକୁ 'ବକ୍ରୀକୃତା ଉକ୍ତି' କହି ତାକୁ ଶବ୍ଦାଳଙ୍କାର ଭାବରେ ଗ୍ରହଣ କରିଛନ୍ତି । ଉତଣୁ ବକ୍ରୋକ୍ତି ସମ୍ପ୍ରଦାୟ କୁନ୍ତକଙ୍କଠାରୁ ଆରମ୍ଭହୋଇ ତାଙ୍କ ପରେ ପରେ ଲୋପ ପାଇଗଲା

**ବକ୍ରୋକ୍ତିର ସ୍ୱରୂପ :—** ବକ୍ରୋକ୍ତିର ସ୍ୱରୂପ ଜାଣିବାକୁ ହେଲେ କୁନ୍ତକଙ୍କର ବ୍ୟାଖ୍ୟାର ଆଶ୍ରୟ ନେବାକୁ ପଡ଼ିବ । ସେ 'ବକ୍ରୋକ୍ତି କାବ୍ୟଜୀବିତମ୍' ଗ୍ରନ୍ଥରେ ବକ୍ରୋକ୍ତିର ବ୍ୟାଖ୍ୟା କରି କହିଛନ୍ତି ଯେ ଶାସ୍ତ୍ରାଦିରେ ପ୍ରଯୁକ୍ତ ଇତିବୃତ୍ତାତ୍ମକ ଶବ୍ଦ ଓ ଅର୍ଥର ଉପ-ନିବନ୍ଧଠାରୁ ପୃଥକ୍ ବା ବିଶିଷ୍ଟ ଓ ବ୍ୟବହାରିକ ସାଧାରଣ ଭାଷା ପ୍ରୟୋଗଠାରୁ ଭିନ୍ନ ବିଚିତ୍ର ବିନ୍ୟାସ କ୍ରମ ହିଁ ବକ୍ରୋକ୍ତି । ସେଥିପାଇଁ

ସେ 'ବୈଦଗ୍ଧ-ଭଙ୍ଗୀ-ଭଣିତି' ବକ୍ରୋକ୍ତି ବୋଲି ଉଲ୍ଲେଖ କରିଛନ୍ତି । 'ବୈଦଗ୍ଧ'ର ଅର୍ଥ ହେଉଛି କବି-ପ୍ରତିଭାଜନିତ କାବ୍ୟ-ନୈପୁଣ୍ୟ ଓ ଭଙ୍ଗୀ-ଭଣିତି'ର ଅର୍ଥ ହେଉଛି 'ଭାଷା' ବା 'ବଚନ'ର ବକ୍ରତା ବା ଚମତ୍କାର ପ୍ରୟୋଗ । ତେଣୁ ବକ୍ରୋକ୍ତିର ସ୍ୱରୂପ ସମ୍ପୂର୍ଣ୍ଣ ରୂପେ କବିବ୍ୟାପାର ବା କବିପ୍ରତିଭା ଉପରେ ନିର୍ଭର କରେ ।

କୁନ୍ତକ ତାଙ୍କର ବକ୍ରୋକ୍ତି ସିଦ୍ଧାନ୍ତକୁ କେବଳ ଉକ୍ତିରେ ସୀମିତ ନ ରଖି ତାର ବିସ୍ତୃତ ରୂପ ପ୍ରଦାନ କରିଛନ୍ତି । ସେ ବକ୍ରୋକ୍ତିକୁ ଛଅ ଭାଗରେ ବିଭକ୍ତ କରିଛନ୍ତି । ଯଥା—ବର୍ଣ୍ଣବିନ୍ୟାସବକ୍ରତା, ପଦପୂର୍ବାର୍ଦ୍ଧବକ୍ରତା, ପଦପରାର୍ଦ୍ଧବକ୍ରତା, ବାକ୍ୟବକ୍ରତା, ପ୍ରକରଣ ବକ୍ରତା ଓ ପ୍ରବନ୍ଧ ବକ୍ରତା । ସେ ବର୍ଣ୍ଣବିନ୍ୟାସ ବକ୍ରତାରେ ଯମକାଦି ଶବ୍ଦାଳଙ୍କାର ଓ ବୃତ୍ତିକୁ ଅନ୍ତର୍ଭୁକ୍ତ କରିଛନ୍ତି । ରୂଢ଼ି ଲକ୍ଷଣା, ପଦଗତ ବୃତ୍ତତା, ବିଶେଷଣ, ସପୁ କାରକ ପ୍ରଭୃତିର ପ୍ରୟୋଗ ପଦ-ପୂର୍ବାର୍ଦ୍ଧବକ୍ରତାର ଅନ୍ତର୍ଭୁକ୍ତ । ପ୍ରତ୍ୟୟ'ର ବକ୍ର ପ୍ରୟୋଗ ଜନିତ ବୈଚିତ୍ର୍ୟ ହିଁ ପଦ ପରାର୍ଦ୍ଧ ବକ୍ରତା । ବାକ୍ୟବକ୍ରତାରେ ନୂତନ ଭଙ୍ଗୀ ଓ ଅର୍ଥାଳଙ୍କାର ଅନ୍ତର୍ଭୁକ୍ତ । ପ୍ରକରଣବକ୍ରତା ଓ ପ୍ରବନ୍ଧବକ୍ରତା ଅତ୍ୟନ୍ତ ବ୍ୟାପକ । ପ୍ରକରଣବକ୍ରତାରେ କବି ନିଜର ସ୍ୱତନ୍ତ୍ର ଉଦ୍ଭାବନ ଦ୍ୱାରା ମୂଳ କଥାବସ୍ତୁରେ ଚମତ୍କାରିତା ଉତ୍ପାଦନ କରେ । ଉଦାହରଣ ସ୍ୱରୂପ—'ଅଭିଜ୍ଞାନ ଶାକୁନ୍ତଳମ୍'ରେ 'ଦୁର୍ବାସା ଅଭିଶାପ' । ପ୍ରବନ୍ଧବକ୍ରତାର ତାତ୍ପର୍ଯ୍ୟ ହେଉଛି, ସମସ୍ତ କଥାରେ ପ୍ରାବନ୍ଧିକ କୁଶଳତା ବିଦ୍ୟମାନ ଥାଏ । ଏଥିରେ କୌଣସି ଗୋଟିଏ ଘଟଣା ଉପରେ ହିଁ ପରବର୍ତ୍ତୀ ଘଟଣା ନିର୍ଭର କରିଥାଏ । ଉଦାହରଣ ସ୍ୱରୂପ—ରାମାୟଣ ଓ ମହାଭାରତ । ଏଥିରେ ଗୋଟିଏ ଗୋଟିଏ ଘଟଣା ଉପରେ ହିଁ ପରବର୍ତ୍ତୀ ଘଟଣାର ବିଧାନ ସୁବ୍ରୁ-

ରୂପେ କରାଯାଇଥାଏ । ପ୍ରବନ୍ଧ-ବକ୍ରତାରେ ରସର ଔତ୍କର୍ଷ୍ୟକୁ ଅଧିକ ପ୍ରାଧାନ୍ୟ ଦିଆଯାଇଥାଏ ।

ତାଙ୍କର ବକ୍ରୋକ୍ତି ସିଦ୍ଧାନ୍ତରୁ ଜଣାଯାଏ ଯେ କବୋକ୍ତିରେ ଯେ କୌଣସି ପ୍ରକାର ଅଲୌକିକତା ବା ବୈଚିତ୍ର୍ୟ ନିତାନ୍ତ ଆବ-ଶ୍ୟକ । ସେ ବକ୍ରୋକ୍ତିରେ ଯେଉଁଭଳି ପରିଭାଷା ପ୍ରଦାନ କରିଛନ୍ତି, ତହିଁରେ ସବୁପ୍ରକାର କାବ୍ୟ ଅନ୍ତର୍ଭୁକ୍ତ ହୋଇଯାଉଛି । ସିଦ୍ଧାନ୍ତ ଦୃଷ୍ଟିରୁ ଧ୍ୱନି ଓ ରସବାଦୀଙ୍କ ସହ କୁନ୍ତକଙ୍କର ମତଭେଦ ପରିଦୃଷ୍ଟ ହୁଏ । ଧ୍ୱନିବାଦୀମାନେ ବକ୍ରୋକ୍ତିକୁ ଧ୍ୱନିର ଅନ୍ତର୍ଭୁକ୍ତ କରିଛନ୍ତି ଓ କୁନ୍ତକ ବକ୍ରୋକ୍ତିରେ ଧ୍ୱନିକୁ ଅନ୍ତର୍ଭୁକ୍ତ କରିଛନ୍ତି । କୁନ୍ତକ ଅଭିଧା-ବାଦୀ ହୋଇଥିବାରୁ ଲକ୍ଷଣା ଓ ବ୍ୟଞ୍ଜନାର ଅସ୍ତିତ୍ୱ ସ୍ୱୀକାର କଲେ ମଧ୍ୟ ତାଙ୍କୁ ଅଭିଧାରେ ଅନ୍ତର୍ଭୁକ୍ତ କରିଛନ୍ତି, କିନ୍ତୁ ବିଚାର କରିବାକୁ ଗଲେ ଧ୍ୱନି ଓ ବକ୍ରୋକ୍ତିର ପରିଭାଷା ଏତେ ବ୍ୟାପକ ଯେ ଉଭୟର ସମାନ ପ୍ରାଧାନ୍ୟ ଉପଲବ୍ଧ ହୁଏ । ଉଭୟ ସିଦ୍ଧାନ୍ତରେ ବାଚ୍ୟାର୍ଥଭିନ୍ନ ଅନ୍ୟ ଏକ ସ୍ୱତନ୍ତ୍ର ଅର୍ଥ-ପ୍ରସ୍ଫୁଟିତ ହୁଏ ଓ କାବ୍ୟରେ ଉଭୟ ବୈଚିତ୍ର୍ୟ ଉତ୍ପାଦନ କରିଥାନ୍ତି । ତେଣୁ ଉଭୟ ସିଦ୍ଧାନ୍ତ ଅଙ୍ଗାଙ୍ଗୀଭାବରେ ଜଡ଼ିତ । କାରଣ ପ୍ରତ୍ୟେକ ବୈଚିତ୍ର୍ୟକୁ ଆଶ୍ରୟକରି କବି-ବ୍ୟାପାରକୁ ସ୍ୱୀକାର କରନ୍ତି । ଉଦାହରଣ ସ୍ୱରୂପ--ଯଦି କୌଣସି କାବ୍ୟରେ ରସ ଧ୍ୱନିତ ହୁଏ, ତେବେ ସେଠାରେ କବି-ବ୍ୟାପାର ନିଶ୍ଚୟ ବିଦ୍ୟମାନ । କବି-ବ୍ୟାପାର ବିଦ୍ୟମାନ ଥିଲେ ବକ୍ରୋକ୍ତିର ଅଭାବ ମଧ୍ୟ ଅସମ୍ଭବ । ଏହିଭଳି ଭାବରେ ଧ୍ୱନି ଓ ବକ୍ରୋକ୍ତିରେ ସାମଞ୍ଜସ୍ୟ ଥିଲେ ମଧ୍ୟ ସେମାନଙ୍କର ସିଦ୍ଧାନ୍ତରେ ପାର୍ଥକ୍ୟ ରହିଛି । କୁନ୍ତକ ରସକୁ ଅଧିକ ତ୍ୱ ଦେଇଛନ୍ତି । ତାଙ୍କ ମତରେ ଉକ୍ତିର ବକ୍ରତା ଫଳରେ କାବ୍ୟ-ରସ ଜାତହୁଏ । କିନ୍ତୁ ଏପରି ମତବାଦ ସମୀଚୀନ ବୋଧ-ହୁଏ ନାହିଁ । କାରଣ ଉକ୍ତିର ବକ୍ରତା ରସ ଜାତ କରେନାହିଁ ।

କବିର ଅନୁଭୂତ ରସରୁ ହିଁ ଉକ୍ତିବକ୍ରତା ଜାତ ହୁଏ । ତେଣୁ ବକ୍ରୋକ୍ତି କାବ୍ୟର ଆତ୍ମା ହୋଇ ନ ପାରେ । କାବ୍ୟର ଆତ୍ମା ହେଉଛି ରସ । ଏହି ରସାନୁଭୂତି ପାଇଁ ବକ୍ରୋକ୍ତିକୁ ଏକ ମାଧ୍ୟମ ରୂପେ ସ୍ୱୀକାର କରାଯାଇପାରେ ।

ଏହି ପ୍ରସଙ୍ଗରେ କୁନ୍ତକଙ୍କ ପ୍ରଦତ୍ତ 'କବିବ୍ୟାପାର' ଆଲୋଚ୍ୟ । ସେ କବିବ୍ୟାପାର ସମ୍ପର୍କରେ କୌଣସି ବିଶେଷ ପରିଭାଷା ନ ଦେଇଥିଲେ ମଧ୍ୟ ସେ ସମ୍ବନ୍ଧରେ ଯେଉଁ ବର୍ଣ୍ଣନା କରିଛନ୍ତି, ସେଥିରେ ସେ କବିବ୍ୟାପାରକୁ ତିନି ଭାଗରେ ବିଭକ୍ତ କରିଛନ୍ତି—ପ୍ରତିଭା, ବ୍ୟୁତ୍ପତ୍ତି ଓ ଅଭ୍ୟାସ । ସୁକୁମାରମାର୍ଗ, ବିଚିତ୍ରମାର୍ଗ ଓ ମଧ୍ୟମମାର୍ଗ—ଏହି ତ୍ରିବିଧ କବିବ୍ୟାପାରର ଅଭିବ୍ୟକ୍ତିର ମାଧ୍ୟମ । ଗୁଣ' ଏହି ତିନୋଟି ମାର୍ଗର ମୂଳତତ୍ତ୍ୱ । ମାଧୁର୍ଯ୍ୟ, ପ୍ରସାଦଲାବଣ୍ୟ ଓ ଅଭିଜାତ୍ୟ 'ବିଶେଷଗୁଣ' ଓ ଔଚିତ୍ୟ, ସୌଭାଗ୍ୟ 'ସାମାନ୍ୟଗୁଣ' ଭାବରେ ଗ୍ରହଣୀୟ । ଏହିପରି କୁନ୍ତକ ବକ୍ରୋକ୍ତି ମଧ୍ୟରେ ସ୍ୱତନ୍ତ୍ରସିଦ୍ଧାନ୍ତକୁ ଅନ୍ତର୍ଭୁକ୍ତ କରିଛନ୍ତି ଓ ଏ ସମସ୍ତ ପାଇଁ କବିବ୍ୟାପାର ଉପରେ ଅଧିକ ଆସ୍ଥା ସ୍ଥାପନ କରନ୍ତି । ଏଥିରୁ ଅନୁମିତ ହୁଏ ଯେ କୁନ୍ତକ କବିର ବ୍ୟକ୍ତିତ୍ୱକୁ ଅଧିକ ମହତ୍ତ୍ୱ ପ୍ରଦାନ କରିଛନ୍ତି ।

କୁନ୍ତକଙ୍କର ବକ୍ରୋକ୍ତି ସିଦ୍ଧାନ୍ତରେ ଦୁଇଟି ବିଷୟ ଦୃଷ୍ଟି ଆକର୍ଷଣ କରେ । (କ) ପ୍ରତ୍ୟେକ ବକ୍ରୋକ୍ତି ହିଁ କାବ୍ୟ ଓ (ଖ) ପ୍ରତ୍ୟେକ କାବ୍ୟୋକ୍ତିରେ ବକ୍ରତା ଅବଶ୍ୟ ବିଦ୍ୟମାନ । ପ୍ରଥମ ବିଷୟ ଗ୍ରହଣୀୟ ନୁହେଁ । କାରଣ ପ୍ରତ୍ୟେକ ବକ୍ରୋକ୍ତିରେ ଚମତ୍କାରିତା ଥିଲେ ମଧ୍ୟ ପ୍ରତ୍ୟେକ ଚମତ୍କାରିତାରେ ରସ ବିଦ୍ୟମାନ ନ ଥାଏ । ତେଣୁ ରସ-ହୀନ ହୋଇଥିଲେ କେବଳ ଚମତ୍କାରପୂର୍ଣ୍ଣ ବକ୍ରୋକ୍ତି କାବ୍ୟ ପଦବାଚ୍ୟ ହୋଇ ନ ପାରେ । ସେଥିପାଇଁ ରସବାଦୀମାନେ ବିଷ-

କାବ୍ୟକୁ ଅଧମକାବ୍ୟ ଭାବରେ ପରିଗଣିତ କରିଛନ୍ତି । ତେଣୁ ପ୍ରତ୍ୟେକ ବକ୍ରୋକ୍ତି କାବ୍ୟ ହୋଇ ନ ପାରେ । ଦୃଷ୍ଟିରୁ ବିଷୟଟି ନିତାନ୍ତ ଅସଙ୍ଗତ ନୁହେଁ । କ ରଣ କୁନ୍ତକ ବକ୍ରୋକ୍ତିରେ ସବୁପ୍ରକାର ଚମତ୍କାରିତା, ବୈଶିଷ୍ଟ୍ୟ ଓ ଅଲୌକିକତାକୁ ଅନ୍ତର୍ଭୁକ୍ତ କରିଛନ୍ତି । ତେଣୁ ପ୍ରତ୍ୟେକ କାବ୍ୟୋକ୍ତିରେ ବକ୍ରୋକ୍ତି ରହିପାରେ ।

# ଔଚିତ୍ୟ ସମ୍ପ୍ରଦାୟ

କ୍ଷେମେନ୍ଦ୍ର ଔଚିତ୍ୟ ସଂପ୍ରଦାୟର ପ୍ରଧାନ ପ୍ରବର୍ତ୍ତକ । 'ଔଚିତ୍ୟ ବିଚାରଚର୍ଚ୍ଚା' ଗ୍ରନ୍ଥରେ ସେ ଔଚିତ୍ୟକୁ କାବ୍ୟର ଆତ୍ମାରୂପେ ପ୍ରତିପାଦନ କରିଛନ୍ତି । ତାଙ୍କର ଔଚିତ୍ୟବାଦର ଅର୍ଥ ଅତ୍ୟନ୍ତ ବ୍ୟାପକ । ଔଚିତ୍ୟର ଅର୍ଥ ହେଉଛି ଯେଉଁ କାର୍ଯ୍ୟ ଯେପରି ସ୍ଥାନରେ କରିବାର କଥା, ସେପରି କରିବା । ଔଚିତ୍ୟର ଏହା ସହଜ ଓ ସର୍ବଜନବୋଧ ଅର୍ଥ । ଏଥିପାଇଁ ସବୁ କ୍ଷେତ୍ରରେ ଔଚିତ୍ୟ ରକ୍ଷା କରିବାର ଆବଶ୍ୟକତା ପଡ଼ିଥାଏ । ଏଥିରୁ ଅନୁମିତ ହୁଏ ଯେ ଔଚିତ୍ୟ ଏକ ପ୍ରକାର ସୀମା ବା ପରିମାପ ବା ପରିମାଣ । ବ୍ୟାବହାରିକ ଜୀବନରେ ଏହାର ପ୍ରାଧାନ୍ୟ ଉପଲବ୍ଧ ହୋଇଥାଏ । ଏହି ସୀମା ଲଙ୍ଘନ କଲେ ଜୀବନରେ ନାନାବିଧ ବିଶୃଙ୍ଖଳାର ସୂତ୍ରପାତ ହୋଇଥାଏ । ସେହିପରି କାବ୍ୟଜଗତରେ ମଧ୍ୟ ଔଚିତ୍ୟର ପ୍ରାଧାନ୍ୟ ଉପଲବ୍ଧ ହୋଇଥାଏ ।

**ଔଚିତ୍ୟ ସଂପ୍ରଦାୟର ଇତିହାସ :—** ଔଚିତ୍ୟର ଏପରି ବୈଶିଷ୍ଟ୍ୟକୁ ହୃଦୟଙ୍ଗମ କରି କ୍ଷେମେନ୍ଦ୍ର ରସ, ଧ୍ୱନି, ଗୁଣ, ରୀତି, ଅଳଙ୍କାର, ବକ୍ରୋକ୍ତି ଇତ୍ୟାଦି ଅପେକ୍ଷା ଔଚିତ୍ୟକୁ ଅଧିକ ମହତ୍ତ୍ୱ ପ୍ରଦାନ କରିଛନ୍ତି । କ୍ଷେମେନ୍ଦ୍ରଙ୍କର ପୂର୍ବରୁ ଯେ ଔଚିତ୍ୟ ସିଦ୍ଧାନ୍ତ ସହିତ ଅନ୍ୟାନ୍ୟ ଆଳଙ୍କାରିକମାନେ ପରିଚିତ ନ ଥିଲେ ଏପରି ନୁହେଁ, କିନ୍ତୁ ତା'ର ପ୍ରାଧାନ୍ୟ ବା ଆବଶ୍ୟକତା ଉପଲବ୍ଧି କରି ନ ଥିଲେ । ତଥାପି ଭରତ, ଆନନ୍ଦବର୍ଦ୍ଧନ ଓ ଅଭିନବଗୁପ୍ତ ପ୍ରଭୃତି ସେମାନଙ୍କର ଗ୍ରନ୍ଥରେ ଔଚିତ୍ୟ ସମ୍ପର୍କରେ ସୁନ୍ଦର ଆଲୋଚନା କରିଥିଲେ । ଭରତ 'ନାଟ୍ୟଶାସ୍ତ୍ର'ରେ ନାଟକ ସମ୍ବନ୍ଧୀୟ

ଆଲୋଚନା କଲାବେଳେ ନାଟକ ପାଇଁ କେତେକ ନିର୍ଦ୍ଦିଷ୍ଟ ନୀତି ବା ନିୟମ ନିର୍ଦ୍ଧାରଣ କରିଛନ୍ତି । ରଙ୍ଗମଞ୍ଚରେ ନାଟକ ଅଭିନୀତ ହେଉଥିବାବେଳେ କେଉଁ ଚରିତ୍ର କେତେବେଳେ ପ୍ରବେଶ କରିବେ ଆଦି ଏହାର ଆଲୋଚନାର ଅନ୍ତର୍ଭୁକ୍ତ ହୋଇଛି । ଏହା ସଙ୍ଗେ ସଙ୍ଗେ ନାୟକନାୟିକା, ବିଦୂଷକ, ବିଟ, ସୂତ୍ରଧାର, ନଟୀ ପ୍ରଭୃତି ବିଭିନ୍ନ ପାତ୍ରମାନଙ୍କ ନିମିତ୍ତ ଭିନ୍ନ ଭିନ୍ନ ପ୍ରକାର ବେଶଭୂଷା, ସଂଳାପଶୈଳୀ, ଭାଷା ସଂଯୋଜନା ସମ୍ପର୍କରେ ନୀତି ନିର୍ଦ୍ଧାରଣ କରିଛନ୍ତି । ଏଥିରେ ବ୍ୟତିକ୍ରମ ଘଟିଲେ ନାଟକର ପ୍ରଧାନ ଉଦ୍ଦେଶ୍ୟ ରସ ପରିବେଷଣରେ ବ୍ୟାଘାତ ଜନ୍ମେ । ଭରତଙ୍କ ଆଲୋଚନାରୁ ଜଣାଯାଏ ଯେ ଉପରୋକ୍ତ ବିଷୟରେ ଔଚିତ୍ୟ ରକ୍ଷା ନ ହେଲେ ଦର୍ଶକ ମୁଗ୍ଧ ହୋଇ ପାରିବ ନାହିଁ କିମ୍ବା ତା'ର ରସାନୁଭୂତି ସମ୍ଭବ ହେବନାହିଁ । ତେଣୁ ଭରତ ନାଟ୍ୟାଭିନୟ କ୍ଷେତ୍ରରେ ଔଚିତ୍ୟର ପ୍ରାଧାନ୍ୟ ସ୍ୱୀକାର କରିଛନ୍ତି । ଆନନ୍ଦବର୍ଦ୍ଧନ ଧ୍ୱନିକୁ କାବ୍ୟର ଆତ୍ମାରୂପେ ଗ୍ରହଣ କରିଥିଲେ ମଧ୍ୟ ଔଚିତ୍ୟ ପ୍ରତି ଦୃଷ୍ଟିଦେବାକୁ ଭୁଲି ନାହାନ୍ତି । ସେ ରୀତି, ଗୁଣ, ଅଳଙ୍କାର ପ୍ରଭୃତିର ଔଚିତ୍ୟ ସମ୍ପର୍କରେ ବିଶଦ ଆଲୋଚନା କରିଛନ୍ତି । ତାଙ୍କ ମତରେ ଔଚିତ୍ୟ ଲଙ୍ଘନ କଲେ ସମସ୍ତ ପ୍ରକାର କାବ୍ୟ-ଦୋଷ ଉପସ୍ଥିତ ହୋଇଥାଏ । ଅଭିନବଗୁପ୍ତ ମଧ୍ୟ ରସଧ୍ୱନି ଓ ଔଚିତ୍ୟ ମଧ୍ୟରେ ଥିବା ସମ୍ବନ୍ଧକୁ ବିଶ୍ଳେଷଣ କରି କହିଛନ୍ତି ଯେ ଔଚିତ୍ୟ ସର୍ବଦା ରସ-ଧ୍ୱନିକୁ ଆଶ୍ରୟ କରିଥାଏ । ଏମାନଙ୍କ ବ୍ୟତୀତ ଆଲଙ୍କାରିକ ରୁଦ୍ରଟ, ଭାମହ ଓ ଦଣ୍ଡୀ ମଧ୍ୟ ଔଚିତ୍ୟ ସମ୍ପର୍କରେ ସ୍ୱୀୟ ଗ୍ରନ୍ଥରେ ଆଲୋଚନା କରିଛନ୍ତି । ରୁଦ୍ରଟଙ୍କ ମତରେ ଔଚିତ୍ୟ ଦୃଷ୍ଟିରୁ କାବ୍ୟରେ ସର୍ବଦା ଅନୁପ୍ରାସର ପ୍ରୟୋଗ ରଖିବାର କଥା । କୁନ୍ତକ ମଧ୍ୟ ବକ୍ରୋକ୍ତି ସମ୍ପର୍କୀୟ ଆଲୋଚନାରେ ଔଚିତ୍ୟକୁ ପ୍ରାଧାନ୍ୟ ଦେଇଛନ୍ତି ।

**ଔଚିତ୍ୟର ସ୍ୱରୂପ**—ଭଗବାନଙ୍କ ସୃଷ୍ଟିରେ ପ୍ରତ୍ୟେକ ଜୀବର ଶରୀରସ୍ଥ ଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ସ୍ୱ ସ୍ୱ ସ୍ଥାନରେ ନ ଥାଇ ଅନ୍ୟତ୍ର ଥିଲେ ଶରୀରର ସୌନ୍ଦର୍ଯ୍ୟ ରକ୍ଷା ହୋଇପାରି ନ ଥାନ୍ତା । ସେହିପରି ଯେଉଁ ଅଳଙ୍କାର ଶରୀରର ଯେଉଁ ସ୍ଥାନରେ ଧାରଣ କରିବାର କଥା, ସେ ସ୍ଥାନରେ ଧାରଣ ନ କଲେ ଯେ କୌଣସି ବ୍ୟକ୍ତି ଉପହସିତ ହୋଇଥାଏ । ଏଥିରୁ ଅନୁମିତ ହୁଏ ଯେ ସୌନ୍ଦର୍ଯ୍ୟର ମୂଳଭିତ୍ତି ହୋଉଛି ଔଚିତ୍ୟ ।

କାବ୍ୟ ଜଗତରେ ମଧ୍ୟ ଅନୁରୂପ ଭାବରେ ଔଚିତ୍ୟ ରକ୍ଷା କରିବାର ଆବଶ୍ୟକତା ଉପଲବ୍ଧ ହୋଇଥାଏ । ଉଚିତ ସ୍ଥାନରେ ଉଚିତ ବର୍ଣ୍ଣମାନଙ୍କର ସମାବେଶ ନ ହେଲେ ବର୍ଣ୍ଣନାର ମାଧୁର୍ଯ୍ୟ ରହେନାହିଁ । ଭୀଷଣଦୃଶ୍ୟର ବର୍ଣ୍ଣନା ସମୟରେ ଦୀର୍ଘସମାସ ଓ ଗାଢ଼ବନ୍ଧନଯୁକ୍ତ ମହାପ୍ରାଣ ବର୍ଣ୍ଣମାନଙ୍କର ଆବଶ୍ୟକତା ରହିଛି । ସେଠାରେ କୋମଳ ପଦବିନ୍ୟାସ କରାଗଲେ ଭୟାନକ ରସ ଉତ୍ତମଭାବରେ ପରିବେଷିତ ହୋଇ ପାରିବ ନାହିଁ । ସେହିପରି ଭାବରେ ନାୟକ ଅନୁଯାୟୀ ପଦସଂଯୋଜନା ହେବା ଉଚିତ (ପାତ୍ରମୁଖୀ ଭାଷା) । ମୋଟ ଉପରେ ଧ୍ୱନିତତ୍ତ୍ୱ ରସତତ୍ତ୍ୱ, ଅଳଙ୍କାର ତତ୍ତ୍ୱ, ଗୁଣ ଓ ରୀତିତତ୍ତ୍ୱ, ବକ୍ରୋକ୍ତିତତ୍ତ୍ୱ ପ୍ରଭୃତି ପ୍ରତ୍ୟେକର ମୂଳଭିତ୍ତି ହେଲା ଔଚିତ୍ୟ । କାରଣ, ଆବଶ୍ୟକ ସ୍ଥଳରେ ଉପଯୁକ୍ତ ରସ ଅଭିବ୍ୟଞ୍ଜକ ଶବ୍ଦ ଗୁଣ ଓ ରୀତିର ଅଭାବରେ ରସ ପରିପୁଷ୍ଟି ଦିଗରେ ସାହାଯ୍ୟ କରିବା ବଦଳରେ କାବ୍ୟକୁ ଦୋଷଦୁଷ୍ଟ କରିଥାଏ । ସେହିପରି ଉପଯୁକ୍ତ ସ୍ଥାନରେ ଉଚିତ ଅଳଙ୍କାରର ପ୍ରୟୋଗ ନ ହେଲେ ଅଳଙ୍କାର କାବ୍ୟର ସୌନ୍ଦର୍ଯ୍ୟବୃଦ୍ଧି କରିବା ପରିବର୍ତ୍ତେ ଅପକର୍ଷ ସାଧନ କରିଥାଏ । ତେଣୁ କ୍ଷେମେନ୍ଦ୍ର 'ଔଚିତ୍ୟ ବିଚାର

ଚର୍ଚ୍ଚା'ରେ ଦର୍ଶାଇଛନ୍ତି ଯେ କାବ୍ୟର ଔଚିତ୍ୟ କେବଳ ବର୍ଣ୍ଣରେ ସୀମାବଦ୍ଧ ନ ରହି ବର୍ଣ୍ଣନାରେ ଓ ସ୍ଥଳବିଶେଷରେ ତଥା ପରିମାଣ ଅନୁସାରେ ରହିବା ବିଧେୟ । ଲବଣ ବିନା ବ୍ୟଞ୍ଜନ ଯେପରି ଅନାଦୃତ ହୋଇଥାଏ, ସେହିପରି ଔଚିତ୍ୟ ବିନା କାବ୍ୟବିରସ, ଶୁଷ୍କ ଓ ଅନାଦୃତ ହୋଇଥାଏ । ଯେ କୌଣସି ଉଚ୍ଚକୋଟୀର କାବ୍ୟରେ କବି ସକଳ ବିଷୟରେ ଔଚିତ୍ୟ ରକ୍ଷାକରିବା ପାଇଁ ଯତ୍ନବାନ୍ ହୋଇଥାଏ । ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ଅନୁମିତ ହୁଏ ଯେ ଔଚିତ୍ୟ କାବ୍ୟର ଅନ୍ତରଙ୍ଗ ତତ୍ତ୍ୱ ନୁହେଁ । କାବ୍ୟର ଆତ୍ମାକୁ ସର୍ବାଙ୍ଗସୁନ୍ଦର କରିବା ପାଇଁ କେତେକ ନୀତିନିୟମ ବା ଶୃଙ୍ଖଳା ମାତ୍ର । ତେଣୁ ଔଚିତ୍ୟବାଦକୁ କାବ୍ୟର ଆତ୍ମାରୂପେ ଗ୍ରହଣ କରିବା ସମୀଚୀନ ନୁହେଁ । କାରଣ ଔଚିତ୍ୟର ଯେଉଁ ବିଭିନ୍ନ ଭେଦ ସମ୍ପର୍କରେ କ୍ଷେମେନ୍ଦ୍ର ଆଲୋଚନା କରିଛନ୍ତି, ତନ୍ମଧ୍ୟରେ 'ରସୌଚିତ୍ୟ' ଶୀର୍ଷକ ଏକ ଭେଦ ପରିଲକ୍ଷିତ ହୁଏ । ଉକ୍ତ ଭେଦ ସଂପର୍କରେ ଆଲୋଚନା କରାଯାଇଛି ଯେ ରସ, ଔଚିତ୍ୟ ସହ ସମନ୍ୱିତ ନ ହେଲେ ହୃଦୟରେ ରସାନୁଭୂତି ଘଟେନାହିଁ । କିନ୍ତୁ ହୃଦୟରେ ଯାହା ଆନନ୍ଦାଦି ଜାତ କରି ନ ପାରେ, ତାହା ରସାଦି ପଦବାଚ୍ୟ ହୋଇ ନ ପାରେ । ତେଣୁ ରସର ସ୍ଥିତି ସହିତ ଔଚିତ୍ୟ ଆପଣା ଛୁଏ ରହିବ । ତେଣୁ ଔଚିତ୍ୟ ଭଳି ଏକ ବହିରଙ୍ଗ ତତ୍ତ୍ୱକୁ କାବ୍ୟର ଆତ୍ମାଭାବରେ ଗ୍ରହଣ କରିବା ଉଚିତ ମନେ ହୁଏନାହିଁ ।

**ଔଚିତ୍ୟର ଭେଦ**— ଏ ସମ୍ପର୍କରେ କ୍ଷେମେନ୍ଦ୍ର ଆଲୋଚନା କରି ଔଚିତ୍ୟର ଭେଦ ସତେଇଶ ପ୍ରକାର ବୋଲି ଉଲ୍ଲେଖ କରିଛନ୍ତି । ସେଗୁଡ଼ିକ ହେଉଛି ପଦ, ବାକ୍ୟ, କ୍ରିୟା, କାରକ, ଲିଙ୍ଗ, ବଚନ, ବିଶେଷଣ, ଉପସର୍ଗ, ନିପାତ, ପ୍ରବନ୍ଧାର୍ଥ, ଗୁଣ,

ଅଳଙ୍କାର, ରସ, କାଳ, ଦେଶ, କୁଳ, ବ୍ରତ, ତତ୍ତ୍ୱ, ସତ୍ତ୍ୱ, ଅଭିପ୍ରାୟ ସ୍ୱଭାବ, ସାରସଂଗ୍ରହ, ପ୍ରତିଭା, ଅବସ୍ଥା, ବିଚାର, ନାମ ଓ ଆଶୀର୍ବାଦ । ଏହି ପ୍ରତ୍ୟେକ ପ୍ରକାର ଭେଦରେ ଯଦି ଉପଯୁକ୍ତ ଶବ୍ଦର ପ୍ରୟୋଗ ବା ବିଷୟର ବର୍ଣ୍ଣନା ନ ରହେ, ତେବେ ଔଚିତ୍ୟର ଅଭାବ ହେତୁ କାବ୍ୟ ଦୋଷଦୁଷ୍ଟ ହେବ ।

# ଅଳଙ୍କାର ସମ୍ପ୍ରଦାୟ

**ଅଳଙ୍କାର ସମ୍ପ୍ରଦାୟର ଇତିହାସ**—ଭାମହ ଅଳଙ୍କାର ସମ୍ପ୍ରଦାୟର ପ୍ରବର୍ତ୍ତକ । ରୁଦ୍ରଟ ମଧ୍ୟ ତାଙ୍କୁ ଏ ସମ୍ପର୍କରେ ଅନୁଗମନ କରିଥିଲେ କିନ୍ତୁ ଏହାର ବହୁ ପୂର୍ବରୁ ଭରତଙ୍କ ସମୟରୁ ଏହି ପ୍ରାଚୀନ ସମ୍ପ୍ରଦାୟର ସ୍ଥିତି ବର୍ତ୍ତମାନ ଥିଲା । ଭରତଙ୍କର ନାଟ୍ୟଶାସ୍ତ୍ରରେ ଚାରୋଟିମାତ୍ର ଅଳଙ୍କାରର ଉଲ୍ଲେଖ ମିଳେ ଉପମା, ରୂପକ, ଦୀପକ ଓ ଯମକ । ଭାମହଙ୍କର 'କାବ୍ୟାଳଙ୍କାର' ଗ୍ରନ୍ଥ ଅଳଙ୍କାର ସମ୍ପର୍କୀୟ ସର୍ବପ୍ରଥମ ସୁବ୍ୟବସ୍ଥିତ, ସୁଚିନ୍ତିତ ଓ କ୍ରମବଦ୍ଧ ପୂର୍ଣ୍ଣାଙ୍ଗ ଗ୍ରନ୍ଥ । କିନ୍ତୁ ଭାମହଙ୍କ ପୂର୍ବରୁ ଅଳଙ୍କାର ସମ୍ପ୍ରଦାୟର କ୍ରମିକ ବିକାଶ ଘଟିଥିଲା ବୋଲି ମନେହୁଏ । କାରଣ ଭାମହ ତାଙ୍କର ପୂର୍ବବର୍ତ୍ତୀ ଆଚାର୍ଯ୍ୟ ମେଧାବିନ୍‌ଙ୍କ ନାମ ଉଲ୍ଲେଖ କରି ତାଙ୍କର ଉଚ୍ଛ୍ୱସିତ ପ୍ରଶଂସା ଗାନ କରିଛନ୍ତି । ଏଥିରୁ ମନେହୁଏ ଯେ ଭାଷାସମ୍ପର୍କୀୟ ସୂକ୍ଷ୍ମ ବିବେଚନା ଆରମ୍ଭ କାଳରୁ ଅଳଙ୍କାର ସମ୍ପ୍ରଦାୟର ବିକାଶ ଆରମ୍ଭ ହୋଇ ଯାଇଥିଲା ଓ ମେଧାବିନ୍ ସେହି ବିକାଶ-ପଥରେ ଏକ ସ୍ମରଣୀୟ ପଥନିର୍ଦ୍ଦେଶକ । କିନ୍ତୁ ତାଙ୍କର ଅଳଙ୍କାର ବିବେଚନା ସମ୍ପର୍କରେ କୌଣସି ଲିଖିତ ପ୍ରମାଣ ନ ଥିବାରୁ ସେ କେତୋଟି ଅଳଙ୍କାର ସ୍ୱୀକାର କରୁଥିଲେ, ସେ ବିଷୟରେ କୌଣସି ସୂଚନା ମିଳେ ନାହିଁ ।

ଭରତଙ୍କ ପରେ ଭର୍ତ୍ତୃହରିଙ୍କର ଭଟ୍ଟିକାବ୍ୟରେ ଯମକ ଓ ଅନୁପ୍ରାସ ସମେତ ୩୮ଟି ଅଳଙ୍କାର ଉପଲବ୍ଧ ହୁଏ । ଭାମହ ମଧ୍ୟ ଏହି ୩୮ଟି ଅଳଙ୍କାରକୁ ସ୍ୱୀକାର କରିଥିଲେ, କିନ୍ତୁ ବକ୍ରୋକ୍ତି ଏ ସମସ୍ତ ଅଳଙ୍କାରର ପ୍ରାଣ ବୋଲି ବିଚାର କରିଥିଲେ । ଏହାଛଡ଼ା ସେ

ରସକୁ ପ୍ରାଧାନ୍ୟ ନ ଦେଇ ତାକୁ ରସବତ୍, ଊର୍ଜସ୍ୱୀନ, ପ୍ରେୟସ (ଭାବାଳଙ୍କାର) ଆଦି ଅଳଙ୍କାରର ଅନ୍ତର୍ଭୁକ୍ତ କରିଥିଲେ ଓ ଅଳଙ୍କାରକୁ କାବ୍ୟର ଆତ୍ମା ରୂପେ ସ୍ୱୀକାର କରିଥିଲେ ।

ଭାମହଙ୍କ ପରେ ଦଣ୍ଡୀ ଅଳଙ୍କାର ସମ୍ବନ୍ଧୀୟ ବିବେଚନାକୁ ଅଧିକ ସମୃଦ୍ଧ ଓ ସ୍ପଷ୍ଟ କରିଥିଲେ । ସେ ଅଳଙ୍କାରକୁ କାବ୍ୟର ଶୋଭାଦାୟକ ଧର୍ମ ରୂପେ ଗ୍ରହଣ କରିଥିଲେ । ସେ ଭାମହଙ୍କର ଅଳଙ୍କାର ଭେଦରୁ ଉପମେୟୋପମା, ପ୍ରତିବସ୍ତୂପମା, ଉପମା, ରୂପକ ପ୍ରଭୃତି କେତୋଟିକୁ ବାଦ୍ ଦେଇ ୩୫ଟି ଅଳଙ୍କାରକୁ ସ୍ୱୀକାର କରିଥିଲେ ଓ ଭାମହଙ୍କର ଗୃହୀତ ବକ୍ରୋକ୍ତି ସ୍ଥାନରେ ଅତିଶୟୋକ୍ତିକୁ ସମସ୍ତ ଅଳଙ୍କାରର ପ୍ରାଣ ରୂପେ ଗ୍ରହଣ କରିଥିଲେ । ସେ ଅର୍ଥାଳଙ୍କାର ଅପେକ୍ଷା ଶବ୍ଦାଳଙ୍କାରକୁ ଅଧିକ ମହତ୍ତ୍ୱ ପ୍ରଦାନ କରିଥିଲେ । ଭାମହଙ୍କ ଅପେକ୍ଷା ଦଣ୍ଡୀଙ୍କର ଦୃଷ୍ଟି ଅଧିକ ଉଦାର ଥିଲା । ତେଣୁ ସେ ଅଳଙ୍କାରର ସମକକ୍ଷ ଭାବରେ ଗୁଣ ଓ ରୀତିକୁ ମଧ୍ୟ ପ୍ରତିଷ୍ଠା କରିବାକୁ ଚେଷ୍ଟା କରିଥିଲେ ।

ଦଣ୍ଡୀଙ୍କ ପରେ ଉଦ୍ଭଟ ଅଳଙ୍କାର ସମ୍ପ୍ରଦାୟର ଅଧିକ ଶ୍ରୀବୃଦ୍ଧି ସାଧନ କରିଥିଲେ । ସେ ଭାମହଙ୍କୁ ଅନେକ କ୍ଷେତ୍ରରେ ଅନୁସରଣ କରିଥିଲେ ମଧ୍ୟ ସୂକ୍ଷ୍ମ ଆଲୋଚନା କରିଥାରେ ଦୃଷ୍ଟାନ୍ତ, କାବ୍ୟଲିଙ୍ଗ, ପୁନରୁକ୍ତବଦାଭାସ ଅଳଙ୍କାର ଉଦ୍ଭାବନ କରି ଓ ଅନୁପ୍ରାସ, ଉପମାର ଭେଦ-ଭେଦାନ୍ତର ବର୍ଣ୍ଣାଇ ସମୁଦାୟ ୪୧ଟି ଅଳଙ୍କାର ସ୍ୱୀକାର କରିଥିଲେ । ଏହାଛଡ଼ା ସେ ଶ୍ଳେଷକୁ ମଧ୍ୟ ଶବ୍ଦଶ୍ଳେଷ ଓ ଅର୍ଥଶ୍ଳେଷ ଭେଦରେ ଦୁଇ ଭାଗରେ ବିଭକ୍ତ କରିଥିଲେ । ଅଳଙ୍କାର ସଂପର୍କୀୟ ଏହି ସୂକ୍ଷ୍ମାତିସୂକ୍ଷ୍ମ ବିଶ୍ଳେଷଣ ପାଇଁ ପରବର୍ତ୍ତୀ ଆଳଙ୍କାରିକମାନେ ଭାମହଙ୍କ ଅପେକ୍ଷା ଉଦ୍ଭଟଙ୍କୁ ଅଧିକ ମହତ୍ତ୍ୱ ପ୍ରଦାନ କରିଥିଲେ ।

କିନ୍ତୁ ଅଳଙ୍କାର ସମ୍ପ୍ରଦାୟର ଶ୍ରେଷ୍ଠ ଆଚାର୍ଯ୍ୟ ରୁଦ୍ରଟଙ୍କର ଦୃଷ୍ଟି ଅତ୍ୟନ୍ତ ବ୍ୟାପକ ଓ ଉଦାର ଥିଲା । ସେ ଅଳଙ୍କାରଗୁଡ଼ିକର ବହୁ ଭେଦ-ଭେଦାନ୍ତର ଦର୍ଶାଇ ୫୧ଟି ଅଳଙ୍କାର ସ୍ୱୀକାର କରିଥିଲେ । ଏହାଛଡ଼ା ସେ ଉପମା, ଅତିଶୟୋକ୍ତି ଓ ଶ୍ଳେଷ ପ୍ରଭୃତିକୁ ବୈଜ୍ଞାନିକ ପନ୍ଥାରେ ବର୍ଗୀକରଣ କରି ଯଥେଷ୍ଟ ମୌଳିକତା ପ୍ରଦର୍ଶନ କରିଥିଲେ । ଭାମହ ରସକୁ ଅଳଙ୍କାର ମଧ୍ୟରେ ଅନ୍ତର୍ଭୁକ୍ତ କରି ଯେଉଁ ରସବତ୍ ଅଳଙ୍କାର ବିଷୟ ଉତ୍ଥାପନ କରିଥିଲେ, ରୁଦ୍ରଟ ତାହା ଖଣ୍ଡନ କରି ରସବତ୍ ପ୍ରଭୃତି ଅଳଙ୍କାରକୁ ଅସ୍ୱୀକାର କରିଥିଲେ । ଭାମହଙ୍କଠାରୁ ରୁଦ୍ରଟଙ୍କ ପର୍ଯ୍ୟନ୍ତ ସମସ୍ତ ଅଳଙ୍କାର ସମ୍ପ୍ରଦାୟର ସୁବର୍ଣ୍ଣଯୁଗ ରୂପେ ବିଚାର କରାଯାଇଥାଏ । ଏ ସମୟର ବିଭିନ୍ନ ଆଚାର୍ଯ୍ୟମାନଙ୍କ ମଧ୍ୟରେ ବହୁ ମତଭେଦ ଥିଲେ ମଧ୍ୟ ସମସ୍ତେ ଅଳଙ୍କାରର ପ୍ରାଧାନ୍ୟ ସ୍ୱୀକାର କରୁଥିଲେ ।

ରୁଦ୍ରଟଙ୍କ ପରେ ଧ୍ୱନିସମ୍ପ୍ରଦାୟ ସୃଷ୍ଟି ହେଲା । ସେମାନେ ଧ୍ୱନିକୁ କାବ୍ୟର ଆତ୍ମା ରୂପେ ସ୍ୱୀକାର କରି ଅଳଙ୍କାରକୁ ନିମ୍ନ ସ୍ଥାନ ଦେଇଥିଲେ । ସେମାନଙ୍କ ମତରେ ରସ ଓ ଧ୍ୱନିର ସହାୟତାରେ ହିଁ ଅଳଙ୍କାର ଗୌରବାନ୍ୱିତ ହୋଇଥାଏ, କିନ୍ତୁ ତାର ସ୍ୱତନ୍ତ୍ର ସ୍ଥିତି ଓ କାବ୍ୟର ଅପରିହାର୍ଯ୍ୟ ଅଙ୍ଗ ଭାବରେ ତାହାର ବିଚାରକୁ ଏମାନେ ଅସ୍ୱୀକାର କରିଥିଲେ ।

ମମ୍ମଟ ପୁନର୍ବାର ଅଳଙ୍କାରକୁ ପ୍ରତିଷ୍ଠିତ କରିଥିଲେ । ସେ ସମନ୍ୱୟବାଦୀ ଆଳଙ୍କାରିକ ଥିଲେ । ତେଣୁ ପୂର୍ବବର୍ତ୍ତୀ ଆଳଙ୍କାରିକମାନଙ୍କର ମତକୁ ଉପେକ୍ଷା କରି ଅନେକ ପରିବର୍ତ୍ତନ ଓ ସଂଶୋଧିତ ବ୍ୟାଖ୍ୟା ସାହାଯ୍ୟରେ ସର୍ବମୋଟ ୬୮ଟି ଅଳଙ୍କାର ସ୍ୱୀକାର କରିଥିଲେ । କିନ୍ତୁ ସେ କାବ୍ୟକୁ ସାଳଙ୍କାର ହେବ ବୋଲି ସ୍ୱୀକାର

କରିଥିଲେ ମଧ୍ୟ ସ୍ଥାନେ ସ୍ଥାନେ ଅଳଙ୍କାରବିହୀନ କାବ୍ୟର ସ୍ଥିତି ସ୍ୱୀକାର କରିଥିବାରୁ ଅଳଙ୍କାର ଯେ କାବ୍ୟର ଏକ ଅତ୍ୟାବଶ୍ୟକୀୟ ଅଙ୍ଗ, ଏହା ପ୍ରକାରାନ୍ତରେ ନିଷେଧ କରିଥିଲେ । ଏହାଛଡ଼ା ସେ ଗୁଣ ଓ ଅଳଙ୍କାର ମଧ୍ୟରେ ପାର୍ଥକ୍ୟ ଦର୍ଶାଇ ଗୁଣକୁ କାବ୍ୟର ସାକ୍ଷାତ୍‌ଧର୍ମ ଓ ଅଳଙ୍କାରକୁ ଅଙ୍ଗୀଭୂତ ଧର୍ମଭାବରେ ଗ୍ରହଣ କରିଥିଲେ ।

ମମ୍ମଟଙ୍କ ପରେ ରୁଯ୍ୟକ ଅଳଙ୍କାରସର୍ବସ୍ୱ ଗ୍ରନ୍ଥରେ ବିଚିତ୍ର ଓ ବିକଳ୍ପ ନାମକ ନୂତନ ଅଳଙ୍କାର ଉଦ୍ଭାବନ କରିଥିଲେ ଓ ରୁଦ୍ରଟଙ୍କର ବାସ୍ତବ, ଉପମା, ଅତିଶୟ ଓ ଶ୍ଳେଷ ପ୍ରଭୃତିର ନୂତନ ବର୍ଗୀକରଣ କରିଥିଲେ । କିନ୍ତୁ ରୁଯ୍ୟକଙ୍କ ପରେ ପରବର୍ତ୍ତୀ ଆଚାର୍ଯ୍ୟମାନେ ଅଳଙ୍କାର ସମ୍ବନ୍ଧରେ ସେପରି ଆଲୋଚନା କରିଥିବାର ଦେଖାଯାଏ ନାହିଁ । କେବଳ ଜୟଦେବ, ବିଦ୍ୟାଧର ଓ ଅପ୍ପୟ ଦୀକ୍ଷିତ ପ୍ରଭୃତି ଅଳଙ୍କାର ସଂପ୍ରଦାୟର ପୁନଃପ୍ରତିଷ୍ଠା ପାଇଁ ଯଥେଷ୍ଟ ଚେଷ୍ଟା କରିଥିଲେ । ଜୟଦେବ ଚନ୍ଦ୍ରାଲୋକ ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି ଯେ ଯେଉଁ ବ୍ୟକ୍ତି ଅଳଙ୍କାରଶୂନ୍ୟ ଶବ୍ଦାର୍ଥରେ କାବ୍ୟତ୍ୱ ସ୍ୱୀକାର କରେ, ସେ ଅଗ୍ନିରେ ଶୀତଳତାକୁ କାହିଁକି ସ୍ୱୀକାର ନ କରିବ (୧) ? ଅର୍ଥାତ୍ ଅଗ୍ନିରେ ଉଷ୍ଣତା ସ୍ୱୀକାର ଯେପରି ଅପରିହାର୍ଯ୍ୟ, କାବ୍ୟରେ ଅଳଙ୍କାର ସେହିପରି ଅନିବାର୍ଯ୍ୟ । ଜୟଦେବଙ୍କ ଗଣନାନୁଯାୟୀ ଅଳଙ୍କାରର ସର୍ବମୋଟ ସଂଖ୍ୟା ୧୦୦ । କିନ୍ତୁ କୁବଳୟାନନ୍ଦକାର, ଅପ୍ପୟ ଦୀକ୍ଷିତ ସର୍ବମୋଟ ୧୨୪ଟି ଅଳଙ୍କାର ସ୍ୱୀକାର କରନ୍ତି । ଏମାନେ ଅଳଙ୍କାରର ବିସ୍ତୃତ ଆଲୋଚନା

---

(୧) ଅଙ୍ଗୀ କରୋତି ଯଃ କାବ୍ୟଂ ଶବ୍ଦାର୍ଥାବନଲଂକୃତୀ
ଅସୌ ନ ମନ୍ୟତେ କସ୍ମାଦନୁଷ୍ଣମନଲଂ କୃତୀ ( ଚନ୍ଦ୍ରାଲୋକ--୧।୮ )

କରାଯାଇଲେ ମଧ୍ୟ, ସେ ସମୟରେ ଧ୍ୱନି ଓ ରସର ଭିତ୍ତି ଏପରି ଦୃଢ଼ ଥିଲା ଯେ ଅଲଙ୍କାରକୁ କାବ୍ୟର ଆତ୍ମା ଭାବରେ ଗ୍ରହଣ କରାଯାଇ ପାରିଲା ନାହିଁ ।

**ଅଲଙ୍କାରର ପରିଭାଷା ଓ ସ୍ୱରୂପ—** ବୈୟାକରଣମାନେ ଅଲଙ୍କାରର ଦୁଇଟି ବ୍ୟୁତ୍ପତ୍ତିଗତ ଅର୍ଥ ପ୍ରଦାନ କରନ୍ତନ୍ତି । 'ଅଲଂକ୍ରୀୟତେଽନେନେତ୍ୟଲଙ୍କାରଃ'-ଅର୍ଥାତ୍ ଯ ଦ୍ୱାରା ଅଲଂକୃତ ବା ଭୂଷିତ କରାଯାଏ, ତାହା ଅଲଂକାର । ଅପର ବ୍ୟୁତ୍ପତ୍ତିଟି ହେଲ 'ଅଲଂକରୋତୀତି ଅଲଂକାରଃ-ଅର୍ଥାତ୍ ଯାହା ସୁଶୋଭିତ କରେ, ତାହା ଅଲଂକାର ।

ଅଲଂକାର ସମ୍ବନ୍ଧରେ ଦଣ୍ଡୀଙ୍କର ପରିଭାଷା ହେଉଛି 'କାବ୍ୟର ଶୋଭାବିଧାୟକ ଧର୍ମ ହିଁ ଅଲଙ୍କାର' (୧) । ଏହି ପରିଭାଷା ଅଲଙ୍କାର ସଂପ୍ରଦାୟର ସିଦ୍ଧାନ୍ତ ରୂପେ ଗୃହୀତ । କିନ୍ତୁ ପରବର୍ତ୍ତୀ କାଳରେ ଧ୍ୱନି ଓ ରସବାଦର ସ୍ଥାପନା ହେବାପରେ ଅଲଙ୍କାରର ପରିଭାଷା ପରିବର୍ତ୍ତିତ ହୋଇଗଲା । ରସବାଦୀ ବିଶ୍ୱନାଥଙ୍କ ମତରେ ଶବ୍ଦାର୍ଥରୂପ କାବ୍ୟଶରୀରର ଶୋଭାବର୍ଦ୍ଧନକାରୀ ଯେଉଁ ସବୁ ଅସ୍ଥିର ଧର୍ମ, ମନୁଷ୍ୟ ଶରୀରର ଅଙ୍ଗଦ ବାଜୁବନ୍ଧ, କଳୟାଦି ଅଳଙ୍କାର ପରି, ଆତ୍ମାରୂପ ରସ ଓ ଭାବାଦିର ଉପକାର ସାଧନ କରିଥାନ୍ତି, ସେ ଗୁଡ଼ିକୁ ଅଲଙ୍କାର କୁହାଯାଏ (୨) । ଏଥିରୁ ଅନୁମିତ ହୁଏ ଯେ ଅଲଙ୍କାର କାବ୍ୟର ଅସ୍ଥିରଧର୍ମ । ଅଲଙ୍କାର କାବ୍ୟ-ସୌନ୍ଦର୍ଯ୍ୟର ହେତୁ ନୁହେଁ, କାବ୍ୟର ସୌନ୍ଦର୍ଯ୍ୟକୁ କେବଳ ବୃଦ୍ଧି କରିଥାଏ ମାତ୍ର ।

(୧) କାବ୍ୟ-ଶୋଭାକରାନ୍ ଧର୍ମାନଲଂକାରାନ୍—(କାବ୍ୟାଦର୍ଶ)

(୨) ଶବ୍ଦାର୍ଥୟୋରସ୍ଥିରା ଯେ ଧର୍ମା ଶୋଭାତିଶାୟିନଃ
ରସାଦୀନୁପକୁର୍ବନ୍ତୋଽଲଙ୍କାରାସ୍ତେଽଙ୍ଗଦାଦିବତ୍ । (ସା. ଦର୍ପଣ—୧୦।୧)

ରସ ଓ ଧ୍ୱନ୍ୟାଦି କାବ୍ୟର ପ୍ରକୃତ ସୌନ୍ଦର୍ଯ୍ୟ । ସେମାନଙ୍କର ଉପକାର ସାଧନ କରି ଅଳଙ୍କାର ହିଁ ଗୌରବାନ୍ୱିତ ହୋଇଥାଏ । ମନୁଷ୍ୟର ଶୌର୍ଯ୍ୟାଦି ଗୁଣ ଯେପରି ଆତ୍ମା ସହିତ ଘନିଷ୍ଠ ଭାବରେ ଜଡିତ, ସେହିପରି ମାଧୁର୍ଯ୍ୟାଦି ଗୁଣ ଶବ୍ଦାର୍ଥରୂପ କାବ୍ୟର ଆତ୍ମାରୂପକ ରସ ସହିତ ଘନିଷ୍ଠ ଭାବରେ ସମ୍ପୃକ୍ତ । ତେଣୁ ମାଧୁର୍ଯ୍ୟାଦି ଗୁଣ କାବ୍ୟର ସ୍ଥିର ଓ ଆନ୍ତରିକ ଧର୍ମ ଓ ଅନୁପ୍ରାସ, ଯମକାଦି ଶବ୍ଦାଳଙ୍କାର ତଥା ଉପମାରୂପକ ଆଦି ଅର୍ଥାଳଙ୍କାର ମନୁଷ୍ୟ ଶରୀରର ବଳୟ, କୁଣ୍ଡଳାଦି ପରି ବାହ୍ୟ ଓ ଅସ୍ଥିର ଧର୍ମ ।

ଅଳଙ୍କାର ଯେ ସୌନ୍ଦର୍ଯ୍ୟ ସାଧନର ଏକ ବିଶିଷ୍ଟ ଉପାଦାନ, ତାହା ସହୃଦୟମାନଙ୍କ ଦ୍ୱାରା ସ୍ୱୀକୃତ । କିନ୍ତୁ ଏହାକୁ କାବ୍ୟର ଆତ୍ମା ଭାବରେ ଗ୍ରହଣ କରିବା ଭ୍ରମାତ୍ମକ । କାରଣ, ଯେପରି ଅଳଙ୍କାର ଦ୍ୱାରା ଭୂଷିତ ନ ହେଲେ ମଧ୍ୟ କୌଣସି ନାରୀର ସୌନ୍ଦର୍ଯ୍ୟହାନି ଘଟେ ନାହିଁ, ସେହିପରି ଅଳଙ୍କାରର ଅଭାବରେ କାବ୍ୟର ସୌନ୍ଦର୍ଯ୍ୟ ହାନି ହୁଏନାହିଁ । ରସ ହିଁ କାବ୍ୟର ଅନ୍ତର୍ନିହିତ ଲାବଣ୍ୟ ଓ ପ୍ରଧାନ ତତ୍ତ୍ୱ ବା ଆତ୍ମା । ରସରୁ ହିଁ କାବ୍ୟର ଉତ୍ପତ୍ତି । ରସର ଅସ୍ତିତ୍ୱରେ ହିଁ କାବ୍ୟର ସ୍ଥିତି ଓ ରସଦ୍ୱାରା ହିଁ କାବ୍ୟ ପର୍ଯ୍ୟବସିତ । ଆତ୍ମାରୂପ ରସର ଔଚିତ୍ୟ ଅନୁଯାୟୀ ଅଳଙ୍କାରର ଯୋଜନା କରାଯାଇଥାଏ । ଏହାର କୌଣସି ସ୍ୱତନ୍ତ୍ର ସୌନ୍ଦର୍ଯ୍ୟ ନାହିଁ ।

କେତୋଟି ଅଳଙ୍କାର (ଲକ୍ଷଣ ଓ ଦୃଷ୍ଟାନ୍ତ ସହ) :—

## ଅନୁପ୍ରାସ

"ଅନୁପ୍ରାସଃ ଶବ୍ଦସାମ୍ୟଂ ବୈଷମ୍ୟେଽପି ସ୍ୱରସ୍ୟ ଯତ୍"—
( ସା. ଦ.-୧୦।୩ )

ସ୍ୱରବୈଷମ୍ୟ ଥିଲେ ସୁଦ୍ଧା ଏକ ବ୍ୟଞ୍ଜନବର୍ଣ୍ଣର ସାଦୃଶ୍ୟ ଜନିତ ପୁନଃବୃତ୍ତିକୁ ଅନୁପ୍ରାସ କହନ୍ତି ।

ଅନୁପ୍ରାସ ପ୍ରଧାନତଃ ପାଞ୍ଚ ପ୍ରକାର । (କ) ଛେକାନୁପ୍ରାସ (ଖ) ବୃତ୍ତ୍ୟନୁପ୍ରାସ (ଗ) ଶ୍ରୁତ୍ୟନୁପ୍ରାସ (ଘ) ଅନ୍ତ୍ୟାନୁପ୍ରାସ (ଙ) ଲାଟାନୁପ୍ରାସ ।

(କ) ଛେକାନୁପ୍ରାସ —

"ଛେକୋ ବ୍ୟଞ୍ଜନସଂଘସ୍ୟ ସକୃତ୍‌ସାମ୍ୟମନେକଧା"

(ସା: ଦ.-୧୦।୩)

ବହୁ ବ୍ୟଞ୍ଜନବର୍ଣ୍ଣର ସ୍ୱରୂପ ଓ କ୍ରମ ରକ୍ଷିତ ହୋଇ ଏକାଧିକ-ବାର ପର୍ଯ୍ୟାୟକ୍ରମେ ପୁନରାବୃତ୍ତି ହେଲେ ଛେକାନୁପ୍ରାସ ହୁଏ ।

ଉଦାହରଣ—

(୧) ଭୈରବ ଆରବେ ରେଖା ଦେଇ ଲମ୍ଫ
ଜନମାଏ ଜନ ମାନସେ ପ୍ରକମ୍ପ । ( ଚିଲିକା )

ଏହି ପଦ୍ୟାଂଶରେ 'ର,ବ', 'ଜ.ନ', ଓ 'ମ'ର କ୍ରମିକ ଆବୃତ୍ତି ହେତୁ ଛେକାନୁପ୍ରାସ ଅଲଙ୍କାର ହେବ ।

(୨) ବୋଇଲେ ତାକୁ ପ୍ରଶଂସି    ତୁମ୍ଭେ ତିମିର ବିଧ୍ୱଂସି
ରବି ଆଗମନ ଶଂସୀ ହୁଅ ସଂସାରେ
ତୁମ୍ଭ କୋମଳ ଚରଣ    କରେ ଜ୍ୟୋତି ଆହରଣ
ତହିଁ ଯାଉଚି ଶରଣ ଦୂତ ଆଶାରେ
କୃତ ସତ୍ତରତ-ରସିକେ
ଶୁଭ-ସମ୍ପାଦନୀ ହୁଅ ରଘୁବଂଶିକେ । ( ତପସ୍ୱିନୀ )

ଏଠାରେ 'ଶଂ,ସ', 'ର,ଣ'ର ସ୍ୱରୂପ ଓ କ୍ରମରକ୍ଷିତ ହୋଇ ଏକାଧିକବାର ଆବୃତ୍ତ ହୋଇଛି ।

(ଖ) ବୃତ୍ତ୍ୟନୁପ୍ରାସ —

ଅନେକସ୍ୟୈକଧା ସାମ୍ୟମସକୃଦ୍ ବାପ୍ୟନେକଧା
ଏକସ୍ୟ ସକୃଦପ୍ୟେଷ ବୃତ୍ତ୍ୟନୁପ୍ରାସ ଉଚ୍ୟତେ ।
( ସା: ଦ:-୧୦।୪ )

ଅନେକ ବ୍ୟଞ୍ଜନବର୍ଣ୍ଣର ସ୍ୱରୂପ ଅନୁସାରେ ଆବୃତ୍ତି, ସ୍ୱରୂପ ଓ କ୍ରମ ଉଭୟ ଅନୁସାରେ ବାରମ୍ବାର ଆବୃତ୍ତି, ଏକ ବ୍ୟଞ୍ଜନ ବର୍ଣ୍ଣର ଏକବାର ଆବୃତ୍ତି ବା ବାରମ୍ବାର ଆବୃତ୍ତିକୁ ବୃତ୍ତ୍ୟନୁପ୍ରାସ କହନ୍ତି ।

ଉଦାହରଣ—

(୧) ଚରଣ ଚନ୍ଦ୍ରେ କ୍ଷୀର ସିନ୍ଧୁ ତୀରେ ଜ୍ୟୋତ୍ସ୍ନା
ନର ହରଷରେ ହର ସକଳ ଚିନ୍ତା । (ବ. ଚିନ୍ତାମଣି)

ଏଠାରେ 'ର' ବର୍ଣ୍ଣଟି ବାରମ୍ବାର ଆବୃତ୍ତ ହୋଇଛି ।

(୨) ଅଗ୍ରେ ଯେଉଁ ନଦୀ ବହୁଅଛି ରଙ୍ଗେ
ଏ ରଙ୍ଗ ନିରେଖି ତରଙ୍ଗ ଭ୍ରୂଭଙ୍ଗେ ; (ଦରବାର)

ଏଠାରେ 'ର' ଓ 'ଙ୍ଗ' ସ୍ୱରୂପ ଓ କ୍ରମ ଉଭୟ ଅନୁସାରେ ଆବୃତ୍ତ ହୋଇଛି ।

(୩) ଦେଖି ନବକାଳିକା ବକାଳିକାମାଳିକା ଆଳୀ କାଳିକାକାନ୍ତ ସ୍ମରି
ଉଷା କେମନ୍ତ କରି କଳିକା ମତ୍ତକରି-ଗଞ୍ଜିକା ଏମନ୍ତ
ବର୍ଣ୍ଣିଲେ ସେ ସହଚରୀ । (ଲାବଣ୍ୟବତୀ)

ଏଠାରେ କାଳିକା, ବା 'ଳିକା', ର ସ୍ୱରୂପ ଅନୁସାରେ ଆବୃତ୍ତ ହୋଇଅଛି ।

(ଗ) ଶ୍ରୁତ୍ୟନୁପ୍ରାସ—

"ଉଚ୍ଚାର୍ଯ୍ୟତ୍ୱାଦ୍ୟଦେକତ୍ର ସ୍ଥାନେ ତାଳୁରଦାଦିକେ
ସାଦୃଶ୍ୟଂ ବ୍ୟଞ୍ଜନସ୍ୟୈବ ଶ୍ରୁତ୍ୟନୁ ପ୍ରାସ ଉଚ୍ୟତେ ।'

( ସା. ଦ:-୧୦।୫ )

ତାଳୁ, ଦନ୍ତ, କଣ୍ଠ, ଓଷ୍ଠ, ମୂର୍ଦ୍ଧା—ଏମାନଙ୍କ ମଧ୍ୟରୁ କୌଣସି ଏକ ସ୍ଥାନରୁ ଉଚ୍ଚାରିତ ବ୍ୟଞ୍ଜନବର୍ଣ୍ଣମାନଙ୍କର ପୁନରାବୃତ୍ତିକୁ ଶ୍ରୁତ୍ୟନୁପ୍ରାସ କହନ୍ତି ।

ଉଦାହରଣ—

(୧) ପର ପରଜାଙ୍କ ବନ୍ଧୁ ହରିଲେ ବଳେ
ସୂର ସୁରଦ୍ୱେଷୀ ଶାସେ ବିରସ ହେଲେ ।

(ବି. ଚିନ୍ତାମଣି

ପ୍ରଥମ ଧାଡ଼ିରେ ଓଷ୍ଠ୍ୟବର୍ଣ୍ଣ ପ ଓ ବ ଓ ଦ୍ୱିତୀୟ ଧାଡ଼ିରେ ଦନ୍ତ୍ୟବର୍ଣ୍ଣ 'ସ' ର ପୁନରାବୃତ୍ତି ହୋଇଛି ।

(୨) ଦୂର ଝର ନାଦ, ଝିଙ୍କାରି ଝଂକାର
କରେ ନିଶିଥିନୀ, ପ୍ରଭାତ ପ୍ରହର ।     (ଚିଲିକା)

(୩) ଯଯାତି ତ ଅଜ     ନୁହନ୍ତି ସେ ନିଜେ
ନିଜତ୍ୱ ତ ବିସର୍ଜନ
ଦେଇ କା ପଦୁରେ     କାହାର କୋପରୁ
ହେଲେ କଁପା ସେ ରାଜନ ।     (ଶର୍ମିଷ୍ଠା)

ଏଠାରେ 'ଯ, ଜ' (ତାଳବ୍ୟ) କର (କଣ୍ଠ୍ୟ) ପୁନରାବୃତ୍ତି ହୋଇଛି ।

(ଘ) ଅନ୍ତ୍ୟାନୁପ୍ରାସ —

"ବ୍ୟଞ୍ଜନଂ ଚେଦ୍ୟଥାବସ୍ଥଂ ସହାଦ୍ୟେନ ସ୍ୱରେଣତୁ
ଆବର୍ତ୍ତ୍ୟତେଽନ୍ତ୍ୟଯୋଜ୍ୟତ୍ୱା ଦନ୍ତ୍ୟାନୁପ୍ରାସ ଏବ ତତ୍ ।"

(ସା: ଦ.-୧୦।୬)

ପାଦ ବା ପଦର ଶେଷରେ ଅବସ୍ଥିତ ବ୍ୟଞ୍ଜନବର୍ଣ୍ଣ ତାହାର ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ସ୍ୱର ସହିତ ଆବୃତ୍ତ ହେଲେ ଅନ୍ତ୍ୟାନୁପ୍ରାସ ହୁଏ ।

ଉଦାହରଣ —

(୧) ଉତ୍କଳ କମଳା-ବିଳାସ-ଦୀର୍ଘିକା
ମରାଳ-ମାଳିନୀ ନୀଳାମ୍ବୁ ଚିଲିକା । (ଚିଲିକା)

ଏଠାରେ ପାଦର ଶେଷରେ ଥିବା 'କ' ସ ସ୍ୱର ଆବୃତ୍ତ ହୋଇଛି ।

(୨) ଅପ୍ରାକୃତ ପ୍ରେମ ତା ନାମ କାମ
ଆପ୍ତ ରହେ କି ସେ ହେଲେ ବାମ । (ବ. ଚିନ୍ତାମଣି)

ଏଠାରେ ପଦର ଶେଷରେ ଥିବା 'ମ' ସସ୍ୱର ଆବୃତ୍ତ ହୋଇଛି ।

(ଙ) ଲାଟାନୁପ୍ରାସ —

"ଶବ୍ଦାର୍ଥୟୋଃ ପୌନରୁକ୍ତ୍ୟଂ ଭେଦେ ତାତ୍ପର୍ଯ୍ୟମାତ୍ରତଃ
ଲାଟାନୁପ୍ରାସ ଇତ୍ୟୁକ୍ତୋ —(ସା. ଦ:-୧୦।୭)

ଶବ୍ଦ ଓ ଅର୍ଥ ଏ ଦୁହିଁଙ୍କର ପୁନରୁକ୍ତି ହୋଇଥିଲେ ସୁଦ୍ଧା ସେମାନଙ୍କ ମଧ୍ୟରେ କୌଣସି ତାତ୍ପର୍ଯ୍ୟଗତ ପାର୍ଥକ୍ୟ ଥିଲେ, ଲାଟାନୁପ୍ରାସ ହୁଏ ।

ଉଦାହରଣ—

(୧) ପଞ୍ଚ ବିଷୟେ    ପଞ୍ଚେନ୍ଦ୍ରିୟେ ଲୋଭୀ
ପଞ୍ଚଭୌତିକ    ବିକାରକୁ ଲଭି
ପଞ୍ଚ ରସ ସାର    ଏ ଯେନ୍ନି ଯେନ
ଏ ପାଞ୍ଚ ରସେ    ମଧୁର ପ୍ରଧାନ
ରତି ସଙ୍ଗୀ ପ୍ରୀତି ହେ
ପ୍ରୀତି ନ ଥିଲେ ନ ଶୋହଇ ରତି । ( ବି. ଚିନ୍ତାମଣି )

ଏଠାରେ 'ପଞ୍ଚ' ଶବ୍ଦ ଓ ଅର୍ଥଦୃଷ୍ଟିରୁ ପୁନରୁକ୍ତ ହୋଇଥିଲେ ସୁଦ୍ଧା ତାତ୍ପର୍ଯ୍ୟଗତ ପ୍ରଭେଦ ରହିଛି ।

(୨) ଉପାଧି ଜଡ଼ିତେ ଉପାଧି ଜଡ଼ିତ
ଉପାଧିରେ ଆଜ କରିବେ ଜଡ଼ିତ । ( ଦରବାର )

ଏଠାରେ ତାତ୍ପର୍ଯ୍ୟଗତ ପ୍ରଭେଦ ଥାଇ 'ଉପାଧି' ଶବ୍ଦ ବାରମ୍ବାର ପ୍ରଯୁକ୍ତ ହୋଇଛି । ଅର୍ଥର କୌଣସି ପ୍ରଭେଦ ନାହିଁ ।

## ଯମକ

"ସତ୍ୟର୍ଥେ ପୃଥଗର୍ଥାୟାଃ ସ୍ୱରବ୍ୟଞ୍ଜନସଂହତେଃ
କ୍ରମେଣ ତେନୈବାବୃତ୍ତିର୍ଯମକଂ ବିନିଗଦ୍ୟତେ ।"

(ସା. ଦ.--୧୦।୮)

ଭିନ୍ନ ଅର୍ଥଯୁକ୍ତ ସ୍ୱର ଓ ବ୍ୟଞ୍ଜନ ସମୂହର (ଶବ୍ଦ) କ୍ରମାବୃତ୍ତି ବା ନିରର୍ଥକ ସ୍ୱରବ୍ୟଞ୍ଜନ ସମୂହର କ୍ରମାବୃତ୍ତିକୁ ଯମକାଲଂକାର କୁହାଯାଏ । ବ୍ୟବହାର କ୍ଷେତ୍ରରେ ଏହା ବହୁ ସ୍ଥଳରେ ଦେଖାଯାଏ ।

(କ) ଆଦ୍ୟଯମକ—

ଲୋକେ ଲୋକେଶ ଯେ ଦଯ଼ାକର ବଂଶର
ସର୍ବ ସର୍ବ ସୂର ମୂନ ଯେଜ ବାହାର । (ବ୍ର. ଚିନ୍ତାମଣି)

ଏଠାରେ 'ଲୋକେ' ଓ 'ସର୍ବ'ର କ୍ରମାବୃତ୍ତି ଯୋଗୁଁ ଓ ପଦାଧ ପ୍ରାରମ୍ଭରେ ଥିବାରୁ ଆଦ୍ୟଯମକ ହେବ ।

(ଖ) ମଧ୍ୟଯମକ—

ଦେଖରେ ନଳିନୀ ନଳିନୀ ନଳିନୀରେ ସୂଚିତ
ଭ୍ରମନ୍ତ ଭ୍ରମରେ ଭ୍ରମରେ ଭ୍ରମରେ ଏ ଶୋଭିତ ।
( ଲାବଣ୍ୟବତୀ )

ପ୍ରଥମ ଧାଡ଼ିରେ 'ନଳିନୀ' ଓ ଦ୍ୱିତୀୟ ଧାଡ଼ିରେ 'ଭ୍ରମରେ' ପଦର ମଧ୍ୟ ଭାଗରେ ରହିଥିବାରୁ ଏହା ମଧ୍ୟଯମକ ।

(ଗ) ପ୍ରାନ୍ତଯମକ —

କ୍ଷେପଣୀ କ୍ଷେପଣେ ଚୋହର ସଳିଳେ
ହୀରକର ହାର ଉଠିଲା ସଳିଳେ । ( ଚିଲିକା )

ଏଠାରେ 'ସଳିଳେ' ପଦର ପ୍ରାନ୍ତରେ ଥିବାରୁ ପ୍ରାନ୍ତଯମକ ।

(ଘ) ମାଳଯମକ—

ବୃଷଭାନୁ ଭାନୁ ଭାନୁ ପ୍ରଭା ତାପ ନାହିଁ ।
ବୃତ ତମାଳମାଳ ମାଳ ମାଳତୀ ଲତା ନାହିଁ ।
( ବୈ. ବିଳାସ )

ଏଠାରେ ଶବ୍ଦଗୁଡ଼ିକ ଭିନ୍ନାର୍ଥକ ଓ ମାଳାବଦ୍ଧ ଭାବରେ ଥିବାରୁ ମାଳଯମକ ହେବ ।

(ଙ) ସର୍ବଯମକ—

ଅଭ୍ର ମକର ଚାପ ନାଶେ ଶୋଭା ସାରସଚନ୍ଦେ
ଅଭ୍ରମକର ଚାପ ନାଶେ ଶୋଭା ସାରସଚନ୍ଦେ ।
( ଲାବଣ୍ୟବତୀ )

ଭିନ୍ନାର୍ଥକ ଶବ୍ଦର କ୍ରମାବୃତ୍ତି ଯୋଗୁ ଏହା ସର୍ବଯମକ ।

## ଶ୍ଳେଷ *

"ଶ୍ଲିଷ୍ଟୈଃ ପଦୈରନେକାର୍ଥାଭିଧାନେ ଶ୍ଳେଷ ଇଷ୍ୟତେ"
(ସା. ଦ.-୧୦।୧୧)

ଭିନ୍ନାର୍ଥବୋଧକ ଶବ୍ଦ ଥରେ ମାତ୍ର ବ୍ୟବହୃତ ହୋଇ ଭିନ୍ନ ଭିନ୍ନ ଅର୍ଥ ପ୍ରକାଶ କଲେ ଶ୍ଳେଷାଳଙ୍କାର ହୁଏ । ଏହା ତିନି ପ୍ରକାର—ସଭଙ୍ଗ, ଅଭଙ୍ଗ ଓ ଭଙ୍ଗାଭଙ୍ଗ ।

"ପୁନସ୍ତ୍ରିଧା ସଭଙ୍ଗୋଽଭଙ୍ଗସ୍ତଦୁଭୟାତ୍ମକଃ"
( ସା. ଦ.-୧୦।୧୨ )

ଶବ୍ଦକୁ ଭାଙ୍ଗି ଭିନ୍ନ ଭିନ୍ନ ଅର୍ଥ କଲେ ସଭଙ୍ଗ, ନ ଭାଙ୍ଗି ଭିନ୍ନ ଭିନ୍ନ ଅର୍ଥ କଲେ ଅଭଙ୍ଗ ଓ ଉଭୟାତ୍ମକ ( ସଭଙ୍ଗ ଓ ଅଭଙ୍ଗ ) ହେଲେ ଭଙ୍ଗାଭଙ୍ଗ ଶ୍ଳେଷ ହୁଏ ।

---

* ବି. ଦ୍ର.—ବର୍ଣ୍ଣ ପ୍ରତ୍ୟୟଲିଙ୍ଗାନାଂ ପ୍ରକୃତ୍ୟୋଃ ପଦୟୋରପି
ଶ୍ଳେଷାଦ୍ବିଭକ୍ତିବଚନ ଭାଷାଣାମଷ୍ଟଧା ଚ ସଃ ।
( ସା. ଦ.—୧୦।୧୧-୧୨ )

ବର୍ଣ୍ଣ, ପ୍ରତ୍ୟୟ, ଲିଙ୍ଗ, ପ୍ରକୃତି, ପଦ, ବିଭକ୍ତି, ବଚନ ଓ ଭାଷା—ଏମାନେ ଭିନ୍ନାର୍ଥକ ହେଲେ ବର୍ଣ୍ଣଶ୍ଳେଷ, ପ୍ରତ୍ୟୟଶ୍ଳେଷ ଆଦି ଆଠ ପ୍ରକାର ଶ୍ଳେଷ ହୁଏ ।

ଉଦାହରଣ —

(୧) ବାଗ୍ର ନାକଶିଗ୍ମ ଦାନ ଯୋଗ୍ୟ ଯୋଷାଙ୍କୁ
ବହର କାନନ କର ଆଲିଙ୍ଗନକୁ ।
( ବୈଦେହୀଶ ବିଳାସ )

ପ୍ରଥମ ଧାଡ଼ିରେ 'ନାକଶିଗ୍ମ ଦାନ' ଅଭଙ୍ଗ ଭାବରେ ଦୁଇଟି ଅର୍ଥ ପ୍ରକାଶ କରୁଛି । ପ୍ରଥମ ଅର୍ଥରେ ନାକ, ଶିଗ୍ମ, ଦାନ ଯଥାକ୍ରମେ ସ୍ୱର୍ଗ, ଐଶ୍ୱର୍ଯ୍ୟ ଓ ଦେବା ବୁଝାଉଛି ଓ ଦ୍ୱିତୀୟ ଅର୍ଥରେ ଏହା ଯଥାକ୍ରମେ ନାକ, ସୌନ୍ଦର୍ଯ୍ୟ ଓ ଛେଦନ କରିବାକୁ ବୁଝାଉଛି । ତେଣୁ ଏହା ଅଭଙ୍ଗଶ୍ଳେଷ ।

ଦ୍ୱିତୀୟ ଧାଡ଼ିରେ ବହର କାନନ ଅର୍ଥ କାନନରେ ବିହର ଓ ଆଲିଙ୍ଗନକୁ କର । ଦ୍ୱିତୀୟ ଅର୍ଥରେ 'ବି-ହର ( ବିଶେଷ ଭାବରେ ହରଣ କର ) 'କାନ' ଓ 'ନ କର ଆଲିଙ୍ଗନକୁ' ବୁଝାଉଛି । ତେଣୁ ଏହା ସଭଙ୍ଗଶ୍ଳେଷ ।

ସମୁଦାୟ ପଦଟି ଅଭଙ୍ଗ ଓ ସଭଙ୍ଗ ଉଭୟାତ୍ମକ ଥିବାରୁ ଏହା 'ଭଙ୍ଗାଭଙ୍ଗ'ଶ୍ଳେଷ ।

(୨) ସୁରତ-ରଙ୍ଗିଣୀ ରସାଗମନରେ
କି ମେରୁ ପର୍ବତ ଗୁରୁ ଐରାବତ
ଭେଦନେ ବଡ଼ିମା ଦ୍ୱନ୍ଦ୍ୱରେ । ( ବି. ଚିନ୍ତାମଣି )

ପ୍ରଥମ ଅର୍ଥରେ ଦେବନଦୀ ଗଙ୍ଗା ସ୍ୱର୍ଗରୁ ( ସୁର-ତରଙ୍ଗିଣୀ) ପୃଥିବୀକୁ ( ରସା-ଆଗମନ ) ଅବତରଣ କଲାବେଳେ ମେରୁପର୍ବତ ଓ ଐରାବତ ଦ୍ୱନ୍ଦ୍ୱରେ ନିଜର ବଡ଼ିମା ପ୍ରକାଶ କରିଥିଲେ । ଦ୍ୱିତୀୟ ଅର୍ଥରେ ସୁରତ ବିଳାସିନୀ ( ସୁରତ-ରଙ୍ଗିଣୀ ) ରାଧିକାଙ୍କର ଶୃଙ୍ଗାର

ରସର ପ୍ରକାଶ ( ରସ-ଆଗମନରେ ) କାଳରେ କୁଚଯୁଗଳ ( ମେରୁପର୍ବତ ଓ ଶ୍ରୀଫଳ ) ପରସ୍ପରକୁ ବଢ଼ି ଯିବାପାଇଁ ଲାଗିଲେ । ଏହା ସଭଙ୍ଗଶ୍ଳେଷର ଉଦାହରଣ ।

## ବକ୍ରୋକ୍ତି

"ଅନ୍ୟସ୍ୟାନ୍ୟାର୍ଥକଂ ବାକ୍ୟମନ୍ୟଥା ଯୋଜୟେଦ୍ୟଦି
ଅନ୍ୟଃ ଶ୍ଳେଷେଣ କାକ୍ୱା ବା ସା ବକ୍ରୋକ୍ତିସ୍ତତୋ ଦ୍ୱିଧା ।
( ସା. ଦ.-୧୦।୯ )

ଯଦି ବକ୍ତାର ଅଭିପ୍ରେତ ବାକ୍ୟକୁ ଶ୍ରୋତା ଶ୍ଳେଷ ବା କାକୁ ( କଣ୍ଠସ୍ୱର ପରିବର୍ତ୍ତନ ) ଯୋଗେ ଅନ୍ୟ ଅର୍ଥରେ ଗ୍ରହଣ କରେ, ତେବେ ବକ୍ରୋକ୍ତି ଅଳଙ୍କାର ହୁଏ । ଏହା ଦ୍ୱିବିଧ । ଶ୍ଳେଷବକ୍ରୋକ୍ତି, ଓ କାକୁବକ୍ରୋକ୍ତି ।

ଉଦାହରଣ—

(୧) ଶ୍ଳେଷ ବକ୍ରୋକ୍ତି—

ଶକୁନ୍ତଳା—'ସୁଧା କଣ କାହୁଁ ପାଇବ ତା ପରା
ଥାଏ ପୂର୍ଣ୍ଣଶଶଧରେ
ଦୁଷ୍ୟନ୍ତ ସେ ତ ସକଳଙ୍କ ପୂର୍ଣ୍ଣ ଅଛି ସୁଧା
ଅକଳଙ୍କ ତୋ ଅଧରେ ।" (ପ୍ରଣୟ ବଲ୍ଲରୀ)

ଏଠାରେ ଶକୁନ୍ତଳା ସୁଧା ଚନ୍ଦ୍ରଠାରେ ଥାଏ ଓ ମୁଁ ତାହା କାହୁଁ ପାଇବ କହୁଥିବାବେଳେ, ଦୁଷ୍ୟନ୍ତ 'ଅକଳଙ୍କ ତୋର ମୁଖଚନ୍ଦ୍ର-ଅଧରରେ ତାହା ପୂର୍ଣ୍ଣ ଅଛି' ବୋଲି କହୁଛନ୍ତି । ଶକୁନ୍ତଳାଙ୍କର ଅଭିପ୍ରେତ ବାକ୍ୟକୁ ଦୁଷ୍ୟନ୍ତ ଅନ୍ୟ ଅର୍ଥରେ ଗ୍ରହଣ କରୁଛନ୍ତି ।

(୨) କହେ ଏକ ନାରୀ ବିଶେଷେ ସୁନାରୀ ଏ ଦେଶରେ ବାସ କରନ୍ତି ।
ଭୃଙ୍ଗ କୁଂପୁରୁଷ ଚଞ୍ଚଳ-ମାନସ ଏଥି ତହିଁ ପୁଣି ଯାଉଛି ।
ତହିଁକି ଛଳି । କହିଲି କହିଁ ଥିଲି
ମହାବିବେକୀ ହୋଇ ତୁ
କପାଇଁ ମଧୁପ ନାମକୁ ବିସୋରୁ ।    ( ଲାବଣ୍ୟବତୀ )

ଏଠାରେ ଜଣେ ସଖୀ ଏ ଦେଶରେ ସୁନାରୀପୁଷ୍ପ ଅଛି ବୋଲି କହିବାଛଳି ଶ୍ଳେଷରେ ଏହି ଦେଶରେ ଉତ୍ତମ ନାରୀ ଅଛି ବୋଲି ସୂଚିତ ହେଉଛି । ତେଣୁ ସୁନାରୀପୁଷ୍ପ ନିକଟକୁ ଭ୍ରମର ଚଞ୍ଚଳ ମନରେ ଆସୁଛି । ଏହାର ଶ୍ଳେଷାର୍ଥ ହେଉଛି ସୁନାରୀ ( ନାୟିକା ) ନିକଟକୁ କୁତ୍ସିତ ପୁରୁଷ ଯାଉଛି । ଏଥିରେ ପରିହାସ କରି ଅନ୍ୟ ଏକ ନାରୀ କହୁଛି ଯେ ତୁ ବିଚାରଶୀଳା ହୋଇ ଭ୍ରମରର ଅନ୍ୟ ନାମ ମଧୁପ, ଏକଥା ଭୁଲିଯାଉଛୁ କାହିଁକି ? ମଧୁପର ଅନ୍ୟ ଅର୍ଥ ହେଉଛି ଅସଚ୍ଚରିତ୍ର ମଦ୍ୟପ ପୁରୁଷ ।

କାକୁ ବକ୍ରୋକ୍ତି —

ଶକୁନ୍ତଳା—"ନ ଜାଣଇ ମୁହିଁ    କାନନବାସିନୀ
ରଚନାଟି ସୁଧା କଣ ?"
ରାଜା—"ସତ କହିଲ ଗୋ    ସୁଧୀ ସୁଲକ୍ଷଣୀ
ରଚନା ତ ସୁଧା କଣ ।"
( ପ୍ରଣୟ ବଲ୍ଲରୀ )

ଏଠାରେ ଶକୁନ୍ତଳା କହନ୍ତି ଯେ ମୁଁ କାନନବାସିନୀ ହୋଇଥିବାରୁ ରଚନା କଣ ତାହା ଜାଣେ ନାହିଁ । କିନ୍ତୁ ରାଜା 'ସୁଧା' କୁ କାକୁରେ 'ସୁଧା' ଅର୍ଥରେ ଗ୍ରହଣ କରିଛନ୍ତି ଓ ରଚନା ତ ଅମୃତ-କଣିକା ( ସୁଧା-କଣ ) ବୋଲି କହିଛନ୍ତି ।

## ଉପମା

"ସାମ୍ୟଂ ବାଚ୍ୟମବୈଧର୍ମ୍ୟଂ ବାକ୍ୟୈକ୍ୟ ଉପମା ଦ୍ୱୟୋଃ ।"

( ସା. ଦ.-୧୦।୧୪ )

ଗୋଟିଏ ବାକ୍ୟରେ ଉପମାନ ଓ ଉପମେୟ ସମାନ ଧର୍ମବିଶିଷ୍ଟ ହୋଇଥିଲେ ଓ ସେମାନଙ୍କ ମଧ୍ୟରେ ଥିବା ସାଦୃଶ୍ୟ 'ପରି' 'ତୁଲ୍ୟ', 'ସାଦୃଶ'ାଦି ସାଧାରଣବୋଧକ ଶବ୍ଦଦ୍ୱାରା ଅଭିହିତ ହେଲେ ଉପମାଳଙ୍କାର ହୁଏ । ( ଯାହାକୁ ତୁଳନା କରାଯାଏ, ତାହା ଉପମେୟ ଓ ଯାହା ସହିତ ତୁଳନା କରାଯାଏ, ତାହା ଉପମାନ )

ଉପମା ଅନେକ ପ୍ରକାର । ତନ୍ମଧ୍ୟରୁ ପୂର୍ଣ୍ଣୋପମା, ଲୁପ୍ତୋପମା, ମାଳୋପମା ଉଲ୍ଲେଖଯୋଗ୍ୟ । *

---

*ସଂସ୍କୃତ ସାହିତ୍ୟରେ ଏହା ବ୍ୟତୀତ ରଶନୋପମାର ଉଦାହରଣ ମଧ୍ୟ ମିଳେ ।

ରଶନୋପମା:—

"କଥିତା ରଶନୋପମା ଯଥୋର୍ଦ୍ଧ୍ୱମୁପମେୟସ୍ୟ ଯଦି ସ୍ୟାଦୁପମାନତା"

( ସା. ଦ —୧୦।୨୪-୨୫ )

ଯେଉଁଠାରେ ପ୍ରଥମ ବାକ୍ୟରେ ଉପମେୟ ପରବର୍ତ୍ତୀ ବାକ୍ୟରେ ଉପମାନରେ ପରିଣତ ହୋଇଥାଏ ଓ ଦ୍ୱିତୀୟ ବାକ୍ୟର ଉପମେୟ ତତ୍ପର-ବର୍ତ୍ତୀ ବାକ୍ୟରେ ଉପମାନରେ ପରିଣତ ହୋଇଥାଏ ଓ ପରେ ପରେ ଏହି କ୍ରମ ରକ୍ଷା କରିଥାଏ, ସେଠାରେ ରଶନୋପମା ହୁଏ ।

ଉଦାହରଣ: —

"ଚନ୍ଦ୍ରାୟତେ ଶୁକ୍ଲରୁଚାପି ହଂସୋ ହଂସାୟତେ ଚାରୁଗତେନ କାନ୍ତା ।
କାନ୍ତାୟତେ ସ୍ପର୍ଶସୁଖେନ ବାରି ବାରୀୟତେ ସ୍ୱଚ୍ଛତୟା ବିହାୟଃ ।"

(କ) ପୂର୍ଣ୍ଣୋପମା—

'ସା ପୂର୍ଣ୍ଣା ଯତ୍ର ସାମାନ୍ୟଧର୍ମ ଔପମ୍ୟବାଚି ଚ
ଉପମେୟଂ ଚୋପମାନଂ ଭବେଦ୍‌ବାଚ୍ୟମ୍ ।'
( ସା ଦ.-୧୦।୧୫)

ଯେଉଁଠାରେ ଉପମେୟ, ଉପମାନ, ସାଧାରଣଧର୍ମ ଓ ଉପମା-ବାଚକ ଶବ୍ଦ ଏକତ୍ର ଥାଏ, ସେଠାରେ ପୂର୍ଣ୍ଣୋପମା ହୁଏ ।

ଉଦାହରଣ—

(୧) ଆସନ ସକାଶେ ବୃଢ଼ି ଏତେ ବାଇ
ବାଳକେ ଯେସନେ ଖିଞ୍ଜଣକ ପାଇଁ । ( ଦରବାର )

ଏଠାରେ 'ଆସନ' ଉପମେୟ, 'ଖିଞ୍ଜଣକ' ଉପମାନ, ସାଧାରଣଧର୍ମ 'ବାଇହେବା', 'ଯେସନେ' ଉପମା ବାଚକ ଶବ୍ଦ ।

---

ଅନୁବାଦ:—"ଶରତ୍ କାଳରେ ଶୁକ୍ଳକାନ୍ତିଯୁକ୍ତ ହଂସ ଚନ୍ଦ୍ରମା ପରି ମନେ ହେଉଛି । ଗୁରୁଗମନା କାନ୍ତା ହଂସପରି ପ୍ରତୀତ ହେଉଛି ଓ ସ୍ୱର୍ଣ୍ଣମୁଖ ହେତୁ ଜଳ କାନ୍ତ ସଦୃଶ ମନେ ହେଉଛି ତଥା ସ୍ୱଚ୍ଛତା ହେତୁ ଆକାଶ ଜଳ ପରି ପ୍ରତିଭାତ ହେଉଛି ।" ଏଠାରେ ଉପମେୟ ହଂସ ପରବର୍ତ୍ତୀ ବାକ୍ୟରେ ଉପମାନ ଉପମେୟ କାନ୍ତ । ପରବର୍ତ୍ତୀ ବାକ୍ୟରେ ଉପମାନ, ଉପମେୟ ବନ୍ତ ତତ୍ପରବର୍ତ୍ତୀ ବାକ୍ୟରେ ଉପମାନରେ ପରିଣତ ହୋଇଛି । ଓଡ଼ିଆରେ ଏଭଳି ଉଦାହରଣ ରୂପେ ନିମ୍ନୋକ୍ତ ପଦ୍ୟାଂଶକୁ ଗ୍ରହଣ କରାଯାଇପାରେ ।

ବସନ୍ତେ ଅସଇ ଯଥା ମଧୁମାସ
କାମ୍ୟା ମଧୁମାସେ ନବ କିଶଳୟ
କିଶଳୟେ ଅବା କୁସୁମ ନିଚୟ
ଶୁକ୍ଳାନ୍ତ ଉଦ୍ୟାନେ ଏକ ହିଁ ମୁକୁଳ
ନନ୍ଦକା ଏବେ ସେ ପ୍ରସ୍ଫୁଟିତ ଫୁଲ । ( ନନ୍ଦକେଶରୀ )

(୨) ସ୍ଥାନେ ସ୍ଥାନେ ମାର ଭେଦନ୍ତ ସୈକତ
ଶାରଦ ଆକାଶେ ଯେହ୍ନେ ଗ୍ରହପଥ । ( ଚିଲିକା )

ଏଠାରେ ଉପମେୟ 'ମାର ସୈକତ ଭେଦ କରିବା', ଉପମାନ 'ଶାରଦ ଆକାଶରେ ଗ୍ରହପଥ' ସାଧାରଣ ଧର୍ମ କଳ୍ପିତ ଶୋଭା ( ଏଠାରେ ଉଭୟ ଥିଲେ ବି ଅର୍ଥବୋଧକ ), ଉପମାବାଚକ ଶବ୍ଦ 'ଯେହ୍ନେ'

(ଖ) ଲୁପ୍ତୋପମା —

"ଲୁପ୍ତା ସାମାନ୍ୟ ଧର୍ମାଦେରେକସ୍ୟ ଯଦି ବା ଦ୍ୱୟୋଃ
ତ୍ରୟାଣାଂ ବାନୁପାଦାନେ .....।" ( ସା.ଦ.-୧୦।୧୬-୧୮ )

ଉପମେୟ, ଉପମାନ, ସାଧାରଣ ଧର୍ମ ବା ଉପମାବାଚକ ଶବ୍ଦ, ଏହି ଚାରୋଟି ମଧ୍ୟରୁ ଗୋଟିଏ ଯୋଡ଼ିଏ ବା ତିନୋଟି ଲୁପ୍ତ ଥିଲେ 'ଲୁପ୍ତୋପମା' ହୁଏ ।

ଉଦାହରଣ —

(୧) ଯେତେ ରୁଣ୍ଡ ହୋଇଛନ୍ତି ନୃପତିଗଣ
ତୂଳା ରାଶି ଅଗ୍ନି ଆମ୍ଭ ସାୟକ ଜାଣ । (ରୁକ୍ମିଣୀବିଭା)

ଉପମେୟ —ନୃପତିଗଣ, ଉପମାନ – ତୂଳାରାଶି, ସାଧାରଣ ଧର୍ମ— ରୁଣ୍ଡ ହେବା, ଉପମାବାଚକ ଶବ୍ଦ ନାହିଁ ।

(୨) ଅଦୃଶ୍ୟ ସୋମଫୁଲ ବନରେ ବାସ,
ସାତ୍ତ୍ୱିକର ନ ଥାଏ ନାମେ ପ୍ରୟାସ । (ତୁଳସୀସ୍ତବକ)

ଉପମେୟ—ସୋମଫୁଲ, ଉପମାନ—ସାତ୍ତ୍ୱିକ, ସାଧାରଣ ଧର୍ମ—ମହିମାପ୍ରଚାର (ଲୁପ୍ତ , ଉପମାବାଚକ ଶବ୍ଦ ମଧ୍ୟ ଲୁପ୍ତ । ଏଣୁ

ଲୁପ୍ତୋପମା ।

(ଗ) ମାଳୋପମା—

“ମାଳୋପମା ଯଦେକସ୍ୟୋପମାନଂ ବହୁ ଦୃଶ୍ୟତେ ।”

( ସା. ଦ.-୧୦।୨୬ )

ଏକ ଉପମେୟର ଏକାଧିକ ଉପମାନ ଥିଲେ ମାଳୋପମା ହୁଏ ।

ଉଦାହରଣ—

(୧) ପଡ଼ିଛି ପୃଷ୍ଠରେ ବେଣୀ ଅସ୍ତବ୍ୟସ୍ତ ହୋଇ
ସ୍ୱର୍ଣ୍ଣ ମହୀରେ କି କେତୁ ଅଛି ଆସି ଶୋଇ
ମଣି ହଜାଇ ଭୁଜଙ୍ଗ
ରଙ୍ଗ ତେଜ ପୁଲକିତ କରିଛି ନିଜ ଅଙ୍ଗ । (ବ. ଚିନ୍ତାମଣି)

ଉପମେୟ—ବେଣୀ, ଉପମାନ—କେତୁ, ଭୁଜଙ୍ଗ, ସାଧାରଣ ଧର୍ମ—ସ୍ଥିର ଭାବରେ ରହିବା (କେତୁ ପକ୍ଷରେ ‘ଶୋଇବା’, ଭୁଜଙ୍ଗ ପକ୍ଷରେ ‘ନିଜ ଅଙ୍ଗ ପୁଲକିତ କରିବା’ ) । ଉପମାବାଚକ ଶବ୍ଦ—କି ( କେତୁ ପକ୍ଷରେ ) ।

(୨) ଶୋଭିଲ ଉତ୍କଳ-ସଦ୍ମେ ସଦାଶୟା
ସରେ ଯଥା ପଦ୍ମ ପଦ୍ମେ ପଦ୍ମାଳୟା । ( ଚିଲିକା )

ଉପମେୟ—ସଦାଶୟା କାଞ୍ଚନେମା, ଉପମାନ—ପଦ୍ମ, ପଦ୍ମାଳୟା । ଉପମାବାଚକ ଶବ୍ଦ—ଯଥା ।

## ଅନନ୍ୱୟ

“ଉପମାନୋପମେୟତ୍ୱମେକସ୍ୟୈବ ତ୍ୱନନ୍ୱୟଃ ।”

( ସା. ଦ.-୧୦।୨୬)

କୌଣସି ବାକ୍ୟରେ ଏକ ପଦାର୍ଥ ଉପମେୟ ଓ ଉପମାନ ହେଲେ ଅନନ୍ୱୟ ଅଳଙ୍କାର ହୁଏ ।

ଉଦାହରଣ—

(୧) ଚନ୍ଦ୍ରିଁ ସିଂହାସନେ ସୁନ୍ଦରୀ ଆସୀନା
ଜଗତେ ତୁଳନା ସେହୁ ତାର ସିନା । ( ଚିଲିକା )

ଏଠାରେ ପଦ୍ମାବତୀ ( ସୁନ୍ଦରୀ ) କେବଳ ତାଙ୍କର ପର । ତାଙ୍କ ସହିତ ଜଗତରେ ଅନ୍ୟ କେହି ତୁଳିତ ହୋଇ ପାରିବେ ନାହିଁ । ସୁନ୍ଦରୀ ଉଭୟ ଉପମେୟ ଓ ଉପମାନ ।

(୨) 'ରାଧା ପରି ରାଧା ସିନାରେ ସଙ୍ଗାତ'
(ଗୋପାଳକୃଷ୍ଣ ପଦ୍ୟାବଳୀ )

ଏଠାରେ ରାଧାଙ୍କର ସୌନ୍ଦର୍ଯ୍ୟ କେବଳ ତାଙ୍କର ସହିତ ହିଁ ତୁଳିତ ହୋଇପାରେ ।

## ସ୍ମରଣ

"ସଦୃଶାନୁଭବାଦ୍‌ବସ୍ତୁସ୍ମୃତିଃ ସ୍ମରଣ ମୁଚ୍ୟତେ ।
( ସା. ଦ. ୧୦।୨୭ )

କୌଣସି ସଦୃଶ ବସ୍ତୁର ଦର୍ଶନରେ ଅନ୍ୟ ବସ୍ତୁର ସ୍ମରଣ ହେଲେ ସ୍ମରଣାଳଂକାର ହୁଏ ।

ଉଦାହରଣ—

(୧) ତୃଷାତୁର ବେଗୀ ଗୃହେ ଯଥା ବସି
ସ୍ମରେ କମଳିନୀ ହସିତ ସରସୀ ।
ସେହି ରୁକ୍ଷ ଦୃଶ୍ୟେ ସ୍ନିଗ୍ଧ ଛବି ତୋର
ନେଇ ତହିଁ ସ୍ମୃତି କରୁଥିଲି ମୋର । ( ଚିଲିକା )

ଏଠାରେ ରୁକ୍ଷ ଦୃଶ୍ୟ ଦର୍ଶନରେ ମଧ୍ୟ ଚିଲିକାର ସ୍ମୃତି କବିଙ୍କର ମନେ ପଡ଼ୁଥିବାର ବର୍ଣ୍ଣନା ରହିଛି । ଏପରି ବୈସାଦୃଶ୍ୟ ପରିକଳ୍ପିତ ହେଲେ ବି ସ୍ମରଣ ଅଳଙ୍କାର ହେବ ବୋଲି କେତେକ ଆଳଙ୍କାରିକ କହନ୍ତି ।

(୨) ମନେ ପଡ଼ନ୍ତେ ବୀର ବାତ-ନନ୍ଦନ
ବାତଦେବଙ୍କୁ କଲେ ଅଭିନନ୍ଦନ
ତାଳବୃନ୍ତରେ ଦେବୀ ସାଦରେ ମଞ୍ଜି
ପ୍ରସାଦ ଲଭି କଲେ ଶୀତଳ ଗାତ୍ର । ( ତପସ୍ୱିନୀ )

ହନୁମାନଙ୍କର ( ବାତ-ନନ୍ଦନ ) କଥା ସ୍ମରଣ ହେବାରୁ ସୀତା ବାତଦେବଙ୍କୁ ( ପବନ ) ଅଭିନନ୍ଦନ ଜଣାଇଲେ । ତେଣୁ ଏଠାରେ ସ୍ମରଣ ଅଳଙ୍କାର ହେବ ।

## ରୂପକ

"ରୂପକଂ ରୂପିତାରୋପାଦ୍‌ବିଷୟେ ନିରପହ୍ନବେ
ତତ୍ପରମ୍ପରିତଂ ସାଙ୍ଗଂ ନିରଙ୍ଗମିତି ଚ ତ୍ରିଧା ।"
(ସା. ଦ.-୧୦।୨୮)

ନିଷେଧାର୍ଥକ ଶବ୍ଦରହିତ ଉପମେୟରେ ଉପମାନର ଆରୋପ ହେଲେ ଓ ଉପମେୟ ଉପମାନ ମଧ୍ୟରେ ଅଭେଦ କଳ୍ପିତ ହେଲେ ରୂପକାଳଂକାର ହୁଏ । ଏହା ତିନି ପ୍ରକାର—ପରମ୍ପରିତ, ସାଙ୍ଗ ଓ ନିରଙ୍ଗ ।

(କ) ପରମ୍ପରିତ ରୂପକ—

"ଯତ୍ର କସ୍ୟ ଚିଦାରୋପଃ ପରାରୋପଣକାରଣମ୍, ତତ୍ ପରମ୍ପରିତମ୍ ।"
( ସା. ଦ.-୧୦।୨୯ )

ଯେଉଁଠାରେ କୌଣସି ଏକ ଉପମାନର ଆରୋପ ଅନ୍ୟ ଆରୋପର କାରଣ ହୁଏ, ସେଠାରେ ପରମ୍ପରିତ ରୂପକ ହୁଏ ।

ଉଦାହରଣ .—

(୧) "ଆଶା ପାରିଜାତ ଫୁଟିବ ହୃଦ-ନନ୍ଦନ-ବନେ
ଜନଭକ୍ତି କର୍ମ ସୌରଭ ବ୍ୟାପି ଯିବ ଭୁବନେ ।"
( କୁସୁମାଞ୍ଜଳି )

ଏଠାରେ ଆଶାକୁ ପାରିଜାତ ରୂପେ ବର୍ଣ୍ଣନା କରାଯାଇଥିବାରୁ ହୃଦୟଠାରେ ନନ୍ଦନବନ ଆରୋପ କରାଯାଉଛି ।

(୬) ଧୀରଚନ୍ଦ୍ର ହୃଦପଦ୍ମ ମିହିର, ରସିକାନନ୍ଦ ସିନ୍ଧୁ କଳାକର
ଗ୍ରାହକ ପ୍ରେମ ରତନ ପସରା, ମୁମୁକ୍ଷୁ କୈବଲ୍ୟ ଭଣ୍ଡାର ପରା ।
( ବ. ଚିନ୍ତାମଣି )

ଏଠାରେ ହୃଦୟରେ ପଦ୍ମର ଆରୋପ ହୋଇଛି ଓ ପରେ ପରେ ମିହିର, କଳାକର, ରତନ ପସରା ଆରୋପ କରାଯାଇଛି । ହୃଦୟ ଓ ପଦ୍ମ ମଧ୍ୟରେ ଅଭେଦ କଳ୍ପିତ ନ ହୋଇଥିଲେ ଅନ୍ୟାନ୍ୟ ଆରୋପ ସମୀଚୀନ ହୁଅନ୍ତା ନାହିଁ । ତେଣୁ ଏହା ପରମ୍ପରିତ ରୂପକ ।

(ଖ) ସାଙ୍ଗରୂପକ—

"ଅଙ୍ଗିନୋ ଯତ୍ର ସାଙ୍ଗସ୍ୟ ରୂପଣଂ ସାଙ୍ଗମେବ ତତ୍" ।
( ସା. ଦ.-୧୦।୩୦ )

ବିଭିନ୍ନ ଅଙ୍ଗବିଶିଷ୍ଟ ( ଅଙ୍ଗୀ ) ଉପମେୟରେ ଉପମାନର ବିଭିନ୍ନ ଅଙ୍ଗ ଆରୋପିତ ହେଲେ ସାଙ୍ଗରୂପକ ହୁଏ ।

ଉଦାହରଣ —

(୧) କହିଲା ବଣିତା କବି ତା ପିତା
କଳ୍ପିବା ଶ୍ଳୋକ ତାର ଉପମାତା
କଲେ ତାକୁ ଭୋଗ ରସିକ ନେତା
କେତେ ହେଁ ଅବା ରହଇ ଯୋଗ୍ୟତା
କୁମନ୍ତ ଗୁଆଁର
କେବଳ ବଇମାତ୍ର ଭାଇ ତାର । ( ରସକଲ୍ଲୋଳ )

କବିତାଠାରେ ବନିତା, କବିଠାରେ ପିତା, କଳ୍ପନା ଲୋକ-ଠାରେ ଜନ୍ମୋତା, ରସିକଠାରେ ନେତା ଓ ଗୁଆଁରଠାରେ ବୈମାତ୍ରେୟ ଭାଇ ଆରୋପ କରାଯାଇଥିବାରୁ ଏହା ସାଙ୍ଗରୂପକ ।

(୨) ସମ୍ପଦର ବନ ମୋର ଶ୍ବଶୁର ନିଳୟ
ପ୍ରବେଶନ୍ତେ ତହିଁ ଶୁଭ୍ର ସମ୍ବାଦ ମଳୟ
ଶୋଭିବୃକ୍ଷେ ଫୁଟିଗଲା ଆନନ୍ଦ-ସୁମନ
ପ୍ରଭାର ପଲ୍ଲବ ହରିନେଲା ଜନମନ । ( ତପସ୍ବିନୀ )

ଶ୍ବଶୁର ନିଳୟକୁ ବନ ସହିତ ତୁଳନା କରାଯାଇଥିବାରୁ ମଳୟଠାରେ ସମ୍ବାଦ, ପୁଷ୍ପଠାରେ ଆନନ୍ଦ, ପଲ୍ଲବଠାରେ ପ୍ରଭା ଆରୋପିତ ହୋଇଛି ।

* (ଗ) ନିରଙ୍ଗରୂପକ —

"ନିରଙ୍ଗଂ କେବଳସ୍ୟୈବ ରୂପଣଂ...... ।" (ସା. ଦ.-୧୦,୩୨)

ଯେଉଁଠାରେ କୌଣସି ସାଙ୍ଗୋପାଙ୍ଗ ବର୍ଣ୍ଣନା ନ ଥାଇ, ଉପମେୟଠାରେ କେବଳ ଉପମାନର ( ଅଙ୍ଗୀ )ର ଆରୋପ ହୁଏ, ସେଠାରେ ନିରଙ୍ଗରୂପକ ହୁଏ ।

ଉଦାହରଣ :—

(୧) ଭବତଳେ ବଭ୍ରୁଦସ୍ୟୁ ମୂର୍ତ୍ତିମନ୍ତ
ଧଉଳ-ଦର୍ପଣେ ଦସ୍ୟୁ ସ୍ରୋତସ୍ବନ୍ତ । ( ଚିଲିକା )

ଏଠାରେ ସ୍ରୋତସ୍ବନ୍ତ ଦସ୍ୟୁ ନଦୀଠାରେ ବଭ୍ରୁଦସ୍ୟୁ ମୂର୍ତ୍ତିମନ୍ତ ହୋଇଥିବାର କଳ୍ପନା କରାଯାଇଥିବାରୁ ନିରଙ୍ଗରୂପକ ।

---

* ଏହାଛଡ଼ା ଆଳଙ୍କାରିକମାନେ ସାଙ୍ଗରୂପକକୁ ସମସ୍ତ ବସ୍ତୁ ବିଷୟ ସାଙ୍ଗ ଏକ ଦେଶବିବର୍ତ୍ତୀ ସାଙ୍ଗ; ନିରଙ୍ଗରୂପକକୁ ଶୁଦ୍ଧ ନିରଙ୍ଗ ଓ ମାଳା ନିରଙ୍ଗ; ପରମ୍ପରିତ ରୂପକକୁ ଶ୍ଳିଷ୍ଟ ପରମ୍ପରିତ ଓ ଅଶ୍ଳିଷ୍ଟ ପରମ୍ପରିତ ଭାବରେ ଭାଗ କରିଛନ୍ତି ।

(୨) କାମ ନିଦାଘର ଖର ରୌଦ୍ରତାପ
ପ୍ରେମ ଜ୍ୟୋସ୍ନା ଶରତର
କାମ ଅଟେ ଘୋର କୃଷ୍ଣବର୍ଣ୍ଣ, ପ୍ରେମ
ସ୍ୱଚ୍ଛ ଶୁଭ୍ର ସର୍ବତର । (ଶର୍ମିଷ୍ଠା)

କାମ, ନିଦାଘର ଖରରୌଦ୍ରତାପ ସଙ୍ଗେ; ପ୍ରେମ, ଶରତର ଜ୍ୟୋସ୍ନା ଓ ପୁଣି କାମ, କୃଷ୍ଣବର୍ଣ୍ଣ ସହ ଓ ପ୍ରେମ, ସ୍ୱଚ୍ଛତା ସହ ସ୍ୱତନ୍ତ୍ର ଭାବରେ ଆରୋପିତ ହୋଇଥିବାରୁ ନିରଙ୍ଗରୂପକ ।

## ଉଲ୍ଲେଖ

"କ୍ୱଚିଦ୍ ଭେଦାଦ୍ ଗ୍ରହୀତୃଣାଂ ବିଷୟାଣାଂ ତଥା କ୍ୱଚିତ୍
ଏକସ୍ୟାନେକଧୋଲ୍ଲେଖୋ ଯଃ ସ ଉଲ୍ଲେଖ ଉଚ୍ୟତେ ।"
(ସା. ଦ.-୧୦।୩୭)

ଏକ ବସ୍ତୁ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଭିନ୍ନ ଭିନ୍ନ ଭାବରେ ଗୃହୀତ ହେଲେ କିମ୍ବା ଏକ ବସ୍ତୁ ଭିନ୍ନ ଭିନ୍ନ ଗୁଣ ଅନୁସାରେ ବହୁ ପ୍ରକାରରେ ଅବଧାରିତ ହେଲେ ଉଲ୍ଲେଖ-ଅଳଙ୍କାର ହୁଏ ।

ଉଦାହରଣ : ଗ୍ରାହକଭେଦ—(୧)

ଚକିତେ ଚତ୍ତେ କେ ଭାବିଲା,
"ଏ ତ ବିଚିତ୍ର କଥା
ଏ ବନେ ଏ ଭଳି ମାନବୀ
ଅସମ୍ଭବ ସର୍ବଥା ।
ସ୍ୱର୍ଗପୁରୁଁ କେଉଁ ଦେଶ କି
ସଦ୍ୟ ଶାପର ଫଳେ;
ସଦେହରେ ଖସି ପଡ଼ିଛି
ଆସି ଅବନୀ ତଳେ ?

ଭ୍ରମୁ ଭ୍ରମୁ କବା ଅଭ୍ରରେ
ଅଭ୍ରମାତଙ୍ଗ ଚଢ଼ି,
ପୁରନ୍ଦର-ପୁର-ଶୋଭମା
ପଡ଼ିଅଛନ୍ତି ଗଡ଼ ?"
କଏ ବା ଭାବିଲ, "ଜାହ୍ନବୀ
ଅବା ମୂର୍ତ୍ତିମତୀ କ
ଲୋତକ କଲ୍ଲୋଳେ ଭସାଉ-
ଛନ୍ତି ବସୁମଣ୍ଡଳ ?" ( ତପସ୍ୱିନୀ )

ସୀତାଙ୍କୁ କେହି ସ୍ୱର୍ଗପୁରର ଦେବୀ, କେହି ପୁରନ୍ଦର-ପୁର-ଶୋଭମା, କେହି ଜାହ୍ନବୀ ଭାବରେ ଗ୍ରହଣ କରିଛନ୍ତି ।

ଦ୍ୱିତୀୟ ଭେଦ—

(୨) ନିରପେକ୍ଷ ଯେହୁ ଶମନ ସମାନ
ରୋଷେ ବୈଶ୍ୱାନର ପ୍ରାୟ ସର୍ବଗ୍ରାସୀ
ନ୍ୟାୟେ ବୃହସ୍ପତି, ପାଳନେ ଶ୍ରୀପତି
ଦୟା ର ଆଧାର ଶ୍ୱେତ ଦ୍ୱୀପବାସୀ
ଶକ୍ତି ଦଣ୍ଡେ କ୍ଷମାଗୁଣ ପରକାଶି । (ଭାରତ ଈଶ୍ୱରୀ)

ଏଠାରେ ବ୍ରିଟିଶ ଜାତି ଶମନ, ବୈଶ୍ୱାନର, ବୃହସ୍ପତି, ଶ୍ରୀପତି ରୂପେ ଭିନ୍ନ ଭିନ୍ନ ଗୁଣ ଅନୁସାରେ ଅବଧାରିତ ହୋଇଥିବାରୁ ଉଲ୍ଲେଖ-ଅଲଙ୍କାର ।

## ଅପହ୍ନୁତି

"ପ୍ରକୃତଂ ପ୍ରତିଷିଧ୍ୟାନ୍ୟ ସ୍ଥାପନଂ ସ୍ୟାଦପହ୍ନୁତିଃ ।"
( ସା. ଦ. ୧୦।୩୮ )

ପ୍ରକୃତ ବସ୍ତୁକୁ ( ଉପମେୟ ) ନିଷେଧ କରି ଅପ୍ରକୃତ ବସ୍ତୁ ( ଉପମାନ )ର ସ୍ଥାପନା କରିବାକୁ ଅପହ୍ନୁତି ଅଳଙ୍କାର କହନ୍ତି ।

ଉଦାହରଣ—

(୧) ଅଶ୍ବରଶ୍ମି ଗ୍ରାହୀ ସାଧୁ ସମାଜରେ
ପ୍ରକୃତ ସାରଥୀ ନୋହେ
ଅଶ୍ୱସମ ଉତ୍ତେ- ଜିତ କ୍ରୋଧ ଜିଣେ
ସେହୁ ସେ ସାରଥୀ ହୁଏ । ( ଶର୍ମିଷ୍ଠା )

ଏଠାରେ ଅଶ୍ବରଶ୍ମିଗ୍ରାହୀକୁ ସାରଥୀ ଭାବରେ ନିଷେଧ କରାଯାଇ ଯେ ଅଶ୍ୱସମ ଉତ୍ତେଜିତ କ୍ରୋଧକୁ ଜୟ କରିପାରେ, ସେ ସାରଥୀ ବୋଲି ସ୍ଥାପନା କରାଯାଇଛି ।

( ୨ ) ବସ୍ତୁ ନୁହଇଁ ସେ ଅଟଇଟି ଧୂମ
ଅନ୍ୟ ନାମ ତାର ଆକାଶକୁସୁମ । ( ତିଳକା )

ଏଠାରେ ବସ୍ତୁକୁ ନିଷେଧ କରାଯାଇ ତାହାକୁ ଧୂମ ଭାବରେ ସ୍ଥାପନା କରାଯାଇଛି ଓ ପରେ ପରେ ତାହାକୁ ଆକାଶକୁସୁମ ନାମରେ ଅଭିହିତ କରାଯାଇଛି ।

## ଉତ୍ପ୍ରେକ୍ଷା

"ଭବେତ୍ ସଂଭାବନୋତ୍ପ୍ରେକ୍ଷା ପ୍ରକୃତସ୍ୟ ପରାତ୍ମନା
ବାଚ୍ୟା ପ୍ରତୀୟମାନା ସା ପ୍ରଥମଂ ଦ୍ୱିବିଧା ମତା ।"

( ସା. ଦ.-୧୦।୪୦ )

ପ୍ରକୃତ ବସ୍ତୁରେ ଅପ୍ରକୃତ ବସ୍ତୁର ସମ୍ଭାବନା କରାଗଲେ ଉତ୍ପ୍ରେକ୍ଷା ଅଳଙ୍କାର ହୁଏ । ଏହା ଦୁଇ ପ୍ରକାର—ବାଚ୍ୟୋତ୍ପ୍ରେକ୍ଷା, ପ୍ରତୀୟମାନୋତ୍ପ୍ରେକ୍ଷା ।

"ବାଚ୍ୟେବାଦ୍ଧ ପ୍ରଯ୍ୋଗେ ସ୍ୟାଦପ୍ରଯ୍ୋଗେ ପରାପୁନଃ,"
( ସା. ଦ.--୧୦।୪୧ )

ଯେଉଁଠାରେ ସତେ, କି, ଅବା ପ୍ରଭୃତି ବାଚକ ଶବ୍ଦ ପ୍ରୟୋଗ ହୋଇଥାଏ, ସେଠାରେ ବାଚ୍ୟୋତ୍ପ୍ରେକ୍ଷା ଓ ଯେଉଁଠାରେ ତାହା ନ ଥାଏ, ସେଠାରେ ପ୍ରତୀୟମାନୋତ୍ପ୍ରେକ୍ଷା ହୁଏ ।

ଉଦାହରଣ : ବାଚ୍ୟୋତ୍ପ୍ରେକ୍ଷା—

(୧) ଲକ୍ଷ୍ୟାଏ ଲିହିଲା ପାଦ ନଗର ସୀମା
ସନ୍ଧ୍ୟାଏ ଉଦୟ କି ଶରଦ ଚନ୍ଦ୍ରମା ( ରୁକ୍ମିଣୀହରଣ )

ଏଠାରେ ଉପମେୟକୁ ( ଲକ୍ଷ୍ୟାଏ ) ଉପମାନ ( ଶରତ ଚନ୍ଦ୍ରମା ) ରୂପେ ସମ୍ଭାବନା କରାଯାଇଛି ।

(୨) ଶ୍ୱେତାଙ୍ଗ ଚଢ଼ାଇଗୁହା ସମୁଦ୍ରଗତ
ମାର ଭେଦ କିବା ଉଠେ ଐରାବତ ? ( ଚିଲିକା )

ଏଠାରେ ଚଢ଼ାଇଗୁହାକୁ ଐରାବତ ଭାବରେ ସମ୍ଭାବନା କରାଯାଉଛି ।

ପ୍ରତୀୟମାନୋତ୍ପ୍ରେକ୍ଷା—

ଏକେ ତ ମଧୁର ବସନ୍ତ କାଳ
ବାଳ ଭାନୁ ହେମ କିରଣ ଜାଲ
ପ୍ରସର ଶିଶିର ଜର୍ଜର ପର୍ଣ୍ଣେ
ଲୀଳା କରୁଅଛି ବିବିଧ ବର୍ଣ୍ଣେ
ଶିଶିର ବିନ୍ଦୁରେ ପଡ଼ି
ହୀରା ମାଳା ମୋତି ମାଣିକ୍ୟ ପଟଳ
ବଇଦ ଦେଇଛି ଗଢ଼ି । ( ତପସ୍ୱିନୀ )

ବାଳଭାନୁର ହେମକରଣଜାଳ ଶିଶିର ଜର୍ଜରିତ ପର୍ଣ୍ଣରେ ପ୍ରସରି ବିବିଧ ବର୍ଣ୍ଣରେ ଲୀଳା କରିବାକୁ କବି ସ୍ଫାରମାଳାମୋତି-ମାଣିକ୍ୟ ପଟଳ ଗଢ଼ି ଦେଉଛନ୍ତି ବୋଲି ଉତ୍ପ୍ରେକ୍ଷା କରିଛନ୍ତି । ଏଠାରେ ଉତ୍ପ୍ରେକ୍ଷା ବାଚକ ଶବ୍ଦ ଊହ୍ୟ । ତେଣୁ ପ୍ରତୀୟମାନୋତ୍-ପ୍ରେକ୍ଷା ହେବ ।

## ଦୀପକ

"ଅପ୍ରସ୍ତୁତ ପ୍ରସ୍ତୁତୟୋର୍ଦ୍ଦୀପକଂ ତୁ ନିଗଦ୍ୟତେ
ଅଥ କାରକମେକଂ ସ୍ୟାଦନେକାସୁ କ୍ରିୟାସୁଚେତ୍ ।"
( ସା. ଦ.-୧୦।୪୯ )

ଯେଉଁଠାରେ ପ୍ରକୃତ ଓ ଅପ୍ରକୃତ ବସ୍ତୁ ମଧ୍ୟରେ ଏକ ଧର୍ମ-ଜନିତ ସମ୍ବନ୍ଧ ଥାଏ ଅଥବା ଅନେକ କ୍ରିୟାର ଗୋଟିଏ କାରକ ଥାଏ, ସେଠାରେ ଦୀପକ ଅଲଙ୍କାର ହୁଏ ।

ଉଦାହରଣ —

(୧) ତଥାପି ସୁଭଗା ମଧୁଭାଷା ତୁମୋ କଥା ମୁଁ କସ କହିବି,
ନ ଥାଇ ସୁକୃତ କରିଛି କି ତତେ ବ୍ୟଥାହାରିଣୀ ବାନ୍ଧବୀ ।
ପ୍ରତିମାସେ ପୂର୍ଣ୍ଣସିଦ୍ଧି ବିନାୟକ ପ୍ରତିମା ସେବା କରିବା,
ଯତିମାନଙ୍କୁ ଗୋମତୀ ମାତାଙ୍କର ତଟରେ ଅନୁସରିବା ।
ଜପମାସ୍ତୁ ଭୂମିଦେବଙ୍କ ଚରଣରଜ ସେବି ପ୍ରତିଦିନ,
ଗୋପମାସ୍ତୁ କରି ତପମାସୁମସ୍ତୁ ଗୋପାଳଙ୍କୁ ଦେବା ଦାନ ।
ଯିବା ଶିବାଶ୍ରମ ନିବାସୀଙ୍କ ନମସ୍କରଣଗଲେ ତୋଷିବା,
ଶିବ ଶିବା ଦୁହେଁ ଥିବା ସୀମାଖୋଜ ସୁବାସିତ ଫୁଲ ଦେବା ।
କିକଟେ ପ୍ରକଟ ହୋଇବ ପୁରଟ ଘଟିତ ଲତାରେ ଫଳ ।
( ଚନ୍ଦ୍ରକଳା )

ଏଠାରେ ଅନେକଗୁଡ଼ିଏ କ୍ରିୟାର ଗୋଟିଏ କାରକ (ଗଜା) ଥିବାରୁ ଦୀପକ ଅଲଙ୍କାର ହେବ ।

(୨) ମାତ୍ର ନିମ୍ନମୁଖ ପତ୍ରୁଃ ଦୃଶି ଦ୍ରୁତ-ପ୍ରତିଗମନ
ଯେତେ ବାରିଲେ ହେଁ ମାନନ୍ତି ନାହିଁ ସେ କେବେ ବାରଣ ।
( ଉଷା )

ଏଠାରେ ପ୍ରକୃତ ବସ୍ତୁ ଜୟନ୍ତର ଦ୍ରୁତ ପ୍ରତିଗମନ ଓ ଅପ୍ରକୃତ ବସ୍ତୁ 'ନିମ୍ନମୁଖ ପତ୍ରୁଃ' ମଧ୍ୟରେ ଏକ ଧର୍ମଜନିତ ସମ୍ବନ୍ଧ ଥିବାରୁ ଦୀପକ ଅଲଙ୍କାର ହେବ ।

(୩) ଅଙ୍ଗ ଜର ଜର ଶରବରେ ଯହୁଁ ଏମନ୍ତ ଭାବ
ସେ ଚନ୍ଦ୍ରଶୀଳ ଶକଳ ହାସଚନ୍ଦ୍ରରେ ଦ୍ରବ । (ଲାବଣ୍ୟବତୀ)

ଏଠାରେ ପ୍ରକୃତ ବସ୍ତୁ 'ଶରରେ ଅଙ୍ଗ ଜରଜର ହେବା' ଓ ଅପ୍ରକୃତ ବସ୍ତୁ 'ଚନ୍ଦ୍ରଶୀଳ ଶକଳ ହାସଚନ୍ଦ୍ରରେ ଦ୍ରବିବା, ସମାନ ଶୋଭା ଥିବାରୁ ଉଭୟ ମଧ୍ୟରେ ଏକ ଧର୍ମଜନିତ ସମ୍ବନ୍ଧ ରହିଛି । ତେଣୁ ଦୀପକାଲଙ୍କାର ହେବ ।

(୪) ବଲ୍କଳ ଭାବ ବହୁଛି ଲଳିତା
ଶିଖା ଲଭିଅଛି, ପଢ଼ୁଛି ବଳିତା । ( ନନ୍ଦକେଶ୍ବରୀ )

ଏଠାରେ ପ୍ରକୃତ ବସ୍ତୁ ହେଉଛି ନନ୍ଦକେଶ୍ବରୀର (ଲଳିତା) ବଲ୍କଳ ଭାବ ବହନ କରି ପଡ଼ିରହିବା । ଅପ୍ରକୃତ ବସ୍ତୁ ହେଉଛି ବଳିତା ପଡ଼ି ରହିବା । ଏମାନଙ୍କ ମଧ୍ୟରେ ଏକ ଧର୍ମ ହେଉଛି ପ୍ରାଣ-ହୀନତା । ଏଠାରେ 'ବହୁଛି' ଓ 'ପଢ଼ୁଛି' ଦୁଇଟି ସ୍ବତନ୍ତ୍ର କ୍ରିୟା ବ୍ୟବହୃତ ହୋଇଛି; କିନ୍ତୁ ଏହା ଏକାର୍ଥବାଚକ ହୋଇଥିବାରୁ ଓ ଅର୍ଥର ଆବୃତ୍ତି ହୋଇଥିବାରୁ ଅର୍ଥାବୃତ୍ତି ଦୀପକ ହେବ ।

## ପ୍ରତିବସ୍ତୂପମା

"ପ୍ରତିବସ୍ତୂପମା ସା ସ୍ୟାଦ୍‌ବାକ୍ୟୟୋର୍ଗମ୍ୟସାମ୍ୟୟୋଃ
ଏକୋଽପି ଧର୍ମଃ ସାମାନ୍ୟୋ ଯତ୍ର ନିର୍ଦ୍ଦିଶ୍ୟତେ ପୃଥକ୍ ।
( ସା. ଦ.-୧୦।୫୦ )

ଯେଉଁ ଦୁଇଟି ବାକ୍ୟାର୍ଥରେ ସାଦୃଶ୍ୟ ପ୍ରତୀୟମାନ ହୁଏ ଓ ସେଥିରେ ଥିବା ଏକ ସାଧାରଣ ଧର୍ମକୁ ଭିନ୍ନ ଭିନ୍ନ ପଦଦ୍ୱାରା ପ୍ରକାଶ କରାଯାଏ, ସେଠାରେ ପ୍ରତିବସ୍ତୂପମା ଅଳଙ୍କାର ହୁଏ ।

ଉଦାହରଣ—

(୧) ତୂଳା ଉଡ଼ିଲା ତେଜି ଶାଲ୍ମଳିତରୁ
କୃପଣ-ଧନ କାଳେ ଉଡ଼େ ଖାତରୁ । ( ତପସ୍ୱିନୀ )

ଏଠାରେ ତୂଳା ଶାଲ୍ମଳୀତରୁ ତ୍ୟାଗକରି ଉଡ଼ିବା ଉପମେୟ ଓ 'କାଳେ' କୃପଣ-ଧନ ଖାତରୁ ଉଡ଼ିବା ଉପମାନ । ଏହି ଦୁଇ ବାକ୍ୟର ସାଧାରଣ ଧର୍ମ 'ଉଡ଼ିବା' ଭିନ୍ନ ଅର୍ଥରେ ପ୍ରକାଶ କରାଯାଇ-ଥିବାରୁ ସେଠାରେ ପ୍ରତିବସ୍ତୂପମା ଅଳଙ୍କାର ହେବ ।

(୨) କାନ୍ତ ରୂପ ଥିଲେ ପ୍ରଚ୍ଛନ୍ନେ
କେବେ ରସିକ ଛାଡ଼େ
ମଧୁ ଥିଲେ ପୁଷ୍ପେ ଯତନେ
ଖୋଜି ମଧୁପ କାଢ଼େ । ( ଚନ୍ଦ୍ରଭାଗା )

ଏଠାରେ ରସିକ ରୂପକୁ ନ ଛାଡ଼ିବା ଉପମେୟ ଓ ମଧୁକୁ ଭ୍ରମର କାଢ଼ିବା ଉପମାନ । ଏହି ଦୁଇ ବାକ୍ୟର ସାଧାରଣ ଧର୍ମ 'ନ ଛାଡ଼ିବା ଓ କାଢ଼ିବା' ଭିନ୍ନ ଭାବରେ (ଯେହେତୁ ଏକାର୍ଥବାଚକ) ପ୍ରକାଶ କରାଯାଇଥିଲେ ମଧ୍ୟ ପ୍ରତିବସ୍ତୂପମା ଅଳଙ୍କାର ହେବ ।

## ନିଦର୍ଶନା

"ସମ୍ଭବନ୍ ବସ୍ତୁ ସମ୍ବନ୍ଧୋଽସମ୍ଭବନ୍‌ବାପି କୁତ୍ରଚିତ୍
ଯତ୍ର ବିମ୍ବାନୁବିମ୍ବତ୍ୱଂ ବୋଧୟେତ୍ ସା ନିଦର୍ଶନା ।"
( ସା. ଦ.-୧୦।୫୧-୫୨ )

ବସ୍ତୁମାନଙ୍କ ମଧ୍ୟରେ ଥିବା ପରସ୍ପର ସମ୍ବନ୍ଧ ସମ୍ଭବ ବା ଅସମ୍ଭବ ମନେ ହେଲେ ମଧ୍ୟ ସେହି ବସ୍ତୁଦ୍ୱୟ ମଧ୍ୟରେ ତାତ୍ପର୍ଯ୍ୟଗତ ସାଦୃଶ୍ୟ ପ୍ରକାଶିତ ହେଉଥିଲେ ନିଦର୍ଶନା ଅଳଙ୍କାର ହୁଏ ।

ଉଦାହରଣ—

(୧) ଏହି ଯେ ତୋ ନୀଳ ବକ୍ଷ ତାରକିତ
କରି ବିହରନ୍ତି ହଂସ ଅଗଣିତ । ( ଚିଲିକା )

ଏଠାରେ ହଂସମାନେ ଚିଲିକାର ନୀଳ ବକ୍ଷକୁ ତାରକିତ କରି ବିହାର କରନ୍ତି ବୋଲି କବି କଳ୍ପନା କରିଛନ୍ତି । ଚିଲିକା'ର ନୀଳ ବକ୍ଷରେ ହଂସମାନେ, ନୀଳାକାଶର ଅଗଣିତ ତାରକା ସଦୃଶ ଦେଖାଯାଉଛନ୍ତି । ବସ୍ତୁତଃ ଏମାନଙ୍କ ମଧ୍ୟରେ ଥିବା ସମ୍ବନ୍ଧ ଅସମ୍ଭବ ମନେ ହେଲେ ବି କେବଳ ଶୋଭାସମ୍ପଦ ଦୃଷ୍ଟିରୁ ଯେଉଁ ତାତ୍ପର୍ଯ୍ୟଗତ ସାଦୃଶ୍ୟ ପ୍ରକାଶିତ ହେଉଛି, ସେଥିପାଇଁ ଏହା ନିଦର୍ଶନା ଅଳଙ୍କାର ହେବ ।

(୨) କାମାନ୍ଧ-ଦାନବର ପାପବଚନେ
ଥିଲୁ ଶୁଣି ଥିବ ପାପ ତୋ ମନେ
ନ ପାରେ କରି ଆଉ ତୋତେ ଗ୍ରହଣ
ଗ୍ରହଣ କଲେ ହେବ ଲୋକ ଗର୍ହଣ ।
ଜଳଦ ଜଳ କଲେ ନୀଚ ଗମନ
ଆଉ କି ତାକୁ ରଖି ପାରଇ ଘନ । ( ତପସ୍ୱିନୀ )

ଏଠାରେ ରାମଚନ୍ଦ୍ରଙ୍କର ସୀତାଙ୍କୁ ପୁନର୍ବାର ଗ୍ରହଣ ନ କରିବା ( କାମାନ୍ଧ······ଗର୍ହଣ ) ପ୍ରକୃତ ବସ୍ତୁ । ଘନ ଜଳକୁ ପୁନର୍ବାର ଗ୍ରହଣ ନ କରିବା ( ଜଳଦ······ଘନ ) ଅପ୍ରକୃତ ବସ୍ତୁ । ଏମାନଙ୍କ ମଧ୍ୟରେ 'ମାତ୍ରଗତ' ( ଉଭୟଙ୍କଠାରେ ) ତାତ୍ପର୍ଯ୍ୟଗତ ସାଦୃଶ୍ୟ । ତେଣୁ ନିଦର୍ଶନା ଅଳଙ୍କାର ହେବ ।

## ବ୍ୟତିରେକ

"ଆଧିକ୍ୟମୁପମେୟସ୍ୟୋପମାନାନ୍ନ୍ୟୂନତାଽଥବା
ବ୍ୟତିରେକଃ ।" ( ସା. ଦ.-୧୦।୫୨ )

ଉପମାନ ଅପେକ୍ଷା ଉପମେୟର ଆଧିକ୍ୟ କିମ୍ବା ନ୍ୟୂନତା କଥିତ ହେଲେ ବ୍ୟତିରେକ ଅଳଙ୍କାର ହୁଏ ।*

ଉଦାହରଣ—

(୧) ମାଳମାରେ ବାମା ଗୁରୁ କେଶପାଶ
ତୋ ମାଳ ବାଡକ କଲା ଉପହାସ
ତେଣୁ କି ତରଙ୍ଗେ ଅପମାନ ଭରେ
ଶିର ପିଟୁଥିଲେ ତରଣୀ ପଞ୍ଜରେ । ( ଚିଲିକା )

ଏଠାରେ ଉପମାନ ହେଉଛି ଚିଲିକାର ମାଳ ବାଡ ଓ ବାମାର ଗୁରୁକେଶ ପାଶ ( ପଦ୍ମାବତୀଙ୍କର ) ଉପମେୟ । ଚିଲିକାର ମାଳ

---

*ସାଧାରଣତଃ ଯେ କୌଣସି ଉପମାରେ ଉପମେୟ ଅପେକ୍ଷା ଉପମାନର ଆଧିକ୍ୟ ଥାଏ । ଅର୍ଥାତ୍ ଉପମେୟର ନ୍ୟୂନତା ଗୃହୀତ ହୋଇଥାଏ । ଏପରି ସ୍ଥଳେ ବ୍ୟତିରେକ ଅଳଙ୍କାର ହେଉଥିଲେ ମଧ୍ୟ ଏହା ସମୀଚୀନ ବୋଧହୁଏ ନାହିଁ । ବରଂ ଉପମାନ ଅପେକ୍ଷା ଉପମେୟର ଆଧିକ୍ୟ ଥିଲେ ବ୍ୟତିରେକ ଅଳଙ୍କାର ହେବା ଅଧିକ ସମୀଚୀନ ବୋଧ ହୁଏ ।—ଲେଖକ

ଙ୍କର( ଉପମାନ) ଅପେକ୍ଷା ପଦ୍ମାବତୀଙ୍କର କେଶପାଶ ( ଉପମେୟ ) ଅଧିକ ସୁନ୍ଦର ବୋଲି ବର୍ଣ୍ଣନା କରାଯାଇଛି ।

(୨) ସୁରଙ୍ଗ-ଚରଣ-ଲେହନ ପାଇଁ
ପାରିଜାତ ଦେଲା ଜିଭ ଲମ୍ବାଇ
ମୋତି ଜ୍ୟୋତି ନଖ ଚୁମ୍ବନ ଆଶେ
ଡାଳିମ୍ବ ରହିଲା ବକ୍ଷୁତ ଆସ୍ୟ
କରୁଣାଚରଣ ଅଣସ୍ରୀ
ଚନ୍ଦ୍ରଚମ୍ପା ହେଲା ହରିତ ବରଣ
ରାମରୂପ ଅନୁଯାୟୀ । ( ତପସ୍ୱିନୀ )

ଏଠାରେ ଉପମେୟ ଚରଣ ଓ ନଖର ଶୋଭା ଅଧିକ ଓ ଉପମାନ ଡାଳିମ୍ବ ଓ ପାରିଜାତର ଶୋଭା ନ୍ୟୂନ । ତେଣୁ ବ୍ୟତିରେକ ହେବ ।

## ସହୋକ୍ତି

"ସହାର୍ଥସ୍ୟ ବଳାଦେକଂ ଯତ୍ର ସ୍ୟାଦ୍ବାଚକଂ ଦ୍ୱୟୋଃ
ସା ସହୋକ୍ତିର୍ମୂଳଭୂତାତିଶୟୋକ୍ତିର୍ଯଦା ଭବେତ୍ ।"
( ସା. ଦ.-୧୦।୫୫ )

ସହାର୍ଥକ ଶବ୍ଦ ଯୋଗେ ଗୋଟିଏ ଶବ୍ଦ ଦୁଇଟି ଅର୍ଥ ପ୍ରକାଶ କଲେ ଓ ତାହା ସଙ୍ଗେ ସଙ୍ଗେ ଅତିଶୟୋକ୍ତି ମୂଳଭିତ୍ତି ରୂପେ ଥିଲେ ସହୋକ୍ତି ଅଳଙ୍କାର ହୁଏ ।

ଉଦାହରଣ —

(୧) କୁମାରଙ୍କ ତେଜ ବଦ୍ଧ୍ୟତ ସହିତ
ମିଶି ଦଶ ଦିଗ କଲା ଆଲୋକିତ ।

ହରଷେ ବାଜିବ କଲେ ତୋପଧ୍ୱନି
ନ ଜାଣିଲା ଲୋକେ ବୋଇଲେ ଅଶନି ।
ବରାଙ୍ଗନାଙ୍କର ହୁଳହୁଳି ସଙ୍ଗେ
ଘନ ଘଣ୍ଟଘଣ୍ଟି ମିଶିଗଲା ରଙ୍ଗେ । (ତପସ୍ୱିନୀ)

ଏଠାରେ ବଦ୍ୟୁତ୍ ସହିତ ତେଜର ଓ ଘଣ୍ଟଘଣ୍ଟି ସହିତ ହୁଳହୁଳିର ମିଶ୍ରଣ ଯଥାକ୍ରମେ 'ଦଶଦିଗ ଆଲୋକିତ କଲା' ଓ 'ମିଶିଗଲା ରଙ୍ଗେ' । ଏଠାରେ ସହାର୍ଥକ ଶବ୍ଦ ହେଲା 'ସହିତ' ଓ 'ସଙ୍ଗେ' । ବଦ୍ୟୁତ୍ ସହିତ ତେଜର ଓ ଘଣ୍ଟଘଣ୍ଟି ସହିତ ହୁଳହୁଳିର ମିଶ୍ରଣର ଅନ୍ତରାଳରେ ଅତିଶୟୋକ୍ତି ମୂଳ ଭିତ୍ତି ରୂପେ ବିଦ୍ୟମାନ ।

## ବିନୋକ୍ତି

"ବିନୋକ୍ତିର୍ଯଦ୍ୱିନାନ୍ୟେନ ନାସାଧ୍ୱନ୍ୟଦସାଧୁ ବା ।"
(ସା. ଦ. ୧୦।୫୭)

ଯଦି ଏକ ବସ୍ତୁର ଅଭାବରେ (ବିନା) କୌଣସି ବସ୍ତୁ ଶୋଭନୀୟ ବା ଅଶୋଭନୀୟ ବୋଧହୁଏ, ତେବେ ବିନୋକ୍ତି ଅଳଙ୍କାର ହୁଏ ।

ଉଦାହରଣ—

(୧) ସେ ସୁଖୁ ବଞ୍ଚିତ ହେଲେ ନ ବଞ୍ଚିବ ସୀତା
ପ୍ରଭୁ ପାଦ ସେବା ବିନା ବଶ୍ୟ ତାକୁ ପିତା ।
କାନ୍ତ ବିନା କାନ୍ତାପ୍ରାଣ ସ୍ୱଭାବେ ବିକଳ
ବିକଳ ଜୀବନ ମଣେ ଜଗତ ବିଫଳ । (ତପସ୍ୱିନୀ)

ଏଠାରେ ରାମଚନ୍ଦ୍ରଙ୍କର ପାଦସେବାର ସୁଯୋଗ ଅଭାବରୁ ସୀତାଙ୍କ ପକ୍ଷରେ ବଶ୍ୟ ବିରସ ମନେହେଉଛି । ରାମଚନ୍ଦ୍ରଙ୍କର ଅଭାବରେ (କାନ୍ତ ବିନା) ସୀତାଙ୍କର ପ୍ରାଣ (କାନ୍ତା ପ୍ରାଣ) ସ୍ୱଭାବତଃ ବିକଳ ହେଉଥିବାର ପ୍ରତିପାଦିତ ହୋଇଛି ।

( ୨ ) ତୋର କୃପାବଳେ ଯୁକ୍ତ ମହାସ୍ଥାନ
ତୋ କୃପା ଅଭାବେ ବଡ଼ ହୁଏ ସାନ । ( ଚିଲିକା )

ଏଠାରେ ବାଣାପାଣିଙ୍କର କୃପାର ଅଭାବରୁ ବଡ଼ସାନ ହେଉଥିବା ପ୍ରତିପାଦିତ ହୋଇଛି ।

## ସମାସୋକ୍ତି

"ସମାସୋକ୍ତିଃ ସମୈର୍ଯତ୍ର କାର୍ଯ୍ୟଲିଙ୍ଗବିଶେଷଣୈଃ
ବ୍ୟବହାରସମାରୋପଃ ପ୍ରସ୍ତୁତେଽନ୍ୟସ୍ୟ ବସ୍ତୁନଃ ।"
( ସା. ଦ.-୧୦।୫୬-୫୭ )

ସମାନ କାର୍ଯ୍ୟ, ସମାନ ଲିଙ୍ଗ ଓ ସମାନ ବିଶେଷଣର ପ୍ରୟୋଗ ଦ୍ୱାରା କୌଣସି ପ୍ରସ୍ତୁତ ପଦାର୍ଥରେ ଅପ୍ରସ୍ତୁତ ପଦାର୍ଥର ବ୍ୟବହାର ଅର୍ଥାତ୍ ଅବସ୍ଥାର ଆରୋପ କରାଗଲେ ସମାସୋକ୍ତି ଅଲଙ୍କାର ହୁଏ ।

ଉଦାହରଣ—

( ୧ ) ବିହଙ୍ଗମଗଣ ଡାକନ୍ତେ ଗଗନ—
ପ୍ରାଙ୍ଗଣେ ତାରକାକୁଳ
ଏକ ପରେ ଏକ ତା ପରେ ଅନେକ
ଆସି ହୋଇଗଲେ ଠୁଳ । ( ତପସ୍ୱିନୀ )

ଏଠାରେ ବିହଙ୍ଗମଗଣ ଡାକିବାରୁ 'ତାରକାମାନେ ଏକ ପରେ ଏକ, ତା ପରେ ଅନେକ' ହୋଇ ଠୁଳ ହେବା, ପ୍ରସ୍ତୁତ ପଦାର୍ଥରେ ଅପ୍ରସ୍ତୁତ ଅବସ୍ଥାର ଆରୋପ ହୋଇଥିବାରୁ ସମାସୋକ୍ତି ଅଲଙ୍କାର ହେବ ।

## ବ୍ୟାଜସ୍ତୁତି

"ଉକ୍ତା ବ୍ୟାଜସ୍ତୁତି ପୁନଃ
ନିନ୍ଦାସ୍ତୁତିଭ୍ୟାଂ ବାଚ୍ୟାଭ୍ୟାଂ ଗମ୍ୟତେ ସ୍ତୁତିନିନ୍ଦୟୋଃ ।
( ସା. ଦ.-୧୦।୫୯-୬୦ )

ଯେଉଁଠାରେ ସ୍ତୁତି ନିନ୍ଦାରୂପେ ବା ନିନ୍ଦା ସ୍ତୁତି ରୂପେ ପ୍ରତିଭାତ ହୁଏ, ସେଠାରେ ବ୍ୟାଜସ୍ତୁତି ଅଳଙ୍କାର ହୁଏ ।

ଉଦାହରଣ—

( ୧ ) ସାହେବ ପୋଷାକ କେହ୍ବ ଅବା ଚିହ୍ନ
ଷସ୍ତିରେ କହଇ ବଙ୍କା ବଙ୍କା ବୁଦ୍ଧ
ଅରେ ଥରେ ହସି ସାହେବ ଠାଣିରେ
ପୋଛଇ ବଦନ ରୋମାଲ କାନିରେ । ( ଦରବାର )

ଏଠାରେ ପରମୁଖାପେକ୍ଷୀ ଭଦ୍ରଶାସ୍ୟମାନଙ୍କର ଆଚରଣ, ବ୍ୟବହାର ଓ ବେଶଭୂଷାକୁ ସ୍ତୁତି କରିବା ଛଳରେ ନିନ୍ଦା କରାଯାଇଥିବାରୁ ବ୍ୟାଜସ୍ତୁତି ଅଳଙ୍କାର ହେବ ।

( ୨ ) ଭଲ କରି ଦେଖ ମୋର ଭାଇଙ୍କ ବଦନ
ଉପକାରୀ ପୁରୁଷ ମୋ ଅଟନ୍ତି ଏ ଜନ । (ବେଣୀସଂହାର)

ଏଠାରେ ଭାଇଙ୍କୁ ଉପକାରୀ ପୁରୁଷ ବୋଲି ବ୍ୟାଜସ୍ତୁତି କରାଯାଇଛି ।

## ଅର୍ଥାନ୍ତରନ୍ୟାସ

"ସାମାନ୍ୟଂ ବା ବିଶେଷେଣ ବିଶେଷସ୍ତେନ ବା ଯଦି
କାର୍ଯ୍ୟଂ ଚ କାରଣେନେଦଂ କାର୍ଯ୍ୟେଣ ଚ ସମର୍ଥ୍ୟତେ
ସାଧର୍ମ୍ୟେଣେତରେଣାର୍ଥାନ୍ତର ନ୍ୟାସୋଽଷ୍ଟଧା ତତଃ ।"

( ସା. ଦ.-୧୦।୬୧-୬୨ )

ବିଶେଷ ପଦାର୍ଥ ଦ୍ୱାରା ସାମାନ୍ୟ ପଦାର୍ଥ ବା ସାମାନ୍ୟ ପଦାର୍ଥ ଦ୍ୱାରା ବିଶେଷ ପଦାର୍ଥ, କାର୍ଯ୍ୟ ଦ୍ୱାରା କାରଣ ବା କାରଣ ଦ୍ୱାରା କାର୍ଯ୍ୟ ସମର୍ଥିତ ହେଲେ ଅର୍ଥାନ୍ତରନ୍ୟାସ ଅଳଙ୍କାର ହୁଏ । ଏହି ସମର୍ଥନ ସାଧର୍ମ୍ୟ, ବୈଧର୍ମ୍ୟ ଜରିଆରେ ହୋଇଥିବାରୁ ଅର୍ଥାନ୍ତରନ୍ୟାସ ଅଳଙ୍କାର ଆଠ ପ୍ରକାର ।

ଉଦାହରଣ—

( ୧ ) ଲକ୍ଷ୍ମୀଙ୍କ ସପତ୍ନୀ ହେବାରୁ ବରଦା
ଦାରିଦ୍ର୍ୟ ତୁମ୍ଭର ସଙ୍ଗୀ ହେଲା ସଦା । ( ଦରବାର )

ଏଠାରେ ବିଶେଷ ପଦାର୍ଥ ( ବରଦା ଲକ୍ଷ୍ମୀଙ୍କର ସପତ୍ନୀ ହେବାରୁ ) ଦ୍ୱାରା 'ତୁମର ଦାରିଦ୍ର୍ୟ ସର୍ବଦା ସଙ୍ଗୀ ହେଲା' ରୂପ ସାମାନ୍ୟ କଥନକୁ ସମର୍ଥନ କରାଯାଇଥିବାରୁ ଅର୍ଥାନ୍ତରନ୍ୟାସ ଅଳଙ୍କାର ହେବ ।

(୨) କରିଥାଇ ପୂର୍ବରେ ଯେ ଯେଉଁ କର୍ମ
କାଳେ ତାକୁ ତା ଭୋଗ କରାଏ ଧର୍ମ,
କରାଇ ଯେ ଥିଲେ ଶିବଙ୍କୁ ବିଷପାନ,
କେତେବେଳେ ସେ କଥା ନୋହିଲା ଆନ ।
(ରସକଲ୍ଲୋଳ)

ବିଷ୍ଣୁ ( ଅର୍ଥାନ୍ତରରେ କୃଷ୍ଣ ) ଶିବଙ୍କୁ ପୂର୍ବେ ବିଷପାନ କରାଇଥିବାରୁ ନିଜେ ବିଷପାନ କଲେ । ଶେଷୋକ୍ତ ଦୁଇ ପଂକ୍ତି ବିଶେଷ କଥନ ଓ ପ୍ରଥମୋକ୍ତ ଦୁଇ ପଂକ୍ତି ସାମାନ୍ୟ କଥନ । ଏଠାରେ ବିଶେଷ କଥନଦ୍ୱାରା ସାମାନ୍ୟ କଥନ ସମର୍ଥିତ ହୋଇଛି । ତେଣୁ ଅର୍ଥାନ୍ତରନ୍ୟାସ ଅଳଙ୍କାର ହେବ ।

## କାବ୍ୟଲିଙ୍ଗ

"ହେତୋର୍ବାକ୍ୟପଦାର୍ଥତ୍ୱେ କାବ୍ୟଲିଙ୍ଗଂ ନିଗଦ୍ୟତେ" ।
( ସା. ଦ.-୧୦।୬୨ )

ବ୍ୟଞ୍ଜନା ଯୋଗୁଁ କୌଣସି ବାକ୍ୟାର୍ଥ ବା ପଦାର୍ଥ କୌଣସି ବିଷୟର ହେତୁ ରୂପେ ପ୍ରତୀୟମାନ ହେଲେ କାବ୍ୟଲିଙ୍ଗ ଅଳଙ୍କାର ହୁଏ ।

ଉଦାହରଣ—

(୧) ଲେଖୀ ଖେଳେ ଯଥା ସ୍ୱମର୍ଯ୍ୟାଦା ଜାଗି
ପ୍ରଜାବାସୀ ପଦେ କହେ ଦେବା ଲାଗି,
କେହ୍ବା ଅବା ନିଜ ଦୁଃଖକୁ ଘୋଡ଼ାଇ
ପ୍ରଜାବାସୀ ଦୁଃଖ ଗାଇ ହେଉଥାଇ । ( ଦରବାର )

ଏହି ଉଦାହରଣରେ ପ୍ରଥମ ଦୁଇ ପଂକ୍ତି ପରବର୍ତ୍ତୀ ଦୁଇ ପଂକ୍ତିର ହେତୁରୂପେ ଉକ୍ତ ହୋଇଥିବାରୁ କାବ୍ୟଲିଙ୍ଗ ଅଳଙ୍କାର ହେବ ।

(୨) ପତିଚରଣାମୃତେ ରଖିଲା ଆଶା
ଗଣିଲା ନାହିଁ ଆଉ କ୍ଷୁଧା ପିପାସା । ( ତପସ୍ୱିନୀ )

ସୀତାଙ୍କ ପକ୍ଷରେ 'କ୍ଷୁଧା ପିପାସା ନ ଗଣିବା'ର ହେତୁରୂପେ 'ପତିଚରଣାମୃତରେ ଆଶା ରଖିବା' ପଦ ଉକ୍ତ ହୋଇଛି । ତେଣୁ କାବ୍ୟଲିଙ୍ଗ ଅଳଙ୍କାର ହେବ ।

## ବିଭାବନା

"ବିଭାବନା ବିନା ହେତୁଂ କାର୍ଯ୍ୟୋତ୍ପତ୍ତିର୍ଯଦୁଚ୍ୟତେ ।"
( ସା. ଦ.-୧୦।୬୬ )

କୌଣସି ହେତୁ ବିନା କାର୍ଯ୍ୟର ଉତ୍ପତ୍ତି ବର୍ଣ୍ଣିତ ହେଲେ ବିଭାବନା ଅଳଙ୍କାର ହୁଏ ।*

ଉଦାହରଣ—

(୧) ଅନଳ ନ ହୋଇ ଦେହ ଦହଇ
ଅସ୍ତ୍ର ନ ହୋଇ ମରମ ଭେଦଇ

* ଏହା ଦୁଇ ପ୍ରକାର—(୧) ଯେଉଁଠାରେ ହେତୁ ପ୍ରକାଶିତ ସେଠାରେ 'ଉକ୍ତ ବିଭାବନା' ଓ (୨) ଯେଉଁଠାରେ ହେତୁ ଅପ୍ରକାଶିତ, ସେଠାରେ ଅନୁକ୍ତ ବିଭାବନା ହୁଏ ।

ନୁହଇ ତ ଜଳ ବୁଡ଼ାଏ କୁଳ
ନୁହଇ ମାଦକ କରେ ବିହ୍ୱଳ
ନୁହଇ ବଡ଼ଶୀ ଗୋ
ବଳେ ମନ-ମୀନ ନିଏ ଆକର୍ଷି ।

( ବିଦଗ୍ଧ ଚିନ୍ତାମଣି )

ଏଠାରେ କୌଣସି କାରଣ ନ ଥାଇ 'ଦେହ ଦହି ହେବା', 'ମରମ ଭେଦିବା', 'କୁଳ ବୁଡ଼ାଇବା' 'ମନମୀନ ଆକର୍ଷି ନେବା' କାର୍ଯ୍ୟର ଉତ୍ପତ୍ତି ହୋଇଥିବାରୁ ବିଭାବନା ଅଳଙ୍କାର ହେବ ।

(୨) କେ ବୋଲଇ ମୁହିଁ ଅଟଇ ପୂରୁଷ
ବିନାମେଘେ ସୃଜି ପାରଇ କୁଳିଶ । ( ଦରବାର )

ଏଠାରେ କାରଣ ନ ଥାଇ ( ମେଘ ବିନା ) କାର୍ଯ୍ୟର ଉତ୍ପତ୍ତି ( କୁଳିଶ ) ହେଉଥିବାରୁ ବିଭାବନା ଅଳଙ୍କାର ହେବ ।

## ବିଶେଷୋକ୍ତି

"ସତି ହେତୌ ଫଳାଭାବେ ବିଶେଷୋକ୍ତିସ୍ତଥା ଦ୍ୱିଧା ।"

( ସା. ଦ.-୧୦।୬୭ )

କାରଣ ଥାଇ ମଧ୍ୟ କାର୍ଯ୍ୟର ଉତ୍ପତ୍ତି ନ ହେଲେ ବିଶେଷୋକ୍ତି ଅଳଙ୍କାର ହୁଏ । ଏହା ଉକ୍ତ ଓ ଅନୁକ୍ତ ଭେଦରେ ଦୁଇ ପ୍ରକାର ।

ଉଦାହରଣ—

(୧) ଖାଉଥିଲେ ଦ୍ରବ୍ୟ ସ୍ୱାଦୁ ନ ଜାଣେ
ଗନ୍ଧ ଘେନଇ ଉଦାସୀନ ଗୁଣେ
ଦେଖୁଥିଲେ ଆଖି ଚାହୁଁଇ ନାହିଁ
ଏ କର୍ମ ବୋଲି ସେ କର୍ମ କରଇ

କାହୁଁ ଆନଗ୍ରଷା ହେ
ଇଲେ ବାହାରେ ପ୍ରୀତିର ପ୍ରଶଂସା ।
(ବିଦଗ୍ଧ ଚିନ୍ତାମଣି)

ଏଠାରେ କାରଣ ଥାଇ ମଧ୍ୟ ସ୍ୱାଦୁ ନ ଜାଣିବା, ନ ଚିହ୍ନିବା ପ୍ରଭୃତି କାର୍ଯ୍ୟର ଉତ୍ପତ୍ତି ହେଉନାହିଁ ।

(୨) ଶାସ୍ତ୍ର ଜ୍ଞାନ ସତ୍ତ୍ୱେ ଜଡ଼, ଅନ୍ଧ ଚକ୍ଷୁ ଥାଇ,
ହେଲେ ହେଁ ଜାଗ୍ରତ ଗାଢ଼ ନିଦ୍ରା-ଅଭିଭୂତ,
ଦରଣ୍ଡି ହୁଅନ୍ତି ଆହା ! ମହାଘୋର ତମେ,
ଦୀପ ସତ୍ତ୍ୱେ, ମମତାର ଦୁର୍ଭେଦ୍ୟ ବନ୍ଧନେ । (ମହାଯାତ୍ରା)

ଏଠାରେ ଶାସ୍ତ୍ରଜ୍ଞାନ (କାରଣ) ଥାଇ ଜଡ଼, ଚକ୍ଷୁ ଥାଇ (କାରଣ) ଅନ୍ଧ, ଜାଗ୍ରତ ଥାଇ ( କାରଣ ) ଗାଢ଼ ନିଦ୍ରା ଅଭିଭୂତ ହେବା ପ୍ରଭୃତିରୁ ଜଣାଯାଉଛି ଯେ କାର୍ଯ୍ୟୋତ୍ପତ୍ତି ଘଟୁନାହିଁ । ତେଣୁ ଏଠାରେ ବିଶେଷୋକ୍ତି ଅଳଙ୍କାର ହେବ ।

## ବିରୋଧାଭାସ

ଜାତିଶ୍ଚତୁର୍ଭିର୍ଜାତ୍ୟାଦ୍ୟୈର୍ଗୁଣୋ ଗୁଣାଦିଭିସ୍ତ୍ରିଭିଃ
କ୍ରିୟା କ୍ରିୟାଦ୍ରବ୍ୟାଭ୍ୟାଂ ଯଦ୍ଦ୍ରବ୍ୟଂ ଦ୍ରବ୍ୟେଣ ବା ମିଥଃ
ବିରୁଦ୍ଧମେବ ଭାସେତ ବିରୋଧୋଽସୌ ଦଶାକୃତିଃ ।
( ସା. ଦ.-୧୦।୬୮-୬୯ )

ଜାତି, ଦ୍ରବ୍ୟ, ଗୁଣ, କ୍ରିୟା ସହିତ ଜାତିର; ଗୁଣ, ଦ୍ରବ୍ୟ, କ୍ରିୟା ସହିତ ଗୁଣର, କ୍ରିୟା ଓ ଦ୍ରବ୍ୟ ସହିତ କ୍ରିୟାର; ଦ୍ରବ୍ୟ ସହିତ ଦ୍ରବ୍ୟର ବିରୋଧ ଆପାତତଃ ପ୍ରତୀୟମାନ ହେଉଥିଲେ ଦଶପ୍ରକାର ବିରୋଧାଭାସ ଅଳଙ୍କାର ହୁଏ । କିନ୍ତୁ ବାକ୍ୟାର୍ଥ ଜ୍ଞାତ ହେବା ପରେ ଉକ୍ତ ବିରୋଧର ପରିହାର ହୋଇଥାଏ ।

ଉଦାହରଣ—

(୧) ତାତ ସିନ୍ଧୁଙ୍କ ବଳବ          ଝଗୁର କି କାମଦେବ
ମାଣିକ୍ୟ ହୀରା ରଥାଙ୍ଗ ପେଷି ଦେଇଛି ?
ବିଯୋଗୀ ସୁଖଦୁଃଖଦ          ସଂଯୋଗୀ ସୁଖ-ଦୁଃଖଦ
ପରସ୍ପରରେ ବିରୋଧାଭାସକୁ କରୁଛି
ଭ୍ରମ ନାଶନେ ତ ପ୍ରୟୋଗ
ତମେ ପଣେ, ତମ୍ଭୁଁ ଆସେ ଏ କି ସଂଯୋଗ ।

(ଡ. ଚନ୍ଦ୍ରମଣି)

ଚନ୍ଦ୍ର ସୂର୍ଯ୍ୟଙ୍କୁ ଦେଖିଲେ ମନେ ହେଲା ଯେ କନ୍ଦର୍ପ ନିଜ ପିତାଙ୍କର ପ୍ରସିଦ୍ଧିକୁ ବଳପିବାକୁ ଚେଷ୍ଟାକରୁଛି । କାରଣ ବିଷ୍ଣୁ ଗୋଟିଏ ଚକ୍ର ପେଷିଥିଲେ । କନ୍ଦର୍ପ ଦୁଇଟି ପେଷିଛି । ମାଣିକ୍ୟ ଚକ୍ରରୂପୀ ସୂର୍ଯ୍ୟ ଓ ହୀରକ ଚକ୍ରରୂପୀ ଚନ୍ଦ୍ର ବିରହୀମାନଙ୍କ ପକ୍ଷରେ ଯଥାକ୍ରମେ ସୁଖଦାୟକ ଓ ଦୁଃଖଦାୟକ । କାରଣ ସୂର୍ଯ୍ୟଙ୍କ ଥିବାବେଳେ ଏମାନେ ବିରହ ଦୁଃଖ-ଭୁଲିଯାନ୍ତି ଓ ରାତିରେ ବିରହୀମାନେ ବିରହ-ଦୁଃଖକୁ ଅନୁଭବ କରନ୍ତି । ତେଣୁ ବିରହୀମାନଙ୍କ ପକ୍ଷରେ ସୂର୍ଯ୍ୟ ସୁଖଦ ଓ ଚନ୍ଦ୍ର ଦୁଃଖଦ । ପୁଣି ସେହି ସୂର୍ଯ୍ୟ ଓ ଚନ୍ଦ୍ର ସଂଯୋଗୀମାନଙ୍କ ପକ୍ଷରେ ଯଥାକ୍ରମେ ସୁଖଦ ଓ ଦୁଃଖଦ ହେଲେ । ଯେଉଁମାନେ ପ୍ରିୟା ସହିତ ମିଳିଥାଆନ୍ତି, ସେମାନଙ୍କ ପକ୍ଷରେ ସୂର୍ଯ୍ୟ ସୁଖନାଶକ ଓ ଚନ୍ଦ୍ର ସେମାନଙ୍କ ପକ୍ଷରେ ଦୁଃଖ ନାଶକ । ଏଠାରେ ବିରୋଧ ପ୍ରତୀୟମାନ ହେଉଥିଲେ ବି ପ୍ରକୃତ ବିରୋଧ ନାହିଁ ।

(୨) ବିଷ୍ଣୁପଦ ମ୍ଳାନ ହେବାରୁ ଚଞ୍ଚଳା ଜ୍ୟୋତି ପ୍ରକାଶି କଲା ଲୀଳା
ବିଷକଣ୍ଠ ସୁଖେ ବଳସେ କୁଳଶେ ଗିରିଜା ସଂଧାଣି ହୋଇଲା

ବଲ୍ଲୋକନେ ଯେ, ବିରସ ଯୋଗୀଏ ନୋହିଲେ
ବିକଶି ପୁଷ୍ପେ ସୁଜାତି ସୁମନାଏ ମଧୁପ ମନକୁ ମୋହିଲେ ।
( ବୈ. ବିଳାସ )

ବିଷ୍ଣୁଙ୍କର ମୂର୍ଚ୍ଛା ( ପଦ୍ମଲୀନ ) ହେବାରୁ ଲକ୍ଷ୍ମୀ ( ଚଞ୍ଚଳା ) ଜ୍ୟୋତି ପ୍ରକାଶ କରି ନୃତ୍ୟ କଲେ । ଶିବ ( ବିଷକଣ୍ଠ ) ସୁଖରେ ବିଳାସ କରୁଥିବା ସମୟରେ ବଜ୍ରପାତ ଦ୍ୱାରା ପାର୍ବତୀଙ୍କର (ଗିରିଜା) ମୃତ୍ୟୁ ହେଲା । ଏହା ଦେଖି ଯୋଗୀମାନେ ବିରସ ହେଲେ ନାହିଁ । ସ୍ତ୍ରୀମାନେ ପୁଷ୍ପବତୀ ହୋଇ ମଦ୍ୟପମାନଙ୍କର ମନ ହରଣ କଲେ । ଅପର ଅର୍ଥରେ ମେଘଦ୍ୱାରା ଆକାଶ ଅଦୃଶ୍ୟ ( ଲୀନ ) ହେବାରୁ ଚଞ୍ଚଳା ଜ୍ୟୋତି ପ୍ରକାଶି ଲୀଳା କଲା ( ବର୍ଷା ଋତୁର ବର୍ଣ୍ଣନା ହେତୁ ) । ଏଣୁ ବିରୋଧାଭାସ ପ୍ରତୀୟ ହେଉଥିଲେ ବି ନାହିଁ ।

## ଅସଙ୍ଗତି

"କାର୍ଯ୍ୟକାରଣୟୋର୍ଭିନ୍ନଦେଶ ତାୟାମ ସଂଗତି" ।
( ସା. ଦ.-୧୦।୭୯ )

ସାଧାରଣତଃ କାର୍ଯ୍ୟ ଓ କାରଣ ଏକ ସ୍ଥାନରେ ଘଟିଥାଏ, କିନ୍ତୁ ଭିନ୍ନ ଭିନ୍ନ ସ୍ଥାନରେ କାର୍ଯ୍ୟ ଓ କାରଣର ଅବସ୍ଥିତି ବର୍ଣ୍ଣିତ ହେଲେ ଅସଙ୍ଗତି ଅଳଙ୍କାର ହୁଏ ।

ଉଦାହରଣ—

( ୧ ) ମନେ ନାହିଁ ତୁମ୍ଭେ କାହାର ସନ୍ତାନ
କେଶରୀ ଔରସେ ତୁମ୍ଭେ ସେନା ଶ୍ୱାନ । ( ଦରବାର )

କେଶରୀ ଔରସରୁ ଶ୍ୱାନ ଜାତ ହେବା ସମ୍ଭବ ନୁହେଁ, କିନ୍ତୁ ବୀରକୁଳରେ ଜାତ ହୋଇ ମଧ୍ୟ ଓଡ଼ିଆଏ ଶ୍ୱାନ ପରି ଆଚରଣ

କରୁଥିବାରୁ କବି କାର୍ଯ୍ୟ ଓ କାରଣରେ ଭିନ୍ନ ଭିନ୍ନ ଅବସ୍ଥିତି ବର୍ଣ୍ଣନା କରିଛନ୍ତି । ତେଣୁ ଏହା ଅସଙ୍ଗତି ଅଳଙ୍କାର ହେବ ।

## ପ୍ରତୀପ

"ପ୍ରସିଦ୍ଧସ୍ୟୋପମାନସ୍ୟୋପମେୟତ୍ୱ ପ୍ରକଳ୍ପନମ୍
ନିଷ୍ଫଳତ୍ୱାଭିଧାନଂ ବା ପ୍ରତୀପମିତି କଥ୍ୟତେ ।"

( ସା. ଦ.-୧୦।୮୭-୮୮ )

ଉପମାନ ରୂପେ ପ୍ରସିଦ୍ଧ ବସ୍ତୁରେ ଉପମେୟତ୍ୱ କଳ୍ପିତ ହେଲେ କିମ୍ବା ଉପମେୟର ସ୍ଥିତି ଥାଇ ମଧ୍ୟ ଉପମାନର ନିଷ୍ଫଳତ୍ୱ ପ୍ରତିପାଦିତ ହେଲେ ପ୍ରତୀପ ଅଳଙ୍କାର ହୁଏ ।

ଉଦାହରଣ.—

(୧) ନୀଳମାରେ ବାମା ଗୁରୁକେଶ ପାଶ
ତୋ ନୀଳ ଚାମର କଲା ଉପହାସ । ( ଚିଲିକା )

ଏଠାରେ ଉପମେୟର ସ୍ଥିତି ଥାଇ ମଧ୍ୟ ଉପମାନ ନୀଳଚାମରର ନିଷ୍ଫଳତ୍ୱ ପ୍ରତିପାଦିତ ହୋଇଥିବାରୁ ପ୍ରତୀପ ଅଳଙ୍କାର ହେବ ।

(୨) ଯାହାଁ ପାଇଁ ଅଙ୍ଗେ ମଣ୍ଡି ହୁଅନ୍ତି ସେ ପାରିଜାତ କୁସୁମକୁ
କେତେ ତପ କରି ପାଇଛନ୍ତି ସହୁଁ ସେ ମନୋହର ହାସ ସମକୁ
କାନ୍ତିକୁ ସମ ନୁହଁଇ କ୍ଷଣକାନ୍ତି
କାଦମ୍ବିନୀ କୋଳେ ଥାଇ ସେ ଚଞ୍ଚଳେ
ଦେଖାଇ ନ ଦେଖାଏ ଜ୍ୟୋତି । ( ରସକଲ୍ଲୋଳ )

ଏଠାରେ ଉପମାନ ପାରିଜାତ କୁସୁମର ନିଷ୍ଫଳତ୍ୱ ପ୍ରତିପାଦନ କରାଯାଇଛି । କାରଣ ବହୁ ତପ ଫଳରେ ସେ ଗୋପୀମାନଙ୍କର

ହାସ୍ୟ ( ଉପମେୟର ସ୍ଥିତି ) ସର୍ବତ୍ର ସମାନ ହୋଇଛି । ସେହିପରି ଷଡ଼କାନ୍ତ ( ଉପମାନ ) ଗୋପୀମାନଙ୍କର କାନ୍ତ ( ଉପମେୟ ) ନିକଟରେ ନିଷ୍ଫଳ ପ୍ରତିପାଦିତ ହେଉଛି । ତେଣୁ ଏଠାରେ ପ୍ରତୀପ ଅଳଙ୍କାର ହେବ ।

## ସ୍ୱଭାବୋକ୍ତି

"ସ୍ୱଭାବୋକ୍ତିର୍ଦୁରୂହାର୍ଥ ସ୍ୱକ୍ରିୟା ରୂପବର୍ଣ୍ଣନମ୍ ।"

( ସା. ଦ.-୧୦।୯୩ )

ଯେଉଁଠାରେ ବସ୍ତୁ, ବ୍ୟକ୍ତି ବା ପ୍ରକୃତି ପ୍ରଭୃତିର ଦୁରୂହାର୍ଥ ( ଯାହା କେବଳ କବିମାନଙ୍କ ଦ୍ୱାରା ଜ୍ଞାତବ୍ୟ ) କ୍ରିୟା ଓ ରୂପ ଅନୁଯାୟୀ ଯଥାଯଥ ଭାବରେ ବର୍ଣ୍ଣନା କରାଗଲେ ସ୍ୱଭାବୋକ୍ତି ଅଳଙ୍କାର ହେବ ।

ଉଦାହରଣ :—

(୧) ତୋ ପଶ୍ଚିମଭାଗର ଶୋଭାର ନିଳୟ
ଦେଖି ନ ଉଲ୍ଲସେ କାହାର ହୃଦୟ !
ଶ୍ୟାମଳରୁ କ୍ରମେ ନୀଳ ନୀଳତର
ସୋପାନ ସ୍ୱରୂପେ ବସେ ଶୈଳସ୍ତର
ଅଭ୍ରଂକଷ ଶୃଙ୍ଗ ପ୍ରାନ୍ତ-ପାତେରେ
ଶୋଭେ ଶୋଭାମୟ ଭୂଧର ଭାଲେରେ । ( ଚିଲିକା )

ଏଠାରେ ଚିଲିକାର ପଶ୍ଚିମଭାଗର ପ୍ରକୃତିର ରୂପ ଯଥାଯଥ ଭାବରେ ବର୍ଣ୍ଣିତ ହୋଇଥିବାରୁ ସ୍ୱଭାବୋକ୍ତି ଅଳଙ୍କାର ହେବ ।

(୨) କଟିତଟେ ଭିଡ଼ି ବାସ ଅଞ୍ଚଳ
ଗତି କରୁଥାନ୍ତି ହୋଇ ଚଞ୍ଚଳ
ରୁକ୍ଷ କେଶ ଶିରେ କଳସ ବନ୍ଧି
ସ୍ୱେଦ ଯାଉଥାଏ ଲଲାଟେ ବନ୍ଧି
ପୋଛି ଦେଉଥାନ୍ତି କରେ
ମନ୍ଥର ଗମନା ରାଜନନ୍ଦନାଙ୍କୁ
ଚାହିଁ ଚାହିଁ ଥରେ ଥରେ । ( ତପସ୍ୱିନୀ )

ଏଠାରେ ଯଥାଯଥ ଭାବରେ ବର୍ଣ୍ଣିତ ହୋଇଥିବାରୁ ସ୍ୱଭାବୋକ୍ତି ଅଳଙ୍କାର ।

## ସଂସୃଷ୍ଟି ଓ ସଂକର

"ଯଦ୍ୟେତ ଏବାଲଙ୍କରାଃ ପରସ୍ପର ବିମିଶ୍ରିତାଃ
ତଦା ପୃଥଗଲଂକାରୌ ସଂସୃଷ୍ଟିଃ ସଂକରସ୍ତଥା ।"
( ସା. ଦ.-୧୦।୯୭-୯୮ )

ଯେଉଁଠାରେ ଏକାଧିକ ଅଳଙ୍କାର ପରସ୍ପର ସହିତ ମିଶ୍ରିତ ହୋଇଥାଏ, ସେଠାରେ ସଂସୃଷ୍ଟି ଓ ସଂକର ନାମକ ପୃଥକ୍ ଅଳଙ୍କାର ହୋଇଥାଏ ।

(କ) ସଂସୃଷ୍ଟି—

"ମିଥୋଽନପେକ୍ଷଯୈତେଷାଂ ସ୍ଥିତିଃ ସଂସୃଷ୍ଟିରୁଚ୍ୟତେ" ।
( ସା. ଦ.-୧୦।୯୮ )

ଯେଉଁଠାରେ ଅଳଙ୍କାରଗୁଡ଼ିକ ନିରପେକ୍ଷ ଭାବରେ ( ପରସ୍ପର ଉପରେ ନିର୍ଭର ନ କରି ) ରହିଥାନ୍ତି, ସେଠାରେ

ସଂସୃଷ୍ଟି ଅଳଙ୍କାର ହୁଏ । କେବଳ ଶବ୍ଦାଳଙ୍କାର ବା ଅର୍ଥାଳଙ୍କାର ବା ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାରର ଏକତ୍ର ଅବସ୍ଥିତିରେ ମଧ୍ୟ ସଂସୃଷ୍ଟି ଅଳଙ୍କାର ହୁଏ । ଏହି ଅବସ୍ଥିତିକୁ 'ତିଳତଣ୍ଡୁଳ ମିଶ୍ରଣ' ନାମରେ ଅଭିହିତ କରାଯାଇଛି । ଅର୍ଥାତ୍ ପରସ୍ପରଠାରୁ ପରସ୍ପରକୁ ପୃଥକ୍ କରାଗଲେ କୌଣସି ସୌନ୍ଦର୍ଯ୍ୟହାନି ହୁଏ ନାହିଁ ।

ଶବ୍ଦାଳଙ୍କାର ସଂସୃଷ୍ଟି—ଉଦାହରଣ :—

(୧) ପତିବ୍ରତା ଅଙ୍ଗେ ଲାଗି    ପବିତ୍ର ହେବାର ଲାଗି
ବ୍ରତସ୍ଥ ବାସ ବରଗି ପ୍ରସୂନମାନ
ହୁଛୁଁ ହୁଛୁଁ ଝାସି ଝାସି    ଧଇଁଥିବେ ଖସି ଖସି
ଭ୍ରମୁଥିବେ ଆସି ଆସି ତୋ ସନ୍ନିଧାନେ......।

( ତପସ୍ୱିନୀ )

ଏଠାରେ ଲାଟାନୁପ୍ରାସ, ଛେକାନୁପ୍ରାସ ଓ ପ୍ରାନ୍ତ ଯମକ ଥିବାରୁ ଶବ୍ଦାଳଙ୍କାର ସଂସୃଷ୍ଟି ।

ଅର୍ଥାଳଙ୍କାର ସଂସୃଷ୍ଟି—ଉଦାହରଣ :—

ସଙ୍ଗେ ଘେନି ସଖୀ ସଙ୍ଗିନୀଗଣ
ଉଦ୍ୟାନରେ ଥରେ କଲେ ଭ୍ରମଣ
ଆର୍ଯ୍ୟାବର୍ତ୍ତ-ଉରେ କି ଭାଗୀରଥୀ
ଚଳେ ଲଭି ସଖୀବୃନ୍ଦ ସଙ୍ଗତି
ଅଳଙ୍କୃତ ହେଲା ପଥ
ଉଦ୍ଭାସ କରି ଗନ୍ଧର୍ବ ଯୁବତୀ ବିଳସିତ ଚୈତ୍ରରଥ ।

( ତପସ୍ୱିନୀ )

ଏଠାରେ ଉତ୍ପ୍ରେକ୍ଷା ଓ ବ୍ୟତିରେକ ଅଳଙ୍କାର ଥିବାରୁ ଅର୍ଥାଳଙ୍କାର ସଂସୃଷ୍ଟି ।

ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାର ସଂସୃଷ୍ଟି —

ଯେଉଁଠାରେ ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାର ଏକତ୍ର ଥିବେ ( ତିଳତଣ୍ଡୁଳ ନ୍ୟାୟରେ ) ସେଠାରେ ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାର ସଂସୃଷ୍ଟି ହେବ ।

(ଖ) ସଙ୍କର—

"ଅଙ୍ଗାଙ୍ଗିତ୍ୱେଽଲଂକୃତୀନାଂ ତଦ୍ବଦେକାଶ୍ରୟସ୍ଥିତୌ
ସନ୍ଦିଗ୍ଧତ୍ୱେ ଚ ଭବତି ସଙ୍କରସ୍ତ୍ରିବିଧଃ ପୁନଃ ।

(ସା. ଦ.-୧୦।୯୮ )

ଯେଉଁଠାରେ ଅଳଙ୍କାରଗୁଡ଼ିକ କ୍ଷୀରନୀର ନ୍ୟାୟରେ ମିଳିତ ହୋଇ ପରସ୍ପର ଉପରେ ନିର୍ଭର କରି ରହିଥାନ୍ତି, ସେଠାରେ 'ସଂକରାଳଙ୍କାର' ହୁଏ ।

ସଂକରାଳଙ୍କାର ତିନି ପ୍ରକାର । (୧) ଯେଉଁଠାରେ ଅଳଙ୍କାର ମାନଙ୍କ ମଧ୍ୟରୁ କେତେକ ଅଙ୍ଗ ଅର୍ଥାତ୍ ଉପକାରୀ ଓ କେତେକ ଅଙ୍ଗୀ ଅର୍ଥାତ୍ ଉପକାର୍ଯ୍ୟ ଭାବରେ ରହନ୍ତି, ସେଠାରେ ଅଙ୍ଗାଙ୍ଗୀଭାବ ସଂକର ହୁଏ । (୨) ଯେଉଁଠାରେ ଏକମାତ୍ର ଆଶ୍ରୟରେ ( ଶବ୍ଦ ବା ଅର୍ଥରେ) ଅନେକ ଅଳଙ୍କାର ଅବସ୍ଥାନ କରନ୍ତି, ସେଠାରେ ତ୍ରିବିଧ ପ୍ରକାର ଶବ୍ଦାର୍ଥାଶ୍ରିତ ସଂକରାଳଙ୍କାର ହୁଏ । (୩) ଗୋଟିଏ ପାଦରେ ବିଭିନ୍ନ ଅଳଙ୍କାର ମଧ୍ୟରେ ସନ୍ଦେହ ରହିଲେ ସନ୍ଦେହ ସଂକରାଳଙ୍କାର ହୁଏ ।

ଉଦାହରଣ.—

(୧) ଚନ୍ଦ୍ରକୁ କହେ କୁମର ମାରକୁ କି
ଏଣୁ ନିକଟେ ଲସାଇବ ।
ଥିବ ଜୀବ ଜୀବବଲ୍ଲଭୀ ଲଭିବା ଯାଏ
ଯାଏ କି ଭାଗ୍ୟ ଦିଶାଇବ ।
ଚନ୍ଦ୍ରମା ।
ରହସ୍ୟେ ରଙ୍ଗେ ରସାଇବ ।
ନ ବସାଇଁ ତାକୁ ପଲକେ ପଲଙ୍କେ
ଉରୁ ଉପରେ ବସାଇବ ।
( ପ୍ରେମ ସୁଧାନିଧି )

ଏଠାରେ ଛେକାନୁପ୍ରାସ ଓ ମଧ୍ୟଯମକ କ୍ଷୀରନୀର ନ୍ୟାୟରେ ଅଙ୍ଗାଙ୍ଗୀଭାବରେ ଥିବାରୁ ସଂକରାଲଙ୍କାର ହେବ ।

(୨) ସୁରତ-ତରଙ୍ଗିଣୀ ରସ ଗମନରେ
କି ମେରୁପର୍ବତ ଗୁରୁ ଶ୍ରୀବତ ଭେଦନ ବଡନ୍ତ ହ୍ରଦରେ ।
( ବ. ଚିନ୍ତାମଣି )

ଏଠାରେ ଉତ୍ପ୍ରେକ୍ଷା ଓ ଶ୍ଲେଷ ଅଲଙ୍କାର ଏକମାତ୍ର ଆଶ୍ର-ୟରେ ଅବସ୍ଥାନ କରିଥିବାରୁ ସଂକରାଲଙ୍କାର ହେବ ।

(୩) ବଲ୍ଲକର ଭାବ ବନ୍ଧୁ ଲଳିତା
ଶିକ୍ଷା ନିଭିଅଛି, ପଢ଼ିଛି ବନିତା । ( ନନ୍ଦକେଶରୀ

ଏଠାରେ ଲୁପ୍ତୋପମା ଓ ରୂପକ ଅଲଙ୍କାରର ସ୍ଥିତି ସମ୍ପର୍କରେ ସନ୍ଦେହ ହେଉଛି । ଲୁପ୍ତୋପମା ଅଲଙ୍କାର ବୋଲି ବିଚାର କଲେ ଏଠାରେ ଉପମାବାଚକ ଶବ୍ଦ ( ପରି, ସମ, ତୁଲ୍ୟ ଆଦି

ନାହିଁ । ଉପମେୟ ଲଳିତା ଓ ଉପମାନ ବଳିତା ଓ ସାଧାରଣଧର୍ମ ପ୍ରାଣସ୍ଥାନତା ।

ରୂପକ ଭାବରେ ବର୍ଣ୍ଣନ କଲେ ପ୍ରକୃତ ବସ୍ତୁ ଲଳିତା ( ନନ୍ଦକେଶ୍ୱରୀ ) ଓ ଅପ୍ରକୃତ ବସ୍ତୁ ବନିତା ମଧ୍ୟରେ ପ୍ରାଣସ୍ଥାନ ଭାବରେ ପଡ଼ିରହିବା ହିଁ ସାଧାରଣ ଧର୍ମ । 'ବହିଛି' ଓ 'ପଡ଼ିଛି' ଏକାର୍ଥବାଚକ କ୍ରିୟାପଦ । ତେଣୁ ରୂପକ ମଧ୍ୟ ହୋଇପାରେ ।

କେଉଁ ଅଳଙ୍କାର ହେବ, ସନ୍ଦେହ ହେଉଥିବାରୁ ସନ୍ଦେହ ସଂକରାଳଙ୍କାର ହେବ ।

# କାବ୍ୟ-ଦୋଷ

କାବ୍ୟର ଆତ୍ମଭୂତ ରସର ଯାହା ଅପକର୍ଷ ସାଧନ କରେ, ତାହାକୁ କାବ୍ୟର ଦୋଷ କୁହାଯାଏ । ଯେପରି କାଣତ୍ୱ ଓ ଖଞ୍ଜତ୍ୱ ପ୍ରଭୃତି ଧର୍ମ ଶରୀର ଓ ଅନ୍ତଃକରଣକୁ ଦୂଷିତ କରି ଆତ୍ମାର ଅପକର୍ଷ ସାଧନ କରେ ଓ ମନୁଷ୍ୟର ଦୋଷରୂପେ ବିବେଚିତ ହୋଇଥାଏ, ସେହିପରି ଭାବରେ ଦୁଃଶ୍ରବତ୍ୱ, ଅଶ୍ଳୀଳତ୍ୱ ପ୍ରଭୃତି ଧର୍ମ କାବ୍ୟର ଶବ୍ଦାର୍ଥରୂପୀ ଶରୀରକୁ ଦୂଷିତ କରିଥାଏ ଓ କାବ୍ୟର ଆତ୍ମଭୂତ ରସର ଅପକର୍ଷ ସାଧନ କରି ଦୋଷ ନାମରେ ଅଭିହିତ ହୋଇଥାଏ । ଯେ ଦୂଷିତ କରେ, ସେ ଦୋଷ—ଏହା ହିଁ ଦୋଷର ବ୍ୟୁତ୍ପତ୍ତିଗତ ଅର୍ଥ ।

କାବ୍ୟର ( ଆତ୍ମଭୂତ ରସର ) ଅପକର୍ଷ ତିନି ପ୍ରକାର ହୋଇ ପାରେ—(କ) ରସର ଅନୁଭବରେ ପ୍ରତିବନ୍ଧକ ସୃଷ୍ଟି ହେଲେ, (ଖ) ରସର ଚମତ୍କାରିତ ଶଯ୍ୟର ଅନୁଭବରେ ବାଧା ଜନ୍ମିଲେ ଓ (ଗ) ରସର ଅନୁଭବରେ ବିଳମ୍ବ ଘଟିଲେ । ଏଠାରେ ରସର ଅର୍ଥ ହେଉଛି, ଯାହା ଆସ୍ୱାଦିତ ହୁଏ । ରସ ଶବ୍ଦଦ୍ୱାରା ରସାଭାସ, ଭାବ ଓ ଭାବାଭାସ ପ୍ରଭୃତି ମଧ୍ୟ ସୂଚିତ ।

ସଂସ୍କୃତ ଅଳଙ୍କାର ଶାସ୍ତ୍ରରେ ସାଧାରଣତଃ ପାଞ୍ଚ ପ୍ରକାର କାବ୍ୟ-ଦୋଷ ବର୍ଣ୍ଣିତ ହୋଇଛି—ପଦଦୋଷ, ପଦାଂଶଦୋଷ, ବାକ୍ୟ-ଦୋଷ, ଅର୍ଥଦୋଷ ଓ ରସଦୋଷ । ଯେଉଁ ସବୁ ଦୋଷ ପଦକୁ ଆଶ୍ରୟ କରି ଅବସ୍ଥିତ, ତାହା 'ପଦଦୋଷ', କିନ୍ତୁ ଏହି ସବୁ ଦୋଷ ପଦର ଏକ ଦେଶରେ ( ଅଂଶ ) ରହିଲେ 'ପଦାଂଶଦୋଷ' ଓ କୌଣସି ବାକ୍ୟରେ ଏହିପରି ଦୋଷ ଏକାଧିକ ପଦରେ

ରହିଲେ ତାହା 'ବାକ୍ୟଦୋଷ' ନାମରେ କଥିତ ହୋଇଥାଏ । ତେଣୁ ବିଗ୍ଭର କରି ଦେଖିଲେ ଜଣାଯାଏ ଯେ ଦୋଷ ସାଧାରଣତଃ ତିନି ପ୍ରକାର—ପଦଦୋଷ, ଅର୍ଥଦୋଷ ଓ ରସଦୋଷ ।

**ପଦଦୋଷ**—ଦୁଃଶ୍ରବତ୍ୱ, **ଅଶ୍ଳୀଳତ୍ୱ** ( ତିନି ପ୍ରକାର ), ଅନୁଚିତାର୍ଥ, ଗ୍ରାମ୍ୟତ୍ୱ, **ଅପ୍ରଯୁକ୍ତତ୍ୱ**, ସନ୍ଦିଗ୍ଧତ୍ୱ, **ନେୟାର୍ଥତ୍ୱ**, ନିହତାର୍ଥତ୍ୱ, **ଅବାଚକତ୍ୱ**, କ୍ଲିଷ୍ଟତ୍ୱ, ବିରୁଦ୍ଧମତିକାରିତ୍ୱ ବିଧେୟାବିମର୍ଷ ଇତ୍ୟାଦି । ଏମାନଙ୍କ ମଧ୍ୟରୁ କେତେକ ଦୋଷ ପଦରେ ଓ ବାକ୍ୟରେ ଅବସ୍ଥାନ କରିଥାନ୍ତି । କେତେକ ଦୋଷ, ଯଥା—ଦୁଃଶ୍ରବତ୍ୱ, ନିହତାର୍ଥତ୍ୱ, ନେୟାର୍ଥତ୍ୱ, ଅଶ୍ଳୀଳତ୍ୱ ଓ ଅବାଚକତ୍ୱ—ପଦ, ପଦାଂଶ ଓ ବାକ୍ୟରେ ଅବସ୍ଥାନ କରିଥାଏ । କିନ୍ତୁ ନିରର୍ଥକତ୍ୱ, ଅସମର୍ଥତ୍ୱ ଓ ଚ୍ୟୁତସଂସ୍କାରତ୍ୱ ଦୋଷ କେବଳ ପଦରେ ଅବସ୍ଥିତ । ପୁନରୁକ୍ତତା, ଅଧିକ ପଦତା, ନ୍ୟୂନପଦତା, ପତତ୍ ପ୍ରକର୍ଷତା, ଅକ୍ରମତା, ପ୍ରସିଦ୍ଧି ତ୍ୟାଗ ଇତ୍ୟାଦି କେବଳ ବାକ୍ୟଗତ ଦୋଷ ।

**ଦୁଃଶ୍ରବତ୍ୱ ବା ଶ୍ରୁତିକଟୁତା**—କର୍କଶ ବା କଠୋର ଶବ୍ଦମାନଙ୍କର ପ୍ରୟୋଗରେ କର୍ଣ୍ଣକୁହରରେ କଷ୍ଟ ଉତ୍ପନ୍ନ ହେଲେ 'ଶ୍ରୁତିକଟୁ' ଦୋଷ ହୋଇଥାଏ ।

ଅତୃପ୍ତନୟନେ ଚାହିଁ ଉଭା ପ୍ରଣୟିନୀ
ବ୍ୟାବର୍ତ୍ତିତ ପ୍ରିୟମୁଖ ଦେଖିବାର ଆଶେ······

( ମହାଯାତ୍ରା )

ଏଠାରେ 'ବ୍ୟାବର୍ତ୍ତିତ' ପଦର ପ୍ରୟୋଗରେ 'ଶ୍ରୁତିକଟୁ' ଦୋଷ ହୋଇଛି । ଏହିପରି କୌଣସି ବାକ୍ୟରେ ଏକାଧିକ କର୍କଶପଦର ପ୍ରୟୋଗ ହୋଇଥିଲେ ସେଠାରେ ବାକ୍ୟଗତ 'ଦୁଃଶ୍ରବତ୍ୱ' ଦୋଷ ହୁଏ ।

**ଅଶ୍ଳୀଳତ୍ୱ** ଅସଭ୍ୟ ସମାଜରେ ପ୍ରଚଳିତ କୁତ୍ସିତ ଅର୍ଥ ପ୍ରକାଶିତ ହେଲେ 'ଅଶ୍ଳୀଳତ୍ୱ' ଦୋଷ ହୋଇଥାଏ । ଏହା ତିନି ପ୍ରକାର - ଲଜ୍ଜାଜନକ, ଘୃଣାଜନକ ଓ ଅମଙ୍ଗଳଜନକ ଅଶ୍ଳୀଳତ୍ୱ ।

ଆକର୍ଣ୍ଣ ବସ୍ତାର ଧନୁ ଟାଣିଲେ କରଟୀ
ଦେଖି ଯୋଦ୍ଧାମାନଙ୍କର ଗଲା ଗାଣ୍ଡି ଫାଟି ।

( କୃଷ୍ଣସିଂହ ମହାଭାରତ )

ଏଠାରେ 'ଗାଣ୍ଡି' ଶବ୍ଦର ପ୍ରୟୋଗ ଅଶ୍ଳୀଳତା ଦୋଷଦୁଷ୍ଟ ।

**ଗ୍ରାମ୍ୟତ୍ୱ**—ସମାଜରେ କୃଷକ ଓ ଅଶିକ୍ଷିତ ଲୋକ ଯେଉଁ ଶବ୍ଦ ବ୍ୟବହାର କରନ୍ତି, କାବ୍ୟରେ ତାହାର ପ୍ରୟୋଗ ହେଲେ 'ଗ୍ରାମ୍ୟତ୍ୱ' ଦୋଷ ହୋଇଥାଏ ।

ବହୁଙ୍ଗେ ଧକେଇ ହେଲେ ଶୀର୍ଣ୍ଣ-ଚର୍ମ୍ମ-ତନୁ
କୋଟର ଗୁମ୍ଫାରେ ଶୋଇ ଲାଳାର୍ଦ୍ର-ରସନା

( ଦଶରଥ ବିୟୋଗ )

ଏଠାରେ ପ୍ରଯୁକ୍ତ 'ଧକେଇ' ଶବ୍ଦର ପ୍ରୟୋଗ ଫଳରେ ଗ୍ରାମ୍ୟତ୍ୱ ଦୋଷ ହେଉଛି ।

**ଅପ୍ରତୀତତ୍ୱ**—କୌଣସି ବିଶେଷ ଶାସ୍ତ୍ରରେ ପ୍ରସିଦ୍ଧ ଶବ୍ଦକୁ କାବ୍ୟରେ ସେହି ଅର୍ଥରେ ବ୍ୟବହାର କଲେ ସେଠାରେ 'ଅପ୍ରତୀତତ୍ୱ' ଦୋଷ ହୁଏ ।

ବିଶାଖା କହଇ କୃଷ୍ଣନାଗର
ଉଦ୍ଘିମା ମୂଳ ସଂଯୋଗ ହେବାର ।

ଏଠାରେ ଆୟୁର୍ବେଦ ଶାସ୍ତ୍ରରେ ଶୁଣ୍ଠି ଓ ମରିଚ ଅର୍ଥରେ ପ୍ରଦତ୍ତ କୃଷ୍ଣନାଗର ଶବ୍ଦ ପ୍ରଯୁକ୍ତ ହୋଇଥିବାରୁ ଅପ୍ରତୀତତ୍ୱ ଦୋଷ ହେବ ।

**ସନ୍ଦିଗ୍ଧତା**— ଯେଉଁ ଶବ୍ଦ ଶ୍ଳେଷାଦି ଅର୍ଥଦ୍ୱାରା ସନ୍ଦେହ ଉତ୍ପାଦନ କରେ, ତାକୁ ସନ୍ଦିଗ୍ଧ ବୁଝାଯାଏ । କାବ୍ୟରେ ସେପରି ଶବ୍ଦର ପ୍ରୟୋଗରେ 'ସନ୍ଦିଗ୍ଧତ୍ୱ' ଦୋଷ ହୋଇଥାଏ ।

ବଦରିକା ବନେ ନିତ୍ୟ ନିବାସ । କରି ଆଚରି ବ୍ରତ ଉପବାସ ॥
( କ. କଲ୍ଲୋଳମା )

ଏଠାରେ 'ବଦରିକା' ଶବ୍ଦ ବରକୋଳବଣ ଓ ତୀର୍ଥବିଶେଷକୁ ବୁଝାଉଥିବାରୁ ସନ୍ଦେହ ଉପୁଜୁଛି । ତେଣୁ ସନ୍ଦିଗ୍ଧତ୍ୱ ଦୋଷ ହେବ ।

**ନେୟାର୍ଥତ୍ୱ**— ରୂଢ଼ି ଓ ପ୍ରୟୋଜନର ଅଭାବରେ ଯଦି କବି ନିଜର ଇଚ୍ଛାନୁସାରେ ଅସମର୍ଥ ଲକ୍ଷଣା ସ୍ୱୀକାର ଦ୍ୱାରା ଅଭିପ୍ରେତ ଲକ୍ଷ୍ୟାର୍ଥ ପ୍ରକାଶ କରନ୍ତି, ତେବେ 'ନେୟାର୍ଥତ୍ୱ' ଦୋଷ ହୁଏ ।

"ହେ ସୁମୁଖି ! ତୁମର ମୁଖପଦ୍ମରେ 'ଚରଣାଘାତ' କରୁଛି" ।
( ଅନୁବାଦ )

ଏଠାରେ ମୁଖରେ 'ଚରଣାଘାତ' ହେବା ଅସମ୍ଭବ । ସୁତରାଂ ଏହା ଲକ୍ଷଣାଦ୍ୱାରା ନିର୍ଜିତତ୍ୱରୂପ ବା ପରାଭବରୂପ ପ୍ରୟୋଜନୀୟ ଅର୍ଥକୁ ପ୍ରକାଶ କରୁଛି, କିନ୍ତୁ ଏଠାରେ କୌଣସି ରୂଢ଼ି ବା ପ୍ରୟୋଜନ ନାହିଁ । କବି ଏଠାରେ ନିଜର ଇଚ୍ଛାନୁସାରେ ଅସମର୍ଥ ଲକ୍ଷଣା ସ୍ୱୀକାର କରିଥିବାରୁ 'ନେୟାର୍ଥତ୍ୱ' ହେବ ।

**ନିହତାର୍ଥତ୍ୱ**— ଉଭୟାର୍ଥ ସମ୍ପନ୍ନ ଶବ୍ଦର ଯେଉଁ ଅର୍ଥଟି ଅପ୍ରସିଦ୍ଧ, କାବ୍ୟରେ ସେହି ଅର୍ଥରେ ପ୍ରଯୁକ୍ତ ହେଲେ ନିହତାର୍ଥତ୍ୱ ଦୋଷ ହୁଏ ।

ଧର୍ମ ଶୈଳେ ବସି ନିରତେ ନିଃସଙ୍ଗ
ହୋଇ ଦେଖ ଦୁନିଆର ନାଟ ରଙ୍ଗ । ( ଦରବାର )

'ନିଃସଙ୍ଗ' ଶବ୍ଦର ପ୍ରସିଦ୍ଧ ଅର୍ଥ ସଙ୍ଗହୀନତା, କିନ୍ତୁ ଏଠାରେ 'ନିଃସଙ୍ଗ' ପଦ 'ଆସକ୍ତିରହିତ' ଅର୍ଥରେ ପ୍ରଯୁକ୍ତ ହୋଇଥିବାରୁ 'ନିହତାର୍ଥତ୍ୱ' ଦୋଷ ହୋଇଛି ।

**କ୍ଲିଷ୍ଟତ୍ୱ**—ଯେଉଁ ଶବ୍ଦମାନଙ୍କର ପ୍ରୟୋଗରେ ପ୍ରକୃତାର୍ଥ ଅତି କଷ୍ଟରେ ବା ବିଳମ୍ବରେ ପ୍ରତୀତ ହୁଏ, ତାହାକୁ କ୍ଲିଷ୍ଟତ୍ୱ ଦୋଷ କହନ୍ତି ।

ଅଖଣ୍ଡ ମଣ୍ଡଳ ଅଚଳା ଖଣ୍ଡଳ କରପଲ୍ଲବ ଧଇଲି
ଲକ୍ଷ ସାମନ୍ତାଣୀ ଶିର ଭୂଷାମଣି କିରଣେ ପାଦ ଧୋଇଲି ।
( ଚନ୍ଦ୍ରକଳା )

ଏଠାରେ '**ଅଖଣ୍ଡ** ମଣ୍ଡଳ' 'ଅଚଳା ଖଣ୍ଡଳ' ଶବ୍ଦମାନଙ୍କର ପ୍ରୟୋଗରେ ପ୍ରକୃତାର୍ଥ ଅତି କଷ୍ଟରେ ପ୍ରତୀତ ହୁଏ ।

**ବିରୁଦ୍ଧମତିକାରିତ୍ୱ** - କୌଣସି ଶବ୍ଦ ଶୁଣିବା ପରେ ଯଦି ପ୍ରକୃତ ଅର୍ଥର ବିରୁଦ୍ଧ ଅର୍ଥ ପ୍ରକାଶିତ ହେଲାଭଳି ବୋଧହୁଏ, ତେବେ ସେଠାରେ ବିରୁଦ୍ଧମତିକାରିତ୍ୱ ଦୋଷ ହୁଏ ।

ଏଣେ କର ବୋଲି ଅମର-ତରଣୀ,
ବିରାଜନ୍ତି ଚନ୍ଦ୍ରଚୂଡ଼ ଚୂଡ଼ାମଣି । ( ଚିଲିକା )

ଏଠାରେ 'ଚନ୍ଦ୍ରଚୂଡ଼ ଚୂଡ଼ାମଣି'—ଚନ୍ଦ୍ରଙ୍କୁ ବୁଝାଉଛି, କିନ୍ତୁ 'ଚନ୍ଦ୍ରଚୂଡ଼' ଅର୍ଥାତ୍ ଶିବଙ୍କର ଚୂଡ଼ାର ମଣି କହିବାରୁ ବୋଧ ହେଉଛି, ସତେ ଯେପରି ଏହା ଚନ୍ଦ୍ରଙ୍କ ଭିନ୍ନ ଅନ୍ୟ କିଛି ବୁଝାଉଛି । ଏଣୁ ବିରୁଦ୍ଧମତିକାରିତ୍ୱ ଦୋଷ ହେଉଛି ।

**ବିଧେୟାବିମର୍ଶଦୋଷ** - ବାକ୍ୟ ମଧ୍ୟରେ ବିଧେୟାଂଶଟି ଉପାଦେୟ । ତେଣୁ ତାହାକୁ ପ୍ରଧାନ ଭାବରେ ଉଲ୍ଲେଖ କରିବା

ଆବଶ୍ୟକ, କିନ୍ତୁ ତାକୁ ଅପ୍ରଧାନ ଭାବରେ ଉଲ୍ଲେଖ କଲେ ବିଧେୟାବିମର୍ଶ ଦୋଷ ହୁଏ ।

ନଖଶିଖ ଘାରିଥିବାରୁ ଅଜ୍ଞାନ
ଅବସ୍ଥରେ ହେଉଅଛନ୍ତି ବସୁଜନ । ( ଦରବାର )

ଏଠାରେ 'ନଖଠାରୁ ଶିଖ ପର୍ଯ୍ୟନ୍ତ' ବୁଝାଇବା ପାଇଁ 'ଠାରୁ' ଓ 'ପର୍ଯ୍ୟନ୍ତ'କୁ ପ୍ରଧାନ ଭାବେ ଉଲ୍ଲେଖ ନ କରି 'ନଖଶିଖ' ପଦର ପ୍ରୟୋଗ କରାଯାଇଛି । 'ନଖଶିଖ' ପଦଟି ସମାସଭୂତ ହୋଇ ଅପ୍ରଧାନ ରୂପେ ପ୍ରଯୁକ୍ତ ହୋଇଛି । ତେଣୁ ଏଠାରେ 'ବିଧେୟାବିମର୍ଶ' ଦୋଷ ହୋଇଛି ।

**ନିରର୍ଥକତ୍ୱ** – କାବ୍ୟରେ ଅଦରକାରୀ ଓ ଅର୍ଥଶୂନ୍ୟ ଶବ୍ଦର ପ୍ରୟୋଗକୁ 'ନିରର୍ଥକତ୍ୱ' ଦୋଷ କୁହାଯାଏ ।

ଦୁଃଖିମାନଙ୍କ, ହା ହା, ବଧି ହେଲେ ବାମ
ଏ ଜୀବର ହେଲା ଏହି ପରିଣାମ । ( ନନ୍ଦକେଶରୀ )

ଏଠାରେ 'ହ' ଶବ୍ଦର ପ୍ରୟୋଗ ନିରର୍ଥକ ।

**ଅସମର୍ଥତା** – କୌଣସି ଶବ୍ଦର କୌଣସି ଅର୍ଥ ଅଭିଧାନରେ ଥିଲେ ମଧ୍ୟ ସାଧାରଣତଃ ବ୍ୟବହୃତ ହୁଏ ନାହିଁ । ସେହିପରି ଅର୍ଥରେ ସେହିପରି ଶବ୍ଦ ବ୍ୟବହାର କରାଗଲେ 'ଅସମର୍ଥତା ଦୋଷ' ହୁଏ ।

କ୍ରୀଡ଼ା-ମୃଗ ତୁମ୍ଭେ ହେଲ ନିରନ୍ତର
ବିଧିରକ୍ଷାପ୍ରିୟ ବୈଧେୟବୃନ୍ଦର ! ( ଦରବାର )

'ବୈଧେୟ' ଶବ୍ଦର ଆଭିଧାନିକ ଅର୍ଥ 'ମୂର୍ଖ'-ପ୍ରଦତ୍ତ ହୋଇ-ଥିଲେ ମଧ୍ୟ ସେପରି ଅର୍ଥରେ କାବ୍ୟରେ 'ବୈଧେୟ'ଶବ୍ଦ ସାଧା-

ରଣତଃ ବ୍ୟବହାର କରାଯାଏ ନାହିଁ । ତେଣୁ ଏଠାରେ 'ବୈଧେୟ' ପଦର ପ୍ରୟୋଗରେ ଅସମର୍ଥତା ଦୋଷ ହୋଇଛି ।

**ଚ୍ୟୁତସଂସ୍କାରତ୍ୱ ବା ବ୍ୟାକରଣଗତ ଅସାଧୁତା**— ଯେଉଁଠାରେ ବ୍ୟାକରଣଗତ ଦୋଷଯୁକ୍ତ ଶବ୍ଦ ପ୍ରଯୁକ୍ତ ହୋଇଥାଏ, ସେଠାରେ ଚ୍ୟୁତସଂସ୍କାରତ୍ୱ ଦୋଷ ହୁଏ ।

କେ ବୋଇଲା ମୋହପାଇଁ ନ ଭ୍ରମିବ ସାରବ ବେଳ କାଳେ ନିତ
ତୁମ୍ଭେ ବେଶୁଟେ ଥିଲେ ସବୁ ଅଛି ନ ମିଳିବେ କେତେ ଯୁବକଣ୍ଠ
କେ ସଖୀ-ହାଗରେ ଏମନ୍ତ କୁହାଇ
ବାହୁଡ଼ି ଆସି ଯାହାକୁ ବଶହେବ ଏ ରୂପେ ନୋହିବେ ଅସ୍ନେହୀ ।
( ଲାବଣ୍ୟବତୀ )

ଏଠାରେ "ହାଗରେ" ଶବ୍ଦ ବ୍ୟାକରଣଗତ ଦୋଷଦୁଷ୍ଟ ।

**ପୁନରୁକ୍ତତା**—କୌଣସି ବାକ୍ୟରେ ଏକାର୍ଥବୋଧକ ଶବ୍ଦର ଏକାଧିକବାର ପ୍ରୟୋଗରେ "କଥିତ ପଦତା" ବା ପୁନରୁକ୍ତତା ଦୋଷ ହୁଏ ।

ଅସଂଖ୍ୟ କ୍ଷତ୍ରିୟ ଭୂପତି
ମୋର ବଂଶ ସମ୍ଭୂତ ।
ପୃଚ୍ଛ କଲେ ବଂଶ ଏ ବଂଶେ
ଜନ୍ମ ଲଭି ଅଚ୍ୟୁତ । ( ଚନ୍ଦ୍ରଭାଗା )

ଏଠାରେ "ବଂଶ" ଶବ୍ଦ ଏକାର୍ଥରେ ତିନି ଥର ପ୍ରଯୁକ୍ତ ହୋଇ ପୁନରୁକ୍ତତା ଦୋଷ ହୋଇଛି ।

**ଅଧିକପଦତା**—ଯେଉଁଠାରେ ଆବଶ୍ୟକ ନ ଥାଇ କୌଣସି ପଦର ବ୍ୟବହାର ହୋଇଥାଏ, ସେଠାରେ 'ଅଧିକପଦତା' ଦୋଷ ହୋଇଥାଏ ।

(୧) ଅଖିଳ ଉତ୍କଳ ଦେଶବାସୀଚୟ

ବଢ଼ିଛନ୍ତି ପିଇ ଏହାଙ୍କର ପୟ । ( ନନ୍ଦକେଶରୀ )

ଏଠାରେ 'ଅଖିଳ' ଓ 'ଚୟ' ଏହି ଦୁଇ ପଦ ମଧ୍ୟରୁ ଗୋଟିକର ପ୍ରୟୋଗ ଆବଶ୍ୟକ । ତେଣୁ ଅନ୍ୟଟି ଅନାବଶ୍ୟକ ହୋଇଥିବାରୁ 'କଥିତପଦତା ଦୋଷ' ହେଉଛି ।

(୨) ଏକ କନ୍ୟାଏ ଅଭ୍ରୁତେ ମନ୍ତ୍ରୁଁ ଜାତ ହେଉ ।

( ଲାବଣ୍ୟବତୀ )

ଏଠାରେ 'ଏକ' ଓ 'କନ୍ୟାଏ' ମଧ୍ୟରୁ ଗୋଟିଏ ପ୍ରୟୋଗ ଆବଶ୍ୟକ । ତେଣୁ ଅନ୍ୟଟି ଅନାବଶ୍ୟକ ।

**ନ୍ୟୂନପଦତା** – ବାକ୍ୟରେ ଯଦି ଉପାଦେୟ ପଦର ପ୍ରୟୋଗ ହୋଇ ନ ଥାଏ, ତେବେ ସେଠାରେ ନ୍ୟୂନପଦତା ଦୋଷ ହୋଇଥାଏ ।

ପୁଷ୍କର ଆବର୍ତ୍ତକ ବଂଶେ ସମ୍ଭୂତ

ବିଖ୍ୟାତ ଧରାତଳେ ଅଟ ଜୀମୂତ ! ( ମେଘଦୂତ )

ଏଠାରେ 'ବିଖ୍ୟାତ' ପୂର୍ବରୁ 'ତୁମ୍ଭେ' ପଦର ଅଭାବରୁ ନ୍ୟୂନପଦତା ଦୋଷ ହୋଇଛି ।

**ଅକ୍ରମତା** – ଯେଉଁ ବାକ୍ୟରେ ପଦମାନଙ୍କର କ୍ରମ ଉଚିତ ହୋଇ ନ ଥାଏ, ସେଠାରେ 'ଅକ୍ରମତା' ଦୋଷ ହୁଏ ।

ସାତ ନାହିଁ ପାଞ୍ଚ ନାହିଁ

ବୁଢ଼ାକାଳେ ଦେଲା ବିହି

ତୋ'କାଳେ ଗଲା ପଡ଼ିଲେ ।

( ଯୁଗଳ ରସାମୃତ-ଲହରୀ )

ଏଠାରେ 'ପାଞ୍ଚ' ଓ 'ସାତ' କ୍ରମରେ ପ୍ରୟୋଗ କରା ନ ଯାଇ 'ସାତ' ଓ 'ପାଞ୍ଚ' କ୍ରମରେ ବର୍ଣ୍ଣିତ ହୋଇଥିବାରୁ ପଦଦ୍ୱୟର କ୍ରମ ରକ୍ଷିତ ହୋଇ ନାହିଁ । ତେଣୁ 'ଅକ୍ରମତା' ଦୋଷ ହୋଇଛି ।

**ପ୍ରସିଦ୍ଧିତ୍ୟାଗ**—କବି ସମାଜରେ ପ୍ରସିଦ୍ଧ ବିଷୟର ଅନ୍ୟ ପ୍ରକାର ବର୍ଣ୍ଣନାକୁ 'ପ୍ରସିଦ୍ଧିତ୍ୟାଗ' ଦୋଷ କୁହାଯାଏ ।

"ଫୁଲକାଣ୍ଡ ଫୁଲକୋଦଣ୍ଡ
ଗୁଣେ ଆକର୍ଣ୍ଣ ଟାଣି
ସମ୍ମୋହନ ବାଣ ରବିଙ୍କ
ଦେଲେ ହୃଦୟେ ହାଣି ।"
( ଚନ୍ଦ୍ରଭାଗା )

ପ୍ରସିଦ୍ଧ ବାଣ ବିନ୍ଧିବା କିମ୍ବା ବାଣ ମାରିବା ଅର୍ଥରେ ଏଠାରେ 'ବାଣ ହାଣିବା' ପ୍ରୟୋଗ ଥିବାରୁ 'ପ୍ରସିଦ୍ଧିତ୍ୟାଗ' ଦୋଷ ହୋଇଛି ।

**ଅର୍ଥଦୋଷ**—ଯେଉଁ ସବୁ ଦୋଷ କାବ୍ୟର ଅର୍ଥକୁ ଆଶ୍ରୟ କରି ଅବସ୍ଥାନ କରନ୍ତି, ସେଗୁଡ଼ିକୁ ଅର୍ଥଦୋଷ କୁହାଯାଏ—ଅପୁଷ୍ଟତା, ଦୁଷ୍କ୍ରମତା, ଗ୍ରାମ୍ୟତ୍ୱ, ବ୍ୟାହତତ୍ୱ, ଅଶ୍ଳୀଳତ୍ୱ, କ୍ଲିଷ୍ଟତ୍ୱ, ଅନବୀକୃତତ୍ୱ, ପ୍ରକାଶିତ ବିରୁଦ୍ଧତା, ପୁନରୁକ୍ତତା, ଖ୍ୟାତିବିରୁଦ୍ଧତା, ବିଦ୍ୟାବିରୁଦ୍ଧତା, ଅବିଶେଷରେ ବିଶେଷ ଓ ବିଶେଷରେ ଅବିଶେଷ ପ୍ରଭୃତି ଅର୍ଥଦୋଷ ।

**ଅପୁଷ୍ଟତା** – ଯେଉଁ ପଦର ପ୍ରୟୋଗରେ ବର୍ଣ୍ଣନୀୟ ପଦାର୍ଥର କୌଣସି ଉପକାର ସାଧିତ ନ ହୁଏ, ସେଠାରେ 'ଅପୁଷ୍ଟତା' ଦୋଷ ହୁଏ ।

ବିଶାଳ ଏ ସୃଷ୍ଟି ବିଶାଳ ଆକାଶ
ଅନନ୍ତ ଏ କାଳ ସ୍ଥାନ
ଅନନ୍ତ ଆଦର୍ଶ ମାନବ ଆତ୍ମାର
ଆହେ ପ୍ରଭୁ ଭଗବାନ । ( ଶର୍ମିଷ୍ଠା )

ଏଠାରେ 'ବିଶାଳ' ପଦ ପ୍ରୟୋଗରେ ମୁଖ୍ୟାର୍ଥର କୌଣସି ଉପକାର ସାଧିତ ହେଉନାହିଁ । କାରଣ 'ସୃଷ୍ଟି' ଓ 'ଆକାଶ' ସ୍ୱତଃ ବିଶାଳ ରୂପରେ ବିଦିତ । ତେଣୁ ଏହା 'ଅପୁଷ୍ଟତା' ଦୋଷଯୁକ୍ତ ।

ଦୁଷ୍କ୍ରମତା—କବିର ଅସାମର୍ଥ୍ୟବଶତଃ ପ୍ରଥମ ବକ୍ତବ୍ୟ ପଦାର୍ଥ ପରେ ଉକ୍ତ ହେଲେ କିମ୍ବା ପରେ ବକ୍ତବ୍ୟ ପଦାର୍ଥ ପ୍ରଥମରେ ଉକ୍ତ ହେଲେ 'ଦୁଷ୍କ୍ରମତା' ଦୋଷ ହୁଏ ।

"ମୁହିଁ ମାଡ଼ି ଢାଳେ କଇଁଡ଼ି
ବାଲା, ପଡ଼ିବୁ ଝୁଣ୍ଟି" । ( ଚନ୍ଦ୍ରଭାଗା )

ପ୍ରଥମେ ଝୁଣ୍ଟିଲେ ପରେ ଲୋକେ କଇଁଡ଼ି ହୋଇ ପଡ଼ନ୍ତି, କିନ୍ତୁ ଏଠାରେ ପ୍ରଥମେ 'କଇଁଡ଼ି ହୋଇ ପଡ଼ିବା' ପରେ 'ଝୁଣ୍ଟିବା' ବର୍ଣ୍ଣିତ ହୋଇ କ୍ରମଭଙ୍ଗ ହୋଇଛି । ତେଣୁ 'ଦୁଷ୍କ୍ରମତା' ଦୋଷ ହୋଇଛି ।

ଗ୍ରାମ୍ୟତ୍ୱ—ନାୟକ ତାର ଅଭୀଷ୍ଟ କାର୍ଯ୍ୟସିଦ୍ଧି ନିମିତ୍ତ ନାୟିକା ପ୍ରତି ବୈଦଗ୍ଧ୍ୟ ବା ବକ୍ରୋକ୍ତି ବ୍ୟତୀତ ସରଳ ଭାବରେ ଯେଉଁ ଅଭିମତ ପ୍ରକାଶ କରେ । ତାହାର ନାମ 'ଗ୍ରାମ୍ୟତା', ସେଠାରେ ଉକ୍ତିର କୌଣସି ଚାତୁର୍ଯ୍ୟ ବା ଅର୍ଥଗାମ୍ଭୀର୍ଯ୍ୟ ପ୍ରକାଶ ପାଏ ନାହିଁ ।

(୧) ସେ ବ ସାରସାର ଜାଣେ,
ପ୍ରୀତି ସ୍ମୃତି ନ ପାଳେ ଯେ ଅଶ୍ରୁପରମାଣେ
ରାଜମାର୍ଗ ଗୁଡ଼ ଉଠେ ଅବାଟ ଉଠାଣେ
ଦ୍ୱିଜ ସଙ୍ଗ ବର୍ଜି ଯେ ମିଶଇ ପଠାଣେ । ( ରତ୍ନାକର ଚମ୍ପୂ )

ଏଠାରେ 'ଅବାଟ ଉଠାଣେ' ଓ 'ମିଶଇ ପଠାଣେ' ଗ୍ରାମ୍ୟ-ଦୋଷଦୁଷ୍ଟ ।

(୨) ଟୋକାଏ ଥିଲେ ଗହଣେ । ଟାକ ଉପରେ ଜ ଗହଣେ
ଟିପି ଦେଲ ନଖ ସେହି କଥାକୁ କ ଘୋଷିଲ ରେ ।
( ରତ୍ନାକର ଚମ୍ପୂ )

'ଟୋକାଏ' 'ଟାକ' ନଖ ଟିପି ଦେଲ ପ୍ରୟୋଗ ଗ୍ରାମ୍ୟତ୍ୱ ଦୋଷଦୁଷ୍ଟ ।

**ବ୍ୟାହତତ୍ୱ**—କୌଣସି ପଦାର୍ଥର ପ୍ରଥମେ ଉତ୍କର୍ଷ ବା ଅପକର୍ଷ ବର୍ଣ୍ଣନା କରି ପରେ ତାହାର ବିପରୀତ ବର୍ଣ୍ଣନା କଲେ 'ବ୍ୟାହତତ୍ୱ' ଦୋଷ ହୋଇଥାଏ ।

"ଧନ୍ୟ ହେ ନନ୍ଦକିଶୋର, ସତ୍ତ୍ୱ-ଧୃତି ଧନଚୋର
ନିଖିଳ ନାଗର ଶିରୋମଣି
ଭୁମ୍ଭ ସଦୟ-ମାନସ, କୁଳଶରୁ କରକସ
ବୋଲି ନ ଥିବାରୁ ଆମ୍ଭେ ଜାଣି ହେ,
ଶ୍ୟାମବନ୍ଧୁ,
ଆମ୍ଭ ସଖି ଲଭିଲ କି ଦଶା........... "
( ସଙ୍ଗୀତ କଳ୍ପଲତା )

ଏଠାରେ 'ଧନ୍ୟ ହେ........ ଶିରୋମଣି'—ଏହି ବାକ୍ୟରେ କୃଷ୍ଣଙ୍କର ଉତ୍କର୍ଷ ବର୍ଣ୍ଣନା କରଯାଇଛି ଓ 'ଭୁମ୍ଭ ସଦୟ........

ଲଭିଲା କ ଦଶା........ 'ଏହି ପରବର୍ତ୍ତୀ ପଦମାନଙ୍କରେ କୃଷ୍ଣଙ୍କର ବଜ୍ର-ହୃଦୟର ବର୍ଣ୍ଣନା ମାଧ୍ୟମରେ କୃଷ୍ଣଙ୍କର ଅପକର୍ଷ ପ୍ରଦର୍ଶିତ ହୋଇଥିବାରୁ 'ବ୍ୟାହତତ୍ୱ' ଦୋଷ ହୋଇଛି ।

**ଅଶ୍ଳୀଳତ୍ୱ**—ଲଜ୍ଜାଜନକ, ଘୃଣାବ୍ୟଞ୍ଜକ ଓ ଅମଙ୍ଗଳଜନକ ପଦାର୍ଥ ବର୍ଣ୍ଣନାକୁ 'ଅଶ୍ଳୀଳତା' ଦୋଷ କହନ୍ତି ।

ସୁବଳିତ ରମ୍ଭା ଊରୁ ଆବୃତ ଦୁକୂଳେ
ଯେଉଁ ଆବରଣ ଭେଦ ନିଭୃତ ପ୍ରଦେଶେ
ସଂଚରଣେ ଲୋକ ସଦା କାମୁକ-କଳ୍ପନା !

( ମହାଯାତ୍ରା )

ଏହା ଅତ୍ୟନ୍ତ ଲଜ୍ଜାଜନକ ବର୍ଣ୍ଣନା ହୋଇ ଥିବାରୁ ଅଶ୍ଳୀଳତା ଦୋଷଦୁଷ୍ଟ ।

**କ୍ଳିଷ୍ଟତ୍ୱ**—ଯେଉଁଠାରେ ଆକାଙ୍‌କ୍ଷା, ଯୋଗ୍ୟତା ଓ ଆସତ୍ତି ( ସନ୍ନିଧି ) ପ୍ରଭୃତି କାରଣ ଥିଲେ ସୁଦ୍ଧା ପ୍ରକରଣାଦି ଅଭାବରୁ ଶବ୍ଦମାନଙ୍କର ଅର୍ଥାବବୋଧରେ ବିଳମ୍ବ ହୁଏ, କିମ୍ବା ବହୁ କଷ୍ଟରେ ଅର୍ଥ ବାହାର କରାଯାଏ, ସେଠାରେ 'କ୍ଳିଷ୍ଟତା' ଦୋଷ ହୁଏ ।

ମଲ୍ଲିକା ପୁଚ୍ଛିଲା ହେମାକୁ ଗୃହ ବର୍ତ୍ତେ ଏସନ
ଏକ ସ୍ଥରେ ଖ୍ୟାତ ଧରଣୀ କରଭୂଷା ଦ୍ୱିବର୍ଣ୍ଣ
କଯ୍ପସ ନାମ ଖ୍ୟାତ ମୁନି ଯାହା କରେ ସେ ହେବ
ପ୍ରାକର୍ମ ଦ୍ୱିବର୍ଣ୍ଣ ବଲ୍ଲେମେ ସମ କୁମର ଥିବ ।
ବ୍ୟସ୍ତେ ବସନ୍ତାଦି ଫୁଲେକ ପୁଣି ତହିଁର ନାମ
ସମସ୍ତ ପଢ଼ିଲେ ହୋଇବ ଜଳେ ଥିଲା କୁସୁମ ।

( ଲାବଣ୍ୟବତୀ )

ଏଠାରେ 'କୁବଳୟ' ଅର୍ଥ ପାଇବା ପାଇଁ ବିଳମ୍ବ ହୁଏ ଓ ବହୁ କଷ୍ଟରେ ଏହି ଅର୍ଥ ଗ୍ରହଣ କରାଯାଏ । ତେଣୁ କ୍ଲିଷ୍ଟତ୍ୱଦୋଷ ହେବ ।

**ଅନବୀକୃତତ୍ୱ**—ବହୁବାର ବକ୍ତବ୍ୟ କୌଣସି ପଦାର୍ଥକୁ ଅଙ୍ଗଭଙ୍ଗୀ ପରିବର୍ତ୍ତନ ନ କରି ସେହି ଗୋଟିଏ ଭଙ୍ଗୀରେ ବାରମ୍ବାର ପ୍ରକାଶ କଲେ 'ଅନବୀକୃତତ୍ୱ' ଦୋଷ ହୋଇଥାଏ ।

ରୂପଜ ମୋହରେ ମୁହିଁ ମାତି ଯଉବନେ
ବରିଲି କୈକେୟୀ ମୋର ନିୟତି-ରୂପିଣୀ,
ରୂପଜ ମୋହରେ ସିନା ପତଙ୍ଗ ଏ ପରି
ପଡ଼େ ମହୋଲ୍ଲାସେ ଯାଇଁ ଝାସ ଶିଖାନଳେ !
ରୂପଜ ମୋହରେ ମୁହିଁ ପୁଷ୍ପମାଳା ଭ୍ରମେ
ଗଳାମାଳା କଲି ଏହି କାଳ-ଭୁଜଙ୍ଗିନୀ ।

( ଦଶରଥ ବିୟୋଗ )

ଏଠାରେ 'ରୂପଜ', 'ମୋହରେ' ଓ 'ମୁହିଁ'—ଏହି ତିନୋଟି ପଦାର୍ଥର ବାରମ୍ବାର ପ୍ରୟୋଗରେ ଭଙ୍ଗୀରେ କୌଣସି ପରିବର୍ତ୍ତନ ପରିଲକ୍ଷିତ ହୁଏ ନାହିଁ । ତେଣୁ ଏଠାରେ 'ଅନବୀକୃତତ୍ୱ' ଦୋଷ ହୁଏ ।

**ପ୍ରକାଶିତ ବିରୁଦ୍ଧତା**—ଯେଉଁ ସ୍ଥାନରେ ବାକ୍ୟାର୍ଥ ପର୍ଯ୍ୟାଲୋଚନା କଲେ ପ୍ରକୃତ ପ୍ରକାଶିତ ଅର୍ଥର ବା ଭାବର ବିରୁଦ୍ଧାର୍ଥ ପ୍ରତୀତ ହୁଏ, ସେଠାରେ ପ୍ରକାଶିତ ବିରୁଦ୍ଧତା ଦୋଷ ହୋଇଥାଏ ।

"ହେ ରାଜନ୍, ତୁମ୍ଭର ପୁତ୍ରମାନେ ରାଜ୍ୟଲକ୍ଷ୍ମୀକୁ ପ୍ରାପ୍ତ ହୁଅନ୍ତୁ ।"

( ଅନୁବାଦ )

ପିତାର ମୃତ୍ୟୁ ପରେ ହିଁ ପୁତ୍ରମାନେ ରାଜ୍ୟର ଅଧିକାରୀ ହୋଇଥାଆନ୍ତି, କିନ୍ତୁ ଏଠାରେ ଉପରୋକ୍ତ ଆଶୀର୍ବାଦରୁ ପ୍ରକୃତ ପ୍ରକାଶିତ ଅର୍ଥର ବିରୁଦ୍ଧାର୍ଥ ( ରାଜାଙ୍କର ମୃତ୍ୟୁ ହେଉ ) ପ୍ରକାଶ ପାଉଛି । ତେଣୁ ଏଠାରେ 'ପ୍ରକାଶିତ ବିରୁଦ୍ଧତା' ଦୋଷ ହୋଇଛି ।

**ପୁନରୁକ୍ତତା** – କୌଣସି ପ୍ରତିପାଦ୍ୟ ବିଷୟ ( ଅଭୀଷ୍ଟାର୍ଥ ) ଅନେକବାର ପ୍ରତିପାଦିତ ହେଲେ 'ପୁନରୁକ୍ତତା' ଦୋଷ ହୁଏ ।

ନାମେ ଯାହାର ଦୁଃଖ ବିନାଶନ,
ଆରତ-ଜନ ଆରତଭଞ୍ଜନ ।
ଦୟାସାଗର ଦୁଃଖୀଜନ ବନ୍ଧୁ,
ଭକତଜନ ପ୍ରିୟ-ସୁଖ ସିନ୍ଧୁ ।

( ଉତ୍କଳଶ୍ରୀବିନ୍ଦ )

ଏଠାରେ 'ଦୁଃଖବିନାଶନ', 'ଆରତଭଞ୍ଜନ, ଓ 'ଦୁଃଖୀଜନ ବନ୍ଧୁ'—ଏଗୁଡ଼ିକ ଏକାର୍ଥବାଚକ ଶବ୍ଦ ହୋଇଥିବାରୁ ଅର୍ଥଗତ 'ପୁନରୁକ୍ତ' ଦୋଷ ହୋଇଛି ।

**ଖ୍ୟାତ ବିରୁଦ୍ଧତା**—ଲୋକପ୍ରସିଦ୍ଧ କଥାର ବା ପଦାର୍ଥର କାବ୍ୟରେ ବିପରୀତ ବର୍ଣ୍ଣନାକୁ 'ପ୍ରସିଦ୍ଧି ବିରୁଦ୍ଧତା' ବା 'ଖ୍ୟାତ-ବିରୁଦ୍ଧତା' ଦୋଷ କୁହାଯାଏ ।

"ତୁମର ଚରଣ ଘାତରେ ଅଶୋକର ଅଙ୍କୁର ଜାତ ହେଲା ।"

( ଅନୁବାଦ )

କିନ୍ତୁ ପ୍ରକୃତରେ ସ୍ତ୍ରୀମାନଙ୍କର ଚରଣାଘାତରେ ଅଶୋକ-ବୃକ୍ଷରେ ପୁଷ୍ପୋଦ୍‌ଗମ ହୁଏ ବୋଲି କବି-ସମାଜରେ ପ୍ରସିଦ୍ଧି ଅଛି । ଏଠାରେ ଅଶୋକର 'ଅଙ୍କୁରୋଦ୍‌ଗମ' 'ଖ୍ୟାତ ବିରୁଦ୍ଧତା' ଦୋଷଯୁକ୍ତ ।

**ବିଦ୍ୟାବିରୁଦ୍ଧତା** କାବ୍ୟରେ କୌଣସି ଶାସ୍ତ୍ରବିରୁଦ୍ଧ ବିଷୟର ବର୍ଣ୍ଣନା ହୋଇଥିଲେ 'ବିଦ୍ୟା ବିରୁଦ୍ଧତା' ଦୋଷ ହୋଇ-ଥାଏ ।

"ଅଧରରେ କରଜକ୍ଷତ······ ।" ( ଅନୁବାଦ )

ଅଧରରେ ଦନ୍ତକ୍ଷତ ଓ କଟାକ୍ଷରେ 'କରଜକ୍ଷତ' କାମଶାସ୍ତ୍ର ପ୍ରସିଦ୍ଧ । କିନ୍ତୁ ଏଠାରେ ଅଧରରେ 'ନଖକ୍ଷତ' ବର୍ଣ୍ଣନା 'ବିଦ୍ୟା-ବିରୁଦ୍ଧତା' ଦୋଷର ଉଦାହରଣ ।

**ଅବିଶେଷେ ବିଶେଷ**—ସାମାନ୍ୟ ଭାବରେ ବର୍ଣ୍ଣନୀୟ ସ୍ଥଳେ ବିଶେଷ ଭାବରେ ବର୍ଣ୍ଣନା କଲେ କାବ୍ୟଟି 'ଅବିଶେଷ ବିଶେଷ' ଦୋଷଯୁକ୍ତ ହୋଇଥାଏ ।

"ହୀରାମାନଙ୍କର ନିଧି ଏହି ସିନ୍ଧୁର କିଣ ବର୍ଣ୍ଣନା କରିବି? "
( ଅନୁବାଦ )

ଏଠାରେ 'ହୀରା-ନିଧି' ଏହିପରି ବିଶେଷ ଭାବରେ ନ କହି ସାଧାରଣ ( ଅବିଶେଷ ) ଭାବରେ 'ରତ୍ନର ନିଧି' ବର୍ଣ୍ଣନା କରିବା ଉଚିତ । କାରଣ ସମୁଦ୍ରକୁ ରତ୍ନାକର କହନ୍ତି । ହୀରା ରତ୍ନର ଅନ୍ତର୍ଗତ । ତେଣୁ ଏଠାରେ ଅବିଶେଷେ ବିଶେଷ ଦୋଷ ହୋଇଛି ।

**ବିଶେଷେ ଅବିଶେଷ**—ଯେଉଁପରି ବିଶେଷଭାବରେ ବର୍ଣ୍ଣନା କରିବା ବିଷୟକୁ ସାମାନ୍ୟ ଭାବରେ ବର୍ଣ୍ଣନା କଲେ ଦୋଷ ହୁଏ ।

"ନୀଳ ବସ୍ତ୍ରପରିହିତା ଅଭିସାରିକାବୃନ୍ଦ ରଜନୀରେ ଗମନ କରନ୍ତି ।"
( ଅନୁବାଦ )

ଏପରି ସ୍ଥଳରେ ସାମାନ୍ୟ ଭାବରେ 'ରଜନୀ'ର ପ୍ରୟୋଗ କରିବା ଅନୁଚିତ । ତାର ପରବର୍ତ୍ତିରେ ବିଶେଷ ଭାବରେ 'ତମିସ୍ରା-ଗନି' ( ଅନ୍ଧକାର ବଡ଼ି )ର ପ୍ରୟୋଗ କରିବା ଉଚିତ । କାରଣ ଅନ୍ଧକାର ରାତିରେ ନୀଳବସ୍ତ୍ର ପରିଧାନ କରି ନାୟିକାଗଣ ଅଭିସାର କରିଥାନ୍ତି । ତେଣୁ ଏହା 'ବିଶେଷେ ଅବିଶେଷ' ଦୋଷଦୁଷ୍ଟ ।

**ରସଦୋଷ**—ରସ ହିଁ କାବ୍ୟର ଆତ୍ମା । କାବ୍ୟରେ ରସ-ସମ୍ବନ୍ଧୀୟ କୌଣସି ଦୋଷ ଥିଲେ ତାହାକୁ 'ରସଦୋଷ' କୁହାଯାଏ । ରସର ବା ରସାଙ୍ଗର ସ୍ୱୀୟ ପର୍ଯ୍ୟାୟ ଶବ୍ଦର ଉକ୍ତି, ଗୋଟିଏ ରସର ଅବତାରଣା ସମୟରେ ତାର ବିରୁଦ୍ଧ ରସର ଅଙ୍ଗଭୂତ ବିଭାବାଦିର ଗ୍ରହଣ, ଅନୁଭାବର ଓ ବିଭାବର କଷ୍ଟକଳ୍ପକ ଅଧ୍ୟାହାର ( ଟାଣି-ଓଟାରି ବାହାର କରିବା ) କଳ୍ପନା, ଅସମୟରେ ରସର ବିସ୍ତୃତି ବା ଛେଦ କିମ୍ବା ପୁନଃ ପୁନଃ ଦୀପ୍ତି (ବର୍ଣ୍ଣନା) ଅଙ୍ଗୀରସର ଅନନୁସନ୍ଧାନାଭାବ, ଅଙ୍ଗରସଭିନ୍ନ ଅନ୍ୟ ବିଷୟର ବର୍ଣ୍ଣନା ଅଙ୍ଗର ଅତିବିସ୍ତୃତି, ପ୍ରକୃତ୍ୟାଦି ( ନାୟକ )ର ବିପର୍ଯ୍ୟୟ ଏବଂ ରସ ସମ୍ବନ୍ଧୀୟ ଅନ୍ୟପ୍ରକାର ଅନୌଚିତ୍ୟ ବର୍ଣ୍ଣନା କାବ୍ୟରେ ଥିଲେ ରସଦୋଷ ହୋଇଥାଏ । ଯଦିଓ ଦୋଷମାନେ ରସକୁ ଦୂଷିତ କରିଥାନ୍ତି, ତଥାପି ଶବ୍ଦଗତ ଦୋଷ ଓ ଅର୍ଥଗତ ଦୋଷଠାରୁ ରସ ଦୋଷର ପାର୍ଥକ୍ୟ ଅଛି । ଶବ୍ଦଗତ ଓ ଅର୍ଥଗତ ଦୋଷ ଶବ୍ଦ ଓ ଅର୍ଥରେ ଅବସ୍ଥାନ କରି ଶବ୍ଦାର୍ଥର ଅପକର୍ଷ ସାଧନ ଦ୍ୱାରା ହିଁ ରସକୁ ଦୋଷଯୁକ୍ତ କରିଥାନ୍ତି କିନ୍ତୁ ରସଗତ ଦୋଷ ରସରେ ଅବସ୍ଥାନ କରି ସାକ୍ଷାତ୍ ( ପ୍ରତ୍ୟକ୍ଷ ) ରୂପେ ରସକୁ ଦୂଷିତ କରିଥାଏ ।

**ସ୍ୱଶବ୍ଦବାଚ୍ୟ ଦୋଷ**—ଯଦି କାବ୍ୟରେ ସ୍ୱଶବ୍ଦ ଅର୍ଥାତ୍ ରସଶବ୍ଦ ଓ ଶୃଙ୍ଗାର, ବୀର ପ୍ରଭୃତି ଶବ୍ଦ ତଥା ରସମାନଙ୍କର ସ୍ଥାୟୀ-

ଭାବ ବିଭାବ, ଅନୁଭାବ ବା ବ୍ୟଭିଚାରୀଭାବ ଇତ୍ୟାଦି ଶବ୍ଦଦ୍ୱାରା ରସର ବର୍ଣ୍ଣନା ବା ପ୍ରକାଶ କରାଯାଏ, ତେବେ ରସର 'ସ୍ୱଶବ୍ଦବାଚ୍ୟ' ଦୋଷ ହୁଏ ।

"ରସ ରଚନା ଏ ନ ଯୁଞ୍ଜିବ ରୁଚିର ମଧୁର ଆହାର ହୋଇଲେ ।
ଶାନ୍ତ ହେବ କ୍ଷୀଣ ତାପ ଯେହ୍ନେ ଚନ୍ଦ୍ରାନନରେ ଏକ ଶଯ୍ୟା କଲେ ।"

( ଲାବଣ୍ୟବତୀ )

ଶୃଙ୍ଗାର ରସର ବର୍ଣ୍ଣନାରେ ଏଠାରେ 'ରସ' ଶବ୍ଦର ପ୍ରୟୋଗ ଦ୍ୱାରା ସ୍ୱଶବ୍ଦବାଚ୍ୟ ଦୋଷ ହୋଇଛି ।

ସ୍ୱଶବ୍ଦବାଚ୍ୟ ରସ—

"ହୃଦସ୍ୱାଦ ମିଶି ହେଲା ଅଯତ୍ନେ ସେ କାଳେ
ଭୈରବୀର ଭୋଗ ଯୋଗ୍ୟ ବୀଭତ୍ସ ଘାଣ୍ଟିଆ ।"

( ମହାଯାତ୍ରା )

ଏଠାରେ ବୀଭତ୍ସ ରସର ବର୍ଣ୍ଣନା ସମୟରେ 'ବୀଭତ୍ସ' ଶବ୍ଦ ସ୍ୱଶବ୍ଦରେ ପ୍ରୟୋଗ ହୋଇଥିବାରୁ 'ସ୍ୱଶବ୍ଦବାଚ୍ୟ ଦୋଷ' ହୋଇଛି ।

ସ୍ୱଶବ୍ଦବାଚ୍ୟ ସ୍ଥାୟୀଭାବ—

ଗତି ଯାନ୍ତ୍ରଗଲା ବେଳ କମ୍ପୁଥିଲୁ ଗୁରୁଜନଙ୍କର ଡରରେ
ରତି ଶେଷେ ହଟି ଛାଡିଲୁ ତୋ କଟି ଯହିଁ ପୀତପୋଟା ପେଟରେ ।

( ରତ୍ନାକରଚମ୍ପୂ )

ଏଠାରେ ଶୃଙ୍ଗାର ରସର ସ୍ଥାୟୀଭାବ 'ରତି' ଶବ୍ଦର ଶାବ୍ଦତଃ ଉଲ୍ଲେଖହେତୁ ଦୋଷାବହ ।

ସ୍ୱଶବ୍ଦବାଚ୍ୟ ବ୍ୟଭିଚାରୀଭାବ—

ଜନ୍ମୁଛି ବରଜ ଲଜ୍ଜା     କେବଳ ହେଲା ମୋ ମଜ୍ଜା
ମଜ୍ଜିଯିବ କି ଉଗ୍ର-ରତରେ । ( କ. ଚ. ଚମ୍ପୂ )

ଏଠାରେ 'ଲଜ୍ଜା' ଶବ୍ଦ ଶୃଙ୍ଗାର ରସର ବର୍ଣ୍ଣନାରେ ସ୍ୱଶବ୍ଦରେ ପ୍ରଯୁକ୍ତ ହୋଇଥିବାରୁ ଦୋଷଯୁକ୍ତ ହୋଇଛି ।

**ବିରୁଦ୍ଧରସାଙ୍ଗ ଗ୍ରହଣ** —କୌଣସି ଏକ ରସର ଅବତାରଣା ସମୟରେ ଯଦି ସେହି ରସର ଅଙ୍ଗ ( ବିଭାବାଦି ର ବର୍ଣ୍ଣନା ନ ଦେଇ ତାର ବିରୁଦ୍ଧ ରସାଙ୍ଗର ବର୍ଣ୍ଣନା ଦିଆଯାଇଥାଏ, ତେବେ 'ବିରୁଦ୍ଧରସାଙ୍ଗ ଗ୍ରହଣ' ଦୋଷ ହୋଇଥାଏ ।

'ମହାଯାତ୍ରା' କାବ୍ୟରେ ବୀର ରସର ବର୍ଣ୍ଣନା ପ୍ରସଙ୍ଗରେ ଏହିଭଳି ଦୋଷ ପରିଲକ୍ଷିତ ହୁଏ । କବି ବୀର ରସର ବର୍ଣ୍ଣନା କାଳରେ ଶୃଙ୍ଗାର ରସର ଅନୁଭାବାଦିକୁ ବର୍ଣ୍ଣନା କରିଥିବାରୁ ଏହା ଦୋଷଯୁକ୍ତ ହୋଇଛି ।

**ଅନୁଭାବ ଓ ବିଭାବର କଷ୍ଟପୂର୍ବକ ଅଧ୍ୟାହାର**— ରସର ବର୍ଣ୍ଣନା ସମୟରେ ଅନୁଭାବ ବିଭାବାଦି ଉପମାନ ରୂପେ ରହିବା ଉଚିତ । ଯଦି ସେଗୁଡ଼ିକ ସ୍ପଷ୍ଟରୂପେ ବିଦ୍ୟମାନ ନ ଥାନ୍ତି ଓ ବହୁ କଷ୍ଟରେ ସେମାନଙ୍କର ଅଧ୍ୟାହାର କଳ୍ପନା କରାଯାଏ, ତେବେ ଏହି ଦୋଷ ହୁଏ ।

**ଅସମୟରେ ରସର ଚ୍ଛେଦ**—ଅନୁପଯୁକ୍ତ ସମୟରେ ରସଭଙ୍ଗ ହେଲେ ଏହି ପ୍ରକାର ଦୋଷ ହୁଏ ।

**ଅସମୟରେ ରସର ବିସ୍ତୃତି**—ସେହିପରି ଅସମୟରେ ରସର ଆବିର୍ଭାବ ବା ବର୍ଣ୍ଣନା ହେଲେ ହିଁ ଏହିପ୍ରକାର ରସଦୋଷ ହୋଇଥାଏ ।

'ଉଷା' କାବ୍ୟରେ ବୀର ରସର ଅବତାରଣା କାଳରେ ଜୟନ୍ତକୁ ଦେଖି ଉଷା ମନରେ ଶୃଙ୍ଗାରୋଚିତ ବିକାର ବର୍ଣ୍ଣନା ହେତୁ ଏହି ଦୋଷ ପରିଦୃଷ୍ଟ ହୁଏ ।

**ରସର ପୁନଃ ପୁନଃ ଉଦ୍ଦୀପ୍ତତା**—ପୂର୍ବପରି ଯଦି ଅନାବଶ୍ୟକ ସ୍ଥଳେ କୌଣସି ଏକ ରସର ବାରମ୍ବାର ଅବତାରଣା କରାଯାଏ, ତେବେ 'ପୁନଃ ପୁନଃ ଦୀପ୍ତତା' ଦୋଷ ହୁଏ ।

'ଲାବଣ୍ୟବତୀ' କାବ୍ୟରେ ବିଭିନ୍ନ ଛାନ୍ଦରେ ଲାବଣ୍ୟବତୀର ବିରହାବସ୍ଥାର ବାରମ୍ବାର ବର୍ଣ୍ଣନା ଯୋଗୁଁ ପୁନଃ ପୁନଃ ଉଦ୍ଦୀପ୍ତତା ଦୋଷ ଘଟିଛି ।

**ଅଙ୍ଗୀରସର ଅନନୁସନ୍ଧାନ**—କାବ୍ୟରେ ପ୍ରଧାନ ରସର ଅନୁସନ୍ଧାନ ନ କରି ଅର୍ଥାତ୍ ବିସ୍ମରଣ କରି ବର୍ଣ୍ଣନା କଲେ ଏହି ଦୋଷ ହୋଇଥାଏ ।

**( ରସର ) ଅଙ୍ଗଭିନ୍ନ ଅନ୍ୟ ବିଷୟର ବର୍ଣ୍ଣନା**—ଅଙ୍ଗ ଭିନ୍ନ ଅର୍ଥାତ୍ ଯାହା ରସର ଉପକାରୀ ନୁହେଁ, ସେପରି ବସ୍ତୁର ବର୍ଣ୍ଣନାରେ କାବ୍ୟରେ ଏକପ୍ରକାର ରସଗତ ଦୋଷ ଉପସ୍ଥିତ ହୋଇଥାଏ ।

'ମହାଯାତ୍ରା' କାବ୍ୟରେ ୬ଷ୍ଠ ସର୍ଗର ପ୍ରାରମ୍ଭରେ ବାନ୍ଧାଧିପତିଙ୍କର ସ୍ତୁତିଗାନ ଅନାବଶ୍ୟକ ଭାବରେ ପ୍ରଦତ୍ତ ହୋଇଥିବାରୁ, ସେଠାରେ ଏହି ଦୋଷ ଘଟିଛି ।

**ଅଙ୍ଗ (ରସ)ର ଅତି ବିସ୍ତୃତି**—ଅଙ୍ଗ ଅର୍ଥାତ୍ କାବ୍ୟରେ ଅପ୍ରଧାନ ରସର ଅତ୍ୟନ୍ତ ବିସ୍ତୃତ ବର୍ଣ୍ଣନା କରାଗଲେ ତାହା ରସ-ଦୋଷରେ ଗଣ୍ୟ ହୋଇଥାଏ ।

'ଚନ୍ଦ୍ରଭାଗା' କାବ୍ୟର ପ୍ରଥମ ଭାଗରେ ପ୍ରଦତ୍ତ ବିଭିନ୍ନ ଦେବଦେବୀଙ୍କର ବିସ୍ତୃତ ବର୍ଣ୍ଣନା ଫଳରେ ଏହି ଦୋଷ ଘଟିଛି ।

**ପ୍ରକୃତ୍ୟାଦି (ନାୟକ)ର ବିପର୍ଯ୍ୟୟ**—ଏଠାରେ ପ୍ରକୃତି ଶବ୍ଦର ଅର୍ଥ ନାୟକ । ନାୟକ ପ୍ରଧାନତଃ ତିନି ପ୍ରକାର—ଦିବ୍ୟ,

ଅଦିବ୍ୟ ଓ ଦିବ୍ୟାଦିବ୍ୟ । ତା' ଛଡ଼ା ଏହାର ଧୀରୋଦାତ୍ତ, ଧୀରୋଦ୍ଧତ, ଧୀରଲଳିତ ଓ ଧୀରପ୍ରଶାନ୍ତାଦି ଅନେକ ପ୍ରକାର ଭେଦ ଅଛି । ପୁନଶ୍ଚ ସେମାନେ ଉତ୍ତମ, ମଧ୍ୟମ ଓ ଅଧମ ଭେଦରେ ତିନି ପ୍ରକାର । ଏହି ସମସ୍ତ ନାୟକମାନଙ୍କ ମଧ୍ୟରେ ଯେଉଁ ନାୟକର ଯେଉଁ ଯେଉଁ ଗୁଣ ବା ଦୋଷ ରହିବା ଉଚିତ, କାବ୍ୟରେ ତାର ବ୍ୟତିକ୍ରମ ବା ବିପରୀତ ବର୍ଣ୍ଣନା କରାଗଲେ 'ପ୍ରକୃତି ବିପର୍ଯ୍ୟୟ' ଦୋଷ ହୁଏ ।

ରାମଚରିତକୁ ଅବଲମ୍ବନ କରି ରଚିତ କାବ୍ୟମାନଙ୍କରେ ଧୀରୋଦାତ୍ତ ନାୟକ ଭାବରେ ରାମଙ୍କର ଚିତ୍ରଣ ହେବା ଉଚିତ । କିନ୍ତୁ ଏହି କାବ୍ୟମାନଙ୍କରେ ବାଳୀକୁ ନିହତ କରିବା ପାଇଁ ରାମଙ୍କର ଅନୁଚିତ କୌଶଳ ପ୍ରୟୋଗର ବର୍ଣ୍ଣନା ହେତୁ ପ୍ରକୃତି ବିପର୍ଯ୍ୟୟ ଦୋଷ ପରିଦୃଷ୍ଟ ହୁଏ ।

ଏହି ସବୁ ଭିନ୍ନ କାବ୍ୟରେ ଦେଶ, କାଳ ପ୍ରଭୃତିର ବିରୁଦ୍ଧ ବର୍ଣ୍ଣନା ହେଲେ ରସସମ୍ବନ୍ଧୀୟ ଅନ୍ୟପ୍ରକାର ଅନୌଚିତ୍ୟ ଦୋଷ ହୋଇଥାଏ ।

ଉଲ୍ଲିଖିତ ଦୋଷ ଭିନ୍ନ ଅଳଂକାରଗତ ଦୋଷର ପୃଥକ ଅସ୍ତିତ୍ୱ ସମ୍ଭାବନା କରାଯାଇ ନ ପାରେ । ଅଳଂକାରଗତ ଯେଉଁ-ସବୁ ଦୋଷ ଅଛି, ସେ ସବୁ ଉପରୋକ୍ତ ଦୋଷଗୁଡ଼ିକର ଅନ୍ତର୍ଭୁକ୍ତ ।

**ଦୋଷମାନଙ୍କର ଅଦୋଷତା ଓ ଗୁଣତ୍ୱ**—ଉପରୋକ୍ତ ଦୋଷମାନଙ୍କ ମଧ୍ୟରୁ କେତେକ ସ୍ଥଳରେ କେତେକ ଦୋଷ ଅଦୋଷ ଓ କେତେକ ସ୍ଥଳରେ ଗୁଣରେ ପରିଣତ ହୋଇଥାଏ ।

ଯେଉଁ ସ୍ଥାନରେ ଦୋଷଗୁଡ଼ିକ ରସର ଅପକର୍ଷ କିମ୍ବା ଉତ୍କର୍ଷ ସାଧନ କରେ ନାହିଁ, ସେପରି ସ୍ଥଳରେ ଦୋଷସବୁ 'ଅଦୋଷ' ବୋଲି ବିବେଚିତ ହୋଇଥାଏ ଓ ଯେଉଁ ସ୍ଥଳରେ ଦୋଷଗୁଡ଼ିକ

ରସର ଉତ୍କର୍ଷ ସାଧନ କରିଥାନ୍ତି, ସେଠାରେ ଗୁଣରେ ପରିଣତ ହୁଅନ୍ତି ।

**ଦୁଃଶ୍ରବତ୍ୱର ଗୁଣତ୍ୱ**—କୌଣସି ବର୍ଣ୍ଣନାରେ ବକ୍ତା କ୍ରୁଦ୍ଧ ହୋଇଥିଲେ ବା ବର୍ଣ୍ଣନୀୟ ବିଷୟ ଉଦ୍ଧତ ହୋଇଥିଲେ ଦୁଃଶ୍ରବତ୍ୱ ଦୋଷ ଗୁଣରେ ପରିଣତ ହୋଇଥାଏ । ରୌଦ୍ର, ବୀର ଓ ବିଭତ୍ସ ରସରେ ଦୁଃଶ୍ରବତ୍ୱ ଦୋଷ ଅତ୍ୟନ୍ତ ଗୁଣ ବୋଲି ବିବେଚିତ ହୋଇଥାଏ ।

**ଅଶ୍ଳୀଳତାର ଗୁଣତ୍ୱ**—ଯେଉଁ ସ୍ଥାନରେ ସୁରତ ବ୍ୟାପାର ସମ୍ବନ୍ଧ ହୋଇଥାଏ, ସେପରି ସ୍ଥାନରେ ଅଶ୍ଳୀଳତା ଦୋଷ ଗୁଣ ହୋଇଥାଏ ।

**ଅପ୍ରତୀତତ୍ୱ ଦୋଷର ଗୁଣତ୍ୱ**—ବକ୍ତା ଓ ଶ୍ରୋତା ଉଭୟେ ଜ୍ଞାନୀ ହୋଇଥିଲେ କେବଳ ଏକ ଦେଶରେ ପ୍ରସିଦ୍ଧରୂପ 'ଅପ୍ରତୀତତ୍ୱ' ଦୋଷ ଗୁଣ ହୁଏ ।

**ପୁନରୁକ୍ତିର ଗୁଣତ୍ୱ**—ବକ୍ତାର ବିଷାଦ, ବିସ୍ମୟ, କ୍ରୋଧ କିମ୍ବା କାତରତା ବର୍ଣ୍ଣନୀୟ ହେଲେ କିମ୍ବା ଲାଟାନୁପ୍ରାସ ଅଳଙ୍କାରରେ କୃପା ପ୍ରକାଶିତ ହେଲେ ଆନନ୍ଦ, ଅନୁଗ୍ରହ ବା ପ୍ରସାଦନ ପ୍ରଭୃତି ସ୍ଥଳରେ ପୁନରୁକ୍ତ ବା କଥିତପଦତା ଦୋଷ ଗୁଣ ହୋଇଥାଏ ।

**କ୍ଲିଷ୍ଟତାର ଗୁଣତ୍ୱ**—ବ୍ୟାକରଣ ଶାସ୍ତ୍ରଜ୍ଞ କିମ୍ବା ଶୁଷ୍କ ତାର୍କିକ ବ୍ୟକ୍ତି ବକ୍ତା ବା ଶ୍ରୋତା ହୋଇଥିଲେ 'କ୍ଲିଷ୍ଟତା' ଦୋଷ ଗୁଣରେ ପରିଣତ ହୋଇଥାଏ ।

**ଗ୍ରାମ୍ୟତ୍ୱର ଗୁଣତ୍ୱ**—କାବ୍ୟରେ ଅଧମ ପାତ୍ର ବକ୍ତା ହେଲେ 'ଗ୍ରାମ୍ୟତ୍ୱ' ଦୋଷ ଗୁଣ ହୋଇଥାଏ ।

**ନ୍ୟୂନପଦତାର ଗୁଣତ୍ୱ**—ଆନନ୍ଦମଗ୍ନ ବ୍ୟକ୍ତି ବକ୍ତା ହୋଇଥିଲେ ନ୍ୟୂନପଦତା ଦୋଷ ଗୁଣରେ ପରିଣତ ହୋଇଥାଏ ।

**ଖ୍ୟାତିବିରୁଦ୍ଧତାର ଗୁଣତ୍ୱ**—ଲୋକ ବା ଶାସ୍ତ୍ରରେ ଅପ୍ରସିଦ୍ଧ କୌଣସି ବର୍ଣ୍ଣନୀୟ ବିଷୟ କବିମାନଙ୍କର ସିଦ୍ଧାନ୍ତରେ ପ୍ରସିଦ୍ଧି ଲାଭ କରିଥିଲେ 'ଖ୍ୟାତିବିରୁଦ୍ଧତା' ଦୋଷ ଗୁଣ ହୋଇଥାଏ ।

ଏଠାରେ କବିପ୍ରସିଦ୍ଧି ସମ୍ପର୍କରେ ଉଲ୍ଲେଖ କରିବା ଅପ୍ରାସଙ୍ଗିକ ହେବ ନାହିଁ ।

**କବି ସମୟ ପ୍ରସିଦ୍ଧି**—ସତ୍ କାବ୍ୟ ରଚୟିତା ଶ୍ରେଷ୍ଠ କବିମାନେ ସେମାନଙ୍କର ବର୍ଣ୍ଣନାର ସୌନ୍ଦର୍ଯ୍ୟ ନିମିତ୍ତ କେତେଗୁଡ଼ିଏ ଅବାସ୍ତବ କଥାକୁ ସ୍ୱତଃସିଦ୍ଧ ଭାବେ ଗ୍ରହଣ କରିଥାନ୍ତି । ଲୌକିକ ଜଗତରେ ବା ଶାସ୍ତ୍ରରେ ଏହାର ପ୍ରସିଦ୍ଧି ନ ଥାଏ । ତଥାପି କବିମାନେ ଏହିଭଳି କାଳ୍ପନିକ କଥାକୁ ସିଦ୍ଧାନ୍ତ ଭାବରେ ଗ୍ରହଣ କରି କାବ୍ୟରେ ବ୍ୟବହାର କରିଥାନ୍ତି । କାବ୍ୟରେ ସେଗୁଡ଼ିକର ପ୍ରୟୋଗ ଫଳରେ ଖ୍ୟାତିବିରୁଦ୍ଧତା ଦୋଷ ଗୁଣରେ ପରିଣତ ହୁଏ ବୋଲି ଆଲଙ୍କାରିକମାନେ ମତବ୍ୟକ୍ତ କରିଛନ୍ତି । ସେଥିମଧ୍ୟରୁ କେତେକ ପ୍ରସିଦ୍ଧି ନିମ୍ନରେ ପ୍ରଦତ୍ତ ହେଲା :—

(କ) ଆକାଶ ଓ ପାପ ରୂପହୀନ ହେଲେ ମଧ୍ୟ ମଳିନ ( କୃଷ୍ଣ ) ବର୍ଣ୍ଣ ବୋଲି ପ୍ରସିଦ୍ଧି ରହିଛି ।

(ଖ) ଯଶ, ହାସ, କୀର୍ତ୍ତି ଶ୍ୱେତବର୍ଣ୍ଣ, କ୍ରୋଧ, ଅନୁରାଗ ରକ୍ତବର୍ଣ୍ଣ ।

(ଗ) ନଦୀ ଓ ସମୁଦ୍ରରେ ମଧ୍ୟ ପଦ୍ମ ଓ କୁମୁଦ ପ୍ରସ୍ଫୁଟିତ ହେବାର ବର୍ଣ୍ଣନା ରହିଛି ।

(ଘ) ଚକୋର ପକ୍ଷୀର ଚନ୍ଦ୍ରିକା ପାନ ।

(ଙ) ବର୍ଷାଋତୁରେ ହଂସମାନଙ୍କର ମାନସରୋବରର ଗମନ ।

(ଚ) କାମିନୀମାନଙ୍କର ପଦାଘାତରେ ଅଶୋକବୃକ୍ଷ ପୁଷ୍ପିତ ହେବାର ବର୍ଣ୍ଣନା ଓ ସେମାନଙ୍କର ମୁଖବାସିତ ମଦ୍ୟ ଦ୍ୱାରା ବକୁଳ-ବୃକ୍ଷରେ କୁସୁମୋଦ୍‌ଗମର ବର୍ଣ୍ଣନା ।

(ଛ) ଯୁବକମାନଙ୍କର ହୃଦଦେଶରେ ହାର ଶୋଭିତ ହୋଇ ଥାଏ ।

(ଜ) ଶରତ ସମୟରେ ଯୁବକଯୁବତୀଙ୍କର ହୃଦୟ ବଦୀର୍ଣ୍ଣ ହୁଏ ।

(ଝ) ଭ୍ରମରସମୂହ କାମଦେବଙ୍କର ଧନୁର ଗୁଣରୂପେ ପ୍ରସିଦ୍ଧ ।

(ଞ) କାମଦେବଙ୍କର ଧନୁ ଓ ଶର ପୁଷ୍ପ ନିର୍ମିତ ।

(ଟ) ମଦନ ଶରରେ ଓ ସ୍ତ୍ରୀମାନଙ୍କର କଟାକ୍ଷରେ ଯୁବକମାନଙ୍କର ହୃଦୟ ବିଦ୍ଧ ହେବା ।

(ଠ) ଦିବସରେ ପଦ୍ମ ଓ ରାତିରେ କୁମୁଦ ପ୍ରସ୍ଫୁଟିତ ହେବା ।

(ଡ) ଶୁକ୍ଳପକ୍ଷରେ ଉଦିତ ହୋଇ ଚନ୍ଦ୍ର କିରଣଜାଲ ବିସ୍ତାର କରନ୍ତି ।

(ଢ) ମେଘଗର୍ଜନରେ ମୟୂରମାନେ ନୃତ୍ୟ କରନ୍ତି ।

(ଣ) ଅଶୋକବୃକ୍ଷରେ ଫଳ ହୁଏ ନାହିଁ ।

(ତ) ବସନ୍ତଋତୁରେ ଜାତିଫୁଲ ଫୁଟେ ନାହିଁ ।

(ଥ) ଚନ୍ଦନବୃକ୍ଷ ପୁଷ୍ପ ଓ ଫଳ ଧାରଣ କରେ ନାହିଁ ।

ଏହା ବ୍ୟତୀତ ବିଭିନ୍ନ ସତ୍ କବିମାନଙ୍କର ରଚନାରେ ଅନ୍ୟାନ୍ୟ କେତେକ ପ୍ରସିଦ୍ଧି ମଧ୍ୟ ପରିଲକ୍ଷିତ ହୋଇଥାଏ ।

# ସହାୟକ ଗ୍ରନ୍ଥସୂଚୀ


ସଂସ୍କୃତ—

(୧) ସାହିତ୍ୟ ଦର୍ପଣ—ଶ୍ରୀ ରାମଚରଣ ତର୍କବାଗୀଶ ଭଟ୍ଟାଚାର୍ଯ୍ୟଙ୍କ ଟୀକା ( ବଙ୍ଗଳା )

(୨) ସାହିତ୍ୟ ଦର୍ପଣ—ବିମଳା ହିନ୍ଦୀ ଟୀକା—ମୃତ୍ୟୁଞ୍ଜୟ ଔଷଧାଳୟ, ଲକ୍ଷ୍ନୌ।

(୩) କାବ୍ୟ ପ୍ରକାଶ—ଆଚାର୍ଯ୍ୟ ବିଶେଶ୍ୱର ଟୀକା—ଜ୍ଞାନମଣ୍ଡଳ, ବାରାଣସୀ।

(୪) ଧ୍ୱନ୍ୟାଲୋକ—ସଂସ୍କୃତ ଟୀକା—ଚୌଖମ୍ବା ସଂସ୍କୃତ ସିରିଜ୍, ବନାରସ।

(୫) କାବ୍ୟମୀମାଂସା—ହରିଦାସ ସଂସ୍କୃତ ଗ୍ରନ୍ଥମାଳା, ଚୌଖମ୍ବା।

(୬) ରସଗଙ୍ଗାଧର—ନିର୍ଣ୍ଣୟ ସାଗର ପ୍ରେସ, ବମ୍ବେ।

ହିନ୍ଦୀ—

(୧) ରୀତିକାବ୍ୟ କୀ ଭୂମିକା—ଡକ୍ଟର ନଗେନ୍ଦ୍ର—ନ୍ୟାସନାଲ ପବ୍ଲିଶିଂ ହାଉସ, ଦିଲ୍ଲୀ।

(୨) ସମୀକ୍ଷା-ଶାସ୍ତ୍ର—ଡକ୍ଟର ଦଶରଥ ଓଝା—ରାଜପାଲ ଏଣ୍ଡ-ସନ୍ସ, ଦିଲ୍ଲୀ।

ବଙ୍ଗଳା—

(୧) ସାହିତ୍ୟ ମୀମାଂସା—ଶ୍ରୀ ବିଷ୍ଣୁପଦ ଭଟ୍ଟାଚାର୍ଯ୍ୟ—ବିଶ୍ୱବିଦ୍ୟା ସଂଗ୍ରହ—ବିଶ୍ୱଭାରତୀ।

ଓଡ଼ିଆ—

(୧) ଅଲଙ୍କାର ବୋଧୋଦୟ—ସୁଡ଼ଲଦେବ

(୨) ଅଲଙ୍କାର ତରଙ୍ଗିଣୀ—ଶ୍ରୀ କୁଳମଣି ଦାଶ

(୩) ଅଲଙ୍କାର ଚନ୍ଦ୍ରିକା—ଶ୍ରୀ ଅନନ୍ତ ତ୍ରିପାଠୀ ଶର୍ମା

(୪) ଅଲଙ୍କାର ସାହିତ୍ୟ ପ୍ରବେଶ—ଶ୍ରୀ ଅଭିନ୍ନ ଚନ୍ଦ୍ର ଦାସ

# ଶୁଦ୍ଧିପତ୍ର

| ପୃଷ୍ଠା | ଧାଡ଼ି | ଅଶୁଦ୍ଧ | ଶୁଦ୍ଧ |
|---|---|---|---|
| ୧ | ପାଦଟୀକା | ତଦ୍‌ଦୋଷୌ | ତଦଦୋଷୌ |
| ୧ | „ | ବାଗର୍ଥପ୍ରତି ପତ୍ତୟେ। | ବାଗର୍ଥପ୍ରତି ପତ୍ତୟେ |
| ୨ | ୧୫ଶ ଓ ପାଦ-ଟୀକାରେ | ଧ୍‌ନ୍ୟାଲୋକ | ଧ୍ୱନ୍ୟାଲୋକ |
| ୪ | ୧ମ | ହ୍ଲାଦେକମୟତ୍ୱ | ହ୍ଲାଦୈକମୟତ୍ୱ |
| ୬ | ୫ମ | ଦୃଷ୍ଟି-ପ୍ରୟୋଜନ | ଦୃଷ୍ଟ-ପ୍ରୟୋଜନ |
| ୭ | ୧୩ଶ | ସଂପର୍କୀର | ସଂପର୍କୀୟ |
| ୧୨ | ପାଦଟୀକା | ଅନଘାର୍ଘ | ଅନ୍ୟଢାର୍ଘ |
| ୧୪ | ୬ଷ୍ଠ | ବ୍ୟଙ୍ଗାର୍ଥ | ବ୍ୟଙ୍ଗ୍ୟାର୍ଥ |
| ୧୪ | ପାଦଟୀକା | ଧ୍ୱନିସ୍ୱତ୍ତ୍ୱ | ଧ୍ୱନିସ୍ତତ୍ତ୍ୱ |
| ୧୫ | ୧୪ଶ, ୧୫ଶ, ୧୬ଶ | ବ୍ୟଙ୍ଗ | ବ୍ୟଙ୍ଗ୍ୟ |
| ୧୫ | ୨୨ଶ | କୁଟ | କୂଟ |
| ୧୬ | ୧ମ, ୧୨ଶ, ୧୬ଶ | ବ୍ୟଙ୍ଗାର୍ଥ | ବ୍ୟଙ୍ଗ୍ୟାର୍ଥ |
| ୧୬ | ୧୩ଶ | ଗୁଣଭୂତ | ଗୁଣୀଭୂତ |
| ୧୭ | ୧ମ | ବ୍ୟଙ୍ଗାର୍ଥ | ବ୍ୟଙ୍ଗ୍ୟାର୍ଥ |
| ୨୨ | ୮ମ | ଶବ୍ଦାର୍ଥେ | ଶବ୍ଦାର୍ଥୌ |
| ୨୨ | ପାଦଟୀକା | ସ୍ତ୍ରେସ୍ୟରଳ | ସ୍ତ୍ରେସ୍ୟରଚଳ |
| ୨୫ | ପାଦଟୀକା | ଧ୍‌ନ୍ୟାଲୋକ | ଧ୍ୱନ୍ୟାଲୋକ |

| ପୃଷ୍ଠା | ଧାଡ଼ି | ଅଶୁଦ୍ଧ | ଶୁଦ୍ଧ |
|---|---|---|---|
| ୨୭ | ୬ଷ୍ଠ | ଉସତେ | ଉସ୍ୟତେ |
| ୨୯ | ୧୪ଶ | ବ୍ୟଙ୍ଗାର୍ଥ | ବ୍ୟଙ୍ଗ୍ୟାର୍ଥ |
| ୪୩ | ୧୭ଶ | ବାକ୍ୟରେ | ବାକ୍ୟରେ |
| ୪୪ | ୨ୟ | ଲକ୍ଷାର୍ଥ | ଲକ୍ଷ୍ୟାର୍ଥ |
| ୪୪ | ପାଦଟୀକା | କେଚଦ୍‌ବାଙ୍ଗ | କେଚଦ୍‌ବାଗ୍ବଂ |
| ୪୮ | ୮ମ | ଲଗିଲ | ଲଗିଗଲ |
| ୫୮ | ୧୨ଶ | ଅନ୍ତମସ୍ଥ | ଅନ୍ତବସ୍ଥ |
| ୫୯ | ୩ୟ | ସହୃଦୟସ୍ଥର | ସହୃଦୟସ୍ଥ |
| ୫୯ | ୬ଷ୍ଠ | ସଂଯୋଗାଦସ୍ର୍ଁ | ସଂଯୋଗାଦ୍ୟସ |
| ୬୦ | ଶେଷଧାଡ଼ି | ବର୍ଣ୍ଣର | ବର୍ଣ୍ଣକର |
| ୬୪ | ୧୦ମ | ରଚଣ | ଚରଣ |
| ୬୮ | ୧୫ଶ | ଅନୁଭବ | ଅନୁଭବ |
| ୭୩ | ୧୨ଶ | ଜ୍ଞାନଶୂନ | ଜ୍ଞାନଶୂନ୍ୟ |
| ୭୪ | ୯ମ, ୧୫ଶ | ବ୍ୟକ୍ତ | ବ୍ୟକ୍ତ |
| ୮୫ | ୯ମ | କଚ୍ଛୁଚ୍ଛି | କରୁଚ୍ଛି |
| ୯୦ | ୧ମ | ସମ୍ବନ୍ଧୀର | ସମ୍ବନ୍ଧୀସ୍ଥ |
| ୯୪ | ପାଦଟୀକା | ସ୍ୱାଥୈ | ସ୍ୱାର୍ଥୈ |
| ୯୫ | ୧୩ଶ | ଅନୁଭୂତ | ଅନୁଭୂତ |
| ୯୮ | ୧୨ଶ | ପ୍ରାଧାନ୍ୟ ଥାଏଧ୍ୱନି | ପ୍ରାଧାନ୍ୟ ଥାଏ ତାହା ଧ୍ୱନି |
| ୧୦୧ | ୩ୟ | ପର | ପରେ |
| ୧୦୧ | ୯ମ | ଏହା | ଏହାର |
| ୧୦୧ | ୧୨ଶ | ଶକ୍ତ୍ୟୁଦ୍ଭବ | ଶକ୍ତ୍ୟୁଦ୍ଭବ |

| ପୃଷ୍ଠା | ଧାଡ଼ି | ଅଶୁଦ୍ଧ | ଶୁଦ୍ଧ |
|---|---|---|---|
| ୧୦୬ ୧୦୭ ୧୦୮ | ବିଭିନ୍ନ ସ୍ଥାନରେ | ବୈଦର୍ଭୀ | ବୈଦର୍ଭୀ |
| ୧୧୧ | ପାଦଟୀକା | ସଂସ୍ଥା ବିଶେଷକତ | ସଂସ୍ଥାନ ବିଶେଷ କୃତ |
| ୧୧୨ | ବିଭିନ୍ନ ସ୍ଥାନରେ | ବୈଦର୍ଭୀ | ବୈଦର୍ଭୀ |
| ୧୧୩ | ପାଦଟୀକା | ପ୍ରକାଶକୈବଣ୍ଣେ | ପ୍ରକାଶକୈର୍ବଣ୍ଣେ |
| ୧୧୬ | ୨ୟ | ଗୌଷ୍ଠ | ଗୌଡ଼ୀ |
| ୧୨୦ | ୨୩ଶ | ବୃତ୍ତି | ବୃତ୍ତି |
| ୧୨୩ | ୧୫ଶ | ପ୍ରଗ୍ବର | ପ୍ରଖର |
| ୧୨୬ | ୩ୟ | ବନ୍ଦୋକ୍ତବୁ | ବନ୍ଦୋକ୍ତଲୁ |
| ୧୪୧ | ପାଦଟୀକା | ଶୋଭ୍ବଦଶପ୍ତିନ | ଶୋଭ୍ବଦଶାପ୍ତିନଃ |
| ୧୪୩ | ୪ର୍ଥ | ବୃତ୍ତନୁପ୍ରାସ | ବୃତ୍ତ୍ୟନୁପ୍ରାସ |
| ୧୪୪ | ୩ୟ | ଉଚରେ | ଉଚ୍ୟତେ |
| ୧୪୪ | ୧୧ଶ | ର | ଭ |
| ୧୪୬ | ୧୫ଶ | ପୃଥଗର୍ଥାପ୍ତଃ | ପୃଥଗର୍ଥାପ୍ତାଃ |
| ୧୪୬ | ୧୬ଶ | ଆବୃଭ | ଆବୃତ୍ତି |
| ୧୫୩ | ୨ୟ | ବୈଧର୍ମ୍ୟଂ | ବୈଧର୍ମ୍ୟଂ |
| ୧୮୬ | ୧୩ଶ | ଚମତ୍କାରଚଶଯ୍ୟ | ଚମତ୍କାରଚାତିଶଯ୍ୟ |
| ୧୮୮ | ୪ର୍ଥ ୫ମ | ଅନୁଚିତାର୍ଥ | ଅନୁଚିତାର୍ଥତ୍ୱ |
| ୧୯୨ | ୨୧ଶ | ପ୍ରବତ୍ତ | ପ୍ରବନ୍ଧ |
| ୨୦୧ | ୫ମ | କାକଶାସ୍ତ୍ର | କାମଶାସ୍ତ୍ର |